# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୬/୨୦୨୫ (୧୪ ପୃଷ୍ଠା) Bhubaneswar, Tuesday, August 26/2025 Page 14 ₹ 7.00

୫୧ଶ ଭାଗ ୨୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 271 ମୂଲ୍ୟ ₹୭/-


## କାଣୀ ନଦୀବନ୍ଧରେ ୭୦ ଫୁଟର ଘାଇ

# ଯାଜପୁରରେ ବନ୍ୟା



ଯାଜପୁର ଜିଲା ଦଶରଥପୁର ବ୍ଲକ କସପା ପଞ୍ଚାୟତ ବଙ୍ଗଳାବାଡ଼ିଠାରେ ସୋମବାର ଭୋର ସମୟରେ ବୈତରଣୀର ଶାଖା କାଣୀ ନଦୀବନ୍ଧରେ ସୃଷ୍ଟି ହୋଇଥିବା ୭୦ ଫୁଟର ଘାଇ।

- ଲୋକେ ଶୋଇଥିବାବେଳେ ପଶିଆସିଲା ପାଣି
- ୧୪ ପଞ୍ଚାୟତର ୫୦ ଗ୍ରାମ ଜଳାର୍ଣ୍ଣବ
- ବୈତରଣୀରେ ଭାସିଯାଇ ଜଣଙ୍କ ମୃତ୍ୟୁ

ଯାଜପୁର/ଦଶରଥପୁର/ଝୁମ୍ପୁରି,୨୫।୮ (ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ ବେହୁରିଆ/ସରୋଜ ନାଏକ)

ଯାଜପୁର ଜିଲା ଦଶରଥପୁର ବ୍ଲକ କସପା ପଞ୍ଚାୟତ ବଙ୍ଗଳାବାଡ଼ିଠାରେ ବୈତରଣୀର ଶାଖା କାଣୀ ନଦୀବନ୍ଧରେ ସୋମବାର ଭୋର ୪ଟା ରେ ୭୦ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଛି। ଏଥିରେ ମଲ୍ଲିକାପୁର ଓ କସପା ପଞ୍ଚାୟତର ପ୍ରାୟ ୫୦ ହଜାର ଲୋକ ସିଧାସଳଖ ପ୍ରଭାବିତ ହୋଇଛନ୍ତି। ବଙ୍ଗଳାବାଡ଼ି ଗ୍ରାମର ଲୋକେ ଶୋଇଥିବାବେଳେ ହଠାତ୍ ବନ୍ୟାପାଣି ଧସେଇ ପଶିବାରୁ ଶତାଧିକ ଲୋକ ଘର ଭିତରେ ଫସି ରହିଯାଇଥିଲେ। ସେଥିମଧ୍ୟରୁ ଯାହାର ପକ୍କାଘର ଅଛି ସେମାନେ ଛାତ ଉପରକୁ ଉଠିଯାଇଥିଲେ। ବନ୍ୟାପାଣିରେ ଅନେକଙ୍କ ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ଧୋଇ ହୋଇଯାଇଛି। ଆଖି ପିଛୁଳାକେ ବନ୍ୟାପାଣି ୧୪ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ମାଡ଼ିଯାଇଛି। ଚାଷଜମିରେ ବନ୍ୟାପାଣି ଲହଡ଼ି ମାରୁଛି। ଖବରପାଇ ଦଶରଥପୁର ଅଗ୍ନିଶମ ଓ କଟକ ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସେଥିରୁ ଜଣେ ୨୩ ଦିନର କନ୍ୟାସନ୍ତାନକୁ ପାଣି ଘେରରୁ ଉଦ୍ଧାର କରାଯାଇଛି।

କାଣୀ ନଦୀର ଉଛୁଳା ପାଣି ସମଗ୍ର ଦଶରଥପୁର ବ୍ଲକକୁ ପ୍ରଭାବିତ କରିଛି। ସୋମବାର ସନ୍ଧ୍ୟା ସୁଦ୍ଧା ଦଶରଥପୁରଠାରେ ବୈତରଣୀ ଜଳସ୍ତର ବିପଦ ସଙ୍କେତର ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

## ଗାଜା ଦୁର୍ଭିକ୍ଷ

## ନୂଆ ଆଇଟି ନୀତିକୁ କ୍ୟାବିନେଟ୍ ମୋହର

ପୃଷ୍ଠା–୫







**ପାଚେରୀ ଡେଇଁ ପଳାଇବାବେଳେ ବିଧାୟକ ଗିରଫ**

ପଶ୍ଚିମବଙ୍ଗର ଏସ୍‌ଏସ୍‌ସି ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଇଡି ସୋମବାର ବୁର୍ଦ୍ୱାନର ଟିଏମ୍‌ସି ବିଧାୟକ ଜୀବନକୃଷ୍ଣ ଶାହାଙ୍କୁ ଗିରଫ କରିଛି। ଜୀବନକୃଷ୍ଣଙ୍କ ଘରେ ଚଢ଼ାଉ ବେଳେ ସେ ଘରର ପାଚେରୀ ଡେଇଁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଇଡି ଅଧିକାରୀମାନେ ତାଙ୍କୁ କାବୁକରି ଗିରଫ କରିଛନ୍ତି। ଅଭିଯୁକ୍ତ ବିଧାୟକ ପ୍ରମାଣ ନଷ୍ଟ ପାଇଁ ତାଙ୍କ ମୋବାଇଲ୍‌କୁ ନାଳକୁ ଫିଙ୍ଗି ଦେଇଥିଲେ, ଯାହାକୁ ଇଡି ଜବତ କରିଛି।

## ତଭି ନଦୀରେ ବଡ଼ ବନ୍ୟା ନେଇ ପାକିସ୍ତାନକୁ ସତର୍କ କରାଇଲା ଭାରତ

ନୂଆଦିଲ୍ଲୀ, ୨୫।୮

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ଭାରତ ସ୍ଥଗିତ ରଖିଥିବାବେଳେ ତଭି ନଦୀରେ ବଡ଼ ବନ୍ୟା ଆସିବାକୁ ଥିବା ନେଇ ସୋମବାର ପାକିସ୍ତାନକୁ ସତର୍କ କରାଇ ଦେଇଛି। ମାନବୀୟ ଦୃଷ୍ଟିକୋଣରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଜରିଆରେ ଏହି ସୂଚନା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ୧୯୬୦ ସେପ୍ଟେମ୍ବର ୧୯ରେ ସ୍ୱାକ୍ଷରିତ ସିନ୍ଧୁନଦୀ ଜଳଚୁକ୍ତି ଅନୁଯାୟୀ ସିନ୍ଧୁ ନଦୀଜଳ କମିଶନରଙ୍କ ଜରିଆରେ ବନ୍ୟା ତଥ୍ୟ ଆଦାନପ୍ରଦାନ କରାଯାଇଥାଏ।

## ଗାଜା ହସ୍ପିଟାଲରେ ମିଶାଇଲ୍ ମାଡ଼
### ୫ ଖବରଦାତା ମୃତ

ଖାନ୍ ୟୁନିସ୍, ୨୫।୮

ଗାଜାର ଖାନ୍ ୟୁନିସ୍‌ରେ ଥିବା ନାସେର ହସ୍ପିଟାଲର ଚତୁର୍ଥ ମହଲାରେ ଇସ୍ରାଏଲୀ ସେନା ମିଶାଇଲ୍ ମାଡ଼ କରିବାରୁ ୫ ଜଣ ଖବରଦାତାଙ୍କ ସମେତ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ୨୨ ମାସ ଧରି ଚାଲିଥିବା ଏହି ଯୁଦ୍ଧରେ ଦକ୍ଷିଣ ଗାଜାର ସର୍ବବୃହତ୍ ନାସେର ହସ୍ପିଟାଲ ଅନେକଥର ଆକ୍ରମଣର ସମ୍ମୁଖୀନ ହେଲାଣି। ମୃତ ୫ ଖବରଦାତାଙ୍କ ମଧ୍ୟରେ ଆସୋସିଏଟେଡ୍ ପ୍ରେସ୍ ପାଇଁ କାର୍ଯ୍ୟ କରୁଥିବା ମୁକ୍ତବୃତ୍ତି ସାମ୍ବାଦିକ ମାରିଆମ୍ ଡାକ୍କା ଓ ଅଲ୍ ଜଜିରା ଖବରଦାତା ମହମ୍ମଦ ସଲାମା ରହିଛନ୍ତି। ଗାଜାରେ ୨୨ ମାସର ଯୁଦ୍ଧ ମଧ୍ୟରେ ମୋଟ ୧୯୨ ଜଣ ଖବରଦାତାଙ୍କ ମୃତ୍ୟୁ ଘଟିଲାଣି।

## ମୋଦିଙ୍କ ଡିଗ୍ରୀ ବିବାଦ: ସିଆଇସିଙ୍କ ନିର୍ଦ୍ଦେଶ ହାଇକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୨୫।୮ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ନାତକ ଡିଗ୍ରୀ ସମ୍ପର୍କିତ ବିବରଣୀ ପ୍ରଦାନ ପାଇଁ କେନ୍ଦ୍ରୀୟ ସୂଚନା କମିଶନର (ସିଆଇସି) ଦିଲ୍ଲୀ ୟୁନିଭର୍ସିଟିକୁ ଦେଇଥିବା ନିର୍ଦ୍ଦେଶକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହା ବ୍ୟକ୍ତିଗତ ତଥ୍ୟ ହୋଇଥିବାବେଳେ ଏଥିରେ ଜନସ୍ୱାର୍ଥ ନିହିତ ନ ଥିବା ଅଦାଲତ କହିଛନ୍ତି। ସିଆଇସିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ୟୁନିଭର୍ସିଟି ହାଇକୋର୍ଟରେ ପିଟିଶନ ଦାଏର କରିଥିବାବେଳେ ଜଷ୍ଟିସ୍ ସଚିନ ଦତ୍ତାଙ୍କ ଖଣ୍ଡପୀଠ ଫେବୃଆରୀ ୨୭ରେ ଏହାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ମୋଦି ୧୯୭୮ରେ ବିଏ ପାସ୍ କରିଥିଲେ କି ନାହିଁ ଜାଣିବା ନିମନ୍ତେ ନୀରଜ ନାମକ ବ୍ୟକ୍ତି ଆର୍‌ଟିଆଇ ବଳରେ ଆବେଦନ କରିଥିଲେ। ମୋଦିଙ୍କ ସମେତ ୧୯୭୮ରେ ବିଏ ପରୀକ୍ଷାରେ ପାସ୍ କରିଥିବା ସବୁ ଛାତ୍ରୀଛାତ୍ରଙ୍କ ରେକର୍ଡ ଯାଞ୍ଚ ଲାଗି ଅନୁମତି ଦେବାକୁ ସିଆଇସି ୨୦୧୬ ଡିସେମ୍ବର ୨୧ରେ ଡିୟୁକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ଜାନୁଆରୀ ୨୩ରେ ହାଇକୋର୍ଟ ସିଆଇସିଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରିଥିଲେ।

## ଏମ୍‌ବିବିଏସ୍ ନାମଲେଖାରେ ୧୮ ହଜାର ଛାତ୍ରୀଛାତ୍ରଙ୍କ ଦସ୍ତାବିଜ୍ ନକଲି: ଇଡି

ନୂଆଦିଲ୍ଲୀ, ୨୫।୮

ଘରୋଇ ମେଡିକାଲ କଲେଜଗୁଡ଼ିକରେ ଏନ୍‌ଆର୍‌ଆଇ କୋଟାରେ ବଡ଼ ଦୁର୍ନୀତି ଚାଲିଥିବା ସୋମବାର ଇଡି ସୂଚନା ଦେଇଛି। ନକଲି ଏନ୍‌ଆର୍‌ଆଇ ସାର୍ଟିଫିକେଟ ସମେତ ବିଭିନ୍ନ ନକଲି ଦସ୍ତାବିଜ୍ ବଳରେ ଏମ୍‌ବିବିଏସ୍, ୟୁଜି ଏବଂ ପିଜି ପାଠ୍ୟକ୍ରମ ପାଇଁ ଛାତ୍ରୀଛାତ୍ର ନାମ ଲେଖାଉଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟ ଏବଂ ବିଭିନ୍ନ ବିଦେଶୀ ମିଶନ ଓ ଦୂତାବାସ ସହାୟତାରେ ହୋଇଥିବା ଯାଞ୍ଚ ଅନୁଯାୟୀ, ୧୮ ହଜାର ରିଜର୍ଭ ସିଟ୍‌ରେ ଛାତ୍ରୀଛାତ୍ର ନକଲି ଦସ୍ତାବିଜକୁ ବ୍ୟବହାର କରି ନାମ ଲେଖାଇଛନ୍ତି। ଏନ୍‌ଆର୍‌ଆଇଙ୍କୁ ସମ୍ପର୍କୀୟ ଭାବେ ଦର୍ଶାଯାଇ ଛାତ୍ରୀଛାତ୍ରଙ୍କ ଆଡ୍‌ମିଶନ କରାଯାଇଛି। ନକଲି ଏନ୍‌ଆରଆଇ ସାର୍ଟିଫିକେଟ ପ୍ରସ୍ତୁତ ପାଇଁ କିଛି କଲେଜ ପକ୍ଷରୁ ଏଜେଣ୍ଟମାନଙ୍କୁ ପେମେଣ୍ଟ କରାଯାଉଥିଲା। ଫଳରେ ଏଜେଣ୍ଟମାନେ ନକଲି ଦସ୍ତାବିଜ୍ ପ୍ରସ୍ତୁତ କରୁଥିଲେ। ଇଡି ଅନେକ ମେଡିକାଲ କଲେଜରେ ଚଢ଼ାଉ କରି ନକଲି ଏନ୍‌ଆର୍‌ଆଇ ସାର୍ଟିଫିକେଟ ଜବତ କରିଛି। ଏଜେଣ୍ଟମାନେ ଲାଞ୍ଚ ନେଇ ନକଲି ଫ୍ୟାମିଲି ଟ୍ରି ପ୍ରସ୍ତୁତ କରି ଛାତ୍ରୀଛାତ୍ରଙ୍କୁ ଏନ୍‌ଆର୍‌ଆଇଙ୍କ ସମ୍ପର୍କୀୟ ଦର୍ଶାଉଥିଲେ।

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ଠାରେ ଫିଜି ପ୍ରଧାନମନ୍ତ୍ରୀ ସିତିଭେନି ଲିଗାମାମାଦା ରାବୁକାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। (ଫଟୋ- ଚମନ ଗୌତମ)

# ଚାଇନାରେ ମେଗା ଡ୍ୟାମ୍, ଭାରତରେ ବନ୍ୟା ଭୟ



ଚାଇନା ପକ୍ଷରୁ ପ୍ରସ୍ତାବିତ ଡ୍ୟାମ୍‌ର ପ୍ରତୀକାତ୍ମକ ଚିତ୍ର।

**ଭାରତର ଉପରମୁଣ୍ଡରେ ଚାଇନା ବିଶ୍ୱର ସର୍ବବୃହତ୍ ଡ୍ୟାମ୍ ନିର୍ମାଣ କରୁଛି। ତିବ୍ବତରେ ଏକ ବଡ଼ ନଦୀରେ ଏହି ମେଗା ଡ୍ୟାମ୍ ସମ୍ପୂର୍ଣ୍ଣ ହେଲେ ବେଜିଂ ଅତ୍ୟଧିକ ଜଳ ନିଷ୍କାସନ କରି ଭାରତରେ କୃତ୍ରିମ ବନ୍ୟା ସୃଷ୍ଟି କରିପାରେ। ସେହିପରି ଗ୍ରୀଷ୍ମରେ ଏହି ନଦୀରୁ ଭାରତକୁ ଜଳସ୍ରୋତ ୮୫% ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ଭାରତ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ନିଜସ୍ୱ ନଦୀବନ୍ଧ ଯୋଜନା ପାଇଁ ଅଣ୍ଟା ଭିଡ଼ିଛି। କେବଳ ଜଳବିଦ୍ୟୁତ୍ ଉତ୍ପାଦନ ଓ ବନ୍ୟା ନିୟନ୍ତ୍ରଣ ନୁହେଁ, ରଣନୈତିକ ଆବଶ୍ୟକତା ଦୃଷ୍ଟିରୁ ମଧ୍ୟ ଏହା ବିଶେଷ ଗୁରୁତ୍ୱ ବହନ କରୁଥିବାରୁ ଭୂକମ୍ପପ୍ରବଣ ଅଞ୍ଚଳରେ ଦୁଇ ପଡ଼ୋଶୀ ମଧ୍ୟରେ ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହୋଇଛି। କିନ୍ତୁ ଭାରତ ସରକାରଙ୍କ ପ୍ରସ୍ତାବିତ ଡ୍ୟାମ୍ ଯୋଗୁ ସୀମାନ୍ତ ଅରୁଣାଚଳ ପ୍ରଦେଶର ଅନେକ ଗ୍ରାମ ଜଳମଗ୍ନ ହୋଇ ବହୁ ଜୀବନଜୀବିକା ବିପନ୍ନ ହେବା ଆଶଙ୍କା ରହିଛି। ଏଥିପାଇଁ ଅରୁଣାଚଳବାସୀ ଭାରତର ଡ୍ୟାମ୍‌କୁ ବିରୋଧ କରୁଥିବାରୁ ଏହି ଯୋଜନାକୁ ଝଟ୍‌କା ଲାଗିଛି।**

ପାରୋଙ୍ଗ/ବେଜିଂ, ୨୫।୮ (ରଏଟର୍ସ/ଷ୍ଟ୍ରେଟ୍ସ ଟାଇମ୍ସ)

### ନୂଆଦିଲ୍ଲୀର ମୁକାବିଲା ରଣନୀତିକୁ ଅରୁଣାଚଳରେ ବିରୋଧ

କୈଳାସ ପର୍ବତର ମାନସରୋବର ହ୍ରଦ ନିକଟରୁ ୟାର୍‌ଲୁଙ୍ଗ୍ ସାଙ୍ଗ୍‌ପୋ ନଦୀର ଉତ୍ପତ୍ତି। ଏହା ଦକ୍ଷିଣପଶ୍ଚିମ ଚାଇନା ଦେଇ ଉତ୍ତରପୂର୍ବ ଭାରତକୁ ପ୍ରବାହିତ, ଯାହାକି ଭାରତରେ ବ୍ରହ୍ମପୁତ୍ର ନାମରେ ପରିଚିତ। ବିଶ୍ୱର ଏହି ନବମ ବୃହତ୍ ଓ ପଞ୍ଚଦଶ ଦୀର୍ଘତମ (୩,୦୦୦ କି.ମି.) ନଦୀ ଉପରେ ଚାଇନା ପୃଥିବୀର ସବୁଠୁ ବଡ଼ ଡ୍ୟାମ୍ ନିର୍ମାଣ କରୁଛି। ୟାର୍‌ଲୁଙ୍ଗ୍ ସାଙ୍ଗ୍‌ପୋ ଭାରତୀୟ ଭୂଖଣ୍ଡକୁ ପ୍ରବେଶ କରିବାର ଠିକ୍ ପୂର୍ବରୁ ତିବ୍ବତରେ ଏହା ଉପରେ ବିଶ୍ୱର ସର୍ବବୃହତ୍ ଜଳବିଦ୍ୟୁତ୍ ଡ୍ୟାମ୍ ମେଡଗ୍ ହାଇଡ୍ରୋପାୱାର ଷ୍ଟେଶନ୍ ନିର୍ମାଣ ନେଇ ୨୦୨୪ ଡିସେମ୍ବରରେ ଚାଇନା ଘୋଷଣା କରିଥିଲା। ଅରୁଣାଚଳ ପ୍ରଦେଶକୁ ନିଜ ଭୂଖଣ୍ଡର ଏକ ଅଂଶ ବୋଲି ଦାବି କରୁଥିବା ଚାଇନାର ଏହି ଘୋଷଣା ନୂଆଦିଲ୍ଲୀର ଚିନ୍ତା ବଢ଼ାଇ ଦେଇଥିଲା। ଆଙ୍ଗ୍‌ସି ଗ୍ଲେସିୟରରୁ ବାହାରିଥିବା ଏହି ନଦୀ ଜଳକୁ ଚାଇନା ଭାରତ ବିରୋଧରେ ଅସ୍ତ୍ର ରୂପେ ପ୍ରୟୋଗ କରିପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାକୁ ଦୃଷ୍ଟିରେ ରଖି ଭାରତର ସର୍ବବୃହତ୍ ହାଇଡ୍ରୋପାୱାର କମ୍ପାନୀ ଗତ ମେ'ରେ ଅପର ସିଆଙ୍ଗ୍ ମଲ୍ଟିପର୍ପଜ୍ ପ୍ରୋଜେକ୍ଟ (ୟୁଏସ୍‌ଏମ୍‌ପି) ନିର୍ମାଣ ପାଇଁ ସଶସ୍ତ୍ର ପୋଲିସ ସୁରକ୍ଷା ଅଧୀନରେ ଏକ ସର୍ଭେ କରାଇଥିଲା। ନିର୍ମାଣ ଶେଷ ହେଲେ ଏହା ହୀରାକୁଦ ନଦୀବନ୍ଧ ଯୋଜନାକୁ ଅତିକ୍ରମ କରି ଭାରତର ସର୍ବବୃହତ୍ ଡ୍ୟାମ୍ ହେବ। ଚଳିତବର୍ଷ ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବରିଷ୍ଠ ଅଧିକାରୀମାନେ ବୈଠକ କରୁଛନ୍ତି। ଗତ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମଧ୍ୟ ଏନେଇ ଏକ ବୈଠକ କରିଥିଲା। ଉକ୍ତ ବୈଠକରେ ଚାଇନା ଡ୍ୟାମ୍‌ର ପ୍ରଭାବ ଉପରେ ଭାରତ ସରକାରଙ୍କ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା। ଅନ୍ୟପକ୍ଷେ ୨୦୨୫ ଜୁଲାଇରେ ନିର୍ମାଣ ଆରମ୍ଭ ହୋଇଥିବା ମେଡଗ୍ ଡ୍ୟାମ୍ ସମ୍ପର୍କରେ ବେଜିଂ ବିସ୍ତୃତ ଯୋଜନା ପ୍ରଘଟ କରିନାହିଁ। କିନ୍ତୁ ଉକ୍ତ ପ୍ରକଳ୍ପରେ ପ୍ରାୟ ୧୭୦ ବିଲିୟନ୍ ଆମେରିକୀୟ ଡଲାର ଖର୍ଚ୍ଚ ହେବ ଏବଂ ୬୦ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଏହି ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ବେଜିଂ ୪୦ ବିଲିୟନ୍ କ୍ୟୁବିକ୍ ମିଟର (ବିସିଏମ୍) ପର୍ଯ୍ୟନ୍ତ ଜଳକୁ ସୀମାନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଡାଇଭର୍ଟ କରିପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାର ପ୍ରଭାବ ବିଶେଷକରି ଅଣମୌସୁମୀ ଋତୁରେ ଅନୁଭୂତ ହେବ, ଯେତେବେଳେ ଭାରତରେ ତାପମାତ୍ରା ବୃଦ୍ଧିପାଇ ଚାଷଜମି ଶୁଷ୍କ ହୋଇଯିବ। ତେବେ ୧୩.୨ ବିଲିୟନ୍ ଡଲାର ବ୍ୟୟରେ ନିର୍ମିତ ହେବାକୁ ଥିବା ୧୪ ବିସିଏମ୍ ଜଳ ଧାରଣ କ୍ଷମତା ବିଶିଷ୍ଟ ଅପର୍ ସିଆଙ୍ଗ୍ ପ୍ରୋଜେକ୍ଟରୁ ଜଳ ପ୍ଲାବନ କରି ଏହି ଅଚଳାବସ୍ଥାକୁ ଦୂର କରାଯାଇପାରିବ ବୋଲି ମନେକରାଯାଉଛି। ସେହିପରି ବେଜିଂ ବନ୍ୟାଜଳ ଛାଡ଼ିଦେଲେ ତଳମୁଣ୍ଡରେ ଏହାକୁ ଅପର୍ ସିଆଙ୍ଗ୍ ଷ୍ଟୋରେଜ୍ ଡ୍ୟାମ୍ ଜରିଆରେ ନିୟନ୍ତ୍ରଣ ସହ ୧୧.୨ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ଭାରତର ଏହି ମୁକାବିଲା ରଣନୀତିକୁ ଅରୁଣାଚଳର ଅନେକ ହଜାର ଗ୍ରାମବାସୀ ବିରୋଧ କରିଛନ୍ତି। ଅପର୍ ସିଆଙ୍ଗ୍ ପ୍ରୋଜେକ୍ଟ ଯୋଗୁ ବହୁ ଚାଷଜମି ଜଳମଗ୍ନ ହେବାକୁ ଥିବାରୁ ଧାନ, କମଳା, ଗୁଜରାତି ଓ ଅଦା ଚାଷ ପ୍ରଭାବିତ ହୋଇପାରେ। ତେଣୁ ଆଗକୁ ଏହା ବିରୋଧରେ ଆନ୍ଦୋଳନ ତୀବ୍ରତର ହୋଇପାରେ।

## ମା' ହେବେ ପରିଣୀତି

ନୂଆଦିଲ୍ଲୀ

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ତାଙ୍କ ସ୍ୱାମୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ରାଘବ ଚଢ଼ା ସୋମବାର ସେମାନଙ୍କ ପ୍ରଶଂସକଙ୍କୁ ଗୁଡ୍ ନ୍ୟୁଜ୍ ଦେଇଛନ୍ତି। ପରିଣୀତି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟକରି ସେ ଗର୍ଭବତୀ ଥିବା ନେଇ ସୂଚନା ଦେଇଛନ୍ତି। ଏହି ପୋଷ୍ଟରେ ସେ ରାଘବଙ୍କୁ ଟ୍ୟାଗ୍ କରିଛନ୍ତି। ପରିଣୀତି ତାଙ୍କ ପୋଷ୍ଟରେ ଏକ କେକ୍‌ର ଫଟୋକୁ ଶେୟାର କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଆମେ ଏକ ଛୋଟ ଅତିଥିଙ୍କୁ ସ୍ୱାଗତ କରିବାକୁ ଯାଉଛୁ। ଏଥିପାଇଁ ଆପଣମାନଙ୍କର ଆଶୀର୍ବାଦ କାମନା କରୁଛୁ। ଉକ୍ତ ପୋଷ୍ଟରେ ବଲିଉଡ୍‌ର ବହୁ ସେଲିବ୍ରିଟି କମେଣ୍ଟ ମାଧ୍ୟମରେ ଏହି ତାରକା ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୨୩ ସେପ୍ଟେମ୍ବର ୨୪ରେ ରାଜସ୍ଥାନର ଉଦୟପୁରସ୍ଥିତ ଦି ଲୀଲା ପ୍ୟାଲେସରେ ପରିଣୀତି ଓ ରାଘବଙ୍କର ବିବାହ ଅନୁଷ୍ଠିତ ହୋଇଥିଲା। ପରିଣୀତିଙ୍କୁ ଶେଷଥର ପାଇଁ ୨୦୨୪ରେ ନିର୍ମାତା ଇମ୍‌ତିଆଜ୍ ଅଲୀଙ୍କ 'ଅମର ସିଂ ଚମକିଲା' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନେତା ତଥା ପ୍ରସିଦ୍ଧ ସିଙ୍ଗର ଦିଲ୍‌ଜିତ ଦୋସାଞ୍ଜ ନଜରକୁ ଆସିଥିଲେ।



## 'ଅନୁଚ୍ଛେଦ ୩୨ ଅନୁଯାୟୀ ମୃତ୍ୟୁ ଦଣ୍ଡାଦେଶ ଚ୍ୟାଲେଞ୍ଜଯୋଗ୍ୟ'

ନୂଆଦିଲ୍ଲୀ, ୨୫।୮ (ପି.ଟି.)

ପ୍ରକ୍ରିୟାଗତ ସୁରକ୍ଷାର ଉଲ୍ଲଂଘନ ହୋଇଥିଲେ, ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିବା ମାମଲାର ପୁନର୍ବିଚାର କ୍ଷମତା ସମ୍ବିଧାନର ଅନୁଚ୍ଛେଦ ୩୨ ଅଦାଲତଙ୍କୁ ଦେଇଛି। ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଜଣେ ଅପରାଧୀଙ୍କ ଆବେଦନର ପୁନଃ ଶୁଣାଣି ପାଇଁ ସୁପ୍ରିମକୋର୍ଟ ସୋମବାର ରାଜି ହେବା ସହ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

୨୦୦୮ ଏପ୍ରିଲରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ନାଗପୁରର ବସନ୍ତ ସମ୍ପତ ଦୁପାରେଙ୍କୁ ନାଗପୁର ଅତିରିକ୍ତ ସେସନ୍ସ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ସୁପ୍ରିମକୋର୍ଟ ଏହାକୁ କାଏମ୍ ରଖିଥିଲେ। ଏହା ବିରୋଧରେ ରିଭ୍ୟୁ ପିଟିଶନ ଖାରଜ ହୋଇଯାଇଥିଲା। ତାଙ୍କ କ୍ଷମା ଆବେଦନ ମଧ୍ୟ ଅଗ୍ରାହ୍ୟ ହୋଇଯାଇଥିଲା।

ଦୁପାରେ ଶିଶକନ୍ୟାଙ୍କୁ ଚକୋଲେଟ ଦ୍ୱାରା ପ୍ରଲୋଭିତ କରି ନେଇଯାଇଥିଲେ ଓ ପରିଚୟ ଲୁଚାଇବା ପାଇଁ ତାଙ୍କ ମୁଣ୍ଡକୁ ପଥରରେ ଛେଚିଥିଲେ। ଏହି ମାମଲାରେ ପ୍ରକ୍ରିୟାଗତ ସୁରକ୍ଷାର ଉଲ୍ଲଂଘନ ହୋଇଥିବା ଜାଣିବା ପରେ ୩ ଜଣିଆ ଖଣ୍ଡପୀଠ ଅନୁଚ୍ଛେଦ ୩୨ ଅନୁଯାୟୀ ଅପରାଧୀଙ୍କ ପିଟିଶନ୍‌ର ପୁନଃ ଶୁଣାଣି ପାଇଁ ଅନୁମତି ଦେଇଛନ୍ତି। ଯେଉଁଠି ପ୍ରକ୍ରିୟାଗତ ସୁରକ୍ଷାର ସ୍ପଷ୍ଟ ଉଲ୍ଲଂଘନ ହୋଇଥିବ ଏବଂ ଯଦି ଏହାକୁ ସଂଶୋଧନ ନ କରି ଛାଡ଼ିଦେଲେ, ତାହା ଅଭିଯୁକ୍ତଙ୍କ ମର୍ଯ୍ୟାଦା ଓ ସ୍ୱଚ୍ଛ ବିଚାର ପ୍ରକ୍ରିୟା ଭଳି ମୌଳିକ ଅଧିକାରର ଉଲ୍ଲଂଘନ କରୁଥିବ, କେବଳ ସେଭଳି କ୍ଷେତ୍ରରେ ମାମଲାର ପୁନର୍ବିଚାର କରାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

## ମିଗ୍-୨୧ର ଶେଷ ଉଡ଼ାଣ

### ୧୯୬୩ରୁ ଭାରତୀୟ ବାୟୁସେନାରେ ସାମିଲ ଥିଲା

ବିକାନେର, ୨୫।୮ (ପି.ଟି.)

ଭାରତୀୟ ବାୟୁସେନାର ଲଢୁଆ ବିମାନ ମିଗ୍-୨୧ ଇତିହାସ ହେବାକୁ ଯାଉଛି। ୬୨ ବର୍ଷ ଧରି ସେବା ପ୍ରଦାନ ପରେ ଆସନ୍ତା ମାସ ୨୬ରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ମିଗ୍-୨୧ ବିମାନ ଆନୁଷ୍ଠାନିକ ଭାବେ ଅବସର ନେବ। ଏହା ପୂର୍ବରୁ ଗତ ୧୮ ଓ ୧୯ରେ ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂ ରାଜସ୍ଥାନର ନାଲ ଏୟାରଫୋର୍ସ ଷ୍ଟେଶନରୁ ଅନ୍ତିମ ଥର ପାଇଁ ଏହି ଲଢୁଆ ବିମାନକୁ ଉଡ଼ାଇଛନ୍ତି। ସେ ଗୋଟିଏ ଟ୍ରେନିଂ ଶର୍ଟ ଏବଂ ୩ରୁ ୪ଟି ସୋଲୋ ଶର୍ଟ ପୂରଣ କରିଥିଲେ। ଉଡ଼ାଣ ପରେ ଏୟାର ଚିଫ୍ ମାର୍ଶାଲ କହିଛନ୍ତି, ଏହି ଲଢୁଆ ବିମାନରେ ସେ ନିଜର ପ୍ରଥମ ଟ୍ରେନିଂ ନେଇଥିଲେ। ୧୯୮୫ରେ ଆସାମର ତେଜପୁରରେ ସେ ପ୍ରଥମ ଥର ପାଇଁ ମିଗ୍-୨୧ ବିମାନର ଟାଇପ-୭୭ ଭାରିଆଣ୍ଟକୁ ଉଡ଼ାଇଥିଲେ। ସମ୍ପ୍ରତି ବାୟୁସେନା ନିକଟରେ ମିଗ୍-୨୧ର ୨ଟି ସ୍କ୍ୱାର୍ଡନ ରହିଛି। ଉଭୟ ସ୍କ୍ୱାର୍ଡନକୁ ନାଲ୍ ଏୟାରଫିଲ୍ଡରେ ରଖାଯାଇଛି। ତେବେ ସବୁକିଛିର ଏକ ସମୟ ରହିଥାଏ। ମିଗ୍-୨୧ ପ୍ରଯୁକ୍ତି ପୁରୁଣା ହୋଇଗଲାଣି, ଯାହାକୁ ବଜାୟ ରଖିବା ବାୟୁସେନା ପାଇଁ କଷ୍ଟସାଧ ହୋଇପଡ଼ିଛି। ବାୟୁସେନାକୁ ଆଗକୁ ବଢ଼ିବାକୁ ପଡ଼ିବ। ତେଣୁ ଏହି ବିମାନକୁ ଅବସର ଦିଆଯାଉଥିବା ନେଇ ଏୟାର ଚିଫ୍ ମାର୍ଶାଲ ସିଂ କହିଛନ୍ତି। ଉନ୍ନତ ପ୍ରଯୁକ୍ତିବିଦ୍ୟା ସହ ତେଜସ୍, ତେଜସ୍ ଏମ୍‌କେ ୨, ରାଫେଲ, ଏସ୍‌ୟୁ-୩୦ ଭଳି ବିମାନ ମିଗ୍-୨୧ର ସ୍ଥାନ ନେବେ ବୋଲି ସେ କହିଛନ୍ତି। ରୁଷିଆ ନିର୍ମିତ ଏହି ଯୁଦ୍ଧବିମାନ ୧୯୬୩ ଏପ୍ରିଲରେ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା।




## ଭାରତ-ଫିଜି ୭ ଚୁକ୍ତି ସ୍ୱାକ୍ଷର

**ନୂଆଦିଲ୍ଲୀ, ୨୫।୮:** ଭାରତ ଓ ଫିଜି ମଧ୍ୟରେ ସୋମବାର ପ୍ରତିରକ୍ଷା ସହଯୋଗ ବୃଦ୍ଧି ସମେତ ୭ଟି କ୍ଷେତ୍ରରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଛି। ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଫିଜି ପ୍ରଧାନମନ୍ତ୍ରୀ ସିତିଭେନି ଲିଗାମାମାଦା ରାବୁକା ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ହାଇଦ୍ରାବାଦ ହାଉସ୍‌ରେ ସହଯୋଗ ବୃଦ୍ଧି ନେଇ ଆଲୋଚନା ପରେ ଉଭୟ ପକ୍ଷ ଔଷଧ, ଦକ୍ଷତା ବିକାଶ, ବାଣିଜ୍ୟ ଓ ଦକ୍ଷତା ନିର୍ମାଣ ଆଦି କ୍ଷେତ୍ରରେ ସହଯୋଗକୁ ତ୍ୱରାନ୍ୱିତ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଏହି ଅବସରରେ ମୋଦି କହିଛନ୍ତି, ପ୍ରତିରକ୍ଷା ଓ ସୁରକ୍ଷାରେ ସହଯୋଗ ବୃଦ୍ଧି ପାଇଁ ଆମେ ନିଷ୍ପତ୍ତି ନେଇଛୁ। ଭାରତ ଫିଜିକୁ ତାଲିମ ଓ ଉପକରଣ ପ୍ରଦାନ କରି ଏହାର ସାମୁଦ୍ରିକ ନିରାପତ୍ତାକୁ ଉନ୍ନତ କରିବାରେ ସହଯୋଗ କରିବ। ରାବୁକା କହିଛନ୍ତି, ଉଭୟ ଦେଶ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ବିକାଶକୁ ପ୍ରୋତ୍ସାହନ ଦେବେ। ଭାରତ ସହ ସମ୍ପର୍କରୁ ଫିଜି ଲାଭାନ୍ୱିତ ହେବ।

## ପାଟିରେ ବିସ୍ଫୋରକ ପୂରାଇ ପ୍ରେମିକାଙ୍କୁ ହତ୍ୟା

ମହୀଶୂର, ୨୫।୮

କର୍ଣ୍ଣାଟକର ମହୀଶୂର ଜିଲାରେ ଜଣେ ବ୍ୟକ୍ତି ତାଙ୍କ ପ୍ରେମିକାଙ୍କ ପାଟିରେ ବିସ୍ଫୋରକ ପୂରାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଭେରାପ୍ୟାସ୍ଥିତ ଏକ ଲଜ୍‌ରେ ଶନିବାର କୌଣସି କଥାକୁ ନେଇ ୨୦ ବର୍ଷୀୟା ବିବାହିତା ମହିଳାଙ୍କ ସହ ସିଦ୍ଧାରାଜୁଙ୍କ ଯୁକ୍ତିତର୍କ ହୋଇଥିଲା। ସେ ଏଥିରେ ଉତ୍ତ୍ୟକ୍ତ ହୋଇ ମହିଳାଙ୍କ ପାଟିରେ ରାସାୟନିକ ପାଉଡର ପୂରାଇ ଦେଇଥିଲେ। ପାଟି ଭିତରେ ବିସ୍ଫୋରଣ ହୋଇ ମହିଳାଙ୍କ ମୁହଁର ତଳଭାଗ ଉଡ଼ିଯିବା ସହ ମୃତ୍ୟୁ ଘଟିଥିଲା। ଏହାକୁ ଦୁର୍ଘଟଣା ରୂପ ଦେବାକୁ ଯାଇ ମୋବାଇଲ୍ ଫୋନ୍ ବିସ୍ଫୋରଣରେ ମହିଳାଙ୍କ ମୃତ୍ୟୁ ଘଟିଥିବା ସିଦ୍ଧାରାଜୁ କହିଥିଲେ। ତେବେ ରୁମ୍‌ରେ ପୋଲିସ ମୋବାଇଲ ଫୋନ୍‌ର ଚିହ୍ନବର୍ଣ୍ଣ ପାଇ ନ ଥିଲା। ଖସି ପଳାଇବାକୁ ଉଦ୍ୟମ କଲାବେଳେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ରକ୍ଷିତା ନାମ୍ନୀ ଉକ୍ତ ମହିଳା କେରଳର ଜଣେ ଦିନମଜୁରିଆଙ୍କୁ ବିବାହ କରିଥିବାବେଳେ ସିଦ୍ଧାରାଜୁଙ୍କ ସହ ତାଙ୍କର ପରକୀୟା ପ୍ରୀତି ଚାଲିଥିଲା।

## ୫ ଇନ୍‌ଫ୍ଲୁଏନ୍ସରଙ୍କୁ କ୍ଷମା ମାଗିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୫।୮ (ପି.ଟି.)

ଭିନ୍ନକ୍ଷମ ଏବଂ ବିରଳ ଅନୁବଂଶୀୟ ବିକୃତି ଥିବା ଲୋକଙ୍କୁ ପରିହାସ କରିଥିବାରୁ ଇଣ୍ଡିଆସ୍ ଗଟ୍ ଲାଟେଣ୍ଟର ଆୟୋଜକ ସମୟ ରାଇନାଙ୍କ ସମେତ ୫ ଜଣ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ସେମାନଙ୍କ ପଡ୍‌କାଷ୍ଟ କିମ୍ବା ଶୋ'ରେ ନିଃସର୍ତ୍ତ କ୍ଷମା ମାଗିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସାୟିକ ଏବଂ ନିଷିଦ୍ଧ ଭାଷଣ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ଅନୁତାପର ମାତ୍ରା ଅପମାନିତ କରିବା ମାତ୍ରାଠାରୁ ଅଧିକ ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଆଗକୁ ଭିନ୍ନକ୍ଷମଙ୍କୁ ଅପମାନିତ କଲେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ଦଣ୍ଡିତ କରିବା ପାଇଁ ବିଚାର କରିବୁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଅଦାଲତ ଅବମାନନାକୁ ଦୂର କରିବାକୁ ହେଲେ ସେମାନେ କେତେ ପରିମାଣର ଜରିମାନା ଦେବାକୁ ଇଚ୍ଛୁକ, ଯାହା ବିରଳ ଅନୁବଂଶୀୟ ବିକୃତିରେ ପୀଡ଼ିତ ଲୋକଙ୍କ ଚିକିତ୍ସାରେ ବ୍ୟବହାର କରାଯାଇପାରିବ ବୋଲି ଜଷ୍ଟିସ୍ କାନ୍ତ ଇନ୍‌ଫ୍ଲୁଏନ୍ସରମାନଙ୍କୁ ପ୍ରଶ୍ନ କରିଥିଲେ।

# ପାଣ୍ଡିଆନଙ୍କୁ ଛାଡ଼, ନ ହେଲେ ତୁମକୁ ଛାଡୁଛୁ

ଭୁବନେଶ୍ୱର, ୨୫।୮ (ସୁନିତ୍ ମିଶ୍ର)

ବିଜୁ ଜନତା ଦଳ(ବିଜେଡି) ରାଜନୀତିରେ ବର୍ତ୍ତମାନ ଏକ ନୂଆ ମୋଡ ସୃଷ୍ଟି ହୋଇଛି। ୨୪ ବର୍ଷ ଧରି ରାଜ୍ୟରେ ଶାସନ କରିଥିବା ବିଜେଡିଠାରୁ ଏବେ ଦଳର ନେତାମାନେ ମୁହଁ ଫେରାଇବା ପ୍ରକ୍ରିୟା ଜୋର୍ ଧରିଛି। ଗୋଟିଏ ସପ୍ତାହ ଭିତରେ ଯାଜପୁର ଜିଲାର ୨ଟି ବ୍ଲକ ବିଜେଡି ହାତରୁ ଖସିଯିବା ଭଳି ସ୍ଥିତି ସୃଷ୍ଟି ହେବା ଏହାର ଏକ ବଡ଼ ଉଦାହରଣ ବୋଲି କୁହାଯାଇପାରେ। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ଭି.କେ. ପାଣ୍ଡିଆନଙ୍କ ଗତ ଗୋଟିଏ ସପ୍ତାହର କାର୍ଯ୍ୟକଳାପ ଏଭଳି ପରିସ୍ଥିତି ସୃଷ୍ଟି ହେବା ପାଇଁ ବାଧ୍ୟ କରିଥିବା ଖୋଲାଖୋଲି ଲୋକେ ଚର୍ଚ୍ଚା କରୁଛନ୍ତି। ପାଣ୍ଡିଆନ ୨୦୨୪ ସାଧାରଣ ନିର୍ବାଚନ ପରେ ଯେଉଁ କେତେଜଣ ନେତାଙ୍କୁ ଧରି ବିଜେଡିରେ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ଚିନ୍ତା କରୁଥିଲେ ସେମାନେ ଏବେ କଡ ଲେଉଟାଇବା ଆରମ୍ଭ କରିଛନ୍ତି। ପାଣ୍ଡିଆନଙ୍କୁ ସୁରକ୍ଷା ଦେଇ ଲୋକଙ୍କ ପାଖରେ ରାଜନୀତି କରିହେଲା ଭଳିଆ ସ୍ଥିତି ଆଉ ନାହିଁ ବୋଲି ତାଙ୍କ ନିକଟତମ ନେତା ଖୋଲାଖୋଲି କହିଲେଣି। ପାଣ୍ଡିଆନଙ୍କୁ ଛାଡ଼ ନ ହେଲେ ଆମେ ପଳାଇବୁ ବୋଲି ବିଜେଡି କର୍ମୀମାନେ ସେମାନଙ୍କ ସ୍ଥାନୀୟ ନେତାଙ୍କୁ ସିଧାସଳଖ ଶୁଣାଇଦେଲେଣି। କର୍ମୀ ଯଦି ଛାଡ଼ି ଦିଅନ୍ତି ତେବେ ଆଉ ଅସ୍ତିତ୍ୱ ରହିବନି ବୋଲି ସେହି ନେତାମାନେ ଏବେ କହି ବୁଲିଲେଣି। ଏହି ଯୁକ୍ତି ଗୁରୁତ୍ୱ ଧାରଣ କରୁଛି ନବୀନଙ୍କ ରାଜନୈତିକ ଜୀବନର ସନ୍ଧ୍ୟା ହୋଇଗଲାଣି।


ସୁଜାତା କାର୍ତ୍ତିକେୟନ

ଗତ ସପ୍ତାହରେ ନବୀନ ଡିହାଇଡ୍ରେସନ ସମସ୍ୟା କାରଣରୁ ହସ୍ପିଟାଲରେ ଆଡ୍‌ମିଟ୍ ହୋଇଥିଲେ। ସେହି ସମୟରେ ନବୀନଙ୍କୁ ହସ୍ପିଟାଲରେ ଆଡ୍‌ମିଟ୍ କରିବାଠାରୁ ଡାକ୍ତରଙ୍କ ସହ ସବୁକିଛି ଡିଲ୍ କରିବା କାମ ପାଣ୍ଡିଆନ ଦମ୍ପତି କରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ଦଳର ବହୁ ନେତା ଓ କର୍ମୀ ହସ୍ପିଟାଲରେ ପହଞ୍ଚିଥିଲେ। ହେଲେ ସେହି ନେତାମାନଙ୍କ ମଧ୍ୟରୁ ଜଣେ ମଧ୍ୟ ପାଣ୍ଡିଆନଙ୍କ ବିନା ପରାମର୍ଶରେ ଡାକ୍ତରମାନଙ୍କଠାରୁ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଜାଣିବାର ସାହସ ଜୁଟାଇ ପାରି ନ ଥିଲେ। ଏହି ସମୟରେ ବରିଷ୍ଠ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପାଣ୍ଡିଆନଙ୍କ ସ୍ତ୍ରୀ ସୁଜାତା କାର୍ତ୍ତିକେୟନଙ୍କୁ ପ୍ରଶ୍ନ ପଚାରିବା ପରେ ଅନେକ କିଛି ଘଟଣା ରାଜ୍ୟ ରାଜନୀତିରେ ଘଟିଯାଇଛି। ନବୀନ ବାବୁଙ୍କ ଦେହ ଯଦି ଦୁଇ ଦିନ ହେଲା ଅସୁସ୍ଥ ହେଲାଣି ଦଳର କାହାକୁ କାହିଁକି କୁହାଗଲା ନାହିଁ ବୋଲି ରଣେନ୍ଦ୍ର ସେଠାରେ ସୁଜାତାଙ୍କୁ ପ୍ରଶ୍ନ କରିଥିଲେ। ସୁଜାତାଙ୍କୁ ପ୍ରଶ୍ନ କରିବାରୁ ଏହାର କିଛି ସମୟ ପରେ ପାଣ୍ଡିଆନ ଯେଉଁ ଗରମରେ ଆସି ଧମକାଇଥିଲେ ସେଠାରେ ଉପସ୍ଥିତ ବହୁ ବରିଷ୍ଠ ବିଜେଡି ନେତାଙ୍କ ବୁଦ୍ଧି ଉଦୟ ହେବା ସଙ୍ଗେସଙ୍ଗେ ସେମାନେ ଆଉ କେବେହେଲେ ନବୀନଙ୍କୁ ପୂର୍ବଭଳି ଯୋଗାଯୋଗ କରିବାର ସମ୍ଭାବନା ନ ଥିବା ସେଦିନରୁ ବୁଝିଯାଇଛନ୍ତି। ସେହି କଥା ଧରିତ୍ରୀ ପ୍ରଥମେ ପ୍ରକାଶିତ କରିଥିଲା। ଯାହାକୁ ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ ଗଣମାଧ୍ୟମ ଧରିତ୍ରୀରେ ପ୍ରକାଶିତ ଖବରକୁ ଦେଖାଇଥିଲେ। ଏହାଦ୍ୱାରା ଯେତେବେଳେ ପାଣ୍ଡିଆନଙ୍କ ଅନେକ ସତ ପଦାକୁ ଆସିଗଲା ସେଥିଲାଗି ନବୀନ ଡିସ୍‌ଚାର୍ଜ ହେବାଦିନ ପାଣ୍ଡିଆନ ନିଜର ଏକ ଭିଡିଓ ଟିମ୍‌କୁ ଆଗରୁ ପ୍ରସ୍ତୁତ ରଖି ଫଟୋସେସନ ଆରମ୍ଭ କରିଦେଇଥିଲେ, ଯେଉଁଥିରେ ନବୀନ ଡିସ୍‌ଚାର୍ଜ ହେବା ସମୟରେ ପାଣ୍ଡିଆନଙ୍କ ହାତ ଧରି ଆସୁଥିବା ପ୍ରଚାର କରାଗଲା। ଏହାକୁ ଦେଖିବା ପରେ ନବୀନଙ୍କୁ ଦଳର ଆଉ କୌଣସି ନେତା କିମ୍ବା କର୍ମୀ ଲୋଡ଼ା ନାହାନ୍ତି ବୋଲି ବିଜେଡି ଭିତରେ ବାର୍ତ୍ତା ଯାଇଛି। ଏହି ଭିଡିଓ ବାର୍ତ୍ତା କେବଳ ନବୀନଙ୍କ କ୍ଷତି ଘଟାଇଲା। ପୁରପଲ୍ଲୀର ବିଜେଡି କର୍ମୀ ବୁଝିଗଲେଣି ଯେ କେହି ସନ୍ନ୍ୟାସ ନେଇ ନାହାନ୍ତି। ନବୀନ କେବେହେଲେ ପାଣ୍ଡିଆନଙ୍କୁ ଛାଡ଼ିପାରିବେ ନାହିଁ। ଅନ୍ୟପଟେ ଓଡ଼ିଶାର ସାଧାରଣ ଭୋଟର କେବେହେଲେ ପାଣ୍ଡିଆନ ଦମ୍ପତିଙ୍କୁ ସ୍ୱୀକାର କରିବେ ନାହିଁ।

ପାଣ୍ଡିଆନଙ୍କୁ ଦଳରୁ କାଢ଼ିବା ପାଇଁ ନିର୍ବାଚନ ପରେ ରାଜ୍ୟର ଶତାଧିକ ବରିଷ୍ଠ ନେତା କହିବା ସତ୍ତ୍ୱେ ଯଦି ନବୀନ ତାଙ୍କୁ ଛାଡ଼ିବାକୁ ପ୍ରସ୍ତୁତ ନାହାନ୍ତି ତେବେ ଦଳରେ ରହିକି କିଛି ଲାଭ ନାହିଁ ବୋଲି ଅନେକେ କହିଲେଣି। ନବୀନ ନିବାସକୁ ଯଦି କୌଣସି ବିଜେଡି ନେତା ଯିବାକୁ ଚାହୁଁଛନ୍ତି ସେମାନଙ୍କୁ ପାଣ୍ଡିଆନଙ୍କ ଅନୁମତି ନେବାକୁ ପଡୁଛି। ଅର୍ଥାତ୍ ଆଗକୁ ନବୀନଙ୍କ ତରଫରୁ ବିଜେଡିର ନେତାମାନଙ୍କୁ ଲୋଡାଯିବାର କୌଣସି ସମ୍ଭାବନା ବନ୍ଦ ହୋଇସାରିଛି। ଯାହାକିଛି ବିଜେଡି କାର୍ଯ୍ୟକ୍ରମ ହେବ ସେସବୁ ପାଣ୍ଡିଆନ ହିଁ ପରିଚାଳନା କରିବେ। ଏସବୁ କଥାକୁ କେହି ଗ୍ରହଣ କରିବାକୁ ଆଉ ପ୍ରସ୍ତୁତ ନାହାନ୍ତି। ଉଦାହରଣ ଭାବେ, ନବୀନ ନିବାସକୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ସୋମବାର ଆସି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଥିଲେ। ହେଲେ ସେତେବେଳେ ସ୍ଥାନୀୟ ୩ ନିର୍ବାଚନମଣ୍ଡଳୀର କୌଣସି ଦଳୀୟ ନେତାଙ୍କୁ ଲୋଡ଼ାଗଲା ନାହିଁ। ୨ ଜଣ ନିର୍ବାଚିତ ବିଧାୟକ ଥିଲେ ମଧ୍ୟ ସେମାନଙ୍କୁ ସେଠାକୁ ଡକାଗଲା ନାହିଁ, ଯାହାକୁ ନେଇ ଦଳ ଭିତରେ ଏକ ପ୍ରକାର ଚର୍ଚ୍ଚା ଜୋର୍ ଧରିଛି।

ନବୀନ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବାର ଦିନକ ପୂର୍ବରୁ ସୁଜାତା କାର୍ତ୍ତିକେୟନ କେତେଜଣ ବରିଷ୍ଠ ନେତା ଯଥା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାଏକ, ପ୍ରଣବ ପ୍ରକାଶ ଦାସ ଓ ସଞ୍ଜୟ କୁମାର ଦାସବର୍ମାଙ୍କ ସହ ହସ୍ପିଟାଲର ଏକ କନ୍‌ଫରେନ୍ସ ରୁମ୍‌ରେ ଆଲୋଚନା କରୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ରବିବାରଠାରୁ ବହୁଳ ପ୍ରସାରିତ ହୋଇଛି। ସେମାନଙ୍କ ସହ ପାଣ୍ଡିଆନଙ୍କ ଜଣେ ଅତ୍ୟନ୍ତ ଅନୁଗତ ଭାବେ ଜଣାଶୁଣା ପୂର୍ବତନ ରାଜ୍ୟ ସଭା ଏମ୍‌ପି ମଧ୍ୟ ସେଠାରେ ଉପସ୍ଥିତ ଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହି ଭିଡିଓକୁ ମଧ୍ୟ ଉକ୍ତ ଏମ୍‌ପି ଜଣଙ୍କ ପ୍ରଥମେ ବାହାରକୁ ଛାଡ଼ିଛନ୍ତି। ଯେପରି ସୁଜାତାଙ୍କ ପ୍ରଚାର କରାଯାଇପାରିବ। କାରଣ କିଛିଦିନ ତଳୁ ହିଁ ସୁଜାତାଙ୍କୁ ରାଜନୀତିରେ ଆଗକୁ ଆଣି ଦଳର କମାଣ୍ଡ ଦେବା ପାଇଁ ଏକ ପ୍ରକାର ଯୋଜନା କରାଯାଇଥିଲା। ହେଲେ ହସ୍ପିଟାଲ ଘଟଣା ପରଠାରୁ ନବୀନଙ୍କ ଘନିଷ୍ଠ କୁହାଯାଉଥିବା ଦମ୍ପତିଙ୍କ ଚାଲ୍ ଧରାପଡ଼ିଯାଇଛି ବୋଲି ଦଳ ଭିତରେ ଚର୍ଚ୍ଚା ଚାଲିଛି। ତେଣୁ ଏଭଳି ଚର୍ଚ୍ଚାକୁ ପ୍ରତିହତ କରିବା ପାଇଁ ହିଁ ପୂର୍ବରୁ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ ସୁଜାତାଙ୍କ ଭିଡିଓ ସମୟ ଦେଖି ପଦାକୁ ଛଡ଼ାଯାଇଥିବା ଶୁଣିବାକୁ ମିଳୁଛି।

ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନ ପରଠାରୁ ଦଳର ବହୁ ବରିଷ୍ଠ ନେତା ଯେପରିକି, ପ୍ରଫୁଲ୍ଲ ସାମଲ, ଅମର ଶତପଥୀ, ପ୍ରଫୁଲ୍ଲ ମଲିକ, ଶଶିଭୂଷଣ ବେହେରା, ବଦ୍ରି ନାରାୟଣ ପାତ୍ର ପ୍ରମୁଖ ପ୍ରାୟତଃ ଦଳଠାରୁ ଦୂରେଇ ଯାଇଛନ୍ତି। ଅନ୍ୟ କେତେଜଣ ବିଧାୟକ ଓ ବରିଷ୍ଠ ନେତା ଦଳରେ ଥାଇ ବିଜେଡି ସରକାରରୁ ଯିବାର ପ୍ରଥମ ଦିନରୁ ହିଁ ପାଣ୍ଡିଆନଙ୍କୁ ସିଧାସଳଖ ବିରୋଧ କରୁଛନ୍ତି। ଆଉ ଯେଉଁମାନେ ପାଣ୍ଡିଆନଙ୍କ ସହଯୋଗୀ ଭାବେ ଥିଲେ ବର୍ତ୍ତମାନ ଜନମତ ଦେଖିବା ପରେ ନିଜ ଭାଷା ବଦଳେଇଲେଣି। ସେମାନେ ବୁଝିଗଲେଣି ପ୍ରବଳ ଅର୍ଥ ଥିଲେ ମଧ୍ୟ ସେହି ନାମରେ ଆଉ ଭୋଟ ମିଳିବ ନାହିଁ।

# ଝିଆରୀଙ୍କୁ ବଞ୍ଚାଇବାକୁ ଯାଇ ବଡ଼ବାପାଙ୍କ ମୃତ୍ୟୁ

## ବିଦ୍ୟୁତ୍ ଆଘାତରେ କକା, ଝିଆରୀ ଗୁରୁତର

ପାଟଣା, ୨୫।୮
(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପଶି ତଣ୍ଡିଆ ସାହିରେ ସୋମବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ ଆଘାତରୁ ଦିବ୍ୟାଙ୍ଗ ଝିଆରୀଙ୍କୁ ବଞ୍ଚାଇବାକୁ ଯାଇ ବଡ଼ବାପାଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ଆଘାତରେ ଦିବ୍ୟାଙ୍ଗ ଝିଆରୀ ଓ ମୃତକଙ୍କ ସାନଭାଇ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ଗ୍ରାମର ରବୀନ୍ଦ୍ର ବେହେରାଙ୍କ ପୁଅ ଦୁର୍ଯ୍ୟୋଧନ ବେହେରା (୪୦)। ଗୁରୁତର ହୋଇଛନ୍ତି ଚିତ୍ରସେନ ବେହେରାଙ୍କ ଝିଅ ତଥା ଦୁର୍ଯ୍ୟୋଧନଙ୍କ ଝିଆରୀ ଅଞ୍ଜଳି ବେହେରା(୧୧) ଓ ଦୁର୍ଯ୍ୟୋଧନଙ୍କ ଭାଇ ଦୁଃଶାସନ ବେହେରା(୩୫)।

ସୂଚନା ଅନୁଯାୟୀ, ସକାଳେ ଅଞ୍ଜଳି ଘର ବାହାରେ ଆଜ୍‌ବେଷ୍ଟସ ଘର ଲୁହା ପାଇପରୁ ବାହାରକୁ ଟଣା ଯାଇଥିବା ଜିଆଇ ତାରରେ ଲୁଗା ଶୁଖାଉଥିଲେ। ଏହି ସମୟରେ ଜିଆଇ ତାରଟି କୌଣସି କାରଣରୁ ଘରକୁ ଯାଇଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲା। ଅଞ୍ଜଳି ବିଦ୍ୟୁତ ସଂସ୍ପର୍ଶରେ ଆସିଥିବା ଦେଖି ତାଙ୍କ ବଡ଼ବାପା ଦୁର୍ଯ୍ୟୋଧନ ଓ କକା ଦୁଃଶାସନ ତାଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ବିଦ୍ୟୁତ୍ ଆଘାତରେ ଦୁର୍ଯ୍ୟୋଧନଙ୍କ ପେଟ, ଦୁଃଶାସନଙ୍କ ୨ ହାତ ପୋଡ଼ିଯାଇଥିଲା। ଅଞ୍ଜଳି ମଧ୍ୟ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦୁର୍ଯ୍ୟୋଧନଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ପୋଲିସ ପହଞ୍ଚି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ମାମଲା(ନଂ.୩୯/୨୫) ରୁଜୁ କରି ତଦନ୍ତ ଚଳାଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ପି ଏବଂ ଟି କଣ୍ଟ୍ରାକ୍ଟର୍ ଆସୋସିଏଶନ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଇନ୍ସ୍ପେକ୍ସନ୍ କ୍ୱାଟର୍ ଦୂର୍ ସଞ୍ଚାର ଭବନ, ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ ଟା।
- ଆହାରକେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପ୍ରାଙ୍ଗଣ, ସମୟ: ଅପରାହ୍ନ ୧ ଟା।
- ଏଆଇଡିଏସ୍ଓ ପକ୍ଷରୁ ଛାତ୍ର ସଂଘ ନିର୍ବାଚନ ତାରିଖ ତୁରନ୍ତ ଘୋଷଣା ନେଇ ପ୍ରତିବାଦ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ଅପରାହ୍ନ ୪ ଟା।
- ଚିନ୍ତା ଓ ଚେତନା ପକ୍ଷରୁ ୪୮ତମ ବର୍ଷା ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ଆପଣମାନେ ଖୁସି ତ ?' ମଞ୍ଚସ୍ଥ, ସ୍ଥାନ: ବିଜୁ ନାଟ୍ୟକେନ୍ଦ୍ର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଭାଦ୍ର ସତସଙ୍ଗ ପରିକ୍ରମା, ସ୍ଥାନ: ଉପଯୋଜନା କେନ୍ଦ୍ର-୪୧, ଯୋବ୍ରା, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ଶ୍ରୀମନ୍ଦିରରେ ଅନ୍ଧହାତି ଲୀଳା ନୀତି, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ବରୁଣେଇ ପୀଠ, ସମୟ: ସକାଳ ୮ଟା।
- ଶରଧାପୁର ଫୁଟବଲ୍ ଲିଗ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- କଲ୍ୟାଣ ମଣ୍ଡପ ଏବଂ ସିଲେଇ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଧୋବଶିଳା ପଞ୍ଚାୟତ ପରିସର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଏନ୍ଏସି ଘୋଷଣା ଦାବିରେ ୬ଘଣ୍ଟିଆ ବନ୍ଦ ପାଳନ, ସ୍ଥାନ: ଆଗରପଡ଼ା ବଜାର, ବନ୍ତ, ସମୟ: ସକାଳ ୬ଟା।
- ରକ୍ତଦାନ ଶିବିର, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ସକାଳ ୯ଟା।
- ଜୋନାଲସ୍ତରୀୟ ସ୍ପୋର୍ଟସ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ବିଜେଡିର ସମ୍ବର୍ଦ୍ଧନା ସଭା, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡିଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ମିରରର ବାର୍ଷିକୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର
- ମନ୍ଦିର କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା୩୦।।
- ବିଇଏମ୍ସି ପକ୍ଷରୁ ଟ୍ରାଇ ସାଇକେଲ ପ୍ରତିଯୋଗିତା, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।

## ଗଞ୍ଜାମ
- ପଞ୍ଚାୟତ ସମିତ ବୈଠକ, ସ୍ଥାନ: ଶେରଗଡ଼ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବହ୍ନ ୧୧ ଟା।

## ଜଗତ୍‌ସିଂହପୁର
- ଦାରିଦ୍ର ଦୂରିକରଣ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ସଂଗଠନ ପକ୍ଷରୁ ବୃଦ୍ଧାବୃଦ୍ଧଙ୍କ ପାଇଁ ସେବାମୂଳକ କାର୍ଯ୍ୟକ୍ରମ, ସ୍ଥାନ: ସନ୍ତୋଷୀ ଜରାଶ୍ରମ, ବାଲିଝରା, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ପାରାଦୀପ ପୌରପରିଷଦ ପକ୍ଷରୁ ବାଳିକା ବାଳକଙ୍କୁ ନେଇ ଭଲିବଲ ଓ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ହାତିନା, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘମଲ୍ଲାର ୨୦୨୫ (ଭଜନ ସନ୍ଧ୍ୟା), ସ୍ଥାନ: ଏଣ୍ଡୁଲାପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- କୋରେଇ ବିଧାନସଭାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ବ୍ୟାସଦେବ ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଭାରତ ବିକାଶ ପରିଷଦ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଗିରିଡିପଲ୍ଲୀ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ସଜନାପଡ଼ା ହାଇସ୍କୁଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା, ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ରାୟଗଡ଼ା
- ମହିଳାଙ୍କ ଦ୍ୱାରା ବାଲି ତୃତୀୟା ଏବଂ ଗୌରୀ ବ୍ରତ ପାଳନ, ସ୍ଥାନ: ରାୟଗଡା ସହରର ସମସ୍ତ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ଯକ୍ଷ୍ମା ରୋଗ ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ପୌରପରିଷଦର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ପୌର ପରିଷଦ କଲ୍ୟାଣ ମଣ୍ଡପ, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାମ୍ବାଦିକଙ୍କ ବିୟୋଗରେ ଶୋକସଭା, ସ୍ଥାନ: ସେମିଳିଗୁଡ଼ା ପ୍ରେସ୍ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ଗଣେଷ ମନ୍ଦିର ଉଦ୍‌ଘାଟନ ନେଇ କଳସଯାତ୍ରା, ସ୍ଥାନ: ପଟ୍ଟାଙ୍ଗି ମେଡିକାଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା,ସ୍ଥାନ:କାଲିମେଳା ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ:ହୀରାକୁଦ କଲୋନୀସ୍ଥିତ ଯୋଗକେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦର ପରିସର, ସମୟ: ସକାଳ ୬ଟା।
- ସ୍ୱତନ୍ତ୍ର ନୂଆଁଖାଇ ହାଟ-୨୦୨୫, ସ୍ଥାନ : ସମ୍ବଲପୁରୀ ଡେରା, ସମୟ: ସକାଳ ୮ଟା।
- ନୂଆଁଖାଇ -୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ରାତି ୭ଟା।

## ବଲାଙ୍ଗୀର
- କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ରକ୍ତଦାନ ଶିବିର, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ଦେବେନ୍ଦ୍ର ଦାଶଙ୍କ ଦ୍ୱିତୀୟ ବକ୍ତୃତାମାଳା, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ତର୍କ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅତିରିକ୍ତ ବିକାଶାତ୍ମକ କାର୍ଯ୍ୟର ଶୁଭାରମ୍ଭ, ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ଟୁକୁର୍ଲା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାସନ କାର୍ଡ ବଣ୍ଟନ, ସ୍ଥାନ: ବ୍ଲକ ପରିସର, ଭଟଲି, ସମୟ: ଅପରାହ୍ନ ୧୧ଟା ୩୦।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ଭାଜପା ରାଜ୍ୟ ସଭାପତିଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ ସମଗ୍ର ଶିକ୍ଷା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- କୃଷି ନେଇ ଜିଲାସ୍ତରୀୟ ସମନ୍ୱୟ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ଏନ୍ଏସି ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଜିଲା ଷ୍ଟାଡ଼ିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ୨୪ ଘଣ୍ଟିଆ ସେବା ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପନ୍ଥା ପାଇଁ ଆଲୋଚନା, ସ୍ଥାନ: ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ଷୋଡ଼ଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଖଡିଆଳ ସାହିତ୍ୟ ସମିତି ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ପାଳନ, ସ୍ଥାନ: ରାଜ ଦରବାର ଖଡିଆଳ, ସମୟ: ଅପରାହ୍ନ ୪ଟା ୩୦।
- ଆବଶ୍ୟକ ସାର ଯୋଗାଣ ପାଇଁ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ରାଶ୍ୟାଧିପତିଙ୍କ ସହ ଷଷ୍ଠଭାବସ୍ଥ ଯୋଗୁ ପାରିବାରିକ ସମସ୍ୟା ସକାଶେ ଚିନ୍ତିତ ରହିବେ। କର୍ମକ୍ଷେତ୍ରକୁ ବୁଧ ଓ ଶୁକ୍ରଙ୍କ ଦୃଷ୍ଟି ସହକର୍ମୀଙ୍କ ନିକଟରୁ ଆର୍ଥିକ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ସାହିତ୍ୟରେ ସ୍ଥିତି ଭଲ ରହିବ। ସଭାସମିତିକୁ ନିମନ୍ତ୍ରିତ ହୋଇ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବା ସହ ସୌଭାଗ୍ୟ ଅର୍ଜନ କରିବେ।

**ବୃଷ** ଶୁକ୍ରଙ୍କ ପ୍ରଭାବରେ ସୌଖୀନ ଦ୍ରବ୍ୟ, ବିଳାସବ୍ୟସନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ, କ୍ରୀଡ଼ାରେ ନୈପୁଣ୍ୟତା ପ୍ରଦାନ କରିବେ। ବନ୍ଧୁମେଳରେ କୌଣସି ଆଲୋଚନା ପରିପ୍ରେକ୍ଷୀରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅର୍ଥ ସଙ୍କଟରୁ ଆଶା ଅପୂରଣ ରହିଯିବ।

**ମିଥୁନ** ଧନଲାଭାଧିପତିଙ୍କ ସଂଯୋଗରୁ ଅର୍ଥପ୍ରାଚୁର୍ଯ୍ୟ ଲାଭକରି ଖୁସି ମନରେ ଦିନଟିକୁ ବିତାଇନେବେ। ଯେଉଁ ବିଷୟ ନେଇ ଚିନ୍ତା କରୁଥିଲେ ଆଜି ତାହା କାମରେ କରି ଦେଖାଇବ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ କାମ ଶୃଙ୍ଖଳିତ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ।

**କର୍କଟ** ଚନ୍ଦ୍ର ଓ ବୁଧଙ୍କ କ୍ଷେତ୍ର ବିନିମୟଜନିତ ପ୍ରିୟ ବନ୍ଧୁଟି ପାଖରୁ ପ୍ରେରଣା ଲାଭକରି କାର୍ଯ୍ୟାରମ୍ଭ କରିପାରନ୍ତି। ଘରକୁ ଫେରିବା ସମୟରେ ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିବେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ସହଜରେ ପୂର୍ଣ୍ଣାଙ୍ଗ କରିବେ। ବିରୋଧ କରୁଥିବା ବ୍ୟକ୍ତି ପ୍ରତି ଯଥା ସମ୍ଭବ ଜଗିରଖି ଚଳିବା ଭଲ ହେବ।

**ସିଂହ** କର୍ମାଧିପତି ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ସହକର୍ମୀ ବିରୁଦ୍ଧାଚରଣ ଚେଷ୍ଟା କରିପାରନ୍ତି। ପରିବାରରେ ଅଯଥା ସାଧାରଣ କଥାକୁ କେନ୍ଦ୍ରକରି ବିତର୍କର ସୂଚନା ରହିଛି। ଗୃହ, ଯାନ କ୍ରୟ, ଭ୍ରମଣ,ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସାହିତ୍ୟ ଚର୍ଚ୍ଚା, ଗବେଷଣା, ଅନୁସନ୍ଧାନ ଓ ରାଜନୀତିରେ ସଫଳ ହୋଇପାରିବେ।

**କନ୍ୟା** ଅଷ୍ଟମାଧିପତିଯୁକ୍ତ ଲାଭାଧିପତି ଯୋଗୁ ଅନେକ ଆଶା ନେଇ ଯାହା କରିବାକୁ ଯାଉଛନ୍ତି ସେଥିରେ ସଫଳତା ପାଇବା କଷ୍ଟକର ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାକୁ ବଢ଼ାଇଦେଇପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ।

**ତୁଳା** ଆଜିର କାମଗୁଡ଼ିକ ସଂଘର୍ଷପୂର୍ଣ୍ଣ ରହିଲେ ମଧ୍ୟ ଲକ୍ଷ୍ୟହାସଲ କରିପାରିବେ। ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଜଣେ ବନ୍ଧୁ ଖୁସି ଖବର ସାଙ୍ଗକୁ କିଛି ଅର୍ଥ ଦେଇଯିବେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବ ନାହିଁ।

**ବିଛା** ସ୍ୱଗୃହୀ ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପାଇ ଖୁସି ହେବେ। ଦୀର୍ଘଦିନର ବିବାଦୀୟ ଘଟଣାର ଅବସାନ ଘଟିବ, କିନ୍ତୁ ଏଥିପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ଧନୁ** ଗୁରୁଙ୍କ ଅନୁକମ୍ପାରୁ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ କାମ ହାସଲକୁ ତ୍ୱରାନ୍ୱିତ କରିବ। ଅଫିସରେ ଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ବିବ୍ରତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧରେ ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ଆର୍ଥିକ ଉନ୍ନତିର ଆଶା ଉଜ୍ଜ୍ୱଳତର ହେବ ।

**ମକର** ତୃତୀୟସ୍ଥ ଶନିଙ୍କ ଯୋଗୁ ପ୍ରିୟଜନଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ସାହାଯ୍ୟର ପ୍ରତିଶ୍ରୁତି ପାଇ ମନୋବଳ କ୍ରମଶଃ ବୃଦ୍ଧିପାଇବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, କିନ୍ତୁ ବ୍ୟବସାୟିକ ଦିଗଟି ଭଲ ରହିବ। ଆଜିର ଯାତ୍ରା ଓ ଆନୁଷ୍ଠାନିକ କାମରୁ ସାମୟିକ ଖୁସି ରହିପାରନ୍ତି।

**କୁମ୍ଭ** ଚନ୍ଦ୍ରଙ୍କ ଉପରେ ଶନିଦୃଷ୍ଟିଜନିତ ଅଧିକାଂଶ ସମୟ ଅନ୍ୟମନସ୍କ ରହିବାରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରି ପାରିବେ ନାହିଁ। ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେବ। କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ସାମ୍ନା କରିବାର ଧୈର୍ଯ୍ୟ ଧରି ମୁକାବିଲାର ସମ୍ମୁଖୀନ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସମସ୍ୟା ବଢ଼ିପାରେ।

**ମୀନ** ସ୍ୱସ୍ଥାନହନ୍ତା ବୃହସ୍ପତିଙ୍କ କୁପ୍ରଭାବରେ ପାରିବାରିକ କ୍ଷେତ୍ରରେ ରହିଆସିଥିବା ସମସ୍ୟା ହେତୁ ଦୁର୍ଭାବନା ବଢ଼ିବ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଆନୁଷ୍ଠାନିକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣକରି ପ୍ରଶଂସିତ ହେବ।

ଆଜି ଅଗଷ୍ଟ ୨୬ ତାରିଖ, ମଦର ଟେରେସା ଜୟନ୍ତୀ, ଶ୍ରୀମନ୍ଦିରରେ ଅନ୍ଧପ୍ରସ୍ତାବ ଲୀଳା, ବାଲିତୃତୀୟା ଗୌରୀବ୍ରତ, ଭାଦ୍ରବ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର-ହସ୍ତା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୮।୪୦ ଗତେ, ଘ.୧୦।୩୩ ମଧ୍ୟେ, ଘ.୦୧।୦୩ ଗତେ, ଘ.୦୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୫ ଗତେ, ଘ.୦୪।୨୯ ମଧ୍ୟେ ରାହୁକାଳ।

# ନବୀନଙ୍କ ନିକଟରୁ ସନ୍ନ୍ୟାସ ନେଇନାହାନ୍ତି ପାଣ୍ଡିଆନ: ବିଜେଡି

ଭୁବନେଶ୍ୱର,୨୫।୮(ସୁନିତ୍ ମିଶ୍ର)

ଭାଜପା ବିଧାୟକ ସରୋଜ ପାଢ଼ୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ପ୍ରତି ଦେଇଥିବା ଅରୁଚିକର ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେନିନ୍ କହିଛନ୍ତି, ଆସିକା ବିଧାୟକ ବିଭିନ୍ନ ଅସାମାଜିକ କାର୍ଯ୍ୟ ଯଥା ଜୁଆ ଖେଳ ଭଳି କାମରେ ଲିପ୍ତ ଥିବା ରେକର୍ଡ ରହିଛି। ପୁଣି ଭାଜପା ବିଧାୟକ ହେବା ପରେ ବାଲି ମାଫିଆଙ୍କଠାରୁ ଚାନ୍ଦା ଆଦାୟ ଆଉ ବିଟ୍ ରାସ୍ତାରେ ପିସି ମାଗିବାକୁ ମଧ୍ୟ ପଛାଉନାହାନ୍ତି। ଏହିଭଳି ଜଣେ ବ୍ୟକ୍ତିଙ୍କୁ ନବୀନଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ଦେବା ପାଇଁ ଭାଜପା ମନୋନୀତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟବାସୀ ଭଲ ଭାବେ ଜାଣନ୍ତି ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। କିନ୍ତୁ ନବୀନ ପଟ୍ଟନାୟକଙ୍କ ନିକଟରୁ ସେ ସନ୍ନ୍ୟାସ ନେଇନାହାନ୍ତି। ତେଣୁ ପାଣ୍ଡିଆନଙ୍କୁ ନେଇ କୁତ୍ସିତ ରାଜନୀତି ନ ହେଉ ବୋଲି ଲେନିନ୍ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାତ ଥର ଯିବ ଗଙ୍ଗା,**
**ଥରେ ଯାଇଥିବ ଚନ୍ଦ୍ରଭାଗା,**
**ମୁହଁ ପଡ଼ିଯିବ ରଙ୍ଗା।**

ଆଗକାଳରେ ଗମନାଗମନର ସେତେଟା ସୁବିଧା ନ ଥିଲା। ପ୍ରମୁଖ ସ୍ଥାନକୁ ବାଦ୍ ଦେଲେ ଅନ୍ୟ ସ୍ଥାନକୁ ଯିବା ଆସିବାରେ ଲୋକେ ଅଧିକ ହଇରାଣ ହରକତ ହେଉଥିଲେ। ସେହିପରି ଗଙ୍ଗା ଭଳି ଚନ୍ଦ୍ରଭାଗା ସ୍ଥଳର ପରିଚ୍ଛନ୍ନତା ସେତେଟା ଆଖିଦୃଶିଆ ବା ଉଚ୍ଚକୋଟୀର ନ ଥିଲା। ଫଳରେ ଲୋକେ ସେଠାକୁ ଯିବା ନିମନ୍ତେ ସେତେ ଆଗ୍ରହ ଦେଖାଉ ନ ଥିଲେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ସଞ୍ଜେ ସକାଳେ ନିଦ ଯାଏ,**
**ତା'ରି ପଇସା ବଇଦ ଖାଏ।**

ସକାଳେ ଓ ସନ୍ଧ୍ୟାକାଳରେ ନିଦ୍ରା ଯିବା ନେଇ ବାରଣ କରାଯାଇଥାଏ। ଏଭଳି ସମୟରେ ନିଦ୍ରା ଗଲେ ଦେହ ଅସୁସ୍ଥ ରହିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାକ୍ସର ଋଣ ପରିଶୋଧ ସମୟସୀମା ୧୦ ବର୍ଷକୁ ବଢ଼ାଯାଉ: ମୁଖ୍ୟମନ୍ତ୍ରୀ

**ସମବାୟ କ୍ଷେତ୍ରରେ ଅଭିବୃଦ୍ଧି ଲାଗି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କ ସହ ବୈଠକ**

- **ସବୁ ଜିଲାରେ ଶୀତଳଭଣ୍ଡାର ପ୍ରତିଷ୍ଠା ଜରୁରୀ**
- **ବଡମ୍ବା, ବଲାଙ୍ଗୀର ଚିନିକଳ ଲାଗି ଆର୍ଥିକ ସହାୟତା ମିଳୁ**



ଲୋକସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ୍ ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୨୫।୮(ସୁନିତ୍ ମିଶ୍ର)

କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ୍ ସୋମବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ସହିତ ରାଜ୍ୟରେ ସମବାୟ କ୍ଷେତ୍ରର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ପାକ୍ସର ଋଣ ପରିଶୋଧ ସମୟସୀମାକୁ ୫ରୁ ୧୦ ବର୍ଷକୁ ବୃଦ୍ଧି କରିବା, ବଡମ୍ବା ଏବଂ ବଲାଙ୍ଗୀର ଚିନିକଳକୁ କାର୍ଯ୍ୟକ୍ଷମ କରିବା, ଗୋପାଳପୁରଠାରେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା, ପ୍ରତି ଜିଲା ତଥା ସବ୍‌ଡିଭିଜନରେ ଶୀତଳଭଣ୍ଡାର ଏବଂ ପଣ୍ୟାଗାର ସ୍ଥାପନ, କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ବୃଦ୍ଧି କରିବା, ସମସ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ବିଷୟରେ ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କେନ୍ଦ୍ର ସରକାରଙ୍କ ସହଯୋଗ ଓ ସମର୍ଥନ କାମନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ସୋମବାର ଓଡ଼ିଶା ସରକାରଙ୍କ ସମବାୟ କ୍ଷେତ୍ରର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରି କହିଛନ୍ତି, ଭାରତ ସରକାର ବିଭିନ୍ନ ରାଜ୍ୟରେ ସମବାୟ ବିକାଶ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କେତେକ ରାଜ୍ୟକୁ ମଧ୍ୟ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି। ସେସବୁ ରାଜ୍ୟର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏଥିସହିତ ଓଡ଼ିଶା ସରକାରଙ୍କ ପକ୍ଷରୁ ସମବାୟ ବିକାଶ ପାଇଁ ଯାହା ଆବଶ୍ୟକ ହେବ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ସେ କହିଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ରମଣ କୁମାର, ଆନନ୍ଦ ଝା ଏବଂ ଓମ୍‌ଫେଡ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସେପ୍ଟେମ୍ବର ୨ରୁ ଜିଲାଗସ୍ତ, ୧୪ରେ ରିପୋର୍ଟ: ଭକ୍ତ

**ଆସିବେ ୩୫ ପର୍ଯ୍ୟବେକ୍ଷକ**

**ନିରପେକ୍ଷ ହେବ ଜିଲା ସଭାପତି ନିର୍ବାଚନ**

ଭୁବନେଶ୍ୱର,୨୫।୮(ରବିନାରାୟଣ ଜେନା)

ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟ କଂଗ୍ରେସର ସମସ୍ତ ୩୫ଟି ସାଙ୍ଗଠନିକ ଜିଲାର ସଭାପତି ବଛାଯିବ। ଏଥିପାଇଁ ସେପ୍ଟେମ୍ବର ୨ରୁ ଜିଲା ଗସ୍ତରେ କଂଗ୍ରେସର ପର୍ଯ୍ୟବେକ୍ଷକମାନେ ଆସିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ସେ କହିଛନ୍ତି, ରାଜ୍ୟ କଂଗ୍ରେସର ସାଙ୍ଗଠନିକ ଆଲୋଚନା ଏବଂ ଜିଲା ସଭାପତି ନେଇ ସୋମବାର ନୂଆଦିଲ୍ଲୀର ଇନ୍ଦିରା ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଆଗାମୀ ଦିନରେ କଂଗ୍ରେସ କିଭଳି ଅଧିକ ଶକ୍ତିଶାଳୀ ହେବ ସେନେଇ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ସାଙ୍ଗଠନିକ ଜିଲାର ସଭାପତି ମନୋନୟନ ଲାଗି ୩୫ଜଣ ପର୍ଯ୍ୟବେକ୍ଷକ ଓଡ଼ିଶା ଆସିବେ। ସେପ୍ଟେମ୍ବର ୨ରୁ ଜିଲା ଗସ୍ତ କରି ୧୪ ସୁଦ୍ଧା ରିପୋର୍ଟ ପ୍ରଦାନ କରାଯିବାକୁ ରହିଛି। ଏହି ସମୟରେ ସମାଜର ସବୁ ବର୍ଗଙ୍କ ମତାମତକୁ କଂଗ୍ରେସ ଗୁରୁତ୍ୱ ଦେବ। ସଭାପତି ନିର୍ବାଚନ ଯେଭଳି ଅବାଧ ଓ ମୁକ୍ତ ହେବ ସେଥିପାଇଁ ପର୍ଯ୍ୟବେକ୍ଷକମାନେ ପ୍ରତ୍ୟେକ ଜିଲାରେ ୭ରୁ ୧୪ଦିନ ପର୍ଯ୍ୟନ୍ତ ରହି ମତାମତ ସଂଗ୍ରହ କରିବେ। ରହଣିକାଳ ମଧ୍ୟରେ ପ୍ରତିଦିନର ରିପୋର୍ଟ ଏଆଇସିସିକୁ ପ୍ରଦାନ କରିବେ ବୋଲି ଭକ୍ତ କହିଛନ୍ତି।

# ଯାଜପୁରରେ ବନ୍ୟା...

ପ୍ରଥମ ପୃଷ୍ଠାରୁ...

ପ୍ରାୟ ୧୦ ଫୁଟ୍ ଉଚ୍ଚରେ ପ୍ରବାହିତ ହେଉଥିଲା। ଅହିୟାସ ବଜାରରେ ପାଣି ଲହଡ଼ି ମାରୁଥିବାବେଳେ କାଟିଆ ଓ ବୈଶପାନ ମୁଖ୍ୟ ରାସ୍ତାରେ ୪ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଯୋଗାଯୋଗ ସମ୍ପୂର୍ଣ୍ଣ ବ୍ୟାହତ ହେବା ସହ ଶତାଧିକ ଲୋକଙ୍କ ଘରେ ବନ୍ୟାପାଣି ପଶିଯାଇଛି। ଘାଇ ନିକଟରେ ଥିବା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଘରର ଝରକା ପର୍ଯ୍ୟନ୍ତ ପାଣି ଲାଗି ରହିଛି। ଲୋକେ ଜୀବନ ବିକଳରେ ଘରୁ ପଳାଇଆସି ନଦୀବନ୍ଧ, ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଏହି ଘାଇ ଫଳରେ ବ୍ଲକର କସ୍‌ପା, ତରପଦା, ମଲ୍ଲିକାପୁର, କନିକାପଡ଼ା, ଛଣିଆ, ମଙ୍ଗଳପୁର, ଶୁଣ୍ଡୁଆ, ଦୁଦୁରାଅଣ୍ଡା, ନିଜାମପୁର, ଦଉପୁର, ଖାନନଗର, କମାରଡିହି, କୟାଁ ଆଦି ପଞ୍ଚାୟତ ଅଞ୍ଚଳରେ ବନ୍ୟା ପାଣି ପ୍ରବେଶ କରିଛି। ବହୁ ହଜାର ହେକ୍ଟର ଧାନଜମିରେ ପାଣି ମାଡ଼ିଯାଇଛି। ବନ୍ୟାଘେରରେ ଥିବା କଟିକଟା ତରେଇ ସାହିର ୭୦ବର୍ଷ ବୟସ୍କା ଭାଗବତ ମାଝି ବୈତରଣୀ ନଦୀର ବନ୍ୟାସ୍ରୋତରେ ଭାସିଯାଇଛନ୍ତି। ଖବର ପାଇ ଦମକଳ ବାହିନି ସହ ଓଡ୍ରାଫ୍ ଟିମ୍ ଭାସିଯାଇଥିବା ଭାଗବତଙ୍କୁ ନଦୀଗର୍ଭରୁ ଉଦ୍ଧାର କରିବା ପରେ ଜିଲା ସଦରମହକୁମା ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘାଇ ହୋଇଥିବା ଖବର ପାଇ ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ବିଡିଓ ଆକାଶ ପଟ୍ଟନାୟକ ପ୍ରମୁଖ ସେଠାରେ ପହଞ୍ଚିବା ସହ ପାଣିଘେରରେ ଥିବା ଲୋକମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ବ୍ୟବସ୍ଥା କରିଛନ୍ତି। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟିକା ସୁଜାତା ସାହୁ, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଭାଜପା ନେତା ଗୌତମ ରାୟ, ସଂଜୟ ନାୟକ, ରମେଶ ଚନ୍ଦ୍ର ସାମଲ, ପ୍ରତ୍ୟୁଷ ନାୟକ, ଇନ୍ଦ୍ରଜିତ ଦାସ, ନିରଞ୍ଜନ ସାହୁ, ରମାକାନ୍ତ ଜେନା ପ୍ରମୁଖ ଘାଇ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କୁ ଉଦ୍ଧାର ସହ ରିଲିଫ୍ ସାମଗ୍ରୀ ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି। ଯାଜପୁର ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀ ପ୍ରମୁଖ ବନ୍ୟା ପ୍ଲାବିତ ଦଶରଥପୁର ବ୍ଲକରେ ଡେରା ପକାଇ ବୈତରଣୀ ଓ କାଣୀ ନଦୀବନ୍ଧରେ ବିଭିନ୍ନ ସ୍ଥାନରେ ହୋଇଥିବା ଘଳିଆଗୁଡ଼ିକୁ ମରାମତି କରିବା ସହ ଦୁର୍ବଳ ସ୍ଥାନଗୁଡ଼ିକ ଉପରେ ନଜର ରଖିଛନ୍ତି।

# ନୂଆ ଆଇଟି ନୀତିକୁ କ୍ୟାବିନେଟ୍ ମୋହର



ଲୋକସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅଧିକାରୀ।

## ୧୦ଲକ୍ଷଙ୍କୁ ମିଳିବ ନିଯୁକ୍ତି

- ସାଇବର ସୁରକ୍ଷା ସହିତ ଡିଜିଟାଲ ରୂପାନ୍ତରଣକୁ ବିକଶିତ କରିବ
- ରାଜ୍ୟ କ୍ୟାବିନେଟ୍ ବୈଠକରେ ୪ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୨୫।୮
(ରବିନାରାୟଣ ଜେନା)

ଓଡ଼ିଶାକୁ ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ରୂପେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ସୋମବାର ରାଜ୍ୟ ସରକାର ସୂଚନା ପ୍ରଯୁକ୍ତି(ଆଇଟି)ର ବିକାଶ ଲାଗି ନୂତନ ଆଇଟି ନୀତି ଆଣିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ଆଇଟି ନୀତି ସମେତ ୩ଟି ବିଭାଗର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାର ଡିଜିଟାଲ୍ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ରାଜ୍ୟ ମନ୍ତ୍ରିମଣ୍ଡଳ ଓଡ଼ିଶା ଆଇଟି ନୀତି -୨୦୨୫କୁ ସୋମବାର ଅନୁମୋଦନ ଦେଇଛନ୍ତି। ଏହି ଦୂରଦୃଷ୍ଟିସମ୍ପନ୍ନ ନୀତି ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପନ କରିବ। କୃତ୍ରିମ ବୁଦ୍ଧିମତ୍ତା(ଏଆଇ), କ୍ଲାଉଡ୍‌କମ୍ପ୍ୟୁଟିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇ ଏହି ନୀତି ଶାସନକୁ ମଜଭୁତ କରିବା, ସର୍ବସାଧାରଣ ସେବା ଯୋଗାଇବାରେ ଉନ୍ନତି ଆଣିବା ଏବଂ ଏକ ଡିଜିଟାଲ୍ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏହା ଉଦ୍ଭାବନା, ଉଦ୍ୟୋଗିତା ଏବଂ ଡିଜିଟାଲ ସ୍ଥାୟୀ ବିକାଶକୁ ଏକ ଦୃଢ଼ ଡିଜିଟାଲ ପରିବେଶ ଯୋଗାଇବାରେ ସହାୟକ ହେବ।

ଓଡ଼ିଶା ଆଇଟି ନୀତି ୨୦୨୫ ମଧ୍ୟରେ ଆଇଟି/ଆଇଟିଇଏସ୍ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା କରାଯାଇଛି। ଏହା ଆଇଟି ପାର୍କ, ଆଇଟିଟାୱାର ଏବଂ ଏସ୍‌ଇଜେଡ୍ ପରି ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କରିବା ସହିତ ଗବେଷଣା ଏବଂ ବିକାଶ, ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ସମନ୍ୱୟ, ଏକାଡେମିଆ ଓ ଷ୍ଟାର୍ଟଅପ୍ ସହିତ ସହଯୋଗ ମାଧ୍ୟମରେ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବ। ଏହି ନୀତି ସାଇବର ସୁରକ୍ଷା, ଡାଟା ଆନାଲିଟିକ୍ସ, ୫ଜି/ମୋବାଇଲ୍ ଟେକ୍, ଆଇଓଟି,ଏଆର/ଭିଆର, କ୍ଲାଉଡ୍ କମ୍ପ୍ୟୁଟିଂ, ଡିପ୍ ଲର୍ନିଂ, ବ୍ଲକଚେନ୍, ଏଆଇ ଏବଂ ଏମ୍ଏଲ୍ ପରି ଉଦୀୟମାନ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବ। ଆହୁଜା କହିଛନ୍ତି, ନିବେଶକୁ ଆକର୍ଷିତ କରିବା ପାଇଁ ଏହି ନୀତି ପୁଞ୍ଜି ଏବଂ ସୁଧ ସବ୍‌ସିଡି, ଜମି ଓ ଭଡ଼ା ସହାୟତା ଏବଂ ଏସ୍‌ଜିଏସ୍‌ଟି ପୁନଃପୈଠ ଭଳି ବ୍ୟବସାୟ-ଅନୁକୂଳ ପ୍ରୋତ୍ସାହନ ପ୍ରଦାନ କରିବ। ଅତିରିକ୍ତ ସୁବିଧାଗୁଡ଼ିକ ମଧ୍ୟରେ ଉପଯୋଗିତା ଚାର୍ଜ ଛାଡ଼, ମାର୍କେଟିଂ ସହାୟତା, ପେଟେଣ୍ଟ ପଞ୍ଜୀକରଣ ପ୍ରୋତ୍ସାହନ ଏବଂ ଦକ୍ଷତା ବିକାଶ, ଇଣ୍ଟର୍ନଶିପ୍, ଉତ୍କର୍ଷ କେନ୍ଦ୍ର (ସିଓଇ), କେବୁଲ ଲ୍ୟାଣ୍ଡିଂ ଷ୍ଟେଶନର ବିକାଶ ପାଇଁ ସହାୟତା, ବୃହତ୍ ଏବଂ ମେଗା ଆଇଟି ନିବେଶ ପାଇଁ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ, ସହ-କାର୍ଯ୍ୟ ସ୍ଥାନର ବିକାଶକୁ ପ୍ରୋତ୍ସାହନ ଏବଂ ନିଯୁକ୍ତି ପାଇଁ ଆର୍ଥିକ ସହାୟତା ଅନ୍ତର୍ଭୁକ୍ତ। ଏକ ସିଙ୍ଗଲ୍-ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ୍ ଏବଂ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ସହିତ ଭାଗୀଦାରି ରାଜ୍ୟରେ ବ୍ୟବସାୟ କରିବାର ସହଜତାକୁ ଆହୁରି ଉନ୍ନତ କରିବ।

ମୁଖ୍ୟ ଶାସନ ସଚିବ କହିଛନ୍ତି, ଏହି ନୀତି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ୍ସ ସେଣ୍ଟର (ଓକାକ୍) ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ, ଇ-ଆଣ୍ଡ୍ ଆଇଟି ବିଭାଗ ନିୟମିତ ସମୀକ୍ଷା କରିବ ଏବଂ ଆବଶ୍ୟକ ଅନୁସାରେ ମଧ୍ୟବର୍ତ୍ତୀ ସମୟରେ ସଂଶୋଧନ କରିବ। ଓଡ଼ିଶା ଆଇଟି ନୀତି-୨୦୨୫ ବୈଶ୍ୱିକ ବ୍ୟବସାୟକୁ ଓଡ଼ିଶା ଆଡ଼କୁ ଆକୃଷ୍ଟ କରିବ, ଯାହା ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ।

### ଓପିଏସ୍‌ସିରେ ୩ଜଣଙ୍କ ନିଯୁକ୍ତିକୁ ଅନୁମୋଦନ

ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ପଦରେ ତିନିଜଣଙ୍କ ନିଯୁକ୍ତିକୁ ନିୟମିତ କରିବା ଲାଗି ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ସୋମବାର ଲୋକସେବାଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ, ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ଭାବେ ଅବସରପ୍ରାପ୍ତ ଆଇଏଏସ୍ ଉଦୟ ନାରାୟଣ ଦାସ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀର ଅଧ୍ୟକ୍ଷ ମିହିର ପ୍ରସାଦ ମିଶ୍ର ଏବଂ ଅବସରପ୍ରାପ୍ତ ଆଇଏଏସ୍ ମନୋଜ କୁମାର ମହାନ୍ତି ପୂର୍ବରୁ ନିଯୁକ୍ତ ହୋଇଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରତ୍ୟାଶା ପୂର୍ବକ ଜୁଲାଇ ୧୦ରେ ନିଯୁକ୍ତି ଦିଆଯାଇଛି। ସୋମବାର ରାଜ୍ୟ କ୍ୟାବିନେଟ୍ ସମ୍ପୃକ୍ତ ସଦସ୍ୟଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି।


एनटीपीसी NTPC
ଏନ୍‌ଟିପିସି ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
50 YEARS OF POWERING GROWTH

**ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ**
ଏନ୍‌ଟିପିସି ଦର୍ଲିପାଲିରୁ ସଡ଼କ ପ୍ରକଳ୍ପ, ଖଣି ବ୍ୟାକଫିଲିଂ, ଖଣି ଓବି ମିକ୍ସ, ସମୁଦ୍ରତଟ ସୁରକ୍ଷା ଢାଞ୍ଚା, ବନ୍ଧ ନିର୍ମାଣ ଆଦି ଅନୁରୂପ ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ପଣ୍ଡ୍ ଆଶ୍ ଯୋଗାଣ ନିମନ୍ତେ

**ବିଜ୍ଞପ୍ତି ସଂଖ୍ୟା: ଏଏମ୍-ଦର୍ଲିପାଲି/ପଣ୍ଡ୍ ଆଶ୍/୨୦୨୫/୦୨** **ତାରିଖ: ୨୬।୦୮।୨୦୨୫**
ଏନ୍‌ଟିପିସି ଲିମିଟେଡ୍‌ର ଦର୍ଲିପାଲି ସୁପର୍ ଥର୍ମାଲ୍ ପାୱାର ଷ୍ଟେଶନ, ଯାହା ସୁନ୍ଦରଗଡ଼/ଝାରସୁଗୁଡ଼ାଠାରୁ ପ୍ରାୟ ୩୨ କିମି ଦୂରରେ ଅବସ୍ଥିତ, ଏହି ପ୍ରକାଶନ ତାରିଖଠାରୁ ୧ ବର୍ଷ ଅବଧି ପାଇଁ ଏନ୍‌ଟିପିସି ଦର୍ଲିପାଲିର ଆଶ୍ ପଣ୍ଡରୁ **'ନିଃଶୁଳ୍କ ଭିତ୍ତିରେ' ଏବଂ 'ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'** ଉପରେ ଦର୍ଶାଯାଇଥିବା ଅନୁଯାୟୀ ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ତଥା ପ୍ରଚଳିତ ଏମ୍ଓଇଏଫ୍ ଆଣ୍ଡ ସିସି ଅଧିସୂଚନା ଓ ନୀତି ଅନୁସାରେ ୧୧୭ ଲକ୍ଷ ସିୟୁଏମ୍ ପଣ୍ଡ୍ ଆଶ୍ ଜାରି କରିବା ଲାଗି ଆଗ୍ରହୀ ଆଶ୍ ଉପଭୋକ୍ତାଙ୍କଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆମନ୍ତ୍ରଣ କରୁଛି। **ପରିବହନ ଖର୍ଚ୍ଚ ଏନ୍‌ଟିପିସି ଦର୍ଲିପାଲି ଦ୍ୱାରା ବହନ କରାଯିବ।**

କେମିତି ଆବେଦନ କରିବେ
ଆଗ୍ରହୀ ପକ୍ଷବୃନ୍ଦଙ୍କୁ ମେଲ୍: **emgdarlipali@ntpc.co.in** ରେ ସେମାନଙ୍କର ଆବଶ୍ୟକତାକୁ ଦାଖଲ କରିବା ପାଇଁ ଅନୁରୋଧ କରାଯାଉଛି। ବିବରଣୀ ନିମ୍ନଲିଖିତ ଠିକଣାରୁ ମଧ୍ୟ ହାସଲ କରାଯାଇପାରିବ।
**ଠିକଣା:** ଏଜିଏମ୍ (ଇଏମ୍‌ଜି-ଏୟୁ), ଦର୍ଲିପାଲି ସୁପର୍ ଥର୍ମାଲ୍ ପାୱାର ଷ୍ଟେଶନ୍, ଏନ୍‌ଟିପିସି ଲିମିଟେଡ୍, ପୋଷ୍ଟ- ଦର୍ଲିପାଲି, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା – ୭୭୦୦୭୨।
ମୋ.: ୯୪୩୭୫୬୮୨୯୩, ୯୬୫୦୯୯୩୭୪୩, ୯୬୫୦୯୯୯୫୪୭, ୯୪୩୭୦୧୮୪୫୩
Leading the Power Sector





## ଓଡ଼ିଶା ହେବ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ହବ୍

### ଇସିଏମ୍ ନୀତିକୁ କ୍ୟାବିନେଟ୍‌ର ମୋହର

ଭୁବନେଶ୍ୱର, ୨୫।୮
(ରବିନାରାୟଣ ଜେନା)

ଓଡ଼ିଶାକୁ ଏକ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଉତ୍ପାଦନ (ଇସିଏମ୍) ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଉତ୍ପାଦନ ନୀତି-୨୦୨୫କୁ ଅନୁମୋଦନ କରାଯାଇଛି। ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଏହି ନୀତି କାର୍ଯ୍ୟକାରୀ ହେବା ପରେ ଉଚ୍ଚ ଦକ୍ଷତାସମ୍ପନ୍ନ ନିଯୁକ୍ତି ସୃଷ୍ଟି ହେବା ସହ ଭାରତର ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟଗୁଡ଼ିକର ଆମଦାନୀ ନିର୍ଭରତାକୁ ହ୍ରାସ କରିବ। ଏହି ନୀତିରେ ଏକ ସମ୍ପୂର୍ଣ୍ଣ ପ୍ରୋତ୍ସାହନ ଫ୍ରେମ୍‌ୱର୍କ ରହିଛି, ଯାହା କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଉତ୍ପାଦନ ଯୋଜନା (ଇସିଏମ୍ଏସ୍)ର ସହାୟତାକୁ ପୂର୍ଣ୍ଣରୂପେ ମ୍ୟାଚ୍ କରୁଛି। ନିବେଶକାରୀମାନେ ପ୍ରଥମ ୧୦ଟି ମେଗା ପ୍ରକଳ୍ପ ୫୦% ପୁଞ୍ଜି ସବ୍‌ସିଡି ବାଛିପାରିବେ କିମ୍ବା ମ୍ୟାଚିଂ ସବ୍‌ସିଡି ସହ ଟର୍ନଓଭର୍-ଲିଙ୍କ୍‌ଡ ପ୍ରୋତ୍ସାହନ ଏବଂ ଅତିରିକ୍ତ ପୁଞ୍ଜି ସବ୍‌ସିଡି ଦ୍ୱାରା ପରିପୂରକ ସବ୍‌ସିଡି ମଧ୍ୟରୁ ଗୋଟିଏକୁ ବାଛିପାରିବେ। ଅନ୍ୟାନ୍ୟ ମୁଖ୍ୟ ଲାଭ ମଧ୍ୟରେ ଜମି ବଣ୍ଟନ, ଭଡ଼ା ସହାୟତା, ୧୦ ବର୍ଷର ବିଦ୍ୟୁତ୍ ଶୁଳ୍କ ଛାଡ଼ ଏବଂ ବିଦ୍ୟୁତ୍ ଟାରିଫ୍ ରିମ୍ବର୍ସମେଣ୍ଟ ରହିଛି, ଯାହା ପ୍ରକଳ୍ପ ନିବେଶର ୭୫ ପ୍ରତିଶତ ମଧ୍ୟରେ ସୀମିତ ରହିବ। ଏହାଛଡ଼ା ମେଗା ପ୍ରୋଜେକ୍ଟଗୁଡ଼ିକ ପାଇଁ ବିଶେଷ ବ୍ୟବସ୍ଥା ରହିଛି, ଯେଉଁଥିରେ ୫୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କିମ୍ବା ୧୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା ପ୍ରକଳ୍ପଗୁଡ଼ିକୁ କଷ୍ଟୋମାଇଜଡ୍ ରିହାତି ପ୍ରଦାନ କରାଯିବ। ଏହି ପଦକ୍ଷେପ କେନ୍ଦ୍ରର 'ମେକ୍ ଇନ୍ ଇଣ୍ଡିଆ' ଦର୍ଶନ ସହ ସମନ୍ୱିତ ହୋଇ ଆତ୍ମନିର୍ଭର ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମ୍ ଗଠନ କରିବ ଏବଂ ଓଡ଼ିଶାର ଶିଳ୍ପାୟନ ବୃଦ୍ଧି ଘଟାଇବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ କ୍ୟାବିନେଟ୍ ୪ର୍ଥ ପ୍ରସ୍ତାବ ଯଥା ଆସନ୍ତା ୧୮ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ମୌସୁମୀ ଅଧିବେଶନକୁ ଅନୁମୋଦନ ଦେଇଛନ୍ତି।




## ନବୀନ ନିବାସ ଯାଇ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ରାଜ୍ୟପାଳ



ନବୀନ ନିବାସରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କ ସହ ନବୀନ।

ଭୁବନେଶ୍ୱର, ୨୫।୮(ସୁନିତ୍ ମିଶ୍ର)

ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ସୋମବାର ନବୀନ ନିବାସ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ପ୍ରାୟ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିରୋଧୀ ଦଳ ନେତା ନିଜ ସ୍ୱାସ୍ଥ୍ୟାବସ୍ଥାର ସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ଆଲୋଚନା ବନ୍ଧୁତ୍ୱପୂର୍ଣ୍ଣ ଏବଂ ଅନୌପଚାରିକ ରହିଥିବା ରାଜ୍ୟପାଳ ସୂଚନା ଦେଇଛନ୍ତି। ନବୀନଙ୍କ ଆଶୁ ଆରୋଗ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ରାଜ୍ୟପାଳ ପ୍ରାର୍ଥନା କରିଛନ୍ତି।

ସୂଚନାଯୋଗ୍ୟ, ଡିହାଇଡ୍ରେସନ ଜନିତ ସମସ୍ୟା ଯୋଗୁ ନବୀନ କିଛିଦିନ ତଳେ ସ୍ଥାନୀୟ ଘରୋଇ ହସ୍ପିଟାଲ ସମ୍ ଅଲଟିମେଟ୍‌ରେ ଚିକିତ୍ସିତ ହୋଇଥିଲେ। ୪ ଦିନ ହସ୍ପିଟାଲରେ ରହିବା ପରେ ସେ ସୁସ୍ଥ ହୋଇ ନବୀନ ନିବାସ ଫେରିଛନ୍ତି। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଯାଇଥିଲେ। ଏହାପରେ ରାଜ୍ୟପାଳ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଛନ୍ତି।



ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା- ଆମେ ନିଜକୁ ଜାଣିବା- ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା- କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ- ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। -ଶ୍ରୀମା



# ଗାଜା ଦୁର୍ଭିକ୍ଷ

ମଧ୍ୟପ୍ରାଚ୍ୟର ଯୁଦ୍ଧବିଧ୍ୱସ୍ତ ପାଲେଷ୍ଟାଇନ୍‌ର ଗାଜାରେ ଏବେ ମନୁଷ୍ୟକୃତ ଦୁର୍ଭିକ୍ଷ ବା ଉତ୍କଟ ଖାଦ୍ୟାଭାବ ଦେଖାଦେଇଛି। ୭ ଅକ୍ଟୋବର ୨୦୨୩ର ଇସ୍ରାଏଲ ଓ ହମାସ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ଜାତିସଂଘ କହିଛି । ଦୀର୍ଘ ୨୨ ମାସର ସାମରିକ କାର୍ଯ୍ୟାନୁଷ୍ଠାନ ଗାଜାକୁ ଧ୍ୱଂସସ୍ତୂପରେ ପରିଣତ କରିଛି ବୋଲି ଅନ୍ତର୍ଜାତୀୟ ସ୍ତରରେ ଯେଉଁ ବ୍ୟାଖ୍ୟାନ ସୃଷ୍ଟି କରାଯାଇଛି ତାହାକୁ ତର୍ଜମା କରାଯିବା ଦରକାର। ଇସ୍ରାଏଲ ଉପରେ ଆତଙ୍କବାଦୀ ସଙ୍ଗଠନ ହମାସ ପ୍ରଥମେ ଆକ୍ରମଣ କରି ଅନେକ ଇସ୍ରାଏଲୀଙ୍କୁ ମାରିଥିବା ବେଳେ ଅନେକଙ୍କୁ ପଣବନ୍ଦୀ କରିଥିଲା। ଇସ୍ରାଏଲ ପ୍ରତିଆକ୍ରମଣ କରିବାକୁ ଯାଇ ଯେତେବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ବର୍ତ୍ତମାନ ତାହାକୁ ଦୋଷୀ ଭାବେ ଦେଖାଯାଉଛି। ଯାହା କୁହାଯାଉଛି ଯେ ଗାଜା ଅଞ୍ଚଳର ଲୋକଙ୍କ ପାଖକୁ ପଠାଯାଉଥିବା ଖାଦ୍ୟକୁ ଇସ୍ରାଏଲ ବନ୍ଦ କରୁଛି, ତାହାକୁ ନେଇ ପ୍ରଶ୍ନ ଉଠିଲାଣି। କାରଣ ଅନ୍ତର୍ଜାତୀୟ ସହାନୁଭୂତି ଗୋଟାଇବାକୁ ଯାଇ ହମାସ ପାଲେଷ୍ଟିନୀୟ ମହିଳା ଓ ଶିଶୁଙ୍କୁ ବ୍ୟବହାର କରୁଛି ବୋଲି ମଧ୍ୟ ଶୁଣାଯାଉଛି। ବିଭିନ୍ନ ସହାୟତା କେନ୍ଦ୍ରରୁ ଗାଜାର ଲୋକମାନଙ୍କୁ ଖାଦ୍ୟ ଦିଆଯାଉ ନାହିଁ ବୋଲି ଦର୍ଶାଇବାରେ ହମାସର ହାତ ରହିଥିବା ଆଲୋଚନା ହେଉଛି। ଏହି ଆତଙ୍କବାଦୀ ସଙ୍ଗଠନକୁ ସମର୍ଥନ ଦେଇ ଅନେକ ରାଷ୍ଟ୍ର ଓ ଉଦାରବାଦୀ ଦେଖାଉଥିବା ବ୍ୟକ୍ତିମାନେ ଇସ୍ରାଏଲ ବିପକ୍ଷ ସ୍ଲୋଗାନ ଦେଉଛନ୍ତି। ଫଳରେ ବିଶ୍ୱବ୍ୟାପୀ ଗୋଟେ 'ଘୋ' ସୃଷ୍ଟି ହୋଇଯାଇଛି ଯେ, ଗାଜାରେ ମନୁଷ୍ୟକୃତ ଦୁର୍ଭିକ୍ଷ ଇସ୍ରାଏଲ ସୃଷ୍ଟି କରିଛି।

> **ଅନ୍ତର୍ଜାତୀୟ ସହାନୁଭୂତି ଗୋଟାଇବାକୁ ଯାଇ ହମାସ ପାଲେଷ୍ଟିନୀୟ ମହିଳା ଓ ଶିଶୁଙ୍କୁ ବ୍ୟବହାର କରୁଛି ବୋଲି ଶୁଣାଯାଉଛି। ବିଭିନ୍ନ ସହାୟତା କେନ୍ଦ୍ରରୁ ଗାଜାର ଲୋକମାନଙ୍କୁ ଖାଦ୍ୟ ଦିଆଯାଉ ନାହିଁ ବୋଲି ଦର୍ଶାଇବାରେ ହମାସର ହାତ ରହିଛି ବୋଲି ଆଲୋଚନା ହେଉଛି। ଏହି ଆତଙ୍କବାଦୀ ସଙ୍ଗଠନକୁ ସମର୍ଥନ ଦେଇ ଅନେକ ରାଷ୍ଟ୍ର ଓ ଉଦାରବାଦୀ ଦେଖାଉଥିବା ବ୍ୟକ୍ତିମାନେ ଇସ୍ରାଏଲ ବିପକ୍ଷ ସ୍ଲୋଗାନ ଦେଉଛନ୍ତି। ଫଳରେ ବିଶ୍ୱବ୍ୟାପୀ ଗୋଟେ 'ଘୋ' ସୃଷ୍ଟି ହୋଇଯାଇଛି ଯେ, ଗାଜାରେ ମନୁଷ୍ୟକୃତ ଦୁର୍ଭିକ୍ଷ ଇସ୍ରାଏଲ ସୃଷ୍ଟି କରିଛି।**

ଏହି ପରିପ୍ରେକ୍ଷୀରେ ଗତ ମେ'ରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ୪ ଦିନିଆ ଯୁଦ୍ଧକୁ ଉଦାହରଣ ଭାବେ ନିଆଯାଇପାରେ। 'ଅପରେଶନ ସିନ୍ଦୂର' ଜରିଆରେ ପାକିସ୍ତାନର ପ୍ରଭୂତ କ୍ଷତି ଭାରତ କରିଛି ବୋଲି ଗୋଟେ ବ୍ୟାଖ୍ୟାନ କରାଯାଇଥିଲା। ଯୁଦ୍ଧର ଅବଧି ବଢ଼ିଥିଲେ ପାକିସ୍ତାନୀମାନେ ଭାରତ ବିରୋଧୀ ଅଭିଯାନରେ ହୁଏତ ଅଧିକ ସଫଳ ହୋଇଥାଆନ୍ତେ। କାରଣ ଯେତିକି ଦିନର ଘଟଣା ବିଷୟରେ ଆଲୋଚନା ହେଲା ସେଥିରେ ଭାରତର ସ୍ୱର, ଇସ୍ରାଏଲ ଭଳିଆ ଦୁର୍ବଳ ପଡ଼ିଗଲା। ଭାରତୀୟମାନେ ସେମାନଙ୍କ ପଡ଼ୋଶୀ ଦେଶର ବ୍ୟବହାରକୁ ଭଲ ଭାବେ ଜାଣିଥିବାରୁ ସେମାନଙ୍କ ଆକ୍ରମଣାତ୍ମକ ଚରିତ୍ରକୁ ବୁଝିଛନ୍ତି। ସେହିପରି ଇସ୍ରାଏଲ ମଧ୍ୟ ତା' ଚାରିକଡ଼େ ଥିବା ମୁସଲମାନ ରାଷ୍ଟ୍ରର କାର୍ଯ୍ୟକଳାପକୁ ଦୀର୍ଘ ଦଶନ୍ଧି ଧରି ଦେଖିଆସୁଛି। ତା' ନିଜ ଭୂଖଣ୍ଡକୁ ସୁରକ୍ଷିତ ରଖିବା ଲାଗି ନେଉଥିବା ପଦକ୍ଷେପକୁ କେତେକ ରାଷ୍ଟ୍ର ପାଲେଷ୍ଟିନୀୟଙ୍କ ପାଇଁ ଘୋର ବିପତ୍ତି ଆଣିଥିବା କହୁଛନ୍ତି। ହେଲେ ପ୍ରଥମେ ଇସ୍ରାଏଲ ଉପରେ ଆକ୍ରମଣ କରିଥିବା ହମାସ ଓ ଅନେକ ଇସ୍ରାଏଲୀଙ୍କୁ ପଣବନ୍ଦୀ ରଖି ନିର୍ଯାତନା ଦେଉଥିବା ବିଷୟ ଏବେ ଅନ୍ତର୍ଜାତୀୟ ଗଣମାଧ୍ୟମରୁ ଲୁଚିଯାଉଛି। ଯେଉଁ ସମୟର ଇତିହାସକୁ ବଦଳାଇ ଦିଆଯାଏ, ସେତେବେଳେ ଅନ୍ୟାୟ କରୁଥିବା ବ୍ୟକ୍ତି ବା ଗୋଷ୍ଠୀ ନ୍ୟାୟବନ୍ତ ପାଲଟିଯିବାକୁ ଚେଷ୍ଟା କରେ। ଆଜି ଇସ୍ରାଏଲ ଭଳି ଭାରତ ମଧ୍ୟ ଏକ ପ୍ରକାରର ଅଠାକାଠିରେ ପଡ଼ିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | 7 | | |
| | 8 | 4 | 5 | | | 2 | | |
| 3 | | | | | | 6 | | |
| 2 | | | | 3 | | | 7 | |
| | | | 7 | | 4 | | 9 | |
| | 7 | | | | 5 | 8 | | |
| | | | 1 | | 7 | | | |
| 4 | | 2 | | | | | | |
| | | | | | 6 | 5 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 3 | 4 | 2 | 6 | 8 | 7 |
| 2 | 8 | 7 | 9 | 5 | 6 | 3 | 1 | 4 |
| 4 | 6 | 3 | 1 | 7 | 8 | 2 | 5 | 9 |
| 3 | 1 | 2 | 4 | 8 | 7 | 5 | 9 | 6 |
| 7 | 4 | 9 | 6 | 3 | 5 | 8 | 2 | 1 |
| 8 | 5 | 6 | 2 | 1 | 9 | 4 | 7 | 3 |
| 5 | 7 | 1 | 8 | 6 | 4 | 9 | 3 | 2 |
| 9 | 3 | 4 | 5 | 2 | 1 | 7 | 6 | 8 |
| 6 | 2 | 8 | 7 | 9 | 3 | 1 | 4 | 5 |

ଗତକାଲିର ଉତ୍ତର

# ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ତା'ର ପ୍ରଭାବ



ଛାୟାକାନ୍ତ ଷଡ଼ଙ୍ଗୀ

ଓଡ଼ିଶାରେ ଯେତିକି ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଛି ତାହା ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଇଁ ଯଥେଷ୍ଟ ନୁହେଁ। ଏଣୁ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଖୋଲାଯାଉଛି ଏବଂ ସେହିସବୁ ଅନୁଷ୍ଠାନରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ପଢୁଛନ୍ତି। ଏଣୁ ରାଜ୍ୟରେ ଶିକ୍ଷାର ପ୍ରସାର କରିବାକୁ ହେଲେ ବେସରକାରୀ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଦୃଢ଼ କରିବାକୁ ପଡ଼ିବ। ମାତ୍ର ଏହି ଅନୁଷ୍ଠାନଗୁଡିକରେ ଯେଉଁମାନେ ଅଧ୍ୟାପନା କରନ୍ତି ସେମାନେ ସ୍ୱଳ୍ପ ଦରମା ପାଆନ୍ତି। ଅନୁଷ୍ଠାନଗୁଡ଼ିକ ବହୁବର୍ଷ ପରେ ଅନୁଦାନ ପାଏ ଓ ଅଧ୍ୟାପକ / ଶିକ୍ଷକମାନେ ସରକାରଙ୍କଠାରୁ ପ୍ରତ୍ୟକ୍ଷ ଦରମା ପାଆନ୍ତି। ମାତ୍ର ସେମାନଙ୍କ ଚାକିରି ସର୍ତ୍ତାବଳୀ ନ ଥାଏ। ୩୦ ବର୍ଷରୁ ଅଧିକ ବର୍ଷ ଚାକିରି କଲାପରେ ମଧ୍ୟ ସେମାନଙ୍କ ପାଇଁ ଗ୍ରାଚୁଇଟି ଓ ପେନ୍‌ସନ୍ ବ୍ୟବସ୍ଥା ନ ଥାଏ। ସେମାନେ ଆର୍ଥିକ ଅନଟନ ଭିତରେ ଚଳନ୍ତି। ଏଣୁ ଯେଉଁମାନେ ପ୍ରତିଭାଶାଳୀ ସେମାନେ ବେସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରିବା ପାଇଁ ଆସନ୍ତି ନାହିଁ। କେହିକେହି ବିଭିନ୍ନ ବ୍ୟବସାୟ କରି ସନ୍ତୋଷଜନକ ଅର୍ଥ ରୋଜଗାର କରନ୍ତି। ଦ୍ୱିତୀୟତଃ କିଛି ବ୍ୟକ୍ତି ଏହିସବୁ ଅନୁଷ୍ଠାନରେ ଯୋଗ ଦିଅନ୍ତି, ମାତ୍ର ସ୍ୱଳ୍ପ ଦରମାଯୁକ୍ତ ଗ୍ରାଚୁଇଟି ପେନ୍‌ସନବିହୀନ ଚାକିରି କରି ପରିବାର ପୋଷଣ ସମ୍ଭବ ହେଉ ନ ଥିବାରୁ ଘରୋଇ ଟିଉସନ୍ କରି କିଛି ଉପାର୍ଜନ କରନ୍ତି। ଟିଉସନ୍ ସେମାନଙ୍କ ପାଇଁ ଆବଶ୍ୟକତା ହୋଇଯାଏ। ଏହାଦ୍ୱାରା ଶିକ୍ଷା ଏକ ପଣ୍ୟଦ୍ରବ୍ୟ ହୋଇଯାଏ। ଫଳରେ ଶିକ୍ଷକଙ୍କ ପ୍ରତି ଛାତ୍ରୀଛାତ୍ରଙ୍କର ଆନ୍ତରିକ ଭକ୍ତି ଓ ସମ୍ମାନ ରହେନାହିଁ। ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନେ ଶିକ୍ଷା ସମାପ୍ତ କଲାପରେ ଯଦି ଶିକ୍ଷକ / ଅଧ୍ୟାପକ ନ ହେବେ, ଉନ୍ନତମାନର ଶିକ୍ଷା ସମ୍ଭବ ହେବ କିପରି? ଆମ ରାଜ୍ୟରେ ଆଜି ତାହା ହିଁ ଘଟୁଛି। ପ୍ରତିଭାବାନ୍ ଛାତ୍ରୀଛାତ୍ର ଶିକ୍ଷକତା କ୍ଷେତ୍ରକୁ ଆସୁନାହାନ୍ତି।

ଏହି ପ୍ରସଙ୍ଗରେ ପାରସ୍ୟର ଏକ କାହାଣୀ ପ୍ରଣିଧାନ ଯୋଗ୍ୟ ମନେହୁଏ। ଜଣେ ଗାଉଁଲି ବେପାରୀ ତା' ଗଧ ଉପରେ କିଛି ବୋଝ ଲଦି ହାଟ ଉଦ୍ଦେଶ୍ୟରେ ପଥ ଅତିକ୍ରମ କରୁଥାଏ। ଦୈବାତ୍ ଜଣେ ପଥିକ ତାଙ୍କ ସାଥୀ ହେଲେ। ପଥ ଅତିକ୍ରମ କରୁ କରୁ ସେ ପଥିକ ଜଣକ କଥା ପ୍ରସଙ୍ଗରେ ବେପାରୀକୁ ବିଜ୍ଞାନ, ଭୂଗୋଳ, ସାହିତ୍ୟ, ଧର୍ମ ଆଦି ବିବିଧ ବିଷୟରେ କିଛି କିଛି କହୁଥାଏ। କଥାବାର୍ତ୍ତାରୁ ବେପାରୀ ଅନୁଭବ କଲା ପଥିକ ଜଣକ ଅସାଧାରଣ ଜ୍ଞାନୀ। ଗଧଟି କ୍ଳାନ୍ତ ହୋଇଯାଇଥିବାର ଅନୁଭବ କରି ପଥିକଜଣକ ବେପାରୀକୁ ପଚାରିଲେ, ''ତୁମେ ଗଧ ପିଠିରେ କ'ଣ ଲଦିଛ ଯେ ଗଧଟି ହାଲିଆ ହୋଇଗଲାଣି?'' ବେପାରୀ ଉତ୍ତର ଦେଲା, ''ପିଠିର ବାମପାଖରେ ଚାଉଳ ଓ ଡାହାଣ ପାଖରେ ଓଜନ ଭାରସାମ୍ୟ ରକ୍ଷା କରିବା ପାଇଁ ବାଲି ରଖିଛି।'' ପଥିକ କହିଲେ, ''ତୁମେ ସେହି ଚାଉଳକୁ ସମାନ ଦୁଇଭାଗ କରି ଦୁଇପାଖରେ ରଖିଥିଲେ ତ ଭାରସାମ୍ୟ ରକ୍ଷା ହୋଇପାରିଥାନ୍ତା ଓ ଗଧ ପିଠିରେ ଓଜନ ବି କମିଥାନ୍ତା। ଗଧଟି ହାଲିଆ ହୁଅନ୍ତା ନାହିଁ।'' ବେପାରୀ ମନକୁ କଥାଟା ଛୁଇଁଲା। ସେ କହିଲା, ''ମହାଶୟ! ଆପଣ ପ୍ରକୃତରେ ଅସାଧାରଣ ଜ୍ଞାନୀ। ଆପଣ ନିଶ୍ଚୟ ଜଣେ ସଫଳ ମଣିଷ ହୋଇଥିବେ। ଆପଣଙ୍କର କେତେ ଗଧ ଅଛନ୍ତି, କେତେ ଜମିଜମା ଅଛି?'' ପଥିକ ଉତ୍ତର ଦେଲେ, ''ମୋର ଗଧ ନାହିଁ କି ଜମି ନାହିଁ। କୋଠା ନାହିଁ କି ସଞ୍ଚୟ ନାହିଁ। ମୁଁ ଏମିତି ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁ ବୁଲେ। ମୋର ଅର୍ଜିତ ଜ୍ଞାନକୁ ବିତରଣ କରେ। ଯାହା ମିଳେ ଖାଏ। ବେଳେବେଳେ ଖାଇବାକୁ ମିଳେନାହିଁ। ତଥାପି ମୋଟ ଉପରେ ମୁଁ ଖୁସିରେ ଅଛି।'' ବେପାରୀ ଏତକ ଶୁଣି ଅଟକିଗଲା ଓ ଚକିତ ହୋଇ ଛିଡ଼ାହେଲା। ପଥିକ ପଚାରିଲେ, ''କ'ଣ ହେଲା?'' ବେପାରୀ ଉତ୍ତର ଦେଲା, ''ଆଜ୍ଞା ଜ୍ଞାନର ଫଳ ଯଦି ଏହା ହୁଏ, ମୁଠେ ଖାଇବାକୁ ମିଳେ ନାହିଁ, କୋଠାଟିଏ କରିହୁଏ ନାହିଁ, ମୁଁ ବରଂ ଗଧ ପିଠିରେ ବାଲିବସ୍ତା ଥୋଇ ଭାରସାମ୍ୟ ରକ୍ଷା କରିବି, ତୁମ ସାଙ୍ଗରେ ବାଟ ଚାଲି ଜ୍ଞାନ ସଂଗ୍ରହ କରି ଭୋକିଲା ରହିବି ନାହିଁ।'' ବେପାରୀ ବାଟ ଭାଙ୍ଗି ଚାଲିଗଲା। ଆଜି ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନଙ୍କ ଅବସ୍ଥା ଠିକ୍ ଏହି ବେପାରୀ ଭଳି। ଯଦି କଠିନ ପରିଶ୍ରମ କରି ପରୀକ୍ଷାରେ ଭଲ ନମ୍ବର ରଖି ଅଧ୍ୟାପକ ହୋଇ ମଧ୍ୟ ପୂର୍ଣ୍ଣ ଦରମା ନ ପାଇ ପେନ୍‌ସନ ନ ପାଇ ସର୍ତ୍ତାବଳୀ ନ ଥାଇ ଦୟନୀୟ ଚାକିରି କରିବାକୁ ପଡ଼େ, ମୁଁ ଅନ୍ୟ ବ୍ୟବସାୟ କରି ପ୍ରଭୂତ ଅର୍ଥ ଉପାର୍ଜନ ନ କରିବି କାହିଁକି? ଏହିଭଳି ଚିନ୍ତାକରି ଆଜି ଅନେକ ପ୍ରତିଭାଶାଳୀ ବ୍ୟକ୍ତି ଶିକ୍ଷାକ୍ଷେତ୍ରକୁ ଆସୁନାହାନ୍ତି।



ବୋଧହୁଏ ୧୯୯୮ ମସିହାର କଥା। ଦିଲ୍ଲୀରେ ଜାତୀୟ ୟୁନେସ୍କୋ କମିଶନଦ୍ୱାରା ଆୟୋଜିତ ଏକ ସଭାରେ ''ଶିକ୍ଷା ଓ ମାନବଜାତିର ଭବିଷ୍ୟତ'' ଉପରେ ଏକ ବକ୍ତୃତା ଦେଇ ବିଶିଷ୍ଟ ଲେଖକ ମନୋଜ ଦାସ ଫେରୁଥାନ୍ତି। ଜଣେ ସର୍ବୋଦୟ କର୍ମୀ ବୟୋବୃଦ୍ଧ ସହ ତାଙ୍କର ସାକ୍ଷାତ୍ ହେଲା। କଥାପ୍ରସଙ୍ଗରେ ସେହି ବୃଦ୍ଧ ମନୋଜ ଦାସଙ୍କୁ କହିଥିଲେ ଘରୋଇ ଟିଉସନ୍‌ର ପ୍ରଭାବ ସମ୍ପର୍କରେ। ଘଟଣାଟି ଥିଲା ନିଜ ହାକିମ ନାତିଙ୍କ ଜୀବନକୁ ନେଇ। ଦିନେ ଜଣେ ଭଦ୍ରଲୋକ ଏକ ଆବେଦନ ପତ୍ର ଧରି ହାକିମଙ୍କ ପାଖରେ ପହଞ୍ଚିଲେ। ହାକିମ ତାକୁ ଟିକେ ଚାହିଁଦେଇ ପୂର୍ବରୁ ଆସିଥିବା ଦୁଇଜଣ ଭଦ୍ରବ୍ୟକ୍ତିଙ୍କ ସହ କଥାବାର୍ତ୍ତାରେ ବ୍ୟାପୃତ ରହିଲେ। ଆଗନ୍ତୁକ ଧୈର୍ଯ୍ୟହରା ହୋଇ ହାକିମଙ୍କୁ କହିଲେ, ''ଆପଣ ବୋଧହୁଏ ମୋତେ ଚିହ୍ନିପାରୁ ନାହାନ୍ତି?'' ହାକିମ କହିଲେ, ''ଚିହ୍ନିଲି। ମାତ୍ର ସେମାନେ ପୂର୍ବରୁ ମୋ ସମୟ ନେଇ ଆସିଥିବାରୁ ତାଙ୍କ କାମ ଆଗେ ସାରିଲି। ଏବେ ଆପଣ କୁହନ୍ତୁ।'' ଆଗନ୍ତୁକ ନିଜ ପରିଚୟ ଦେଇ କହିଲେ, ''ଆପଣ ମୋର ଛାତ୍ର ଥିଲେ। ଏଣୁ ମୋର ଏହି ଆବେଦନଟିକୁ ଆପଣ ସମାଧାନ କରିଦେବେ ବୋଲି ଆଶା କରି ଆପଣଙ୍କ ପାଖକୁ ଆସିଛି।'' ହାକିମ ଆବେଦନଟିକୁ ପଢ଼ିଲେ ଓ କହିଲେ, ''ଆପଣଙ୍କ ଅନୁରୋଧ ନିୟମ ଅନୁମୋଦିତ ନୁହେଁ। ଏଣୁ କିଛି ସାହାଯ୍ୟ କରିହେବ ନାହିଁ।'' ସେହି ଆଗନ୍ତୁକ ଶିକ୍ଷକ କହିଲେ, ''ନିୟମ ଊର୍ଦ୍ଧ୍ୱରେ ମାନବିକତା ତ ଅଛି। ସେହି ଦୃଷ୍ଟିରୁ ଛାତ୍ର ହିସାବରେ ଶିକ୍ଷକର ସମସ୍ୟା ପ୍ରତି ଧ୍ୟାନ ଦେବେ ବୋଲି ମୋର ଆଶା।'' ତା'ପରେ ହାକିମ ଯାହା କହିଲେ ତାହା ହିଁ ପ୍ରଣିଧାନ ଯୋଗ୍ୟ।

ହାକିମ କହିଲେ, ''ମହାଶୟ! ଆପଣ ଥିଲେ ସରକାରୀ ଶିକ୍ଷକ। ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ପାଇଁ ସରକାର ଆପଣଙ୍କୁ ନିୟମିତ ଦରମା ଦେଉଥିଲେ। ସରକାର ଯେଉଁ ଦରମା ଦେଉଥିଲେ ତାହା ଥିଲା ଜନସାଧାରଣଙ୍କଠାରୁ ସଂଗୃହୀତ ବିଭିନ୍ନ ଟିକସ। ମାତ୍ର ଆପଣ ବିଦ୍ୟାଳୟରେ ଆନ୍ତରିକ ଭାବରେ ଶିକ୍ଷାଦାନ ନ କରି ଘରୋଇ ଟିଉସନ୍ କରୁଥିଲେ। ମୋ ବାପାଙ୍କ ଆର୍ଥିକ ସମ୍ବଳଥିବାରୁ ସେ ଆପଣଙ୍କ ନିକଟକୁ ଟିଉସନ୍ ପାଇଁ ପଠାଇଥିଲେ। ମାତ୍ର ମୋର କେତେଜଣ ସହପାଠୀ ଗରିବ ପରିବାରର ହୋଇଥିବାରୁ ଆପଣଙ୍କୁ ଅର୍ଥ ଦେଇ ନ ପାରି ଟିଉସନ୍‌ରୁ ବଞ୍ଚିତ ହେଲେ ଓ ପରୀକ୍ଷାରେ ଭଲ କରିପାରିଲେ ନାହିଁ।'' ଶିକ୍ଷକ ହସ୍ତକ୍ଷେପ କରି କହିଲେ, ''ଦେଖ ବାବୁ, ଟିଉସନ୍ ହେଉ ପଛେ, ମୁଁ ତ ଆପଣଙ୍କୁ ଶିକ୍ଷାଦାନ କରିଥିଲି।'' ହାକିମ କହିଲେ, ''ମହାଶୟ! ଶିକ୍ଷାଦାନ ଏକ ପବିତ୍ର କର୍ମ। ଯିଏ ଦାନକରେ ସେ ପ୍ରତିଦାନରେ କିଛି ଆଶା ରଖେନାହିଁ। ଧରନ୍ତୁ ମୁଁ ବଜାରରେ ଜଣେ ବ୍ୟବସାୟୀଙ୍କ ପାଖରୁ ଦୁଇଟି କମ୍ବଳ କିଣିଲି। ସେହି କମ୍ବଳ ବିକ୍ରେତା ଯଦି ମୋ ପାଖକୁ କୌଣସି ଆବେଦନ ଧରି ଆସେ ମୁଁ କ'ଣ ତା' ପ୍ରତି ଦରଦୀ ହେବି? ଠିକ୍ ସେପରି ମୁଁ ଆପଣଙ୍କ ପାଖରୁ ପାଠ ସଉଦା କରୁଥିଲି। ଏଣୁ ଆପଣଙ୍କ ପ୍ରତି ଦରଦୀ ହେବାର କୌଣସି କାରଣ ନାହିଁ।'' ଶିକ୍ଷକ ଏତକ ଶୁଣି ଚାଲିଗଲେ। ଏହି ଘଟଣାଟି ଘରୋଇ ଟିଉସନ୍‌ର ନକାରାତ୍ମକ ପ୍ରଭାବ ସମ୍ପର୍କରେ ସ୍ପଷ୍ଟ ଆଲୋକପାତ କରୁନାହିଁ କି? ଆଜି ଟିଉସନ୍ ପ୍ରଚଳନ କାରଣରୁ ବିଦ୍ୟା ଏକ ପଣ୍ୟଦ୍ରବ୍ୟ ହୋଇଥିବାରୁ ଛାତ୍ରୀଛାତ୍ରମାନଙ୍କ ଶିକ୍ଷକମାନଙ୍କ ପ୍ରତି ସମ୍ମାନ ଓ ଭକ୍ତି ରହୁନାହିଁ। ଗୁରୁ-ଶିଷ୍ୟ ସମ୍ପର୍କ ଆଉ ଅନାବିଳ ହୋଇ ରହିନାହିଁ। ଆଜି ଏହା କ୍ରେତା-ବିକ୍ରେତାର ସମ୍ପର୍କ। ଏଣୁ ସରକାର ସମାନ କାର୍ଯ୍ୟପାଇଁ ସମାନ ଦରମା ପ୍ରଚଳନ କରି, ଗ୍ରାଚୁଇଟି, ପେନ୍‌ସନ୍ ଆଦିର ବ୍ୟବସ୍ଥା କରି ଶିକ୍ଷକମାନଙ୍କ ଅଭାବ ଦୂରକଲେ ସେମାନେ ଆଉ ଟିଉସନ୍ କରି ପରିବାର ପ୍ରତିପୋଷଣ କରିବା ଚିନ୍ତା କରିବେ ନାହିଁ। ଚାକିରି ସର୍ତ୍ତାବଳୀ ପୂରଣ କଲାପରେ ଯଦି ସେମାନେ ପୁଣି ଅର୍ଥଲୋଭରେ ଟିଉସନ୍ କରନ୍ତି, ସେ କ୍ଷେତ୍ରରେ ତାହା ଦଣ୍ଡନୀୟ କର୍ମଭାବରେ ବିବେଚନା କଲେ କାହାରି ଆପତ୍ତି ରହିବ ନାହିଁ। ତେବେ ଶିକ୍ଷା ବ୍ୟବସ୍ଥା ସୁଧୁରିବ।

**ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ବିଧି-ବିଧାନରେ ବିଜ୍ଞାନ



ଉପେନ୍ଦ୍ର ବିଶ୍ୱାଳ

ନୋବେଲ ପୁରସ୍କାର ପ୍ରାପ୍ତ ବ୍ରିଟିଶ ଗଣିତଜ୍ଞ ଓ ଦାର୍ଶନିକ ବାର୍ଟାଣ୍ଡ ରସେଲଙ୍କ ଅନୁଯାୟୀ, ''ହିନ୍ଦୁତ୍ୱ ସମ୍ବନ୍ଧେ ମୁଁ ଅଧ୍ୟୟନ କରିଛି ଏବଂ ହୃଦ୍‌ବୋଧ କରିଛି ଯେ ଏହା ସମଗ୍ର ମାନବ ଜାତି ପାଇଁ ଅତ୍ୟନ୍ତ କଲ୍ୟାଣକାରୀ।'' ବିଶ୍ୱ ପ୍ରସିଦ୍ଧ ଲେଖକ ଓ ଚିନ୍ତାନାୟକ ହେଉଛନ୍ତି ହଷ୍ଟନ ସ୍ମିଥ। ତାଙ୍କର ୧୯୫୮ରେ ପ୍ରକାଶିତ THE WORLD'S RELIGIONS ପୁସ୍ତକଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ କପି ବିକ୍ରୟ ହୋଇ ବିଶ୍ୱ ରେକର୍ଡ କରିଛି। ତାଙ୍କ କଥାନୁଯାୟୀ, ''ଆମେ ଯେଉଁ ବିଶ୍ୱାସରେ ବନ୍ଧା ତା'ଠାରୁ କାହିଁ କେତେ ଗୁଣ ଉଚ୍ଚରେ ଅଛି ହିନ୍ଦୁତ୍ୱର ଭାବଧାରା। ଆମେ ଯଦି ଖୋଲା ହୃଦୟର ସହିତ ତାକୁ ଆପଣାଇନେବୁ, ତେବେ ଆମର ଲାଭ ହିଁ ଲାଭ।'' ରବର୍ଟ ମିଲିକାନ (୧୮୬୮ - ୧୯୫୩) ହେଉଛନ୍ତି ନୋବେଲ ପୁରସ୍କାର ପ୍ରାପ୍ତ ଜଣେ ଆମେରିକୀୟ ପଦାର୍ଥ ବିଜ୍ଞାନୀ। ଧାର୍ମିକ ବିଶ୍ୱାସ ବା ଆସ୍ଥାକୁ ନେଇ ତାଙ୍କର ଏକ ସୁଚିନ୍ତିତ ମତ ଏମିତି ଥିଲା- ''ଦୃଢ଼ତାର ସହିତ ମୁଁ କହିପାରେ ଯେ ବିଶ୍ୱାସ ସବୁକୁ ଅସ୍ୱୀକାର ବା ଅଣଦେଖା କରିବା ଅର୍ଥ କୌଣସି ବୈଜ୍ଞାନିକ ଆଧାରକୁ ସ୍ଥାଣୁ କରିଦେବା। ମୋ ମତରେ ବିଶ୍ୱାସ ଓ ବିଜ୍ଞାନକୁ ନେଇ କୌଣସି ପ୍ରତିବାଦ ଉଠିବା ଉଚିତ ନୁହେଁ। କାରଣ ଯେଉଁଠି ବିଶ୍ୱାସ ବା ବିଧି ବିଧାନ ରହିଛି, ସେଇଠି ଛପିକି ରହିଛି ବିଜ୍ଞାନ। ଏଣୁ ସେଇ ବିଧି, ବିଧାନ, ବିଶ୍ୱାସ ଭିତରେ ଥିବା ରହସ୍ୟକୁ ଖୋଜି ବାହାର କରିବା ବିଜ୍ଞାନର ଲକ୍ଷ୍ୟ ହେବା ଉଚିତ। ଯାହା ଫଳରେ ବିଜ୍ଞାନର ଆଦର ବଢିବା ସହିତ ମାନବ ସମାଜର ବହୁବିଧ କଲ୍ୟାଣ ହୋଇପାରିବ।''

ସମୁତ୍କର୍ଷ ଭାରତବର୍ଷ ଯାହାକି ଧାର୍ମିକ ବିଶ୍ୱାସର ଶକ୍ତ ଭିତ୍ତିଭୂମି ଉପରେ ଦଣ୍ଡାୟମାନ, ତାହାର ଚାଲି-ଚଳଣି, ରୀତି-ନୀତି, ପ୍ରଥା-ପରମ୍ପରା ଆଦିରେ ନିହିତ ଥାଏ ବିଜ୍ଞାନର ଗୂଢ଼ ରହସ୍ୟ। ଆଶ୍ୱିନ ମାସ କୃଷ୍ଣ ପକ୍ଷରେ ପାଳିତ ପିତୃପକ୍ଷ ପରି ସାମାନ୍ୟ ପ୍ରଥା ଭିତରେ ଭରିରହିଛି ବିଜ୍ଞାନର ବାର୍ତ୍ତା। ଲୋକବିଶ୍ୱାସରେ କାଉ ପକ୍ଷୀକୁ ସାଧାରଣତଃ ଯମଲୋକର ପ୍ରତିନିଧି ଭାବେ ଗଣା ଯାଇଥାଏ। ପନ୍ଦର ଦିନର ଏହି ପିତୃପକ୍ଷ ପାଳନ ଅବସରରେ କାଉଙ୍କୁ ସନ୍ତୁଷ୍ଟ କଲେ ପିତୃଲୋକର ଆମ ପିତୃପୁରୁଷମାନେ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ଧାରଣା ରହିଛି। ଏହି ଅବସରରେ ପିତୃପୁରୁଷଙ୍କୁ ସ୍ମରଣ ପୂର୍ବକ କାଉଙ୍କୁ ଭରପୂର ପୁଷ୍ଟିକର ଖାଦ୍ୟାନ୍ନ ପରିବେଷଣ କରାଯାଇଥାଏ। ବଡ଼ କଥା ହେଉଛି ଏହି ସମୟ ବିଶେଷକରି ଭାଦ୍ରବ-ଆଶ୍ୱିନ (ଅଗଷ୍ଟ - ସେପ୍ଟେମ୍ବର) ମାସ ହେଉଛି କାଉଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ହେଉଛି ତାଙ୍କର ଅଣ୍ଡା ଦେବା ଓ ଅଣ୍ଡାରୁ ଛୁଆ ଫୁଟିବାର ପ୍ରକୃଷ୍ଟ ସମୟ। ମା' କାଉଟି ଏହି ସମୟରେ ଆବଶ୍ୟକ କରିଥାଏ ଅଧିକ ପରିମାଣରେ ପୁଷ୍ଟିକର ଆହାର। ତତ୍‌ସହିତ ନବ ଜାତକଟି ବି ଲୋଡ଼ିଥାଏ ଆହାର। ଏସବୁକୁ ଦୃଷ୍ଟିରେ ରଖି ଏହି ସମୟରେ କାଉମାନଙ୍କୁ ଯେମିତି ପର୍ଯ୍ୟାପ୍ତ ଆହାର ସହଜେ ମିଳିପାରିବ, ସେଥିପାଇଁ ଆମର ଏପରି ଭବ୍ୟ ବିଧି ବ୍ୟବସ୍ଥା। ଏହାଦ୍ୱାରା କାଉବଂଶ ବିସ୍ତାର ଲାଭ କରିବାରେ ସହାୟକ ହୋଇଥାଏ। କାରଣ କାଉବଂଶ ବିସ୍ତାର ସହିତ ଜଡିତ



ଆମ ସ୍ୱାସ୍ଥ୍ୟ। ଏପରିକି ଆମ ଅସ୍ତିତ୍ୱ ମଧ୍ୟ। କାରଣ ଏହିମାନେ ହିଁ ବହୁ ମୂଲ୍ୟବାନ ବର ଓ ଅଶ୍ୱତ୍ଥ ଗଛ ସୃଷ୍ଟିର ଅସଲ ସୂତ୍ରଧର। ପର୍ଯ୍ୟାବରଣର ସୁରକ୍ଷା, ଅଭିବୃଦ୍ଧି ତଥା ଅମ୍ଳଜାନର ଆବଶ୍ୟକତା ଦୃଷ୍ଟିରୁ ଏହି ଦୁଇଟି ଚବିଶ ଘଣ୍ଟିଆ ଅମ୍ଳଜାନ ଉତ୍ପାଦକାରୀର ଯେ କେତେ ଆବଶ୍ୟକତା ରହିଛି, ଆଜିର ଦିନରେ ତାହା ବୁଝାଇ କହିବା ଅନାବଶ୍ୟକ। ଅନନ୍ୟ ଏହି ବୃକ୍ଷ ଦୁଇଟି ଆମର ଅଜସ୍ର ମଙ୍ଗଳର କାରଣ ଥିବାରୁ ଏବଂ କାକ ପକ୍ଷୀଟି ହିଁ ସେମାନଙ୍କ ସୃଷ୍ଟିର ଅସଲ ଆଧାର ଥିବାରୁ, କାକକୁଳଙ୍କ ସୁଖକର ବଂଶ ବିସ୍ତାରାର୍ଥେ, ପିତୃପକ୍ଷ ପରି ପବିତ୍ର ପ୍ରଥାଟିଏ ଖଞ୍ଜାଯାଇଅଛି ଆମ ବ୍ୟବସ୍ଥାରେ।

ବର ଓ ଅଶ୍ୱତ୍ଥ ଗଛର ଫଳ ଭିତରେ ଥିବା ସୂକ୍ଷ୍ମ ବୀଜଟି କାଉ ପେଟ ଭିତରେ ସମୁଚିତ ପ୍ରକ୍ରିୟାକରଣ ହୋଇ ଅଙ୍କୁରୋଦ୍‌ଗମ ପାଇଁ ସମର୍ଥ ହୋଇଥାଏ। କାଉର ମଳରେ ନିଃସୃତ ଏହି ବୀଜଟି ଅନୁକୂଳ ବାତାବରଣ ପାଇ ଚାରାଟିଏ ହୋଇ ଜନ୍ମ ନିଏ। କାଉ ବିନା ଏହି ଗଛ ଦୁଇଟିର ସୃଷ୍ଟି ସମ୍ଭବ ହୁଏନି। ଏଣୁ କାଉ ବଂଶ ନ ଥିଲେ ଏହି ଗଛ ଦୁଇଟି ବି କେବେଠୁ ଲୋପ ହୋଇ ସାରନ୍ତାଣି ମରିସସ୍‌ର 'କାଲଭେରିଆ' ଗଛ ପରି। ମରିସସ୍‌ର ଚାରିଆଡେ ଦିନେ ଛାଇଯାଇ ଶୋଭା ଓ ସବୁଜିମା ବର୍ଦ୍ଧନ କରୁଥିବା କାଲଭେରିଆର ବୃକ୍ଷଟି ଆଜି ଗୁମୁରି କାନ୍ଦୁଛି, ନିଜର ବିପନ୍ନ ଭବିଷ୍ୟତକୁ ନେଇ। ଏହି ଗଛର ଫଳ ଡୋଡୋ ପକ୍ଷୀର ଅତି ପ୍ରିୟ। ଫଳର ମଞ୍ଜି ଏତେ ଟାଣ ଯେ, ତାହା ସ୍ୱାଭାବିକ ଭାବରେ ଭୂମିରେ ପଡ଼ି ଅଙ୍କୁରୋଦ୍‌ଗମ ହୋଇପାରେନା। ଏହି ଫଳକୁ ଗିଳିପକାଏ ଡୋଡୋ। ତା' ପେଟ ଭିତରେ ଟାଣ ମଞ୍ଜିଟି ଠିକ୍ ଭାବେ ପ୍ରକ୍ରିୟାକରଣ ହୋଇ ମଳରେ ନିଃସୃତ ହୁଏ ନରମ ହୋଇ। ତା'ପରେ ବୀଜଟି ସକ୍ଷମ ହୁଏ ଚାରାଟିଏ ହେବାକୁ। ଅର୍ଥାତ୍ ଈଶ୍ୱରଙ୍କ ଅଭିନବ ସୃଷ୍ଟିରେ ଏହି ମାଂସାଳ ପକ୍ଷୀଟି ହିଁ କାଲଭେରିଆ ଗଛର ସୃଷ୍ଟି ତଥା ସମୃଦ୍ଧିର ଅସଲ କାରଣ। କିନ୍ତୁ ଦୁର୍ଭାଗ୍ୟ, ପକ୍ଷୀଟିର ନିରୀହପଣ ଓ କଅଁଳ ମାଂସ, ତା' ପାଇଁ କାଳ ସାଜିଲା। ପାଟି ଓ ପେଟ ପାଇଁ ମଣିଷ ଅତି ନୃଶଂସ ପାଲଟିଗଲା। ଅବିବେକି ହୋଇ ଅନ୍ଧ ଭାବେ ଶିକାର କରିଚାଲିଲା ବତକ ଜାତୀୟ ଏହି ବିରାଟ ପକ୍ଷୀକୁ। ପରିଣତିରେ ମରିସସ୍ ମାଟିରେ ଇତିହାସ ପାଲଟିଗଲା ଏହି ପ୍ରାଣୀଟି। ତା'ସହିତ ବି ଇତିହାସ ପାଲଟିବାକୁ ଯାଉଛି କାଲଭେରିଆ। ସୁଦୀର୍ଘ ଲମ୍ବା ଜୀବନ ଜିଇ ମରିସସ୍‌ର ଜଳବାୟୁକୁ ମାଟି ଅନୁକୂଳ କରୁଥିବା ଏହି ଗଛଟି ଆଜି ଲୁପ୍ତ ପ୍ରାୟ। କାଁ ଭାଁ କେଉଁଠି ଗୋଟେ ଅଧେ ଶ୍ରୀହୀନ କାଲଭେରିଆ ଅତି ବିକଳ ହୋଇ କାନ୍ଦି କାନ୍ଦି ଖୋଜି ବୁଲୁଛି ତା'ର ଅତି ପ୍ରିୟ ଡୋଡୋ ପକ୍ଷୀକୁ, ନିଜର ଅସ୍ତିତ୍ୱର ରକ୍ଷା ପାଇଁ। ଏଥିରୁ ହିଁ ଆମେ ଅନୁମାନ କରିପାରିବା, ଆମର ଦୂରଦ୍ରଷ୍ଟା ପୂର୍ବଜମାନେ କେମିତି ଅତି ବିଜ୍ଞତା ଓ ଦୂରଦର୍ଶିତାର ସହିତ ପିତୃପକ୍ଷ ପରି ଏକ ପୁଣ୍ୟକର୍ମ ପାଳନ କରିବାର ବିଧି ତିଆରି କରିଯାଇଛନ୍ତି। ଆଉ ପିଢ଼ି ପରେ ପିଢ଼ି ଆମେ ତାକୁ ପାଳିଆସୁଛୁ ଖୁବ୍ ଶ୍ରଦ୍ଧା ଓ ଆବେଗରେ। ଏହିପରି ଅନେକ ଅନେକ ଉତ୍କର୍ଷର ଉପଲବ୍ଧି ଉହ୍ୟ ଅଛି ଆମ ସନାତନୀ ବିଶ୍ୱାସ ଓ ବ୍ୟବସ୍ଥାରେ। ବିଜ୍ଞାନର ଭୂରି ଭୂରି ବାସ୍ନାରେ ବିମୋହିତ ଆମ ଧାର୍ମିକ ଧାରଣା ଓ ଭାବନା। ଏହାକୁ ଭୁଲିଯିବା ଅର୍ଥ ନିଜ ଅମଙ୍ଗଳକୁ ଆମନ୍ତ୍ରଣ କରିବା।

**ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର**
**ମୋ:୯୪୩୭୪୩୬୦୭୩**

## ଏଇ ଭାରତରେ

ସମୀକ୍ଷା ଚନ୍ଦ୍ରକର ଏମ୍‌ବିଏ ପାସ୍ ପରେ ଜଣେ ମହିଳା ଚାଷୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ତାହାକୁ ଛାଡ଼ି ଛତିଶଗଡ଼ର ରାୟପୁରର ଚାରୁମୁଦିଆ ଗାଁକୁ ଫେରି ଆସିଥିଲେ ୨୦୨୧ରେ । ପରେ ପନିପରିବା ଚାଷ କରି ସେଥିରୁ ଏବେ ୨୦୨୩-୨୪ ବର୍ଷରେ ୧.୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଉତ୍ପାଦିତ ଟମାଟୋକୁ ସେ ରାୟପୁର, ପାଟନା, କୋଲକାତା, ନୂଆଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହର ମଣ୍ଡିକୁ ପଠାଉଛନ୍ତି। ସମୀକ୍ଷା ୨୦ ଏକରରେ ଟମାଟୋ ଚାଷ କରିଛନ୍ତି। ଆଗକୁ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ଏବେ ଚାଷରେ ବାପା ଓ ଭାଇ ତାଙ୍କୁ ସାହାଯ୍ୟ କରୁଛନ୍ତି। ଚାଷ କାର୍ଯ୍ୟ ପାଇଁ ସେ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ସମୀକ୍ଷା ପ୍ରଥମେ (୨୦ ଏକରରୁ) ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ସେ ଟମାଟୋ ବ୍ୟତୀତ ବାଇଗଣ, କାକୁଡ଼ି, ଲାଉ ଚାଷ ମଧ୍ୟ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୨୬ ଅଗଷ୍ଟ ୧୯୭୬**

- ୬ ଜଣ ବିଧାନସଭା ସଦସ୍ୟ କଂଗ୍ରେସ ଦଳରେ ଯୋଗଦେବା ଫଳରେ ରାଜ୍ୟ ବିଧାନସଭାରେ କଂଗ୍ରେସ ଦଳର ସଭ୍ୟ ସଂଖ୍ୟା ୮୫କୁ ବୃଦ୍ଧି।
- ରୁଷ୍ ମହାକାଶଚାରୀ ବୋରିସ ଭଲିନଭ ଓ ଭିତାଲୀ ଝଲବୋଭ ରୁଷ ମହାକାଶ କେନ୍ଦ୍ର ସାଲ୍ୟୁଟ ଯୋଗେ ୪୮ ଦିନ ପରିକ୍ରମା ଶେଷ କରି ପୃଥିବୀ ପୃଷ୍ଠକୁ ଫେରିଆସିଛନ୍ତି।

## ଚିରନ୍ତନୀ

ପବନ କାହୁଁ ଆସି କାହିଁ ଯାଏ ନୋହେ ବୁଝି
ଚାଲିଛି ତଥା ଜନ
ବାଟ ବଣ ଆଖି ବୁଜି ।
ଚାଲିଛି କଥା ମୁହିଁ ସଙ୍ଗେ ତୋର ପ୍ରିୟତମା
ଦେହୀର ଦେହ ସମ
କରି ଭ୍ରମରେ ଉତ୍ତମା !

-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିରାଶ କଲା ନିଅଣ୍ଟିଆ ବର୍ଷା

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ ଗୋଟି ପଞ୍ଚାୟତରେ ଆଗୁଆ ଭଲ ବର୍ଷା କାରଣରୁ ଚାଷବାସ ଭଲ ହେବ ବୋଲି ଚାଷୀ ଆକଳନ କରିଥିଲେ । ହେଲେ ଜୁଲାଇ ମାସର ନିଅଣ୍ଟିଆ ବର୍ଷା ସବୁ ଆକଳନ ଓଲଟପାଲଟ କରିଦେଇଛି । ଏଥର ସ୍ୱାଭାବିକ ମୌସୁମୀ ପ୍ରଚଳନ ଯୋଗୁ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। କିନ୍ତୁ ଖରା ଓ ଗୁଳୁଗୁଳି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ରାଜ୍ୟରେ ମୌସୁମୀ ସକ୍ରିୟ ଥିଲେ ହେଁ ଅଞ୍ଚଳରେ ବର୍ଷା ଆଶାନୁରୂପ ନୁହେଁ। ବିଭିନ୍ନ ପଞ୍ଚାୟତର ଉଚ୍ଚ ଅଞ୍ଚଳରେ ଥିବା ଜମିଗୁଡିକ ଟାଣ ଖରାରେ ଫାଟିବାକୁ ବସିଲାଣି। ସ୍ଥାନୀୟ ଶାସନ ଶ୍ରୀରାମଚନ୍ଦ୍ରପୁରର ଚାଷୀ ପାଖରେ ପାଣି ପାଇଁ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବର୍ଷା ଉପରେ ହିଁ ସବୁ ନିର୍ଭର କରୁଛି । ହେଲେ ଅନିୟମିତ ବର୍ଷା ଚାଷବାସ ସ୍ଥିତି ବିଗିଡ଼ି ଦେଇଛି।

**-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଆ ଆଦିବାସୀ ଝିଅଙ୍କୁ ମିଳିବ ସ୍ୱତନ୍ତ୍ର ପାଇଲଟ ଟ୍ରେନିଂ

ଭୁବନେଶ୍ୱର,୨୫।୮
(ଅନୁରାଧା ମହାରଣା)



ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରିମଣ୍ଡଳ ସମ୍ମିଳନୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଦୁଇ ମନ୍ତ୍ରୀଙ୍କ ଉପସ୍ଥିତିରେ ଏୟାର ୱାର୍କସ ସହ ଚୁକ୍ତିସ୍ୱାକ୍ଷର କରାଯାଉଛି।

**ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରିମଣ୍ଡଳ ସମ୍ମିଳନୀ**
- ଢେଙ୍କାନାଳରେ ହେବ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର
- ବିମାନ ବନ୍ଦରଗୁଡ଼ିକ ପାଇଁ ଆସିବ ପ୍ରୋଗ୍ରେସିଭ୍ ଲ୍ୟାଣ୍ଡ୍ ଆଲଟମେଣ୍ଟ୍ ପଲିସି

ଓଡ଼ିଶାର ଆଦିବାସୀ ଝିଅ ହେବେ ପାଇଲଟ୍। ଏଥିପାଇଁ ରାଜ୍ୟ ସରକାର ବିଲ୍ଡିଂ ଆଣ୍ଡ୍ ମ୍ୟାନେଜମେଣ୍ଟ ଅଫ୍ ଆଭିଏଶନ୍ ଆସେଟ୍ସ ଆଣ୍ଡ୍ ନେଟୱର୍କ (ବିମାନ) ଅଧୀନରେ କ୍ୟାଡେଟ ପାଇଲଟ ପ୍ରୋଗ୍ରାମ ଆରମ୍ଭ କରିବାକୁ ଯାଉଛନ୍ତି। ଆଦିବାସୀ ଝିଅମାନଙ୍କୁ ପାଇଲଟ ହେବା ପାଇଁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ। ଭୁବନେଶ୍ୱରଠାରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀମଣ୍ଡଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ସମ୍ମିଳନୀରେ ରାଜ୍ୟ ସରକାର ବିମାନ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ୍ ଓଭରହଲ୍(ଏମ୍ଆର୍ଓ) ସେବାଦାତା ଏୟାର ୱାର୍କସ୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଚୁକ୍ତି ଅନୁସାରେ, ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମ୍ଆର୍ଓ ସୁବିଧା ସ୍ଥାପିତ ହେବ। ଏଥିସହିତ ରାଜ୍ୟର ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ଚାକିରି ସୁଯୋଗ ସୃଷ୍ଟି ଲାଗି ମଧ୍ୟ ଏୟାର ୱାର୍କସ୍ ସହ ଆଉଏକ ଚୁକ୍ତି ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ବିମାନ ପରିବହନ କ୍ଷେତ୍ରରେ, ଓଡ଼ିଶାକୁ ଆଗକୁ ନେବା ପାଇଁ ଢେଙ୍କାନାଳ ଜିଲାର ବିରାଶୋଲଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି। ପୁରୀରେ ଏକ ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି ଓ ଏହି ବିମାନବନ୍ଦର ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ। ଏଥିସହିତ ଝାରସୁଗୁଡା ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ଜମି ବ୍ୟବସ୍ଥା କରାଯାଇଛି। ଗତ ୧୪ ମାସ ମଧ୍ୟରେ ଓଡ଼ିଶାର ବିମାନବନ୍ଦରଗୁଡ଼ିକୁ ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି। ସେହିପରି ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ ପ୍ରୋଗ୍ରେସିଭ୍ ଲ୍ୟାଣ୍ଡ୍ ଆଲଟମେଣ୍ଟ୍ ପଲିସି ଆଣିବାକୁ ଯାଉଛନ୍ତି। ଏହି ପଲିସି ଅନୁସାରେ, ବିମାନ ବନ୍ଦରଗୁଡ଼ିକ ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ୟୁଏଭି ପ୍ରଶିକ୍ଷଣ ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ। ରାଜ୍ୟରେ ବ୍ୟବହାର ହେଉ ନ ଥିବା ବିମାନ ପଥ (ଏୟାରଷ୍ଟ୍ରିପ୍)ଗୁଡ଼ିକୁ ସରକାର ବିମାନବନ୍ଦର ରୂପେ ବିକଶିତ କରୁଛନ୍ତି। ଏଭଳି ୧୪ଟି ବିମାନବନ୍ଦର ହେବ। ଯେଉଁ ଜିଲାରେ ବିମାନବନ୍ଦର ନାହିଁ, ସେଠାରେ ୧୫ଟି ହେଲିପୋର୍ଟ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସମ୍ମିଳନୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ଯୋଗଦେଇ କହିଲେ, ହାୱାଇ ଚପଲ ପିନ୍ଧିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଏବେ ଉଡ଼ାଜାହାଜରେ ଯିବା ସୁଯୋଗ ମିଳିବ। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱପ୍ନକୁ ସରକାର ସମ୍ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାକୁ ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କିଞ୍ଜାରାପୁ ପ୍ରତିଶ୍ରୁତି ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ୍ ପ୍ରକାଶ ଚୌଧୁରୀ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ସମୀର ସିହ୍ନା ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବିବରଣୀ ରଖିବା ସହ ଧନ୍ୟବାଦ ଦେଇଥିଲେ।

# ରାଜସ୍ୱ ଅମଲା କର୍ମଚାରୀଙ୍କୁ ଶୃଙ୍ଖଳା ଛାଟ

ଭୁବନେଶ୍ୱର,୨୫।୮
(ରବିନାରାୟଣ ଜେନା)

- ସବୁ ଜିଲାପାଳଙ୍କଠାରୁ ସରକାର ଲୋଡ଼ିଲେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ
- ଲିଖିତ ପ୍ରତିଶ୍ରୁତି ନ ପାଇଲେ ଆନ୍ଦୋଳନରୁ ଓହରିବୁ ନାହିଁ: ଅମଲା ସଂଘ

ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ସୋମବାର ଭିନ୍ନ ମୋଡ଼ ନେଇଛି। ଗୋଟିଏ ପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ଆନ୍ଦୋଳନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ପଦକ୍ଷେପ ନିଆଯାଇଥିବାବେଳେ ସଂଘ ନିଜ ଜିଦ୍‌ରେ ଅଟଳ ରହିଛି। ଯେ ପର୍ଯ୍ୟନ୍ତ ଲିଖିତ ପ୍ରତିଶ୍ରୁତି ପାଇନାହୁଁ ସେପର୍ଯ୍ୟନ୍ତ ଆନ୍ଦୋଳନରୁ ଉଠିବୁ ନାହିଁ ବୋଲି ସଂଘ କହିଛି। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକଙ୍କ ରାଜସ୍ୱ ସମସ୍ୟା କିଭଳି ସମାଧାନ ହେବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଦୀର୍ଘ ୧୪ଦିନ ଧରି କ୍ୟାଡ୍ର ସଂଶୋଧନ ଓ ଦରମା ବୃଦ୍ଧି ଭଳି ୧୦ଦଫା ଦାବି ନେଇ ଧାରଣାରତ ରାଜସ୍ୱ ଅମଲା କର୍ମଚାରୀଙ୍କ ଉପରେ ସୋମବାର ରାଜସ୍ୱ ବିଭାଗର ଛାଟ ପଡ଼ିଛି। ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ଚିଠି ଲେଖାଯାଇ ସେମାନଙ୍କ ବିରୋଧରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ତା'ର ରିପୋର୍ଟ ଲୋଡ଼ାଯାଇଛି। ଏନେଇ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ଆଲୋମଣି ସେଠୀ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଛୁଟିରେ ଯାଇଥିବା ସମସ୍ତ କର୍ମଚାରୀଙ୍କ ତାଲିକା ସହିତ ସେମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ରିପୋର୍ଟ ତୁରନ୍ତ ସରକାରଙ୍କୁ ଜଣାଅ।

ସେ ଦର୍ଶାଇଛନ୍ତି, ବାରମ୍ବାର ତାଗିଦ୍ ସତ୍ତ୍ୱେ ରାଜସ୍ୱ ଅମଲା କର୍ମଚାରୀ କାର୍ଯ୍ୟରେ ଯୋଗଦେଉ ନାହାନ୍ତି। ସେମାନେ ୧୧ରୁ ଆନ୍ଦୋଳନକୁ ଓହ୍ଲାଇବା ଯୋଗୁ ସାଧାରଣ ଲୋକଙ୍କ କାର୍ଯ୍ୟ ବ୍ୟାହତ ହେଉଛି। ଏନେଇ ଚଳିତମାସ ୧୨ରେ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସେଥିରେ ସମ୍ପୃକ୍ତ କର୍ମଚାରୀ(ଯେଉଁମାନେ ସମୂହ ଛୁଟି ନେଇ ଆନ୍ଦୋଳନକୁ ଯାଇଛନ୍ତି)ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଥିଲା। ଏହାସତ୍ତ୍ୱେ ସେମାନେ ସରକାରଙ୍କ ନିର୍ଦ୍ଦେଶକୁ ନ ମାନି ଆନ୍ଦୋଳନ ଚାଲୁ ରଖିଛନ୍ତି। ଏଥିଯୋଗୁ ସାଧାରଣ ଲୋକେ ରାଜସ୍ୱ ସେବା ପାଇ ପାରୁନାହାନ୍ତି। ତେଣୁ ଦାବି ପୂରଣ ନେଇ ସାମୂହିକ ଛୁଟିରେ ଯାଇଥିବା କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରଙ୍କୁ ତୁରନ୍ତ ରିପୋର୍ଟ ଦେବାକୁ ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ ରାଜସ୍ୱ ଅମଲା ସଂଘର ସାଧାରଣ ସମ୍ପାଦକ ନରେଶଚନ୍ଦ୍ର ମହାପାତ୍ର କହିଛନ୍ତି, କର୍ମଚାରୀମାନେ ସରକାରଙ୍କଠାରେ ତାଙ୍କର ନ୍ୟାଯ୍ୟ ଦାବି କରି ଆସୁଛନ୍ତି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହାକୁ ପରବର୍ତ୍ତୀ ସମୟରେ ପାଳନ କରୁ ନାହାନ୍ତି। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ସ୍ୱତଃ ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାର ଯେ ପର୍ଯ୍ୟନ୍ତ ଲିଖିତ ପ୍ରତିଶ୍ରୁତି ଦେଇ ନାହାନ୍ତି ସେପର୍ଯ୍ୟନ୍ତ କର୍ମଚାରୀ ଆନ୍ଦୋଳନରୁ ଉଠିବେ ନାହିଁ। ସାଧାରଣ ଲୋକଙ୍କ ସମସ୍ୟାକୁ କର୍ମଚାରୀମାନେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ହେଲେ ସରକାର ଯଦି ଆମ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିବେ ତେବେ କର୍ମଚାରୀ ବାଧ୍ୟ ହୋଇ ଅନଶନ ଚାଲୁ ରଖିବେ ବୋଲି ସେ କହିଛନ୍ତି।

# ସ୍କୁଲ, କଲେଜ କ୍ୟାମ୍ପସ ନିଶାମୁକ୍ତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୮
(ସତ୍ୟଜିତ୍ ରାଉତ)




ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

**ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ**
- ମାଦକଦ୍ରବ୍ୟ ଚାଲାଣ ରୋକ, ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅ
- ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ଗଠନ ହେବ ସ୍ୱତନ୍ତ୍ର ଟାସ୍କଫୋର୍ସ

ଯୁବପିଢ଼ି ନିଶା କବଳରେ ପଡୁଥିବାରୁ ଏହା ରାଜ୍ୟ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ମାଦକଦ୍ରବ୍ୟ ଚୋରା ଚାଲାଣ ଓ ନିଶାଦ୍ରବ୍ୟ ସେବନ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସୋମବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ମୁଖ୍ୟ ଶାସନ ସଚିବ ଏଥିରେ ଅଧ୍ୟକ୍ଷତା କରିବା ସହ ସମୀକ୍ଷା କରି ସ୍କୁଲ ଓ କଲେଜ କ୍ୟାମ୍ପସକୁ ନିଶାମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷାନୁଷ୍ଠାନ ସଂଲଗ୍ନ ଅଞ୍ଚଳରେ ମଧ୍ୟ ନିଶାଦ୍ରବ୍ୟ କାରବାର ରୋକିବାକୁ କହିଛନ୍ତି। ମାଦକଦ୍ରବ୍ୟ ଚୋରାଚାଲାଣ ଓ ସପ୍ଲାଏ ଚେନ୍ ରୋକିବା ସହ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

ସେ ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ କଥା ହୋଇଥିଲେ। ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତିଶର୍ମା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହାପରେ ମୁଖ୍ୟ ଶାସନ ସଚିବ ଆହୁଜା କହିଲେ, ଛାତ୍ରୀଛାତ୍ରଙ୍କ ପାଇଁ ସବୁ ଶିକ୍ଷାନୁଷ୍ଠାନକୁ ଡ୍ରଗ୍ସ ଫ୍ରି କ୍ୟାମ୍ପସ କରିବା ପାଇଁ ସଚେତନ କରାଯିବା ସହ ନିରାପଦ ଶିକ୍ଷା ପରିବେଶ ସୃଷ୍ଟି ପାଇଁ ଜିରୋ ଟଲେରାନ୍ସ ନୀତିକୁ ଗୁରୁତ୍ୱ ଦିଅ। ଏଥିପାଇଁ ଅଭିଭାବକ, ସ୍କୁଲ ଓ କଲେଜ କର୍ତ୍ତୃପକ୍ଷଙ୍କ ସହ ପୋଲିସ ଅଧିକାରୀମାନେ ଆଲୋଚନା କରି ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଟାସ୍କଫୋର୍ସ ଜରିଆରେ ଚଢ଼ାଉ ହେବ। ନିଶାଦ୍ରବ୍ୟ କାରବାର ନେଇ ବିଭିନ୍ନ କେନ୍ଦ୍ରୀୟ ଏବଂ ରାଜ୍ୟ ସଂସ୍ଥା ଓ ବିଭିନ୍ନ ବିଭାଗ ସମନ୍ୱୟରେ ଚଢ଼ାଉ ହେଉଥିବାବେଳେ ଏହାକୁ ଅଧିକ ପ୍ରଭାବୀ କରିବାକୁ କହିଛନ୍ତି। ଗୃହବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟଜଳ, ଅବକାରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭାଗ ତରଫରୁ ସମନ୍ୱିତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଅବକାରୀ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୁରୀ, କୋଣାର୍କ ବେଳାଭୂମି ଓ ଚିଲିକା ଅଞ୍ଚଳରେ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ନିଶାଦ୍ରବ୍ୟ ରୋକିବାକୁ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ବିଭିନ୍ନ ଜଙ୍ଗଲରେ ଗଞ୍ଜେଇ ଚାଷ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା ହେବା ସହ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଏହି ବେଆଇନ କାରବାର ରୋକିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ହେରୋଇନ ଚାଲାଣ ରୋକିବାକୁ ମଧ୍ୟ ଆଲୋଚନା ହୋଇଥିଲା।

# ନିଆଁରେ ଜଳିଗଲେ ସ୍ତ୍ରୀସ୍ୱାମୀ

ନୂଆପଡ଼ା/ଖଡ଼ିଆଳ,୨୫।୮
(ମକାରୁ ବେମାଲ/
ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଡୁକଲା ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଦୋକାନରେ ନିଆଁ ଲାଗି ଏକ ଦମ୍ପତି ଜଳିଯାଇ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ବ୍ରାହ୍ମଣପଡ଼ାର ରାଜେଶ ପଟେଲ(୩୦) ଓ ତାଙ୍କ ସ୍ତ୍ରୀ ରିମା ପଟେଲ(୨୪)। ରାତି ପ୍ରାୟ ୮ଟାରେ ରାଜେଶ ଓ ରିମା ନିଜ ଦୋକାନରେ ଥିବାବେଳେ ହଠାତ୍ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁରେ ପୋଡ଼ିଯାଇ ଦମ୍ପତି ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଖଡ଼ିଆଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି।

# ସର୍ଦ୍ଦାରଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୫।୮
(ସୁନିତ୍ ମିଶ୍ର)

**ଦାଦନ ଶ୍ରମିକ ହ୍ରାସ କରିବାକୁ ଟାସ୍କଫୋର୍ସ କମିଟିର ବୈଠକ**

ଦାଦନ ଶ୍ରମିକ ହାର ହ୍ରାସ, ଶ୍ରମିକ ସର୍ଦ୍ଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏକ କମିଟି ଗଠନ କରାଯିବ। ଏହି କମିଟି ପ୍ରବର୍ତ୍ତନ ଅଧିକାରୀ, ପୋଲିସ ଅଧିକାରୀ, ରେଳ ଅଧିକାରୀ ଏବଂ ଜିଲା ପ୍ରଶାସନ ସହିତ ସମନ୍ୱୟ ରଖି ମିଶନ ମୋଡ଼ରେ କାର୍ଯ୍ୟ କରିବେ। ଯେଉଁ ରାଜ୍ୟକୁ ଦାଦନ ଯାଉଛନ୍ତି ସେଠାକୁ ଓଡ଼ିଶା ଟିମ୍ ଗସ୍ତ କରିବ। କାହିଁକି ସେହି ରାଜ୍ୟଗୁଡ଼ିକୁ ଓଡ଼ିଶାରୁ ଦାଦନ ଯାଉଛନ୍ତି ସେହି ରାଜ୍ୟ ସହିତ ଆଲୋଚନା ହେବ। ତା'ର କାରଣ ଖୋଜାଯାଇ ନିରାକରଣ ବାହାର କରାଯିବ। ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡି ଯୋଗୁ ଦାଦନ କମିଛି। ସମ୍ପୂର୍ଣ୍ଣ ରୋକିବା ଦିଗ ଉପରେ ଆଲୋଚନା କରୁଛୁ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

ଦାଦନ ଶ୍ରମିକ ହ୍ରାସ ନେଇ ଗଠିତ ଉଚ୍ଚସ୍ତରୀୟ ଟାସ୍କଫୋର୍ସର ୩ୟ ବୈଠକ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଛି। ପୂର୍ବ ବୈଠକରେ ଦାଦନ ପାଇଁ ପ୍ରବାସ ଯାଉଥିବା ପଛର କାରଣ ଏବଂ ସମାଧାନ ଅଧ୍ୟୟନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସର୍ଭେ କରିବା ପାଇଁ ଦି ନଜ୍ ଫାଉଣ୍ଡେଶନ୍‌କୁ ଦାୟିତ୍ୱ ଦିଆଯାଇଥିଲା। ସର୍ଭେ ଏବଂ ସରକାରଙ୍କ ପାଖରେ ଉପଲବ୍ଧ ତଥ୍ୟ ଆଧାରରେ ଦାଦନ ଶ୍ରମିକ ପ୍ରବାସକୁ ରୋକିବା ପାଇଁ ଓଡ଼ିଶା ପିଭିଟିଜି ଜୀବିକା ମଡେଲ ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଭଳି ପ୍ରଭାବଶାଳୀ ଜୀବିକା ପ୍ରଣାଳୀ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି। ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ତାଲିମ ଦିଆଯିବ। ବର୍ତ୍ତମାନ ସମୟରେ ଚାଲୁଥିବା ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନା ଚାଲୁ ରହିଛି। ଏହା ସହିତ ଶ୍ରମ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, କୃଷି ବିଭାଗ ଦ୍ୱାରା ଅଧିକ ଜଳସେଚନ ସହାୟତା/ଚାନେଲ୍, କେନାଲ, ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ରାଜ୍ୟ ସମର୍ଥନ ଭାବରେ ଅଣକୁଶଳୀ ଶ୍ରମିକଙ୍କ ପାଇଁ ଅତିରିକ୍ତ ୨୦୦ ମଜୁରି ଦିନ, ଗ୍ରାମୋଦୟ, ମଡେଲ ଗ୍ରାମପଞ୍ଚାୟତ ଆରମ୍ଭ, କଣ୍ଟ୍ରାକ୍ଟ ଫାର୍ମିଙ୍ଗ ଭଳି ଯୋଜନା ଆରମ୍ଭ କରାଯାଇ ପ୍ରବାସ ସମୟର ଆୟ ସହିତ ସମାନ ଆୟ ପ୍ରଦାନ କରାଯିବ ପାଇଁ ଆଲୋଚନା କରାଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ରବିନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, ଗଣେଶ ରାମ ସିଂହ ଖୁଣ୍ଟିଆ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ପ୍ରମୁଖ ସଚିବ, ଅର୍ଥ, କୃଷି ଓ କୃଷକ ସଶକ୍ତୀକରଣ, ପଞ୍ଚାୟତିରାଜ ଓ ପାନୀୟଜଳ, ଡିଜି, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ, ରେଳ, ନଜ୍ ଫାଉଣ୍ଡେଶନର କାର୍ଯ୍ୟକର୍ତ୍ତା, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଧାନସଭା: ପୂର୍ବତନ ବିଧାୟକ କରେନ୍ଦ୍ରଙ୍କୁ ଶେଷ ସମ୍ମାନ



ବିଧାନସଭା ପରିସରରେ ସୋମବାର କରେନ୍ଦ୍ର ମାଝୀଙ୍କୁ ମନ୍ତ୍ରୀ, ବିଧାୟକ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

ଭୁବନେଶ୍ୱର,୨୫।୮ (ରବିନାରାୟଣ ଜେନା)

କନ୍ଧମାଳ ଜିଲା ବାଲିଗୁଡ଼ାର ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କୁ ସୋମବାର ବିଧାନସଭାରେ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ବାବୁ ସିଂ, ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମାଝୀଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶେଷ ଦର୍ଶନ କରିଥିଲେ।

# ଓଡ଼ିଶାର ୨ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର

ମାଲକାନଗିରି/କୋରାପୁଟ,
୨୫।୮ (ଦୁର୍ଯ୍ୟୋଧନ ପାତ୍ର/
ଅମିତାଭ ବେହେରା)



ବସନ୍ତ କୁମାର ରଣା ଓ ତରୁଣ କୁମାର ଦାଶ।

ମାଲକାନଗିରିର ଶିକ୍ଷକ ବସନ୍ତ କୁମାର ରଣା ଓ କୋରାପୁଟର ତରୁଣ କୁମାର ଦାଶ ୨୦୨୫ ମସିହା ପାଇଁ ଜାତୀୟ ଶିକ୍ଷକ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି। ମାଲକାନଗିରି କଦେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ବସନ୍ତ କାର୍ଯ୍ୟରତ ଅଛନ୍ତି। ପୁରସ୍କାର ବାବଦକୁ ଉଭୟ ୫୦ ହଜାର ଟଙ୍କାର ଅର୍ଥ ରାଶି ଓ ମାନପତ୍ର ୫ ସେପ୍ଟେମ୍ବର ଗୁରୁ ଦିବସରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଗ୍ରହଣ କରିବେ। ଏହି ଅବସରରେ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ବସନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କୋରାପୁଟ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣଙ୍କୁ ତାଙ୍କ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଛନ୍ତି।

**कार्यालय झुमरीतिलैया नगर परिषद**

**अति अल्पकालीन ई–निविदा आमंत्रण सूचना**

ई–निविदा सूचना सं0– J.M.C/04/2025-26 Date – 25-08-2025

| क्रं0 सं0 | मद् का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 01.09.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 09.09.2025 अपराहन 5.00 बजे।
5. निविदा खोलने की तिथि : 11.09.2025 अपराहन 3.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेंस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05 / विविध (e-tender)–12 / 2023 / न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शूल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 360399 Urban Development(25-26)#D

No.O-640

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-04 /EE/RW/AND/2025-26**
**Construction of Academic Building (1st Floor) of Patitapaban Degree College, Sainkul**

No. 5180// Date : 21.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid | Financial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 04/EE/RW/ AND/2025-26 | Dt.29.08.25 at 10.00 A.M. | Dt.06.09.25 up to 5.30 P.M. | Dt.06.09.25 up to 5.30 P.M. | Dt.08.09.25 at 11.30 A.M. | Will be intimated later |

Sd./- Executive Engineer
R.W. Division, Anandapur

OIPR-25055/11/0024/2526

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited for Printing Works, Supply of High Tea, Supply of Biryani Packets, Working Lunch & Snacks, Supply of Electrical Items, Supply of Furniture Items, and Supply of Tent House Items for 12th Annual Convocation at NLUO, Cuttack. Last date & time of receipt is **03.09.2025** at **11.00 A.M.** For details please visit website: **www.nluo.ac.in".**

Sd/- Registrar

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in

No.O-613 **Government of Odisha e-Procurement Notice**

**Bid Identification No. Online Tender/05/SERWD-II/2025-26**
**Memo No.6194/RWD-IIGB, Date : 18.08.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.2.11 lakhs to Rs.5.05 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid documents in the Portal | : | 01.09.2025 at 10.00 A.M. to 12.09.2025 up to 4.00 P.M. |
| 5 | Last Date/Time for receipt of Bids in the Portal | : | 12.09.2025 up to 4.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0025/2526

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com

**Bid Identification No.S.E.E.C (R&B) 11/2025-26**
**No. 3169 / Date : 19.08.2025**

**No.B-428** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2025 at 05.00 P.M. to dt.15.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.16.09.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha,
BBSR

OIPR-34006/11/0045/2526

## ସଂକ୍ଷେପରେ

### ଖଣ୍ଡାରେ ଆକ୍ରମଣ : ଫେରାର ୨ ଯୁବକ ଗିରଫ

ବାଲିଅନ୍ତା ୨୫।୮ (ନୀଳମାଧବ ସାହୁ): ନହରକଣ୍ଟା ଅଞ୍ଚଳର ଶିବ ଶଙ୍କର ସାହୁ ନାମକ ଜଣେ ଯୁବକଙ୍କୁ ପୂର୍ବବିବାଦକୁ ନେଇ ଖଣ୍ଡାରେ ଆକ୍ରମଣ କରି ଫେରାର ଥିବା ୨ ଅଭିଯୁକ୍ତଙ୍କୁ ପାହାଳ ଥାନା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଳରାମ ବେହେରା (୨୩) ଓ ବିଶାଳ ବିଶ୍ୱାଳ (୨୦)। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଶିବ ଶଙ୍କର ଜଣେ ଇଣ୍ଟେରିଅର୍ ବ୍ୟବସାୟୀ। ଗତ ମାର୍ଚ୍ଚ ୧୯ ଅପରାହ୍ଣରେ ସେ ତାଙ୍କ ବନ୍ଧୁମାନଙ୍କ ସହ ଏକ କାର୍‌ରେ କାମରୁ ଫେରୁଥିବାବେଳେ ପାହାଳ ନିକଟରେ ଥିବା ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟ ସମ୍ମୁଖରେ ଅଟକି ଥିଲେ। ଏହି ସମୟରେ ୬ ଜଣ ଦୁର୍ବୃତ୍ତ ବାଇକରେ ଆସି ହଠାତ୍ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଶିବଶଙ୍କର ପାଖରେ ଥିବା ଏକ ଦୋକାନ ଭିତରକୁ ପଶିଯାଇଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ଏ ସଂକ୍ରାନ୍ତରେ ଶିବଶଙ୍କର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ-୮୦ /୨୫) ରୁଜୁ କରିଥିଲା। ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ୨ ଜଣ ଫେରାର ଥିଲେ। ଭୁବନେଶ୍ୱରରେ ଜନ୍ମଦିନ ପାର୍ଟିକୁ ନେଇ ସେମାନଙ୍କ ମଧ୍ୟରେ ପୂର୍ବ ବିବାଦ ଥିଲା। ଏ ସଂକ୍ରାନ୍ତ ମାମଲା ପ୍ରତ୍ୟାହାର ନ କରିବାରୁ ଅଭିଯୁକ୍ତମାନେ ଆକ୍ରମଣ କରିଥିବା ଜଣାପଡିଛି।

### କବିତା ପୁସ୍ତକ 'ଫେରିବାକୁ ହେବ' ଉନ୍ମୋଚିତ

ଭୁବନେଶ୍ୱର, ୨୪।୮ (ସୌମ୍ୟରଞ୍ଜନ ରାଉତ)- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପ୍ରକାଶିତ ରଶ୍ମି ସାହୁଙ୍କ କବିତା ପୁସ୍ତକ 'ଫେରିବାକୁ ହେବ' ଆର୍ଯ୍ୟ ପ୍ୟାଲେସ ପ୍ରେକ୍ଷାଳୟଠାରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କବି ଫନୀ ମହାନ୍ତି ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ପକ୍ଷୀଘର ପ୍ରକାଶନୀର ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସୌରଭ ଶୁଭମ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଘେରାଉ ଚେତାବନୀ

## କର୍ତ୍ତୃପକ୍ଷଙ୍କୁ ଫେରାଦ ହେଲା ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ

ଭୁବନେଶ୍ୱର, ୨୫।୮ (ବନ୍ଦନା ସେଠୀ)

ଡମ୍ପିଂୟାର୍ଡ ସମସ୍ୟା ନେଇ ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନର ଏକ ପ୍ରତିନିଧି ଦଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଅଫିସରେ ବରିଷ୍ଠ ବୈଜ୍ଞାନିକ ଡ. ଉଷାରାଣୀ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି। ସେପ୍ଟେମ୍ବର ୧ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନ ନେଲେ ବୋର୍ଡ ଅଫିସ୍ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିସହ ଅଭିଯାନ ପକ୍ଷରୁ ବୋର୍ଡ ନିକଟରେ ସୈନିକ ସ୍କୁଲ ନିକଟରୁ ଅଳିଆ ପ୍ରକ୍ରିୟାକରଣ ୟୁନିଟ୍ ବନ୍ଦ କରିବା, ଷ୍ଟେଟ୍ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ଏସ୍‌ଇଆଇଏଏ)ରୁ ମଞ୍ଜୁରୀ ପାଇଁ ଆବେଦନ କରିବାକୁ ବିଏମ୍‌ସିକୁ ତାଗିଦ୍ କରିବା, ୨୦୦୨ ରୁ ୨୦୨୫ ପର୍ଯ୍ୟନ୍ତ ଘଣ୍ଟାପ୍ରତି ବିଏମ୍‌ସି ଉପରେ ୧ଲକ୍ଷ ଟଙ୍କା ହିସାବରେ ଜରିମାନା ଲାଗୁ କରିବା ଏବଂ କ୍ଷତିପୂରଣ ରାଶିକୁ ସ୍ଥାନୀୟ ପୀଡିତଙ୍କୁ ପ୍ରଦାନ କରିବା, ଶୃଙ୍ଖଳା ଅଳିଆ ପରିଚାଳନା ପାଇଁ ଟିଟିଏସ୍ ଭିତରେ ସ୍ଥାପିତ ମେଶିନ ବାହାର କରିବା ଆଦି ୬ଦଫା ଦାବି ଉପସ୍ଥାପନ କରାଯାଇଛି।



ଅଭିଯାନର ଏକ ପ୍ରତିନିଧି ଦଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଫିସରେ ବରିଷ୍ଠ ବୈଜ୍ଞାନିକ ଡ. ଉଷାରାଣୀ ପଟ୍ଟନାୟକଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।

୨୦୦୨ରୁ ସୈନିକ ସ୍କୁଲ କ୍ୟାମ୍ପସ ଭିତରେ ଥିବା ବେଆଇନ ଡମ୍ପିଂୟାର୍ଡକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପରୋକ୍ଷରେ ପ୍ରୋତ୍ସାହନ ଦେଇଚାଲିଛି। ଫଳରେ ଭୁବନେଶ୍ୱରର ଲକ୍ଷାଧିକ ଲୋକ ପ୍ରଦୂଷିତ ବାୟୁ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଦିନ କାଟୁଛନ୍ତି। ଅପରପକ୍ଷେ ସୈନିକ ସ୍କୁଲ କ୍ୟାମ୍ପସରେ ଟେମ୍ପରାରି ଟ୍ରାଞ୍ଜିଟ ଷ୍ଟେଶନ (ଟିଟିଏସ) ବା ଡମ୍ପିଂୟାର୍ଡ ପାଇଁ ଅନୁମତି ନେଇଥିବା ସଂକ୍ରାନ୍ତରେ ବିଏମ୍‌ସି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନଜିଟି) ପୂର୍ବ ଜୋନ ବେଞ୍ଚ କୋଲକାତା ଏବଂ ହାଇକୋର୍ଟଙ୍କ ସମ୍ମୁଖରେ ଦାଖଲ କରିଥିବା ସତ୍ୟପାଠ ସତ୍ୟ ନୁହେଁ। ବେଆଇନ୍ ଭାବେ ଡମ୍ପିଂୟାର୍ଡ ଚାଲିଥିବାବେଳେ ଏହାକୁ ବୋର୍ଡ ପକ୍ଷରୁ ବନ୍ଦ କରାଯାଉ ନ ଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି।

# ସମିତି କାର୍ଯ୍ୟାଳୟରେ ନୂତନ ସରକାରୀ ପାଇକାରୀ ବଜାର



ବାଲିପାଟଣା, ୨୫।୮ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ଗାରେଡ଼ିପାଞ୍ଚଣ ଓ ସରାଟ ସେବା ସମବାୟ ସମିତି କାର୍ଯ୍ୟାଳୟରେ ସୋମବାର ନୂତନ ସରକାରୀ ପାଇକାରି ବଜାର ଉଦ୍‌ଘାଟନ ହୋଇଛି। ଏଠାରେ ଓମ୍‌ଫେଡ୍ ସାମଗ୍ରୀ ବିକ୍ରୟ କେନ୍ଦ୍ର, ଜନ ସେବାକେନ୍ଦ୍ର ଓ ନାଫେଡ୍ ବଜାର ସୁବିଧାର ଉପଲବ୍ଧ କରାଯାଇଛି। କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ଆନନ୍ଦ କୁମାର ଝା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ସେବା ଯୋଗାଇବା ଫଳରେ ସମିତିମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ସମିତିର ସଭ୍ୟ ଓ ସ୍ଥାନୀୟ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ ବୋଲି ସେ କହିଛନ୍ତି। ଏଥିସହ ସମବାୟ ମାଧ୍ୟମରେ ଅନେକ ସୁବିଧା ସୁଯୋଗ ଲୋକଙ୍କ ପାଖରେ ପହଞ୍ଚାଇବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କୁମାର ଝା କହିଥିଲେ। ସରକାରଙ୍କ ତରଫରୁ ପ୍ରାଥମିକ ସମିତି ମାଧ୍ୟମରେ ଚାଷୀମାନଙ୍କୁ ଉନ୍ନତ ଚାଷ ପଦ୍ଧତି ପାଇଁ ତାଲିମ ପ୍ରଦାନ ସହ ଅର୍ଗାନିକ ଫାର୍ମିଂ ନିମନ୍ତେ ଜ୍ଞାନକୌଶଳ ପ୍ରଦାନ କରାଯାଇପାରିବ। ତେଣୁ କେନ୍ଦ୍ର ସଚିବ ଏହାର ପ୍ରଶଂସା କରିଥିଲେ। ସମବାୟ ନିବନ୍ଧକ ସିଦ୍ଧାର୍ଥ ଦାସ, ରାଜ୍ୟ ଯୁଗ୍ମ ସଚିବ ବିଶ୍ୱରଞ୍ଜନ ଦାସ, ଡିଆର୍‌ସିଏସ ଅଳକାନନ୍ଦା ଜେନା, ଖୋର୍ଦ୍ଧା ସମବାୟ ବ୍ୟାଙ୍କ ସମ୍ପାଦକ ସାରଥୀ ଶତପଥୀ, ଭୁବନେଶ୍ୱର ମଣ୍ଡଳ ସହ ନିବନ୍ଧକ ପ୍ରକାଶ କୁମାର ସେଠୀ, ବାଲିପାଟଣା ମଣ୍ଡଳର ଦିବ୍ୟରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ରେଳ କର୍ମଚାରୀ ସମ୍ମାନିତ



ସମ୍ବର୍ଦ୍ଧିତ କର୍ମଚାରୀଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ।

ଭୁବନେଶ୍ୱର, ୨୫।୮ (ଅନୁରାଧା ମହାରଣା)

ଟ୍ରେନ୍ ପରିଚାଳନାର ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ୬ ଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ମାନିତ କରିଛନ୍ତି। ସେମାନେ ହେଲେ ବିଷମକଟକରେ କାର୍ଯ୍ୟରତ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ ଜନ୍ ଏଡୱାର୍ଡ ତିର୍କୀ, ମୁନିଗୁଡ଼ାଠାରେ କାର୍ଯ୍ୟରତ ଟ୍ରାକ ରକ୍ଷଣାବେକ୍ଷଣକାରୀ ଅମରଜିତ କୁମାର ସିଂହ, ଲୋଇସିଂହାଠାରେ କାର୍ଯ୍ୟରତ ଟ୍ରାକ ରକ୍ଷଣାବେକ୍ଷଣକାରୀ ଲକ୍ଷ୍ମଣ କୁମାର ପାତ୍ର ଓ ମନୋଜ ସିକା, ଜୋରନ୍ଦା ରୋଡ୍‌ରେ କାର୍ଯ୍ୟରତ ଟ୍ରାକ ରକ୍ଷଣାବେକ୍ଷଣକାରୀ ବିଜୟ କୁମାର ବେହେରା ଏବଂ ହୁମ୍ମାଠାରେ କାର୍ଯ୍ୟରତ ପଏଣ୍ଟସମ୍ୟାନ ପ୍ରଦ୍ୟୁମ୍ନ କୁମାର ପଣ୍ଡା। ସମ୍ବର୍ଦ୍ଧିତ କରିବା ଅବସରରେ ଫୁଙ୍କୱାଲ କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ଏହାସହ ରେଳ ସେବାର ନିରାପତ୍ତା ଓ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ, ସିଗ୍‌ନାଲ ଏବଂ ଓଏଚ୍‌ଇ ମେଣ୍ଟେନର୍ସ, ଲୋକୋ ପାଇଲଟ, ଟେକ୍ନିସିଆନ, ଷ୍ଟେଶନ ଅପରେଟରଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

## ଏସ୍‌ସିବି: ଇସିଜି ପାଇଁ ଅପେକ୍ଷା କରି ଆଖିବୁଜିଲେ ରୋଗୀ, ଉତ୍ତେଜନା

କଟକ, ୨୫।୮ (ଶିକ୍ଷା ପ୍ରିୟଦର୍ଶିନୀ)
ଏସ୍‌ସିବି ନନ୍‌ଟ୍ରମା କାଜୁଆଲଟିରେ ଇସିଜି କରିବାକୁ କର୍ମଚାରୀ ମନା କରିବାରୁ ପରୀକ୍ଷା ପାଇଁ ଦୀର୍ଘ ସମୟ ଅପେକ୍ଷା କରି ଶେଷରେ ରୋଗୀଙ୍କ ମୃତ୍ୟୁ ଘଟିଛି। ସୋମବାର ଏହାକୁ ନେଇ କାଜୁଆଲଟିରେ ଉତ୍ତେଜନା ପ୍ରକାଶ ପାଇଥିଲା। କାଜୁଆଲ୍‌ଟି ପରିସରରେ ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ମୃତଦେହ ପଡ଼ି ରହିଥିଲା। ମୃତ ବ୍ୟକ୍ତି ଜଣକ କଟକ ଯୋବ୍ରା ଅଞ୍ଚଳର। ଛାତିରେ ଯନ୍ତ୍ରଣା ହେବା ସହ ଠିକ୍ ଭାବେ ନିଃଶ୍ୱାସ ନେଇ ନ ପାରିବାରୁ ଏସ୍‌ସିବିର ନନ୍‌ଟ୍ରମା କାଜୁଆଲ୍‌ଟିକୁ ଚିକିତ୍ସା ପାଇଁ ଆସିଥିଲେ। ରୋଗୀଙ୍କୁ ଡାକ୍ତର ଦେଖିବା ପରେ ପ୍ରଥମେ ଅକ୍ସିଜେନ ଲଗାଯାଇଥିଲା ଏବଂ ପରେ ଇସିଜି କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ପରିବାର ଲୋକେ କାଜୁଆଲଟି ପରିସର ଇସିଜି ଗୃହକୁ ରୋଗୀଙ୍କୁ ନେଇ ଦୀର୍ଘ ସମୟ ଅପେକ୍ଷା କରିଥିବାବେଳେ ଏହି ଘଟଣା ଘଟିଥିଲା।

# ଚିତ୍ର ବର୍ଣ୍ଣାଳୀ ଫଟୋ ପ୍ରଦର୍ଶନୀ ଉଦ୍‌ଯାପିତ

ଭୁବନେଶ୍ୱର, ୨୫।୮ (ସୁଚିସ୍ମିତା ସାହୁ)

ଉତ୍କଳ ଫଟୋଗ୍ରାଫିକ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଷଷ୍ଠ ବାର୍ଷିକ ଫଟୋ ପ୍ରଦର୍ଶନୀ 'ଚିତ୍ର ବର୍ଣ୍ଣାଳୀ-୨୦୨୫' ସୋମବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତାହବ୍ୟାପୀ ଅନୁଷ୍ଠିତ ଫଟୋ ପ୍ରଦର୍ଶନୀରେ ବନ୍ୟପ୍ରାଣୀ ଏବଂ ଓପନଥିମ୍‌ର ୨ଶହରୁ ଅଧିକ ଫଟୋ ପ୍ରଦର୍ଶନୀ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଚିତ୍ରଶିଳ୍ପୀ ରଘୁନାଥ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ବିଭାଗର ଫଟୋ ମଧ୍ୟରୁ ବିଜୟ ବ୍ୟାସ ପ୍ରଥମସ୍ଥାନ, ଡଃ ଏ.ଭି. ରଙ୍ଗନାଧମ ଦ୍ୱିତୀୟସ୍ଥାନ ଓ ଅରୋଶିଷ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ପ୍ରତିଯୋଗିତାରେ ଯୋଗଦାନ ପାଇଁ ଶ୍ରୀତମ କୁମାର ସେଠୀ, ଡଃ ବିନୋଦ ରାଉଳଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବନ୍ୟପ୍ରାଣୀ ବିଭାଗର ଫଟୋ ପ୍ରଦର୍ଶନୀରେ ପ୍ରଥମସ୍ଥାନରେ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଦ୍ୱିତୀୟସ୍ଥାନରେ ଡଃ ଏ.ଭି. ରଙ୍ଗନାଧମ ଏବଂ ତୃତୀୟ ସ୍ଥାନରେ ଜେ.ପି . ମହନ୍ତଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବନ୍ୟପ୍ରାଣୀ ବିଭାଗରେ ପ୍ରକାଶ ମହାରଣା, ବିଜୟ ବ୍ୟାସ ଓ ତାପସ ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଶିଶୁ କଳାକାର ସାକ୍ଷୀ ପାତ୍ରଙ୍କ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ।

# ଇଞ୍ଜିନିୟରିଂ କଲେଜରେ ସିଟ୍ ଦେବା ଆଳରେ ୩.୯୫ ଲକ୍ଷ ଠକେଇ, ୨ଗିରଫ

ଭୁବନେଶ୍ୱର, ୨୫।୮ (ସତ୍ୟଜିତ୍ ରାଉତ)



ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇଦେବା ଆଳରେ ୩.୯୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ତମାଣ୍ଡୋ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା କେନ୍ଦୁଝର ଜିଲା ସୋସ ଅଞ୍ଚଳର ଆଶିଷ କୁମାର ନାୟକ (୩୨) ଓ କୋରାପୁଟ ଟାଉନ ଅଞ୍ଚଳର ଶୁଭମ ଭଞ୍ଜ (୨୫)। ସେମାନଙ୍କଠାରୁ ଠକେଇ ସମ୍ବନ୍ଧୀୟ ଦସ୍ତାବିଜ୍ ଜବତ ହୋଇଛି। ପ୍ରକାଶ ଯେ, ଅଭିଯୋଗକାରୀ ମାର୍କଣ୍ଡ ମହାକୁଡ଼ଙ୍କ ପୁଅ ଦେବାଶିଷଙ୍କୁ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ଦେବାକୁ କହି ଆଶିଷ ୨.୬୦ ଲକ୍ଷ ଟଙ୍କା ନେଇଥିଲେ। ଏହି କାମ କରିବାକୁ ସହଯୋଗୀ ଶୁଭମ୍‌ଙ୍କୁ ଆଶିଷ ୧.୮୦ ଲକ୍ଷ ଟଙ୍କା ଦେଇଥିଲେ। ବର୍ଷକର ହଷ୍ଟେଲ ଓ ଖାଦ୍ୟ ଖର୍ଚ୍ଚ ପାଇଁ ୧.୩୫ ଲକ୍ଷ ଟଙ୍କା ବାବଦକୁ ନକଲି ରସିଦ୍ ଦେଇଥିଲେ। ଗତ ଏପ୍ରିଲ ୨୩ରେ ମାର୍କଣ୍ଡ ତାଙ୍କ ପୁଅଙ୍କୁ ହଷ୍ଟେଲରେ ରହିବାକୁ ଶିକ୍ଷାନୁଷ୍ଠାନକୁ ଯାଇଥିବାବେଳେ ଠକେଇର ଶିକାର ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଆଶିଷ ପୂର୍ବରୁ କଟକ ଜିଲା ଓଲଟପୁର ଅଞ୍ଚଳର ଅନ୍ୟ ଏକ କଲେଜରେ ନାମ ଲେଖାଇଦେବାକୁ କହି ୩୦ଜଣଙ୍କ ପ୍ରାୟ ୨୦ ଲକ୍ଷ ଟଙ୍କା ଠକି ନେଇଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ଇଞ୍ଜିନିୟର ଗିରଫ

ଭୁବନେଶ୍ୱର, ୨୫।୮ (ସତ୍ୟଜିତ୍ ରାଉତ)

ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ଜଣେ ଇଞ୍ଜିନିୟରଙ୍କୁ ଭୁବନେଶ୍ୱର ମହିଳା ଥାନା ପୋଲିସ ସୋମବାର ଗିରଫ କରିଛି। ସେହେଲେ ଭୁବନେଶ୍ୱରରେ ରହୁଥିବା ଆନ୍ଧ୍ରପ୍ରଦେଶ କାକିନାଡ଼ାର ସୂର୍ଯ୍ୟସତ୍ୟ ତାଲହାରୀ(୩୦)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁଯାୟୀ, ସୂର୍ଯ୍ୟସତ୍ୟ କିଛିଦିନ ପୂର୍ବରୁ ଏକ ଡେଟିଂ ଆପ୍ ଜରିଆରେ ପୀଡ଼ିତା ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ସୂର୍ଯ୍ୟସତ୍ୟ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ବିଭିନ୍ନ ସମୟରେ ଏକାଧିକ ହୋଟେଲରେ ନେଇ ସମ୍ପର୍କ ରଖିବାବେଳେ ସୂର୍ଯ୍ୟସତ୍ୟ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଉଠାଇ ରଖିଥିଲେ। ପୀଡ଼ିତା ଜଣକ ତାଙ୍କୁ ବିବାହ ଲାଗି କହିବାରୁ ସେ ଦିନ ଗଡ଼ାଇ ଚାଲିଥିଲେ। ଏପରିକି ଫଟୋ ଓ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ୍ ଦେଇଥିଲେ। ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ସୂର୍ଯ୍ୟସତ୍ୟଙ୍କୁ ଗିରଫ କରିଛି।

# ଏଡ୍‌ସ ସଚେତନତା ନେଇ ରାଜ୍ୟସ୍ତରୀୟ କୁଇଜ୍

## ଦିବ୍ୟାଶ୍ରୀ ଦାସ, ରୋହିତ କୁମାର ରାଉତ ପ୍ରଥମ

ଭୁବନେଶ୍ୱର, ୨୫।୮ (ବନ୍ଦନା ସେଠୀ)





ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମାଜ (ଓସାକ୍ସ) ପକ୍ଷରୁ ଏଚ୍‌ଆଇଭି/ଏଡ୍‌ସ ଏବଂ ଯୌନ ସଂକ୍ରମିତ ସଂକ୍ରମଣ (ଏସ୍‌ଟିଆଇ) ଉପରେ ସଚେତନତା ବୃଦ୍ଧି ପାଇଁ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ, ବ୍ଲକ ଏବଂ ଜିଲାସ୍ତରରେ ଚୟନ ପ୍ରକ୍ରିୟା ପରେ ଶ୍ରେଷ୍ଠ ଦଳଗୁଡ଼ିକ ରାଜ୍ୟସ୍ତରୀୟ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ କେନ୍ଦ୍ରାପଡା ଜିଲାର ଦିବ୍ୟାଶ୍ରୀ ଦାସ ଏବଂ ରୋହିତ କୁମାର ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ସ୍ୱାଇଁ ଉଦଘାଟନ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ମେଜର ଡ. କଳ୍ପନା ଦାସ, ଡ. ରମେଶ ଚନ୍ଦ୍ର ବେହେରା ଏବଂ ଚନ୍ଦକା କଲେଜ ଅଧ୍ୟାପକ ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆଇଇସି, ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡ. ଡି.ଏସ. ଅରବିନ୍ଦ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଓସାକ୍ସର ସହକାରୀ ନିର୍ଦ୍ଦେଶକ ସ୍ମୃତି ସାଗରିକା କାନୁନଗୋ ସଂଯୋଜନା କରିଥିବାବେଳେ ଡ. ସୁବ୍ରତ କୁମାର ତ୍ରିପାଠି, ବିଧାନ ଚନ୍ଦ୍ର ନାୟକ, ସହଯୋଗ କରିଥିଲେ। ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଶିଶିର ବାହିନିପତି କୁଇଜ୍ ମାଷ୍ଟର ଭାବେ ଯୋଗ ଦେଇଥିଲେ।

# ଜଟଣୀ ପୌରାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା

## ୨୩ରୁ ୧୮ ଜଣ କାଉନ୍‌ସିଲର ଆଣିଲେ ପ୍ରସ୍ତାବ

ଜଟଣୀ, ୨୫।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୋରାଧକ୍ଷ ଅନନ୍ତ ବେହେରାଙ୍କ ବିରୋଧରେ କାଉନ୍‌ସିଲରମାନେ ଅନାସ୍ଥା ପ୍ରସ୍ତାବ ଆଣିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସୋମବାର ଅପରାହ୍ଣରେ ପୌରପରିଷଦର ୨୩ଜଣ କାଉନ୍‌ସିଲରଙ୍କ ମଧ୍ୟରୁ ୧୮ଜଣ ଖୋର୍ଦ୍ଧା ଜିଲାପାଳଙ୍କୁ ସାକ୍ଷାତ୍ କରି ପୌରାଧକ୍ଷଙ୍କ ବିରୋଧରେ ଅନାସ୍ଥା ସମ୍ପର୍କିତ ଲିଖିତ ପତ୍ର ପ୍ରଦାନ କରିଛନ୍ତି। ଅନ୍ୟ ୫ଜଣ କାଉନ୍‌ସିଲର ନିଜର ବ୍ୟକ୍ତିଗତ କାରଣ ଯୋଗୁ ଅନାସ୍ଥା ପତ୍ରରେ ସ୍ୱାକ୍ଷର କରି ନ ଥିବା ଜଣେ କାଉନ୍‌ସିଲର ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ତେବେ ଜଟଣୀ ପୌର ପରିଷଦରେ ତିନି ଚତୁର୍ଥାଂଶ ବିଜେଡି ସମର୍ଥିତ କାଉନ୍‌ସିଲର ଥିବାବେଳେ କାହିଁକି ଓ କେଉଁ କାରଣ ପାଇଁ ୧୮ ଜଣ କାଉନ୍‌ସିଲର ଅନାସ୍ଥା ପାଇଁ ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ହୋଇନାହିଁ।

ପ୍ରକାଶ ଯେ, ୨୦୨୨ ପୌର ନିର୍ବାଚନରେ ଜଟଣୀ ପୌରପରିଷଦ ବିଜେଡି ଦଖଲ କରିଥିଲା। ନିର୍ବାଚନର କିଛି ମାସ ପର୍ଯ୍ୟନ୍ତ ପୌରପରିଷଦ ସମସ୍ତ କାଉନ୍‌ସିଲରଙ୍କୁ ନେଇ ସୁରୁଖୁରୁରେ ଚାଲିଥିଲା। ତେବେ ସମୟ ବିତିବା ସହ ପୋରାଧକ୍ଷ ଅନନ୍ତ ବେହେରା ଏବଂ କେତେଜଣ ପାରିଷଦଙ୍କ ମଧ୍ୟରେ ମତଭେଦ ଉପୁଜିଥିବା ଦେଖିବାକୁ ମିଳିଥିଲା। ସେ ସମୟରେ ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପରେ ମତଭେଦର ମଧ୍ୟ ସମାଧାନ ହୋଇଥିଲା। ପୌରାଧକ୍ଷଙ୍କ ଏକଛତ୍ରବାଦ ନୀତି ଏବଂ ମନମୁଖି କାର୍ଯ୍ୟ ପାଇଁ କାଉନ୍‌ସିଲରଙ୍କ ମଧ୍ୟରେ ଧୀରେ ଧୀରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲା। ଏପରି କି ଗତ ସାଧାରଣ ନିର୍ବାଚନରେ ସରକାର ବଦଳିବା ପରେ ଜଟଣୀ ବିଜେଡିରେ ସାଙ୍ଗଠନିକସ୍ତରରେ ବିଭ୍ରାଟ ସହ ଦଳ ବିରୋଧୀ କାର୍ଯ୍ୟ, ଆରୋପପ୍ରତ୍ୟାରୋପ ବିଜେଡି ଦଳୀୟ କର୍ମୀ ଏବଂ ସଂଗଠକଙ୍କ ମଧ୍ୟରେ ବିଭିନ୍ନସ୍ତରରେ ଦେଖିବାକୁ ମିଳୁଥିଲା। ଏବେ ପୌରାଧକ୍ଷଙ୍କ ବିରୋଧରେ ଅନାସ୍ଥା ଅଣାଯିବା ଘଟଣା ବିଜେଡି ଦଳୀୟନେତା ଏବଂ କର୍ମୀଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ପଦାରେ ପଡିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁସାରେ ଗତ ରବିବାର ପୌର ଉପାଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମା' ଦକ୍ଷୀଣକାଳୀଙ୍କ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ପୌରାଧକ୍ଷଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ତେବେ ଏହି ଅନାସ୍ଥା ପ୍ରସଙ୍ଗରେ ପୌରାଧକ୍ଷ ଅନନ୍ତ ବେହେରାଙ୍କୁ ପଚାରିବାରେ କହିଛନ୍ତି, ସେ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଛନ୍ତି। ଲୋକଙ୍କ ପାଇଁ ସେବା କାର୍ଯ୍ୟ ୨୩ କାଉନ୍‌ସିଲରଙ୍କୁ ନେଇ କରିବା ସହିତ ଜଟଣୀର ବିକାଶକୁ ଗୁରୁତ୍ୱ ଦେଇ ଆସିଛନ୍ତି। ତାଙ୍କ କାର୍ଯ୍ୟକଳାପରେ ଯଦି କୌଣସି କାଉନ୍‌ସିଲର ଅସନ୍ତୁଷ୍ଟ ଅଛନ୍ତି, ସେ ଆଗାମୀ ଦିନରେ ଆଲୋଚନା କରି ସବୁ ସମସ୍ୟାର ସମାଧାନ କରିବା ସହିତ ପରିଷଦର ଆଗାମୀ ଦେଢ଼ ବର୍ଷକୁ ସଫଳତାର ସହ ସାରିବେ ବୋଲି ଅନନ୍ତ କହିଛନ୍ତି।

## କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ 'କଫି, କଥା ଓ କବିତା ୯.୦'

ଭୁବନେଶ୍ୱର, ୨୫।୮ (ସୌମ୍ୟରଞ୍ଜନ ରାଉତ)- କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'କଫି, କଥା ଓ କବିତା ୯.୦' ରବିବାର ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରେକ୍ଷାଳୟଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପଶ୍ଚିମା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଯୁବକବି ସତ୍ୟ ଶିବ ସୁନ୍ଦର ଦାସଙ୍କ ପ୍ରଥମ କବିତା ସଙ୍କଳନ 'ଛାତିଏ ରାତି'ର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡିଶା ସାହିତ୍ୟ ଏକାଡ଼େମୀର ସଚିବ ଡ଼.ଚନ୍ଦ୍ରଶେଖର ହୋତା, ସାହିତ୍ୟିକା ଅପର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପରେ ପରେ କାର୍ଯ୍ୟକ୍ରମରେ ଶତାଧିକ ସାହିତ୍ୟପ୍ରେମୀ ଯୋଗ ଦେଇ ଚାହା,କଫି ସହିତ କବିତା, ଗପ, ଗୀତ ଆଦିକୁ ଉପଭୋଗ କରିଥିଲେ। କବୟିତ୍ରୀ ଶ୍ରୀସିକ୍ତା ଶୁଭଦର୍ଶନୀ କାର୍ଯ୍ୟକ୍ରମରେ ଉପସ୍ଥାପନା କରିଥିବାବେଳେ କଳିଙ୍ଗ ଭାଷା ମୁକ୍ତମଞ୍ଚ ପରିବାରର ମୁଖ୍ୟ ସତ୍ୟ ଶିବ ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜରୁରିକାଳୀନ ପରିସ୍ଥିତି ପାଇଁ ହସ୍ପିଟାଲ ପ୍ରସ୍ତୁତି ନେଇ ତାଲିମ ଶିବିର



ଶିବିରରେ ଯୋଗଦେଇଥିବା ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଏମ୍‌ସ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୫।୮ (ବନ୍ଦନା ସେଠୀ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ପ୍ରକୋଷ୍ଠ ଓ ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଜରୁରିକାଳୀନ ପରିସ୍ଥିତି ପାଇଁ ହସ୍ପିଟାଲ ପ୍ରସ୍ତୁତି ଉପରେ କ୍ଷମତା ନିର୍ମାଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍‌ସରେ ୬ଦିନ ଧରି ଚାଲିଥିବା ଏହି ଶିବିରରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା, ହସ୍ପିଟାଲଗୁଡ଼ିକୁ ବିପର୍ଯ୍ୟୟ ସମୟରେ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବା ଆଦି ବିଷୟରେ ତାଲିମ୍ ପ୍ରଦାନ କରାଯାଇଥିଲା। ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବିପର୍ଯ୍ୟୟ ସମୟରେ ହସ୍ପିଟାଲଗୁଡ଼ିକ ହେଉଛି ଜୀବନରେଖା। ଲୋକଙ୍କ ପାଖରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ହସ୍ପିଟାଲଗୁଡ଼ିକର ପ୍ରସ୍ତୁତି ଏବଂ ନିରନ୍ତରତା ସୁଦୃଢ଼ କରିଥାଏ। ଏହି କାର୍ଯ୍ୟକ୍ରମ ଦେଶରେ ବିପର୍ଯ୍ୟୟ-ପ୍ରତିରୋଧୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନିର୍ମାଣ କରିବା ଦିଗରେ ଏକ ପଦକ୍ଷେପ ଥିଲା ବୋଲି ସେ କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ପ୍ରଫେସର ବିଶ୍ୱାସଙ୍କ ସହ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ନୋଡାଲ ଅଧିକାରୀ ଡା. ଜୟନ୍ତ କୁମାର ମିତ୍ରଙ୍କ ସମେତ ବହୁ ବରିଷ୍ଠ ତାଲିମଦାତା ଉପସ୍ଥିତ ଥିଲେ। ଓଡ଼ିଶା, ମେଘାଳୟ, ପଶ୍ଚିମବଙ୍ଗ ଏବଂ ଆସାମର ବରିଷ୍ଠ ସ୍ୱାସ୍ଥ୍ୟସେବା ଅଧିକାରୀମାନେ ତାଲିମରେ ଅଂଶଗ୍ରହଣ କରିଥିଲେ। ଏହି ତାଲିମରେ ହସ୍ପିଟାଲ ବିପର୍ଯ୍ୟୟ ପରିଚାଳନା ନୀତି, ହସ୍ପିଟାଲ ଜରୁରିକାଳୀନ ଘଟଣା ପ୍ରତିକ୍ରିୟା ପ୍ରଣାଳୀ, ବିପର୍ଯ୍ୟୟ ପରିଚାଳନା ଆଇନ, ଟ୍ରାଇଜିଂ, ଲଜିଷ୍ଟିକ୍ସ, ଯୋଗାଯୋଗ, ଅଗ୍ନି ନିରାପତ୍ତା, ମକ୍‌ଡ୍ରିଲ, ମନସ୍ତାତ୍ତ୍ୱିକ ସାମାଜିକ ଯତ୍ନ, ହସ୍ପିଟାଲ ଖାଲି କରିବା, ସେବାର ନିରନ୍ତରତା ଏବଂ ସ୍ୱାଭାବିକତାକୁ ଫେରିବା ଆଦି ଅନ୍ତର୍ଭୁକ୍ତ ଥିଲା।

**ବେଆଇନ ଗୋରୁ ଚାଲାଣ, ଅଟୋ ଡ୍ରାଇଭର ଗିରଫ**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ଜଣେ ଅଟୋ ଡ୍ରାଇଭରଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଟୋ ଡ୍ରାଇଭର ଜଣଙ୍କ ହେଲେ ଟାଙ୍ଗୀ ଥାନା ଅଧୀନ ମାଗୁରା ଗ୍ରାମର ଶଙ୍କର ସାହୁ। ପୋଲିସ ସୂଚନା ମୁତାବକ, ବିଶ୍ୱାଳି ଫାଣ୍ଡି ନିକଟରେ ରବିବାର ବିଳମ୍ବିତ ରାତିରେ ଟାଙ୍ଗୀ ଥାନା ପୋଲିସର ପାଟ୍ରୋଲିଂ ସମୟରେ ଏକ ଅଟୋରେ ଗୋରୁ ଯାଉଥିବା ଦେଖି ଅଟକାଇଥିଲା। ଅଟୋ ଭିତରେ ଗୋରୁ ଅତି ଅମାନୁଷିକ ଭାବେ ଗୋଡ ଓ ପାଟିକୁ ଦଉଡିରେ ବନ୍ଧା ଯାଇଥିବା ଦେଖିବାକୁ ପାଇଥିଲା। ଯାଞ୍ଚ ପରେ ବେଆଇନ ବୋଲି ପୋଲିସ ଜାଣିବାକୁ ପାଇଥିଲା।



## ସଂକ୍ଷେପରେ

### ବୁଲେଟ ଧକ୍କାରେ ପଥଚାରୀ ମୃତ

ଫୁଲନଖରା,୨୫।୮ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥର ବମ୍ଫକୁଦଠାରେ ବୁଲେଟ ଧକ୍କାରେ ସୋମବାର ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ନିକଟସ୍ଥ ବମ୍ଫକୁଦ ଗ୍ରାମର ତ୍ରିନାଥ ଜେନା। ତ୍ରିନାଥ ପୂର୍ବାହ୍ନ ୧୧ଟାରେ ରାସ୍ତା ଅତିକ୍ରମ କରୁଥିବା ବେଳେ କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବୁଲେଟ ଆରୋହୀ ତ୍ରିନାଥଙ୍କୁ ପଛପଟୁ ଧକ୍କା ଦେଇଥିଲେ। ବୁଲେଟ ଧକ୍କା ଦେବାରୁ ତ୍ରିନାଥଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ସେ ଚେତାଶୂନ୍ୟ ହୋଇ ସେଠାରେ ପଡିଗଲେ। ପରେ ସ୍ଥାନୀୟ ଲୋକ ଓ କଟକ ସଦର ଥାନା ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ କଟକ ଏସ୍‌ସିବିକୁ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନେକ ସମୟରେ ବମ୍ଫକୁଦ ଛକରେ ଦୁର୍ଘଟଣାର ଶିକାର ହୋଇ ନିରୀହ ଲୋକମାନେ ମୃତ୍ୟୁବରଣ କରିଛନ୍ତି। ସ୍ଥାନୀୟ ଲୋକେ ବମ୍ଫକୁଦ ଛକରେ ଏକ ଓଭର ବ୍ରିଜ କରିବା ପାଇଁ ବାରମ୍ବାର ଦାବି କରୁଛନ୍ତି।

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୫।୮ (ଆଶୁତୋଷ ଦାସ/ମାନସ ସାମଲ)

ଚୌଦ୍ୱାର ମୁଣ୍ଡମାଳ ଛକ ନିକଟ ୫୫ ନଂ ଜାତୀୟ ରାଜପଥରେ ସୋମବାର ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତୋଲ ଅଞ୍ଚଳର ଅଙ୍କିତ ସାହୁ (୨୨)। ସୂଚନା ଅନୁଯାୟୀ ଅଙ୍କିତ ସ୍କୁଟି ଯୋଗେ ମଙ୍ଗୁଳିରୁ ଚୌଦ୍ୱାର ଅଭିମୁଖେ ଆସୁଥିବା ବେଳେ ୧୬ ଚକିଆ ଟ୍ରକ୍ (ନଂ.ଓଡି୨୯ଏଫ୍-୩୪୭୫) ତାଙ୍କୁ ପଛରୁ ଧକ୍କା ଦେଇ କିଛି ବାଟ ଘୋଷାରି ନେଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ ଚୌଦ୍ୱାର ମହିଳା ଖବରକାଗଜ ବିତରକ କହିଛନ୍ତି। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛିସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଗାଡି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଜବତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଲୋକଙ୍କ କହିବାନୁଯାୟୀ ଜାତୀୟ ରାଜପଥ ସମ୍ପ୍ରସାରଣ ନିର୍ମାଣ କାର୍ଯ୍ୟ ୭ ବର୍ଷ ହେବ ସରୁ ନ ଥିବା ବେଳେ ମୁଣ୍ଡମାଳ ଛକ ନିକଟରେ ରେଲୱେ ଲାଇନ ଥିବା ବେଳେ ରାଜପଥ କର୍ତ୍ତୃପକ୍ଷ କୌଣସି ସଂକେତ ଦେଇ ନାହାଁନ୍ତି। ଫଳରେ ଚାଳକମାନେ ଦ୍ୱନ୍ଦରେ ପଡୁଥିବାରୁ ବାରମ୍ବାର ଉକ୍ତ ସ୍ଥାନରେ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି।

### ୨୭ ଲକ୍ଷ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ

କଟକ ସଦର,୨୫।୮ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ କିଶୋରନଗର ପଞ୍ଚାୟତରେ କଟକ ସଦର ବିଧାୟକ ୨୭ ଲକ୍ଷ ଟଙ୍କାର ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କିଶୋରନଗର ମହାବିଦ୍ୟାଳୟର ବାଳିକା ପ୍ରକୋଷ୍ଠ ଓ ଇ-ପାଠାଗାର ଶିଳାନ୍ୟାସ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ କରିଥିଲେ। ଏହାଛଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାଠାଗାରର ମଧ୍ୟ ଶିଳାନ୍ୟାସ କରାଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ଆମ୍ବାର ସଭାପତି ରମା ପ୍ରସାଦ ବିଶାଳ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।

# ନନ୍‌ଟ୍ରମା କାଜୁଆଲ୍‌ଟିରେ ରୋଗୀ ମୃତ୍ୟୁ, ଉତ୍ତେଜନା

କଟକ,୨୫।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ନନ୍‌ଟ୍ରମା କାଜୁଆଲଟିରେ ଇସିଜି କରିବାକୁ କର୍ମଚାରୀ ମନା କରିବାରୁ ପରୀକ୍ଷା ପାଇଁ ଦୀର୍ଘ ସମୟ ଅପେକ୍ଷା କରି ଶେଷରେ ରୋଗୀଙ୍କ ସୋମବାର ମୃତ୍ୟୁ ଘଟିଛି। ଏହାକୁ ନେଇ କାଜୁଆଲ୍‌ଟିରେ ଉତ୍ତେଜନା ପ୍ରକାଶ ପାଇଥିଲା। କାଜୁଆଲ୍‌ଟି ପରିସରରେ ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ମୃତଦେହ ରଖାଯାଇଥିଲା। ମେଡିକାଲରେ ଗୁରୁତର ରୋଗୀଙ୍କୁ ମୃତ୍ୟୁମୁଖକୁ ପଠାଯାଉଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନାମୁତାବକ, କଟକ ଯୋବ୍ରା ଅଞ୍ଚଳର ଜଣେ ରୋଗୀ ଛାତିରେ ଯନ୍ତ୍ରଣା ହେବା ସହ ଠିକ୍ ଭାବେ ନିଃଶ୍ୱାସ ନେଇ ନ ପାରିବାରୁ ସୋମବାର ଏସ୍‌ସିବିର ନନ୍‌ଟ୍ରମା କାଜୁଆଲଟିକୁ ଚିକିତ୍ସା ପାଇଁ ଆସିଥିଲେ। ରୋଗୀଙ୍କୁ ଡାକ୍ତର ଦେଖିବା ପରେ ପ୍ରଥମେ ଅକ୍ସିଜେନ ଲଗାଯାଇଥିଲା ଏବଂ ପରେ ଇସିଜି କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ଇସିଜି କରିବାକୁ ରୋଗୀଙ୍କ ପରିବାର ଲୋକେ କାଜୁଆଲଟି ପରିସରରେ ଥିବା ଇସିଜି ଗୃହକୁ ଯାଇ ପଚାରିବାରୁ ସେଠାରେ ଥିବା କର୍ମଚାରୀ ମନା କରିଥିଲେ। ଏବେ ଇସିଜି କରି ପାରୁନୁ ନାହିଁ ପରେ ଆସିବାକୁ କହି ବିଦା କରି ଦେଇଥିଲେ। ପରିବାର ଲୋକେ ଇସିଜି କରାଇବାକୁ ନେହୁରା ହୋଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଇସିଜି ନ ହେବାରୁ ରୋଗୀ ଡାକ୍ତରଙ୍କୁ ଦେଖାଇ ପାରି ନ ଥିଲେ ଏବଂ ଦୀର୍ଘ ସମୟ ଅପେକ୍ଷା କରିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିବା ପରେ କାଜୁଆଲଟି ପରସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଧରି ମୃତଦେହ ରଖିଥିଲେ। ପରେ ସେଠାକାର ଅନ୍ୟ କର୍ମଚାରୀ ବୁଝାଶୁଝା କରିବାରୁ ମୃତଦେହକୁ ନେଇଥିଲେ। ତେବେ ଏସ୍‌ସିବି ମେଡିକାଲର ନନ୍‌ଟ୍ରମା କାଜୁଆଲଟିରେ ସ୍ୱତନ୍ତ୍ର ଭାବେ ଇସିଜି ଗୃହ ରହିଛି। ଏଠାରେ ତିନୋଟି ସିଫ୍ଟରେ ପ୍ରାୟ ୬ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏପରିକି ଗୁରୁତର ରୋଗୀ ଏଠାକୁ ଆସିଲେ ପ୍ରଥମେ ଚିକିତ୍ସା ଓ ସେବା ଯୋଗାଇ ଦେବାକୁ ମେଡିକାଲ କର୍ତ୍ତୃପକ୍ଷ ଏଠାକାର କାଜୁଆଲଟି ଅଧିକାରୀଙ୍କୁ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ କର୍ମଚାରୀମାନେ ମାନୁ ନ ଥିବା ସ୍ପଷ୍ଟ ଚିତ୍ର ନଜରକୁ ଆସିବାରେ ଲାଗିଛି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବିସ୍ଥାପିତଙ୍କୁ ଥଇଥାନ ଦାବିରେ ଜିଲା କଂଗ୍ରେସର ଧାରଣା



କମ୍ପାନୀ ଫାଟକ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

ମଙ୍ଗୁଳି-ଜଗତପୁର,୨୫।୮ (ମାନସ ସାମଲ)

ବିସ୍ଥାପିତଙ୍କୁ ଥଇଥାନ ଦାବିରେ କଟକ ଜିଲା କଂଗେସ ଓ ପକ୍ଷରୁ ଟାଙ୍ଗୀ-ଚୌଦାର ବ୍ଲକ ଅଧୀନ ଉଛପଦା ପଞ୍ଚାୟତସ୍ଥିତ ଏକ ସିମେଣ୍ଟ କମ୍ପାନୀ ଫାଟକ ସମ୍ମୁଖରେ ଧାରଣ ଦିଆଯାଇଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲା ସଂଖ୍ୟା ଲଘୁ ସଭାପତି ଆକ୍ୟୁବ ଖାନଙ୍କ ନେତୃତ୍ୱରେ ଶତାଧିକ ଲୋକ ଓ କର୍ମୀ ଯୋଗଦେଇଥିଲେ। ପରେ କମ୍ପାନୀର ସହନିର୍ଦ୍ଦେଶକ ପଙ୍କଜ ଗୁପ୍ତାଙ୍କ ଉଦ୍ଦେଶ୍ୟରେ ଏକ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କମ୍ପାନୀ ଦ୍ୱାରା ବିଶାଳି, ସଫା, କରଞ୍ଜି, କାନପୁର ଓ ଗରୁଡ଼ଗାଁ ବହୁ ଅଧିବାସୀ ବିସ୍ଥାପିତ ହୋଇଥିବା ବେଳେ ଏ ସମ୍ପର୍କରେ ବାରମ୍ବାର ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କେହି ଏଥିରେ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଆସୁଥିଲା। ଉନ୍ନତମାନର ରାସ୍ତା ନିର୍ମାଣ, କମ୍ପାନୀରେ ନିଯୁକ୍ତି, ସ୍ଥାୟୀ ଜମି ପଟ୍ଟା, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ସହ ଖେଳପଡ଼ିଆ, ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ସ୍ୱତନ୍ତ୍ର ଅନୁଦାନ, ଗ୍ରାମ୍ୟ ରାସ୍ତାଗୁଡ଼ିକୁ ଆଲୋକୀକରଣ ଓ ପାନୀୟଜଳ ସମସ୍ୟା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। କଟକ ଜିଲା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ କୁମାର ଦାସ, କଟକ ଜିଲା ଅନୁସୂଚିତ ଜାତି ବିଭାଗର ସଭାପତି ପ୍ରତାପ ମଲ୍ଲିକ, ଟାଙ୍ଗୀ-ଚୌଦାର ବ୍ଲକ ସଭାପତି ଆଶୁତୋଷ ବରାଳଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ଥିଲେ।

# ପିଲାଙ୍କୁ ବାହାରେ ଆଣ୍ଠେଇବା ଘଟଣାର ତଦନ୍ତ ଆରମ୍ଭ

କଟକ ସଦର,୨୫।୮ (ସୁଶାନ୍ତ କୁମାର ଜେନା)



ଆଇନଶୃଙ୍ଖଳା ଦୃଷ୍ଟିରେ ବେଣ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପୋଲିସ ମୁତୟନ।

୪୨ ମୌଜା ଅନ୍ତର୍ଗତ ବେଣ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ପିଲାମାନଙ୍କୁ ବାହାରେ ଆଣ୍ଠେଇ ଦେଇ ଶାରୀରିକ କଷ୍ଟ ଦିଆଯାଇଥିଲା। ଏହି ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ କଟକ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଅଭିଜିତା ଭାସ୍କର ସୋମବାର ବିଦ୍ୟାଳୟ ଯାଇ ତଦନ୍ତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ଖଣ୍ଡାଇଙ୍କୁ କାହିଁକି ଆଣ୍ଠେଇ ଦେବା ଭଳି ଦଣ୍ଡ ପିଲାମାନଙ୍କୁ ଦେବାକୁ ପଡ଼ିଲା ସେକଥା ବୁଝିଥିଲେ। ଏହାଛଡା ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଆଣ୍ଠେଇ ଥିବା ପିଲାମାନଙ୍କ ବୟାନ ମଧ୍ୟ ସେ ରେକର୍ଡ କରିଥିଲେ। ପ୍ରାର୍ଥନା କ୍ଲାସରେ ଏକ ସଂସ୍କୃତ ଶ୍ଳୋକର ଉତ୍ତର ପିଲାମାନେ ଦେଇ ନ ପାରିବାରୁ ପ୍ରଧାନ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଆଣ୍ଠେଇ ଦେବା ସହ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ତଳେ ବସାଇ ଦେଇଥିବା ଅଭିଯୋଗ ହୋଇଛି। ତଦନ୍ତ ବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସପକ୍ଷ ଓ ବିପକ୍ଷ ବାଦି ମୁହାଁମୁହିଁ ହେବାରୁ ୪୨ ମୌଜା ଥାନା ପୋଲିସ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ବୟାନ ରେକର୍ଡ ସମୟରେ ବିଦ୍ୟାଳୟ ଫାଟକ ସମ୍ମୁଖରେ ପୋଲିସ ଜଗିଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିନ୍ମୟ ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ସଭ୍ୟାସଭ୍ୟ ଏକ ସ୍ମାରକ ପତ୍ର ମାଧ୍ୟମରେ ବିଦ୍ୟାଳୟରେ ଚାଲିଥିବା ମନୋମୁଖୀ କାର୍ଯ୍ୟ ସମ୍ପର୍କରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭାସ୍କରଙ୍କୁ ଜଣାଇଥିବା ବେଳେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ପକ୍ଷରୁ ମଧ୍ୟ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସର୍ବଶେଷ ଖବର ଅନୁଯାୟୀ ଏହି ଘଟଣାକୁ ଚାପାଇ ଦେବା ଉଦ୍ୟମ ହେଲେ ଅଭିଭାବକ କମିଟି ଘଟଣା ସମ୍ପର୍କରେ ଜାତୀୟ ଓ ରାଜ୍ୟ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିବ ବୋଲି ଜଣାପଡିଛି। ତଦନ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ଦିଆଯିବ ବୋଲି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭାସ୍କର କହିଛନ୍ତି। ବରିଷ୍ଠ ପ୍ରଧାନ ଶିକ୍ଷକ ହୋଇଥିବାରୁ ଜିଲା ଶିକ୍ଷାଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ନାହିଁ। କେବଳ ସୁପାରିଶ କଲେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଯାହାକିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବେ।

## ଲଳିତ, ଶ୍ରେୟାଂଶ ଚାମ୍ପିୟନ

କଟକ,୨୫।୮ (କାର୍ତ୍ତିକ ସାହୁ)

ଆଇଏସ ଚେସ ସେଣ୍ଟର ଆନୁକୂଲ୍ୟରେ ପଞ୍ଚମ ରାଜ୍ୟସ୍ତରୀୟ ପ୍ୟାରୀମୋହନ ସାମନ୍ତରାୟ ଓପନ ଚେସ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପରେ ଆୟୋଜିତ ଟୁର୍ନାମେଣ୍ଟରେ ମୋଟ ୧୮୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କଟକର ଲଳିତ ରଞ୍ଜନ ସାହୁ ମୋଟ ୬.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିବା ବେଳେ ଏସକେ ସୟିଦ ରନର ଅପ ହୋଇଥିଲେ। ସାଇଶକ୍ତି ପଣ୍ଡା, ସଂଜୀବନ ନାୟକ, ଏମ୍. ଈଶ୍ୱର ରାଓ, ଆଦିତ୍ୟ ରଞ୍ଜନ ଦାସ, ନାରାୟଣ ସ୍ୱାଇଁ, ଶୁଭାଶିଷ ଷଡ଼ଙ୍ଗୀ, ସତ୍ୟମ ସ୍ୱରୂପ ସାହୁ ଓ ଶୁଭେନ୍ଦୁ ପାତ୍ର ଯଥାକ୍ରମେ ୩ୟରୁ ୧୦ମ ସ୍ଥାନରେ ରହିଛନ୍ତି। ସେହିଭଳି ୧୧ବର୍ଷରୁ କମ୍ ପ୍ରତିଯୋଗିତାରେ ଶ୍ରେୟାଂଶ ଦାସ ବିଜେତା ହୋଇଥିବା ବେଳେ ରାଘବ ବିଶ୍ୱାଳ ୨ୟ ଏବଂ ଆତିକ୍ଷ ସାହାଣୀ, ପରଂବ୍ରହ୍ମ ରାଉତ, ନିରେକ ପରିଡ଼ା, ତୁଷାର ଅଗ୍ରୱାଲ, ଶିଭାଦିତ୍ୟ ଦାଶ, ଦିବ୍ୟେଶ ମହାପାତ୍ର, ପ୍ରେରଣା ପି. ବେହେରା ଓ ଅନନ୍ତ ଜୀତ୍ ଯଥାକ୍ରମେ ୩ୟରୁ ୧୦ମ ସ୍ଥାନରେ ରହିଛନ୍ତି। ବୟସ ବର୍ଗରେ ଅବନିତ୍ ସାହୁ, କ୍ରିଶା କପାରି, ଗୁଣମୟ ପାଣିଗ୍ରାହୀ, ସ୍ନିକା ନନ୍ଦ ପ୍ରମୁଖ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ୬୦ଜଣ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି। ସୁରଜ ମହାରଣା ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ସମ୍ପାଦକ ମାନସ ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସଭାପତି ମନୋଜ କୁମାର ପତି, ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ଡ. ସୁପ୍ରଭା ଶୁକ୍ଳ, ସମୀର କୁମାର କର ପ୍ରମୁଖ ଉପସ୍ଥିତ ରହି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥଲେ।

## ଗୁରୁ ହିଁ ସଙ୍କଟରୁ ରକ୍ଷା କରିବେ

କଟକ,୨୫।୮ (କାର୍ତ୍ତିକ ସାହୁ)

ବାଦାମବାଡ଼ି-ଛତ୍ରବଜାର ଗୁରୁଭ୍ରାତାମାନଙ୍କ ମିଳିତ ଆନୁକୂଲ୍ୟରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ରବ ପରିକ୍ରମା ସତସଙ୍ଗ ଖାନନଗରସ୍ଥିତ ମଣିମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ନଗେନ୍ଦ୍ରନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସତସଙ୍ଗରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଜିତେନ୍ଦ୍ର କୁମାର ପତି ଯୋଗଦେଇ କହିଲେ, ମଣିଷ ଯେତେ କ୍ଷମତାଶାଳୀ, ଧନସମ୍ପତ୍ତିର ଅଧିକାରୀ ହୋଇଥିଲେ ବି ଗୁରୁ ହିଁ ଏକାନ୍ତ କାମ୍ୟ। ଗୁରୁ ହିଁ ସଙ୍କଟରୁ ରକ୍ଷା କରିବେ। ତେଣୁ ଗୁରୁଙ୍କଠାରେ ମନ ସମର୍ପଣ କରିଦେଲେ ମୁକ୍ତି ମିଳିବ। ପ୍ରଦୀପ କୁମାର ବେଉରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉମାକାନ୍ତ ସାହୁ ସତ୍ୟାନୁସରଣ ଓ ବାମନ ଚରଣ ସାହୁ ନାରୀର ନୀତି ପାଠ କରିଥିଲେ। ଜ୍ଞାନେନ୍ଦ୍ର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଗୌତମ ତ୍ରିପାଠୀ ଧ୍ୱନି ଦେଇଥିଲେ।

# ୧୦୮ ମହାଆଳତି ମୁଖ୍ୟ ଆକର୍ଷଣ

କଟକ,୨୫।୮ (ଶିଳ୍ପା ପ୍ରିୟଦର୍ଶିନୀ)

**୧୪ ଫୁଟ୍ ଉଚ୍ଚ ମୂର୍ତ୍ତି, ୫୬ ପ୍ରକାରର ବ୍ୟଞ୍ଜନ ଭୋଗ**

ଭାଦ୍ରବ ଶୁକ୍ଳ ଚତୁର୍ଥୀ ବା ଅଗଷ୍ଟ ୨୭ରେ ଧରାପୃଷ୍ଠକୁ ଧରାବତରଣ କରିବେ ପ୍ରଭୁ ଗଜାନନ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି କଟକ ସହର। ପୂଜା ପାଇଁ ଯୋବ୍ରା ଲକ୍ଷ୍ମୀବଜାରସ୍ଥିତ ମହାବୀର କ୍ଲବ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ୨୦୧୪ ମସିହାରୁ କ୍ଲବ ପକ୍ଷରୁ ଗଣେଶ ପୂଜା ହୋଇ ଆସୁଛି। କମିଟି ସଭାପତି ସୁଶୀଲ ବେହେରା, ସମ୍ପାଦକ କେ. ବୁଦ୍ଧିରାମ ରହିଛନ୍ତି। ଚଳିତଥର ପୂଜା ପାଇଁ କ୍ଲବ ପକ୍ଷରୁ ୩ ଲକ୍ଷ ଟଙ୍କାର ବଜେଟ କରାଯାଇଛି। ଏହାସହ ଚଳିତବର୍ଷ ୧୪ ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତି ସହ ମେଢ଼ ମୁଖ୍ୟ ଆକର୍ଷଣ ପାଲଟିବ। ପୂଜା ଦିନ ସନ୍ଧ୍ୟାରେ ୫୬ ବ୍ୟଞ୍ଜନ ମିଠା ଭୋଗ ଲାଗି କରାଯିବ। ଏହାସହ ୧୦୮ ମହାଆଳତୀ କରାଯିବ। ୭୦ କେଜିର ରସଗୋଲା ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ପୂଜା ଅବସରରେ ଶିଳ୍ପୀ ଓ ବିଶେଷ ବ୍ୟକ୍ତିମାନଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ସେପ୍ଟେମ୍ବର ୬ରେ ଅନନ୍ତବ୍ରତ ପୂଜା କରାଯିବ ଏବଂ ୧୪ରେ ଭସାଣି ଯାତ୍ରା ହେବ। ଭସାଣିରେ



ଯାଜପୁରର ଏମ୍‌ଏସ୍ ବ୍ୟାଣ୍ଡ ପାର୍ଟି ଓ ମା' ମଙ୍ଗଳା ଘଣ୍ଟ ବାଦ୍ୟ ସମେତ ପାରମ୍ପାରିକ ବାଦ୍ୟରେ ଭସାଣି ଯାତ୍ରା କରାଯିବ।

# ଜେମିନୀ କ୍ଲବ: ଭସାଣିରେ ବେଙ୍ଗାଲୁରୁ ବାଦ୍ୟ, ବେଙ୍ଗଲର ଲୋକନୃତ୍ୟ ମୁଖ୍ୟ ଆକର୍ଷଣ

କଟକ,୨୫।୮ (ଶିଳ୍ପା ପ୍ରିୟଦର୍ଶିନୀ)

ପାର୍ବଣ ପାଇଁ ଉତ୍ସବମୁଖର କଟକ ସହର। ଗଣେଶ ପୂଜାର ଏହି ପାର୍ବଣ ଆରମ୍ଭ ହୋଇଥାଏ। ଗଣେଶ ପୂଜା ପାଇଁ ସହର ଚଳଚଞ୍ଚଳ ହୋଇ ଉଠିଛି। ଚଳିତଥର ଆଲାମଚାନ୍ଦ ବଜାର ଏବଂ ବିନୋଦ ବିହାରୀ ବାଲୁ ବଜାର ଅଞ୍ଚଳରେ ଥିବା ଜେମିନୀ କ୍ଲବ ପକ୍ଷରୁ ପୂଜା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୯୧ବର୍ଷ ହେବ ଏହି କ୍ଲବରେ ପୂଜା ଧୁମ୍‌ଧାମରେ ପାଳନ କରାଯାଇ ଆସୁଛି। କ୍ଲବ ସଭାପତି ଭାବେ ବିପିନ ସିଂ ଓ ସମ୍ପାଦକ ଭାବେ ନିତାଇ ରାଏ ରହିଛନ୍ତି। କଟକ ସହରରେ ବୁଢ଼ା ଗଣେଷ ପୂଜା ପାଉଥିବା ମଣ୍ଡପ ମଧ୍ୟରେ ଜେମିନୀ କ୍ଲବର ସ୍ୱତନ୍ତ୍ରତା ରହି ଆସିଛି। ବିଶେଷ ଭାବରେ ପାରମ୍ପରିକ ରୀତିନୀତିରେ ଅନୁଯାୟୀ ମାନସିକ ଧାରୀ ଏଠାରେ ପୂଜା କରିଥାନ୍ତି। ପୂଜାରେ ଦ୍ୱିତୀୟା ବାହନ ଓଷା ଶ୍ରଦ୍ଧାଳୁମାନେ କରିଥାନ୍ତି। ଏହାସହ କ୍ଲବ ପକ୍ଷରୁ ଘାଣ୍ଟ ପ୍ରସ୍ତୁତ କରାଯିବ। ଘାଣ୍ଟି ଭୋଗ ଲାଗି ହେବା ପରେ ଏଠାରେ ଗଣେଶ ବିସର୍ଜନ ହୋଇଥାନ୍ତି। ସାହିର ବରିଷ୍ଠ ମୁରବିଙ୍କର ମତ ଅନୁସାରେ



୧୯୩୪ରୁ ପ୍ରଥମ ଚାଳ ଛପର ଘରେ ଗଣେଷ ପୂଜା କରାଯାଉଥିଲା। ପରେ ସାହି ଲୋକଙ୍କ ସହଯୋଗରେ ସ୍ଥାୟୀ ମଣ୍ଡପ କରାଯାଇ ଥିଲା। କମିଟିରେ ୧୨୦ଜଣ ସଦସ୍ୟ ରହିଛନ୍ତି। ଚଳିତବର୍ଷ ପୂଜା ପାଇଁ ୪ଲକ୍ଷ ଟଙ୍କା ବଜେଟ କରାଯାଇଛି। ଏଥର ୧୨ଫୁଟ୍ ଉଚ୍ଚର ଗଣେଷ ମୂର୍ତ୍ତି ପୂଜା ପାଇବେ। ଏହାସହ ପୂଜାରେ ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। ଭସାଣିରେ ପ୍ରଥମ କରି ବେଙ୍ଗାଲୁରୁ ବାଦ୍ୟ ସହ ବେଙ୍ଗଲର ଲୋକନୃତ୍ୟ ମୁଖ୍ୟ ଆକର୍ଷଣ ପାଲଟିବ।

# ନିଟ୍ ପିଜି ଟପ୍ପର ସମ୍ମାନିତ



ଷ୍ଟିୱାର୍ଟ ସ୍କୁଲର ପୂର୍ବତନ ଛାତ୍ର ଡ. ପୂଷଣ ମହାପାତ୍ରଙ୍କୁ ସମ୍ମାନିତ କରାଯାଉଛି।

କଟକ,୨୫।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଷ୍ଟିୱାର୍ଟ ସ୍କୁଲର ପୂର୍ବତନ ଛାତ୍ର ଡ. ପୂଷଣ ମହାପାତ୍ରଙ୍କୁ ନିଟ୍‌ପିଜି ୨୦୨୫ରେ ଅଲ୍ ଇଣ୍ଡିଆ ର୍ୟାଙ୍କ୍ କରିଥିବାବେଳେ ସୋମବାର ସ୍କୁଲ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ସ୍କୁଲ କୋଏର ଦ୍ୱାରା ଏକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସ୍କୁଲର ପ୍ରିନ୍ସିପାଲ ଡି. ମାର୍ଟିନା ସ୍ୱାଗତ ଭାଷଣ ପ୍ରଦାନ କରି କହିଛନ୍ତି, ଡ. ପୂଷଣଙ୍କ ଏହି ସଫଳତା ଏବେ ସ୍କୁଲରେ ଅଧ୍ୟୟନ କରୁଥିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ପାଲଟିବ ବୋଲି ସେ କହିଥିଲେ। ଶିକ୍ଷୟିତ୍ରୀ ଶିଳ୍ପା ସାହୁ, ପ୍ରୀତି ମିଶ୍ର ଓ ସୁସ୍ମିତା ଦାସ ପ୍ରମୁଖ ଡ. ପୂଷଣଙ୍କ ସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ । ଡ. ପୂଷଣଙ୍କ ଆଗାମୀ ଭବିଷ୍ୟତ ପାଇଁ ଏଫ୍.ସି. ନର୍ଥଙ୍କ ଦ୍ୱାରା ବିଶେଷ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଡ. ପୂଷଣ ସ୍କୁଲର ପ୍ରତ୍ୟେକଟି ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ପ୍ରିନ୍ସିପାଲଙ୍କୁ ଧନ୍ୟବାଦ ଜଣାଇଥିଲେ।



ଶିଳ୍ପୀ କୁମାର ସାହି ଅଞ୍ଚଳରେ ଗଣେଶ ମୃଣ୍ମୟୀ ପ୍ରତିମାକୁ ଜଣେ ଶିଳ୍ପୀ ରଙ୍ଗତୁଳୀରେ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ: ରାଜ କିଶୋର ମହାନ୍ତି)

# ମଙ୍ଗରାଜପୁର ବନ ବିଭାଗ କାର୍ଯ୍ୟାଳୟ ଘେରାଉ କଲେ ଚାଷୀ

**ମଇଁଷି, ହାତୀ, ବାର୍‌ହାଙ୍କ ଉପଦ୍ରବ**

ମଙ୍ଗୁଳି-ଜଗତପୁର,୨୫।୮ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧିନ ପାହାଡ ପାଦଦେଶ ଚାରି ପାର୍ଶ୍ୱରେ ଥିବା ଚାଷଜମିକୁ ହାତୀ, ବାର୍‌ହା ଓ ମଇଁଷିଙ୍କ ଉପଦ୍ରବରୁ ରକ୍ଷା କରିବା ଦାବିରେ ମଙ୍ଗରାଜପୁର ବନ ବିଭାଗ କାର୍ଯ୍ୟାଳୟକୁ ଚାଷୀମାନଙ୍କ ପକ୍ଷରୁ ସୋମବାର ଘେରାଉ କରାଯାଇଥିଲା। ପରେ ସରକାରଙ୍କ ଉଦ୍ଦେଶ୍ୟରେ ମଙ୍ଗରାଜପୁର ଫରେଷ୍ଟର ଅନୁପମା ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଙ୍ଗରାଜପୁର ଫରେଷ୍ଟର ସାହୁ ଚାଷୀଙ୍କୁ ନ୍ୟାୟ ପରିବର୍ତ୍ତେ ନାଲି ଆଖି ଦେଖେଇବା ସହ ଅସମ୍ମାନ କରି ଶେଷ ପର୍ଯ୍ୟନ୍ତ ଚେୟାର



ବନ ବିଭାଗ କାର୍ଯ୍ୟାଳୟ ଘେରାଉବେଳେ ଫରେଷ୍ଟରଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

ବସିରହି ଚାଷୀଙ୍କୁଳ ଅଭିଯୋଗ ଶୁଣିଥିଲେ। ଦାବିପତ୍ରରେ ଅନୁଯାୟୀ, ମହିଷାଲଣ୍ଡା ଗ୍ରାମପଞ୍ଚାୟତ ଅଧିନ ମହିଷାଲଣ୍ଡା, ମାଛପଙ୍ଗି, ଙ୍ଗଅଣ୍ଡା, ଦୁଧିଆନଳୀ ଓ ଆମ୍ବିଳିଝରି, ବନ୍ତେ ଗ୍ରାମର ଅଞ୍ଚଳରେ ଦିନକୁ ଦିନ ହାତୀ, ବାର୍‌ହା ଓ ମଇଁଷିଙ୍କ ଉପଦ୍ରବ ବଢି ଚାଲିଛି। ଫଳରେ ସନ୍ଧ୍ୟା ହେଲେ ପାହାଡରୁ ଆସି ଫସଲ ନଷ୍ଟ କରୁଛନ୍ତି। ବାରମ୍ବାର ଏ ନେଇ ବନ କର୍ମଚାରୀ ନଜର ରଖିବା ପାଇଁ ଜଣାଇଲେ ସୁଦ୍ଧା ସେମାନେ ଆମ ଦାୟିତ୍ୱ ନୁହେଁ କହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଚାଷୀମାନେ ଫସଲ ବଞ୍ଚାଇବା ପାଇଁ ଚାଷ ଜମି ଚରିପଟେ ତାର ବାଡ ଲୁଲାଇଥାଏ। କିନ୍ତୁ ଦୁଇ ଦିନ ତଳେ କେହି ଦୁର୍ବୃତ୍ତ ତାର ବାଡରେ ଉଦ୍ଦେଶ୍ୟମୂଳକ ଭାବେ କରେଣ୍ଟ ଚାର୍ଜ କରିବାରୁ ୩ଟି ଜଙ୍ଗଲୀ ମଇଁଷିର ମୃତ୍ୟୁ ହୋଇଥିଲା। ଉକ୍ତ ତାର ବାଡକୁ କେତେଜଣ ବନ କର୍ମଚାରୀ ଭାଙ୍ଗି ଦେଇଥିଲେ। ଚାଷୀମାନେ ପ୍ରତିବାଦ କରି ପଚାରିବାରୁ ମଙ୍ଗରାଜପୁର ଫରେଷ୍ଟରଙ୍କ ନିର୍ଦ୍ଦେଶରେ ଭଙ୍ଗା ଯାଉଛି ବୋଲି କହିଥିଲେ। ଫରେଷ୍ଟର ଅନୁପମା ସାହୁଙ୍କୁ ଚାଷୀଙ୍କୁ ଅସମ୍ମାନ ସମ୍ପର୍କରେ ପଚାରିବାରୁ ପ୍ରସଙ୍ଗ ଏଡାଇ ଚାଲି ଯାଇଥିଲେ।

# କେଭିରେ ନାମଲେଖାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

## ନାମଲେଖା ପାଇଁ ପ୍ରତିଶ୍ରୁତି ଓ ନୋଟିସ ଦେଲେ, ପରେ ଭୁଲିଗଲେ

ଖୋର୍ଦ୍ଧା,୨୫।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ତରଡୁଆସ୍ଥିତ ଇଣ୍ଡୋ-ତିବ୍ବତ ସୀମା ସୁରକ୍ଷା ବଳ(ଆଇଟିବିପି) ସ୍କୁଲରେ ୧ମରୁ ୫ମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ ହେବା ପ୍ରତିବାଦରେ ସୋମବାର ଅଭିଭାବକମାନେ ବିକ୍ଷୋଭ ଏବଂ ଧାରଣା ଦେଇଛନ୍ତି। ଅଭିଭାବକମାନେ ପ୍ରଥମେ ଆଇଟିବିପି ୪୧ ବାଟାଲିୟନ କ୍ୟାମ୍ପସ ସମ୍ମୁଖରେ ପ୍ଲାକାର୍ଡ ଧରି ବିକ୍ଷୋଭ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ସହ ଧାରଣା ଦେଇଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ଦିଆଯାଇଥିଲା। ପିଲାମାନେ ହାତରେ ପ୍ଲାକାର୍ଡ ଧରି କେନ୍ଦ୍ରୀୟ ବିଦ୍ୟାଳୟରେ ପାଠପଢା ସୁଯୋଗ ଦେବା ଲାଗି ସ୍ଲୋଗାନ ଦେଇଥିଲେ। ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଅଭିଭାବକମାନେ ଦାବି କରିଥିଲେ। ପରେ ଅତିରିକ୍ତ ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ଆଇଟିବିପି କ୍ୟାମ୍ପସ ଇଂଲିଶ ମିଡିୟମ ସ୍କୁଲରେ ଖୋର୍ଦ୍ଧା ଅଞ୍ଚଳର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପିଲା ୧ମରୁ ୫ମ ଶ୍ରେଣୀରେ ପଢୁଛନ୍ତି। ଏବେ ଏହାର କ୍ୟାମ୍ପସ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ(କେ.ଭି) ଶୁଭାରମ୍ଭ କରାଯାଇଛି। ଏହି ପିଲାଙ୍କୁ କେଭିରେ ନାମଲେଖା ପାଇଁ ସୁଯୋଗ ଦିଆଯିବ ବୋଲି ସ୍କୁଲ କର୍ତ୍ତୃପକ୍ଷ ସମସ୍ତ ଅଭିଭାବକଙ୍କୁ ନୋଟିସ କରିଥିଲେ। ଯେଉଁମାନଙ୍କ ବୟସ କମ୍ ଥିବ ସେମାନଙ୍କୁ ସେହି କ୍ଲାସରେ ପୁଣି ରିଆଡ୍‌ମିଶନ କରାଯିବ। ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ଅଫିସିଆଲ ହ୍ୱାଟ୍‌ସ ଆପ ଗ୍ରୁପ୍‌ରେ ସୂଚନା ପ୍ରଦାନ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟରେ ପାଠପଢିବା ପାଇଁ ବାହାରୁ ବହୁ ଜଣ ଆବେଦନ କରିଥିଲେ। ତେଣୁ ବିଦ୍ୟାଳୟ ପକ୍ଷରୁ ଲଟେରି ମାଧ୍ୟମରେ ସିଲେକ୍ସନ ଲିଷ୍ଟ ବାହାର କରାଗଲା। ହେଲେ ଏହି ଲିଷ୍ଟରେ ଆଇଟିବିପି ସ୍କୁଲରେ ୧ମରୁ ୫ମ କ୍ଲାସରେ ପଢୁଥିବା ବହୁ ଛାତ୍ରୀଛାତ୍ର ବାଦ୍ ପଡ଼ିଛନ୍ତି। ଏପ୍ରିଲ ମାସରେ ଏହି ପ୍ରକ୍ରିୟା ସରିଥିବାବେଳେ ଆଇଟିବିପି କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ପିଲାମାନେ ଗତ ୫ମାସ ହେଲା ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଭାବକଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ଜିଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ଅଭିଭାବକମାନେ ନିବେଦନ କରିଛନ୍ତି।

ଆଇଟିବିପି କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଥମେ ଆଇଟିବିପିରେ ପଢୁଥିବା ପିଲାଙ୍କୁ ଅଗ୍ରାଧିକାର ଦିଆଯିବ। କେନ୍ଦ୍ରମନ୍ତ୍ରୀଙ୍କ ଘୋଷଣା ସତ୍ତ୍ୱେ ପିଲାଙ୍କ ଆବେଦନକୁ ସୁଯୋଗ ଦିଆ ନ ଯାଇ ଅନ୍ଧାରକୁ ଠେଲି ଦିଆଯାଇଛି ବୋଲି ଗଣମାଧ୍ୟମ ଆଗରେ ଅଭିଭାବକମାନେ କହିଛନ୍ତି। ପ୍ରଶାସନ ଅଥବା ରାଜ୍ୟ ସରକାର ଆମ କଥା ନ ଶୁଣିଲେ ଆଗାମୀ ଦିଗରେ ପ୍ରଶାସନିକ କାର୍ଯ୍ୟାଳୟ ଭିତରେ ସମୂହ ଆତ୍ମାହୁତି ଦେବୁ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ବେଉରା କୁହନ୍ତି, ଆଇଟିବିପିରେ ୧ମରୁ ୫ମ ଶ୍ରେଣୀରେ ପଢୁଥିବା ପିଲାଙ୍କୁ କେଭିରେ ପାଠପଢା ସୁଯୋଗ ନ ଦିଆଯିବା ପ୍ରତିବାଦରେ ଅଭିଭାବକମାନେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଆଇଟିବିପି କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ଆଲୋଚନା କରାଯିବ ବୋଲି କହିଛନ୍ତି। ତେବେ ଏ ସମ୍ପର୍କରେ ଆଇଟିବିପି ସ୍କୁଲ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଅଭିଭାବକମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**■ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ**

# ଶାନ୍ତି କମିଟିରେ ସମାଧାନ ହେଲା ୨ ଗ୍ରାମ ବିବାଦ

## 'କୋଟପଲା-ଓସ୍ତପୁର' ବଜାର ନାମରେ ଲାଗିବ ସୂଚନା ଫଳକ

ବେଗୁନିଆ,୨୫।୮ (ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ ଥାନା ଅନ୍ତର୍ଗତ ଓସ୍ତପୁର ମୌଜାରେ ଥିବା ବଜାରର ନାମ କୋଟପଲା ରହିଥିବାରୁ ଉଭୟ ଗ୍ରାମ ମଧ୍ୟରେ ନାମକରଣ ଫଳକ ଲଗାଇବାକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ଦୀର୍ଘ ୧୭ ଦିନ ପରେ ଶାନ୍ତି କମିଟି ଦ୍ୱାରା ୨ ଗ୍ରାମର ବିବାଦ ସମାଧାନ ହୋଇଛି। 'କୋଟପଲା-ଓସ୍ତପୁର' ବଜାର ନାମରେ ସୂଚନା ଫଳକ ଲାଗିବ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ ହୋଇଥିଲା। ଏହି ପ୍ରସ୍ତାବ ସ୍ଥିରୀକୃତ ହେବାରୁ ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନିକଟରେ ପ୍ରଦାନ କରାଯାଇଛି।

ଗତ ୭ ତାରିଖରେ ଉପଜିଲାପାଳ, ବେଗୁନିଆ ତହସିଲଦାର ତାପସ ବିଶି, ଖୋର୍ଦ୍ଧା ଜିଲା ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିହାରରଞ୍ଜନ ପ୍ରଧାନ, ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଏବଂ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ନାମଫଳକ ଲଗାଇବା ପାଇଁ ପହଞ୍ଚି ଥିଲେ। ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହେବାରୁ ନାମ ଫଳକ ଲଗାଇବା ସ୍ଥଗିତ ରଖାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ଚେଷ୍ଟା ଜାରି ହୋଇଥିଲା। ତେବେ ଗୁରୁବାର ଉଭୟ ଗ୍ରାମର ଲୋକମାନେ ମୁହାଁମୁହିଁ ବଜାରରେ ଥିବା ଦୋକାନ ବଜାର ଭଙ୍ଗାରୁଜା ଆରମ୍ଭ କରିଥିବା ବେଳେ ଉଭୟ ପକ୍ଷରୁ ଆହତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ବଜାରର ୧ କି.ମି. ମଧ୍ୟରେ ଅନିର୍ଦ୍ଦିଷ୍ଟ କାଳ ଭାରତୀୟ ନ୍ୟାୟ ସଂହିତା ୧୬୩ ଧାରା ଲାଗୁ କରିବା ସହ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏପରିକି ସେହି ଦିନଠାରୁ ବିଦ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ହୋଇଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ଦୀର୍ଘ ୧୭ ଦିନ ପରେ ଶାନ୍ତି କମିଟି ଗଠନ କରାଯାଇ ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅଟ୍ରି ଗ୍ରାମସ୍ଥିତ ହଟକେଶ୍ୱର ମନ୍ଦିରରେ ଉଭୟ ଗ୍ରାମର ଶାନ୍ତି, ଭାଇଚାରା ରକ୍ଷା କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଶାନ୍ତି କମିଟି ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ ଓ ଧନେଶ୍ୱର ସାହୁଙ୍କ ଆବାହକତ୍ୱରେ ନ୍ୟାୟବିତ ପ୍ରମୋଦ ପ୍ରତାପ ସିଂହଙ୍କ ଅଧ୍ୟକ୍ଷତାରେ ସଭ୍ୟ ସନ୍ତୋଷ କୁମାର ମହାରଣା, ବିଦ୍ୟାଧର ବେହେରା, ସୌରୀବନ୍ଧୁ ଜେନା, ଭ୍ରମରବର ସିଂହ, ଦାଶରଥି ପଣ୍ଡା, ଲକ୍ଷ୍ମୀଧର ଲେଙ୍କା, କରୁଣାକର ଭୋଇ, ଧନେଶର ପ୍ରଧାନ, ମାଗୁଣି ଚରଣ ମିଶ୍ର, ସୂର୍ଯ୍ୟ ନାରାୟଣ ମିଶ୍ର ଓ ମୂରଲୀଧର ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନ୍ୟାୟବିତ ଭିକାରୀ ଚରଣ ସାହୁ, ନାରାୟଣ ଜେନା, ନିରଞ୍ଜନ ସାମନ୍ତ ସିଂହାର, ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଓ ହାଡୁବନ୍ଧୁ ମହାପାତ୍ର ପ୍ରମୁଖ ଉପସ୍ଥିତରେ ବିବାଦର ସମାଧାନ ହୋଇ 'ଓସ୍ତପୁର-କୋଟପଲା' ବଜାର ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ ହୋଇଥିଲା। ଏହି ପ୍ରସ୍ତାବ ସ୍ଥିରୀକୃତ ହେବାରୁ ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନିକଟରେ ପ୍ରଦାନ କରାଯାଇଛି।

# ଗ୍ୟାସ୍ ସିଲିଣ୍ଡର ଫାଟି ପୋଡ଼ିଗଲା ଘର

ଟାଙ୍ଗୀ,୨୫।୮ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଉଜଳା ଗୋପୀନାଥପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ଗ୍ୟାସ୍ ସିଲିଣ୍ଡର ଫାଟି ଘରେ ନିଆଁ ଲାଗିଯିବାରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡରେ ଶଙ୍କର ପରିଡାଙ୍କ ସମେତ ସୁରେନ୍ଦ୍ର ପରିଡା, ପାଲୁ ପରିଡା, ତ୍ରିନାଥ ପରିଡା, କେଶବ ସାହୁ, ଚେମା ସାହୁ, ବାଉରୀବନ୍ଧୁ ସାହୁଙ୍କ ଘର ଓ ଆସବାବପତ୍ର ନଷ୍ଟ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗୋପୀନାଥପୁର ଗ୍ରାମର ଶଙ୍କର ପରିଡାଙ୍କ ଘରେ ଗ୍ୟାସ ସିଲିଣ୍ଡର ଫାଟି ଯାଇଥିଲା। ଫଳରେ ଘରେ ନିଆଁ ଲାଗି ଯାଇଥିଲା। ଘରେ ଥିବା ଆସବାବପତ୍ର ପୋଡି ନଷ୍ଟ ହୋଇଥିବା ଜଣାପଡ଼ିଛି। ଖବର ପାଇ ଟାଙ୍ଗୀ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ୨୯ ୟୁନିଟ ରକ୍ତ ସଂଗ୍ରହ

ଜଟଣୀ,୨୫।୮ (ରବୀନ୍ଦ୍ରନାଥ ମହାକୁଡ)

**ବିଶ୍ୱ ବନ୍ଧୁତ୍ୱ ଦିବସ**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦୀ ପ୍ରକାଶମଣିଙ୍କ ୧୮ତମ ପୁଣ୍ୟତିଥିକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଜଟଣୀ ସେବା କେନ୍ଦ୍ର ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୨୯ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ବେଳେ କଟକ ବ୍ଲଡ଼ ବ୍ୟାଙ୍କର ଡାକ୍ତର ଏବଂ କର୍ମଚାରୀ ସହଯୋଗ କରିଥିଲେ। ଶିବିରରେ ଜଟଣୀର ବହୁ ବିଶିଷ୍ଟ ରାଜନେତା ତଥା ବୁଦ୍ଧିଜୀବୀମାନେ ଏହି କାର୍ଯ୍ୟର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଜଟଣୀ ସେବାକେନ୍ଦ୍ରର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀ, ପୂଜା ଭଉଣୀ, ସିନି ଭଉଣୀ ଓ ବ୍ରହ୍ମାକୁମାର ଅଶୋକ ଭାଇ, କବି ଭାଇ, ମଳୟ ଭାଇ, ଗୋବିନ୍ଦ ଭାଇ, ଜିତୁ ଭାଇ, ଅନ୍ୟ ବ୍ରହ୍ମାକୁମାର ଭାଇ ଭଉଣୀମାନେ ପରିଚାଳନା କରିଥିଲେ।

# ଜଟଣୀ ପୌରାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା

## ୨୩ରୁ ୧୮ କାଉନ୍‌ସିଲର ଆଣିଲେ ପ୍ରସ୍ତାବ

ଜଟଣୀ,୨୫।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୋରାଧ୍ୟକ୍ଷ ଅନନ୍ତ ବେହେରାଙ୍କ ବିରୋଧରେ କାଉନ୍‌ସିଲରମାନେ ଅନାସ୍ଥା ପ୍ରସ୍ତାବ ଆଣିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସୋମବାର ଅପରାହ୍ନରେ ପୌରପରିଷଦର ୨୩ଜଣ କାଉନ୍‌ସିଲରଙ୍କ ମଧ୍ୟରୁ ୧୮ଜଣ ଖୋର୍ଦ୍ଧା ଜିଲାପାଳଙ୍କୁ ସାକ୍ଷାତ୍ କରି ପୌରାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ସମ୍ପର୍କିତ ଲିଖିତ ପତ୍ର ପ୍ରଦାନ କରିଛନ୍ତି। ଅନ୍ୟ ୫ଜଣ କାଉନ୍‌ସିଲର ନିଜର ବ୍ୟକ୍ତିଗତ କାରଣ ଯୋଗୁ ଅନାସ୍ଥା ପତ୍ରରେ ସ୍ୱାକ୍ଷର କରି ନ ଥିବା ଜଣେ କାଉନ୍‌ସିଲର ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ତେବେ ଜଟଣୀ ପୌର ପରିଷଦରେ ତିନି ଚତୁର୍ଥାଂଶ ବିଜେଡି ସମର୍ଥିତ କାଉନ୍‌ସିଲର ଥିବାବେଳେ କାହିଁକି ଓ କେଉଁ କାରଣ ପାଇଁ ୧୮ ଜଣ କାଉନ୍‌ସିଲର ଅନାସ୍ଥା ପାଇଁ ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ହୋଇନାହିଁ।

ପ୍ରକାଶ ଯେ, ୨୦୨୨ ପୌର ନିର୍ବାଚନରେ ଜଟଣୀ ପୌରପରିଷଦ ବିଜେଡି ଦଖଲ କରିଥିଲା। ନିର୍ବାଚନର କିଛି ମାସ ପର୍ଯ୍ୟନ୍ତ ପୌରପରିଷଦ ସମସ୍ତ କାଉନ୍‌ସିଲରଙ୍କୁ ନେଇ ସୁରୁଖୁରୁରେ ଚାଲିଥିଲା। ତେବେ ସମୟ ବିତିବା ସହ ପୋରାଧ୍ୟକ୍ଷ ଅନନ୍ତ ବେହେରା ଏବଂ କେତେଜଣ ପାରିଷଦଙ୍କ ମଧ୍ୟରେ ମତଭେଦ ଉପୁଜିଥିବା ଦେଖିବାକୁ ମିଳିଥିଲା। ସେ ସମୟରେ ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପରେ ମତଭେଦର ମଧ୍ୟ ସମାଧାନ ହୋଇଥିଲା। ପୌରାଧ୍ୟକ୍ଷଙ୍କ ଏକଛତ୍ରବାଦ ନୀତି ଏବଂ ମନମୁଖି କାର୍ଯ୍ୟ ପାଇଁ କାଉନ୍‌ସିଲରଙ୍କ ମଧ୍ୟରେ ଧୀରେ ଧୀରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲା। ଏପରି କି ଗତ ସାଧାରଣ ନିର୍ବାଚନରେ ସରକାର ବଦଳିବା ପରେ ଜଟଣୀ ବିଜେଡିରେ ସାଙ୍ଗଠନିକସ୍ତରରେ ବିଭ୍ରାଟ ସହ ଦଳ ବିରୋଧୀ କାର୍ଯ୍ୟ, ଆରୋପପ୍ରତ୍ୟାରୋପ ବିଜେଡି ଦଳୀୟ କର୍ମୀ ଏବଂ ସଂଗଠକଙ୍କ ମଧ୍ୟରେ ବିଭିନ୍ନସ୍ତରରେ ଦେଖିବାକୁ ମିଳୁଥିଲା। ଏବେ ପୌରାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଅଣାଯିବା ଘଟଣା ବିଜେଡି ଦଳୀୟନେତା ଏବଂ କର୍ମୀଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ପଦାରେ ପଡିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁସାରେ ଗତ ରବିବାର ପୌର ଉପାଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମା' ଦକ୍ଷୀଣକାଳୀଙ୍କ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ପୌରାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ତେବେ ଏହି ଅନାସ୍ଥା ପ୍ରସଙ୍ଗରେ ପୌରାଧ୍ୟକ୍ଷ ଅନନ୍ତ ବେହେରାଙ୍କୁ ପଚାରିବାରେ କହିଛନ୍ତି, ସେ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଛନ୍ତି। ଲୋକଙ୍କ ପାଇଁ ସେବା କାର୍ଯ୍ୟ ୨୩ କାଉନ୍‌ସିଲରଙ୍କୁ ନେଇ କରିବା ସହିତ ଜଟଣୀର ବିକାଶକୁ ଗୁରୁତ୍ୱ ଦେଇ ଆସିଛନ୍ତି। ତାଙ୍କ କାର୍ଯ୍ୟକଳାପରେ ଯଦି କୌଣସି କାଉନ୍‌ସିଲର ଅସନ୍ତୁଷ୍ଟ ଅଛନ୍ତି, ସେ ଆଗାମୀ ଦିନରେ ଆଲୋଚନା କରି ସବୁ ସମସ୍ୟାର ସମାଧାନ କରିବା ସହିତ ପରିଷଦର ଆଗାମୀ ଦେଢ଼ ବର୍ଷକୁ ସଫଳତାର ସହ ସାରିବେ ବୋଲି ଅନନ୍ତ କହିଛନ୍ତି।

# ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଶିକ୍ଷାର୍ଥୀଙ୍କ ଓରିଏଣ୍ଟେଶନ

ନିରାକାରପୁର,୨୫।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ମଳିପଠା କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ଏନ୍‌ଏସ୍‌ଏସ୍ ଶିକ୍ଷାର୍ଥୀମାନଙ୍କ ପାଇଁ ଜାତୀୟ ସେବା ଯୋଜନା ପକ୍ଷରୁ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ସମାଜସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବା ନିମନ୍ତେ ଉପଦେଶ ଦେଇଥିଲେ। ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ କାର୍ଯ୍ୟକ୍ରମର ପରିଚାଳନା କରିବା ସହ ଛାତ୍ରୀଛାତ୍ରମାନଙ୍କୁ ନିସ୍ୱାର୍ଥପର ସେବା କରିବାକୁ ପ୍ରେରଣା ଦେଇଥିଲେ। ଅଶୋକ କୁମାର ମଲ୍ଲିକ ସେବା ମାଧ୍ୟମରେ ଉତ୍ତମ ସମାଜ ଗଠନ କରିବା ନିମନ୍ତେ ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପ୍ରିୟଙ୍କା ସ୍ୱାଇଁ ଏନ୍‌ଏସ୍‌ଏସ୍ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରଥିଲେ।

# ଔଷଧ ଦୋକାନରେ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡ ଘଟିଥିବା ମେଡିସିନ ଷ୍ଟୋର।

ବାଣପୁର, ୨୫।୮ (ଦିଲ୍ଲୀପ କୁମାର ସ୍ୱାଇଁ)

ବାଣପୁର ଚିଆଙ୍କସାହି ବ୍ରିଜ ନିକଟରେ ଥିବା ମାମାଲି ଗୁଡୁଲୀ ଔଷଧ ଦୋକାନରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଦୋକାନ ବନ୍ଦ ଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିବାରୁ ବହୁ ଜିନିଷ ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରାଥମିକ ତଦନ୍ତରୁ ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ମାମାଲି ଗୁଡୁଲୀ ଔଷଧ ଦୋକାନର ମାଲିକ ଶ୍ରୀଧର ପଟ୍ଟନାୟକ ରାତି ୧୦ ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତ୍ରିରେ ଜଗୁଥିବା ବାହାଦୁର ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ଶ୍ରୀଧର ଏବଂ ଦମକଳ ବିଭାଗକୁ ଜଣାଇ ଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଏବଂ ଶ୍ରୀଧର ପହଞ୍ଚି ଦୋକାନ ବାହାର ଶଟର ଖୋଲି ଦେଖିଲା ବେଳକୁ ଦୋକାନଟି ଜଳୁଥିଲା। ତୁରନ୍ତ ଅଗ୍ନିଶମ ବାହିନୀ ପାଣି ସ୍ପ୍ରେ କରି ନିଆଁ କୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ଦୋକାନର ଶୋ' କେସ୍ ସହିତ ଅନେକ ଔଷଧ ଥାକ ଜଳି ସାରିଥିଲା।

# ନରେନ୍ଦ୍ରପୁର ପଞ୍ଚାୟତରେ ମିଳିତ ଜନଶୁଣାଣି ଶିବିର

ବାଣପୁର,୨୫।୮ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ମଣ୍ଡଳ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାରେ ଖୋର୍ଦ୍ଧା ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଉପ ଜିଲାପାଳ କିଶୋର କୁମାର ପଣ୍ଡା, ଜିଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରୀ ବାଳା ଜେନା, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ତହସିଲଦାର ଟି. ପଦ୍ମନାଭ ଦୋରା, ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଖମଣ କୁମାର ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ ଚନ୍ଦ୍ର ରାୟଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ୧୭ଟି ପଞ୍ଚାୟତ ଓ ବିଜ୍ଞାପିତ ଅଞ୍ଚଳରୁ ସମୁଦାୟ ୧୩୧ଟି ଅଭିଯୋଗ ବିଚାର ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୧୩ ବ୍ୟକ୍ତିଗତ ଓ ୧୮ ସାମୁହିକ ଦରଖାସ୍ତ ଥିଲା। ତତ୍କାଳ ତିନୋଟି ଅଭିଯୋଗର ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ଜଣ ହିତାଧିକାରୀଙ୍କୁ ୨୦ ହଜାର ଓ ୧୫ ହଜାର ଟଙ୍କା ଲେଖାଏଁ ଏବଂ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ଜଣଙ୍କୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ବାଣପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ସିଡିପିଓ, ଜଳସେଚନ ବିଭାଗ ଅଧିକାରୀଙ୍କ ସମେତ ବିଭିନ୍ନ ପଦସ୍ଥ ଅଧିକାରୀ, ୧୭ପଞ୍ଚାୟତ ଜନପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ଆଇନଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ନୀତି, ନିୟମକୁ ଅନୁସରଣ କରି ଉଚ୍ଚ ଶିକ୍ଷିତ ହେବାକୁ ଆହ୍ୱାନ

## ବେଗୁନିଆ ମହାବିଦ୍ୟାଳୟରେ ସ୍ୱାଗତ ଓ ବିଦାୟ ସମାରୋହ

ବେଗୁନିଆ,୨୫।୮ (ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରାଣୀ ବିଭାଗ ପକ୍ଷରୁ ସୋମବାର ସ୍ୱାଗତ ଓ ବିଦାୟକାଳୀନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା' ବରମୂଳେଇଙ୍କ ପୀଠରେ ଆୟୋଜିତ ସଭାରେ ପ୍ରାଣୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଉଦିତ ନାରାୟଣ ପାଢ଼ୀ ଏବଂ ଅଧ୍ୟାପକ ସୁଧାଂଶୁ କୁମାର ପାଢ଼ୀ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ନୀତି, ନିୟମ, ଅଧ୍ୟୟନ, ପରୀକ୍ଷା, ନୀତିଶିକ୍ଷା ଓ ସମୟାନୁବର୍ତ୍ତିତା ଅନୁସରଣ କରି ନିଜର ସୁନ୍ଦର ଭବିଷ୍ୟତ ଗଠନ କର। ଅନ୍ୟଥା ସମୟ ଅପଚୟ ନ କରି ପାଠପଢି ଉଚ୍ଚ ଶିକ୍ଷିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗରେ ଚଳିତବର୍ଷ ପାସ କରି ବିଦାୟ ନେଇଥିବା ଛାତ୍ରୀଛାତ୍ରମାନେ ନିଜର ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସେମାନଙ୍କୁ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରୀ ନିର୍ଲିପ୍ତା ନିବେଦିତା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ସର୍ବେଶ୍ୱର ଷଡଙ୍ଗୀ, ଆଲୋକ କୁମାର ସାହୁ, ଓଁ ପ୍ରକାଶ ତ୍ରିପାଠୀ ଏବଂ ଛାତ୍ରୀ ସଙ୍ଗୀତା ପରିଡା, ଶତୋଲି ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ର ସର୍ବେଶ୍ୱର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

# ଧର୍ମାନ୍ତରଣ, ଗୋହତ୍ୟା ବନ୍ଦ ସ୍ୱାମିଜୀଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି

ଖୋର୍ଦ୍ଧା,୨୫।୮ (ପ୍ରଭାତ ପାଣିଗ୍ରାହୀ)

ଧର୍ମ ଜାଗରଣ ସମନ୍ୱୟ ସମିତି ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ସ୍ଥାନୀୟ ଗୀତାଭବନ ସମ୍ମିଳନୀ କକ୍ଷରେ ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୭ତମ ବଳିଦାନ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମାରୋହରେ ଅଖିଳ ଭାରତୀୟ ଶ୍ରଦ୍ଧା ଜାଗରଣ ପ୍ରମୁଖ ରାଜେନ୍ଦ୍ର ପ୍ରସାଦ ମାଦଳା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମିଜୀଙ୍କ ତ୍ୟାଗ ଓ ବଳିଦାନ ସଂସ୍କୃତି ସୁରକ୍ଷା ଦିଗରେ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଧର୍ମାନ୍ତରଣ ଏବଂ ଗୋହତ୍ୟା ବନ୍ଦ ହେଲେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବାବେଳେ ଏପର୍ଯ୍ୟନ୍ତ ହତ୍ୟାକାରୀଙ୍କୁ ଗିରଫ କରାଗଲା ନାହିଁ। ନାଇଡୁ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବାକୁ ରାଜେନ୍ଦ୍ର ଦାବି କରିଥିଲେ। ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ବି ଏ ଦେଶରେ ମୋଗଲମାନଙ୍କ ନାଁରେ ବିଭିନ୍ନ ସ୍ଥଳ ଏବଂ ରାସ୍ତା ରହିଛି। ତେବେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାଁରେ କାହିଁକି କୌଣସି ନାମକରଣ ହେଉନାହିଁ ବୋଲି ସେ ପ୍ରଶ୍ନ କରିବା ସହ କନ୍ଧମାଳରେ ମେଡିକାଲ କଲେଜ, ଶିକ୍ଷାନୁଷ୍ଠାନ ସ୍ୱାମୀଜିଙ୍କ ନାଁରେ କରିବା ପାଇଁ ଦାବି କରିଛନ୍ତି।

ସେ ଆହୁରି କହିଲେ ଯେ, ଲକ୍ଷ୍ମଣାନନ୍ଦ ସ୍ୱରସ୍ୱତୀଙ୍କୁ ଥରେ କି ଦୁଇ ଥର ନୁହଁ ବରଂ ୧୬ଥର ହତ୍ୟା ଷଡ଼ଯନ୍ତ୍ର କରାଯାଇଥିବାବେଳେ ୨୦୦୮ ଜନ୍ମାଷ୍ଟମୀ ସନ୍ଧ୍ୟାରେ ଅତି ଅମାନୁଷିକ ଭାବେ ହତ୍ୟା କରାଯାଇଥିଲା। ସ୍ୱାମିଜୀ ଜଣେ ଯୋଦ୍ଧା ସନ୍ନ୍ୟାସୀ ଥିଲେ। ବେଦାନ୍ତ କେଶରୀ, ପାଣିନି ବ୍ୟାକରଣରେ ଅଗାଢ଼ ଜ୍ଞାନ ସତ୍ତ୍ୱେ ଏକ ନିଘଞ୍ଚ ଘଞ୍ଚ ଜଙ୍ଗଲ ଘେରା ଆଦିବାସୀମାନଙ୍କୁ ସଂସ୍କୃତି, ପରମ୍ପରା ସହ ଯୋଡ଼ିବା, ସେମାନଙ୍କୁ କୃଷି ଶାସ୍ତ୍ର, ଧର୍ମଶାସ୍ତ୍ର ପାଠ, ପର୍ବପର୍ବାଣୀ ଉତ୍ସବ ପାଳନ ପ୍ରଭୃତି ଜୀବନଶୈଳୀ ପରିବର୍ତ୍ତନ ପାଇଁ କଠୋର ସାଧାନ କରିଥିଲେ। ଯେଉଁ ସମୟରେ ମିଶନାରୀମାନଙ୍କ ସେଠାରେ ଅଖଣ୍ଡ କ୍ଷମତା ରହିଥିଲା, ସେହି ଭଳି ଏକ ଘଡିସନ୍ଧି ମୂହୁର୍ତ୍ତରେ ସ୍ୱାମିଜୀ ଦେବଦୂତ ଭାବେ କନ୍ଧମାଳରେ ପହଞ୍ଚି ଆଦିବାସୀଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଥିଲେ ବୋଲି ରାଜେନ୍ଦ୍ର କହିଥିଲେ। ଖୋର୍ଦ୍ଧା ଜିଲା ସଂଯୋଜକ ଭବାନୀ ଶଙ୍କର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସମାରୋହରେ ପୂର୍ବକ୍ଷେତ୍ର ଧର୍ମ ଜାଗରଣ ପ୍ରମୁଖ ବିନୟ କୁମାର ଭୂୟାଁ ମୁଖ୍ୟଅତିଥି, ସନ୍ଥ ବିଶ୍ୱମ୍ଭର ଦାସ ଏବଂ କମଳଲୋଚନ ଦାସ ମହାରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବ ପ୍ରାନ୍ତ ଧର୍ମ ଜାଗରଣ ପ୍ରମୁଖ ଆଲୋକ କୁମାର ଖଟୁଆ ଉପସ୍ଥିତ ଥିଲେ। ବହୁ ବୁଦ୍ଧିଜୀବୀ ଶିକ୍ଷାବିତ୍, ସାଧୁସନ୍ଥ, ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।




ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ୧୭ତମ ବଳିଦାନ ସ୍ମୃତି ସମାରୋହରେ ଉପସ୍ଥିତ ଅତିଥି।

## ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନାଚକ୍ର

ପୁରୀ,(ଅଜିତ୍ କୁମାର ମହାନ୍ତି)- ପୁରୀ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଏକ ବୈଠକ ଓ ଆଲୋଚନାଚକ୍ର ଗୁଣ୍ଡିଚା ବିହାରସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ରବିବାର କାର୍ଯ୍ୟକାରୀ ସଭାପତି ରବିନାରାୟଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ଭୀମସେନ ପଣ୍ଡା ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ବୈଠକରେ ଭାରତ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କ୍ଷେତ୍ରୀୟ ସଂଯୋଜିକା ସୁନୀତା ରାଣୀ ବାରିକ୍ ଉପସ୍ଥିତ ହୋଇ କେନ୍ଦ୍ର ସରକାରଙ୍କ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗଗୁଡ଼ିକ ଉପସ୍ଥାପନ କରି ଏହାର ସଫଳତା ଲାଭ କରିବା ପାଇଁ ପରାମର୍ଶ ଦେଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୫।୮।୨୦୨୫

| | |
|---|---|
| ୫,୨୨,୧୦୦ ଟଙ୍କା | |
| ସୁନା | ୧.୫୦୦ ଗ୍ରାମ୍ |
| ରୁପା | ୧୧୩.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ସମ୍ପନ୍ନ

ପୁରୀ,୨୫।୮(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିରରେ ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ନୀତି ଚାଲିଛି। ଏହି କ୍ରମ ଅନୁଯାୟୀ ଭାଦ୍ରବ ଶୁକ୍ଳ ଦ୍ୱିତୀୟା ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ମଦନମୋହନ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ସେଠାରୁ ନାଟ ମନ୍ଦିର ଖଟଶେଯ ଉପରେ ବିଜେ କରିଥିଲେ। ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ ହେବା ପରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ନିକୁଞ୍ଜ ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ସେହି ଦ୍ୱାପର ଯୁଗର ଲୀଳାକୁ ସ୍ମରଣ କରାଯାଇ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହେଉଛି।

### ଯୌତୁକ ନିର୍ଯାତନା ଅଭିଯୋଗ

ବଲଙ୍ଗା,୨୫।୮(କେଦାରେଶ୍ୱର ନନ୍ଦ)

ଅଧିକ ଯୌତୁକ ଦାବିରେ ବଲଙ୍ଗା ଥାନା ଅନ୍ତର୍ଗତ ଗଡ଼ଚାନ୍ଦପୁର ଗ୍ରାମର ଜଣେ ମହିଳାଙ୍କୁ ନିର୍ଯାତନା ଓ ମାରିଦେବା ଉଦ୍ୟମ ନେଇ ଥାନାରେ ଅଭିଯୋଗ ହୋଇଛି। ବଲଙ୍ଗା ପୋଲିସ ଅଭିଯୋଗକୁ ଭିତ୍ତି କରି ୧୮୫/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗଡ଼ଚାନ୍ଦପୁର ଗ୍ରାମର ଦୀପାଲି ରାୟ କରିଥିବା ଅଭିଯୋଗ ଅନୁଯାୟୀ, ସ୍ୱାମୀ ଜ୍ୟୋତିରଞ୍ଜନ ଜେନାଙ୍କୁ ଏକ ବର୍ଷ ପୂର୍ବେ ଭଲପାଇ ବିବାହ କରିଥିଲି। କିଛିଦିନ ଭଲରେ କଟିଲା ପରେ ମୋର ସ୍ୱାମୀ, ଶାଶୁ ସରସ୍ୱତୀ ଜେନା, ନଣନ୍ଦ ବର୍ଷା ଜେନା ବାପଘରୁ ୫ଲକ୍ଷ ଟଙ୍କା ଆଣିବା ପାଇଁ କହିଥିଲେ। ସେ ମନା କରିବାରୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କଲେ। କୌଣସି କାରଣ ନ ଥାଇ ମୋତେ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିବାରୁ ମୁଁ ଚତୁରତାର ସହ ଖସି ଆସି କୋଣାର୍କ ଥାନାର ସହାୟତା ନେଇଥିଲି। କୋଣାର୍କ ଥାନାରେ ଆପୋସ ବୁଝାମଣା ହେବାପରେ କିଛିଦିନ ମୁଁ ବାପଘରେ ଯାଇ ରହିଥିଲି। ତିନିମାସ ପରେ ସ୍ୱାମୀ ଏକ ଝିଅକୁ ଦ୍ୱିତୀୟ ବିବାହ କରିବା ଖବର ପାଇ ଚୁପ୍ ରହିଥିଲି। ଏହା ଠିକ୍ ଖବର ଜାଣିବା ପରେ ବଲଙ୍ଗା ଥାନାର ଆଶ୍ରୟ ନେଇଥିଲି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ୪୧ ୟୁନିଟ୍ ରକ୍ତ ସଂଗ୍ରହ

କଣାସ,୨୫।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସଠାରେ ପ୍ରତିଷ୍ଠିତ ପ୍ରଜାପିତା ବ୍ରହ୍ମାକୁମାରୀ କାର୍ଯ୍ୟାଳୟ ପକ୍ଷରୁ ସୋମବାର କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ଜନମଙ୍ଗଳ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୁରୀର ଆଚାର୍ଯ୍ୟ ହରିହର ରକ୍ତ ସଂଗ୍ରହ କେନ୍ଦ୍ରର ଡାକ୍ତରମାନେ ଏଥିରେ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଭଉଣୀ ଓ ଭାଇମାନେ ରକ୍ତଦାନ ଶିବର ପରିଚାଳନା କରିଥିଲେ।

# ହେଡକ୍ୱାର୍ଟର୍ସରେ ରହୁନି ମୁଖ୍ୟମନ୍ତ୍ରୀ ବସ୍, ସାଧାରଣରେ ଅସନ୍ତୋଷ

## ୪ ଦିନ ହେଲା ଫେରୁଛନ୍ତି ଯାତ୍ରୀ, ୭ ପଞ୍ଚାୟତକୁ ମିଳୁନି ଲକ୍ଷ୍ମୀ ବସ୍ ସେବା

ଗୋପ,୨୫।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘଦିନ ଧରି ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ବସ୍ ସେବା ସାଧାରଣ ଲୋକଙ୍କୁ ଯୋଗାଇ ଦେଉଥିବା ବେଳେ ୪ ଦିନ ହେବ ଏହି ସେବା ବ୍ୟାହତ ହୋଇଛି। ଗୋପ ବ୍ଲକର ହେଡକ୍ୱାର୍ଟର୍ସ କୁହାଯାଉଥିବା ଗୋପ ବ୍ଲକ ନିକଟରୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ ହୋଇଯିବାରୁ ଯାତ୍ରୀମାନେ ଏବେ ଦ୍ୱନ୍ଦ୍ୱରେ ପଡ଼ିବା ସହ ଦୈନନ୍ଦିନ ଯାତ୍ରୀମାନେ ଫେରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଦିନ ଧରି ଏହି ବ୍ଲକର ୭ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ମିଳୁନାହିଁ।

ପ୍ରକାଶ ଯେ, ପୂର୍ବ ସରକାର ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଓ ସିଧାସଳଖ ବ୍ଲକ ହେଡକ୍ୱାର୍ଟର୍ସକୁ ସାଧାରଣ ଲୋକମାନେ ଯା'ଆସ କରିବା ପାଇଁ ଏହି ସେବା ଆରମ୍ଭ କରିଥିଲେ। ଏହି ସେବା ଆରମ୍ଭ ହେବାପରେ ସାଧାରଣ ଲୋକମାନେ ସ୍ୱାସ୍ଥ୍ୟସେବା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ସମସ୍ତ ସେବା ପାଇ ପାରୁଥିଲେ। ଏପରିକି ଗାଁ ଗହଳିରେ ବସବାସ କରୁଥିବା



ଗୋପ ବଜାରରେ କୋଣାର୍କ ଯିବାପାଇଁ ମୁଖ୍ୟମନ୍ତ୍ରୀ ବସ୍ ଠିଆ ହୋଇଛି ।

ଲୋକମାନେ ବିଭିନ୍ନ କାର୍ଯ୍ୟରେ ବ୍ଲକ୍, ତହସିଲ ଅଫିସ୍ ସହିତ ବିଭିନ୍ନ ଅଫିସ୍ ଆସି ସୁରୁଖୁରୁରେ ହେଡ୍‌କ୍ୱାର୍ଟର୍ସରୁ ଗାଁକୁ ସୁବିଧାରେ ଯାଇପାରୁଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏହି ମୁଖ୍ୟମନ୍ତ୍ରୀ ବସ ସେବା ଠିକ୍ ଭାବରେ ଚାଲୁଥିବା ବେଳେ ହଠାତ୍ ୪ଦିନ ତଳେ କୌଣସି କାରଣକୁ ନେଇ ଗୋପ ବ୍ଲକ ନିକଟରେ ରହୁଥିବା ମୁଖ୍ୟମନ୍ତ୍ରୀ ବସ୍‌ଗୁଡ଼ିକ ଅନ୍ୟତ୍ର ରହୁଛି, ଫଳରେ ସାଧାରଣ ଲୋକମାନେ ଏବେ ଏହି ସେବାରୁ ବଞ୍ଚିତ ହେଉଥିବା ଭଳି ଅଭିଯୋଗ ହେଉଛି। ଗୋପ ବ୍ଲକ ପାଇଁ ଚାଲୁଥିବା ୫ଟି ବସ୍ ମଧ୍ୟରୁ ଏବେ କେତୋଟି ମୁଖ୍ୟମନ୍ତ୍ରୀ ବସ୍ ନିମାପଡ଼ା ବ୍ଲକ ଅଞ୍ଚଳକୁ ଯା' ଆସ କରୁଥିବା ବେଳେ ଗୋଟିଏ ବସ୍ ନିମାପଡ଼ାରେ ରହୁଥିବା ଜଣାପଡିଛି। ସେହିପରି ଏହି ବସ୍ ସେବା ଆରମ୍ଭ ଦିନଠାରୁ ଗୋପ ବ୍ଲକରେ ଥିବା ୩୧ ପଞ୍ଚାୟତ ମଧ୍ୟରେ ଅଣ୍ଡରା-ଇଚ୍ଛାପୁର, ପୟରା, ରାହାଙ୍ଗଗୋରଡ଼ା, ମହଲପଡ଼ା, ଅଚ୍ୟୁତପୁର, ଶିମିଳି, ନୂଆଖୋଲମରା ପଞ୍ଚାୟତକୁ ଏହି ମୁଖ୍ୟମନ୍ତ୍ରୀ ବସ୍ ଯାଇପାରି ନାହିଁ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ସହ ତୁରନ୍ତ ବ୍ଲକ ନିକଟରୁ ଏହି ସେବା ଯୋଗାଇଦେବା ପାଇଁ ସାଧାରଣ ଲୋକେ ଦାବି କରିଛନ୍ତି। ଏହି ଅଭିଯୋଗ ଉପରେ ଗୋପ ବ୍ଲକ ମୁଖ୍ୟମନ୍ତ୍ରୀ ବସ୍‌ର ସୁପରଭାଇଜର ରାଜେଶ କୁମାର ବେହେରାଙ୍କୁ ପଚାରିବାରେ ଗୋପ ବ୍ଲକ ବିଡିଓଙ୍କ ନିର୍ଦ୍ଦେଶରେ ଏହା କରାଯାଉଛି। କିନ୍ତୁ ପୂର୍ବ ସରକାର ପ୍ରତ୍ୟେକ ପଞ୍ଚାୟତରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ନୂଆ ସରକାର ବ୍ଲକ ନିକଟରେ ମୁଖ୍ୟମନ୍ତ୍ରୀ ବସ୍ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସନ୍ତୁ, ନଚେତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଅସ୍ତରଙ୍ଗ,୨୫।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)



ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅକ୍ଷୟ କୁମାର ଶତପଥୀ ରୋଗୀଙ୍କ ସହ କଥା ହେଉଛନ୍ତି ।

ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅକ୍ଷୟ କୁମାର ଶତପଥୀ ସୋମବାର ପୂର୍ବାହ୍ନରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ଭିତ୍ତିଭୂମି ତଦାରଖ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟ୍ ଡୋର୍, ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀମାନଙ୍କୁ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଡ୍ୟୁଟି ସମୟରେ ମୋବାଇଲ୍ ଚଳାଇଥିବାକୁ ତାଗିଦା କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ପରୀକ୍ଷାଗାର, ନିରାମୟ କେନ୍ଦ୍ର, ମେଡିକାଲ ପରିସରରେ ଥିବା ଗୃହ ପରିଦର୍ଶନ କରିଥିଲେ। ଏହା ସହ କର୍ମଚାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଠିକ୍ ସମୟରେ ଆସୁ ନ ଥିବାରୁ କର୍ମଚାରୀଙ୍କୁ ତାଗିଦା କରିବା ସହ ସମୟାନୁବର୍ତ୍ତିତା ହୁଅନ୍ତୁ, ନଚେତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେବା ସହ ଯେଉଁମାନେ ଠିକ୍ ସମୟରେ ସୋମବାର ଆସି ନ ଥିଲେ ଉପସ୍ଥାନରେ ଅନୁପସ୍ଥିତ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ।

# ଏସ୍‌ପିଙ୍କ କାର୍ଯ୍ୟାଳୟଠାରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ

ପୁରୀ,୨୫।୮(ଅଜିତ୍ କୁମାର ମହାନ୍ତି)

ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେଠାରେ ଥିବା ପୋଲିସ କର୍ମଚାରୀ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ଆହତ ବ୍ୟକ୍ତି ହେଲେ ସତ୍ୟବାଦୀ ଅଳଗୁମ୍‌ର ଲଲାଟ ଜେନା। ତେବେ ଜେନା ଅଭିଯୋଗ ଆଣିଛନ୍ତି ଯେ, ଗତ ୭ ବର୍ଷ ହେବ ସେ ନ୍ୟାୟ ପାଇଁ ସମସ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି, କିନ୍ତୁ ସବୁଠି ତାଙ୍କୁ ନିରାଶ ହେବାକୁ ପଡ଼ିଛି। କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପ୍ରଭାତ ଲେନ୍‌ରେ ତାଙ୍କର ଏକ ଘର ରହିଛି। ଏହି ଘରର ସମସ୍ତ କାଗଜପତ୍ର ସହ ବିଲ୍ଡିଂ ପ୍ଲାନ୍, ଶ୍ରୀମନ୍ଦିର ପ୍ରଶାସନର ଏନ୍‌ଓସି ରହିଛି। ଏହା ସତ୍ତ୍ୱେ ସୁଧାକର ଭୋଳ ନାମକ ବ୍ୟକ୍ତି ବିନା କୌଣସି କାଗଜପତ୍ରରେ ତାଙ୍କ ଘର ମାଡ଼ି ବସିଛନ୍ତି। ସେ ଏ ନେଇ ଥାନାରେ ଏତଲା ଦେଇଥିଲେ, ମାତ୍ର ପୋଲିସ ତାଙ୍କ ଅଭିଯୋଗ ଗ୍ରହଣ କରି ନ ଥିଲା। ଦୀର୍ଘ ୭ ବର୍ଷ ହେବ ସେ ବିଭିନ୍ନ ଅଧିକାରୀ ଓ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଗତ ୨ଦିନ ତଳେ ରାତିଅଧରେ ପୋଲିସ ଉପସ୍ଥିତିରେ ତାଙ୍କ ଘରେ ଛାତ ପକାଯାଇଛି। ସେହିଦିନ ରାତିରେ ସେ ପୋଲିସଠାରୁ ଆରମ୍ଭ କରି ସମସ୍ତଙ୍କ ସହ ଯୋଗାଯୋଗ କରିଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ ସେ ଭୁବନେଶ୍ୱର ବଡ଼ଗଡ଼ ଥାନାରେ ଜିରୋ ଏତଲା ଦେଇଥିଲେ। ସୋମବାର ଏହି ଜମିବାଡ଼ି ବିବାଦକୁ ନେଇ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ଏ ନେଇ ପୋଲିସର ପ୍ରତିକ୍ରିୟା ମିଳିପାରି ନାହିଁ।

# ଦାୟିତ୍ୱ ଗ୍ରହଣ ପୂର୍ବରୁ ମହାପ୍ରଭୁଙ୍କୁ ଦର୍ଶନ କଲେ ଏସ୍‌ପି

ପୁରୀ,୨୫।୮(ଅଜିତ୍ କୁମାର ମହାନ୍ତି)

ପୁରୀ ଏସ୍‌ପି ଭାବେ ପ୍ରତୀକ ସିଂ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏସ୍‌ପି ସିଂ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ସାନ୍ନିଧ୍ୟ ଲାଭ କରିଥିଲେ। ପ୍ରତୀକ ସିଂ ପୋଲିସ ବିଭାଗର ବିଭିନ୍ନ ଅଧିକାରୀଙ୍କ ସହ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିଥିଲେ। ପ୍ରବେଶ କରିବା ପୂର୍ବରୁ ସିଂହଦ୍ୱାରଠାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣାମ କରିଥିଲେ। ପରେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନରେ ବିରାଜିତ ଶ୍ରୀବିଗ୍ରହମାନଙ୍କ ଦର୍ଶନକରି ଆଶିଷ ଲାଭ କରିଥିଲେ। ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନକରି ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ପକ୍ଷରୁ ନୂତନ ଏସ୍‌ପି ସିଂଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏସ୍‌ପି ସିଂ କହିଛନ୍ତି, ପୁରୀ ଜିଲାର ଏସ୍‌ପି ଭାବେ ଦାୟିତ୍ୱ ପାଇ ନିଜକୁ ଧନ୍ୟ ମନେକରୁଛି। ନୂଆ ଏସ୍‌ପି ଭାବେ ଯୋଗଦେବା ପରେ ଶ୍ରୀମନ୍ଦିର ସୁରକ୍ଷା ସହ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଫୋକସ୍ ରହିବ। ପୁରୀ ଜିଲାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବାକୁ ସରକାର ଦାୟିତ୍ୱ ଦେଇଛନ୍ତି। ଭକ୍ତଙ୍କ ଦର୍ଶନରେ ଶୃଙ୍ଖଳା, ନୀତିକାନ୍ତିଠାରୁ ଆରମ୍ଭ କରି ସ୍ଥାନୀୟ ଲୋକଙ୍କୁ ନ୍ୟାୟ ଓ ସେବା ଦେବା ଲକ୍ଷ୍ୟ ରହିବ। ଜନସାଧାରଣଙ୍କୁ ଯେପରି ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ ସେ ନେଇ ଦୃଷ୍ଟି ଦିଆଯିବ। ପୁରୀ ଭଳି ସ୍ଥାନରେ ଉଭୟ ଦର୍ଶନାର୍ଥୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ସହ ଶ୍ରୀମନ୍ଦିର ଦର୍ଶନ ଶୃଙ୍ଖଳା ଉପରେ କାର୍ଯ୍ୟ କରାଯିବ। ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ସହ ଭିଡ଼ ନିୟନ୍ତ୍ରଣ କିପରି କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯିବ।




ଦାୟିତ୍ୱ ଗ୍ରହଣ ପୂର୍ବରୁ ମହାପ୍ରଭୁଙ୍କୁ ଦର୍ଶନ କରି ଏସ୍‌ପି ପ୍ରତୀକ ସିଂ ଫେରୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ବିଭାଗ ଓ ସମ୍ଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ପୁରୀ,୨୫।୮(ଅଜିତ୍ କୁମାର ମହାନ୍ତି)

ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ପୂର୍ବ ସମ୍ଭାଗ ଆନୁକୂଲ୍ୟରେ ବିଭାଗ ଓ ସମ୍ଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା (ଗଣିତ ବିଭାଗ) ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଏବଂ ଗୋପ ବ୍ଲକ ବିଇଓ ତଥା ପୁରୀ ଜିଲା ସ୍କୁଲର ପ୍ରଧାନାଚାର୍ଯ୍ୟ ପ୍ରମୋଦ କର, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତ, ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର, ପୁରୀ ବିଭାଗ ପ୍ରମୁଖ ସୁଦର୍ଶନ ମିଶ୍ର, ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ପି. ମୋହନ ରାଓ ପାତ୍ର ଏବଂ ସ୍ଥାନୀୟ ପରିଚାଳନା ସମିତିର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ମୋଟ ୫୨ ବିଦ୍ୟାଳୟରୁ ଆସିଥିବା ୧୭୫ ଜଣ ଶିଶୁ ଭାଗ ନେଇଥିଲେ। ୧୪ଜଣ ପରିମୂଳକ ଏବଂ ୨୨ ଜଣ ବିଚାରକଙ୍କ ଦ୍ୱାରା ଗଣିତ ବିଭାଗର ସମସ୍ତ ପ୍ରକଳ୍ପ, ପ୍ରଶ୍ନମଞ୍ଚ, ପତ୍ରବାଚନ, ଗଣିତ ପ୍ରୟୋଗ ତଥା ବିଜ୍ଞାନ ପ୍ରୟୋଗରେ ଅଂଶଗ୍ରହଣ କରିଥିବା ବାଲ୍ୟ, କିଶୋର, ତରୁଣ ବର୍ଗର ମୋଟ ୩୫ ଜଣ ବିଭାଗରେ ଓ ସମ୍ଭାଗରେ ୧୪ଜଣ ପ୍ରତିଭାଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବି ସମ୍ବଳିତ ଦାବିପତ୍ର

ପୁରୀ,୨୫।୮(ଅଜିତ୍ କୁମାର ମହାନ୍ତି)

ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ରାଜ୍ୟ ସଂଘ ତରଫରୁ ବିଭିନ୍ନ ଦାବିନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଆଇସିଡିଏସ୍ ଯୋଜନାର ନାମ ଉଚ୍ଛେଦ କରାଯିବା ସହ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କୁ ସରକାରୀ କର୍ମଚାରୀ ଘୋଷଣା କରାଯାଉ। ସରକାରୀକରଣ ନ ହେବା ପର୍ଯ୍ୟନ୍ତ ସର୍ବନିମ୍ନ ଯଥାକ୍ରମେ ୧୮ ହଜାର ଏବଂ ସହାୟିକାଙ୍କ ପାଇଁ ୯ ହଜାର ଟଙ୍କା ପ୍ରଦାନ, ଅବସର ପରେ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କୁ ଯଥାକ୍ରମେ ୧୦ ଲକ୍ଷ ଏବଂ ୫ ଲକ୍ଷ ଟଙ୍କାର ଅବସରକାଳୀନ ସହାୟତା ରାଶି ପ୍ରଦାନ ସହିତ ମାସିକ ପେନ୍‌ସନ ୫୦୦୦ ଓ ୩୦୦୦ ଟଙ୍କା ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ଯୋଗ୍ୟତାଭିତ୍ତିରେ ଅଙ୍ଗନୱାଡି କର୍ମୀଙ୍କୁ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପ୍ରଦାନ ସହ ଅନ୍ୟାନ୍ୟ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ପୁରୀରେ ଦୁର୍ଘଟଣା: ଜଣେ ମୃତ

ପୁରୀ,୨୫।୮(ଅଜିତ୍ କୁମାର ମହାନ୍ତି)

ଜାତୀୟ ରାଜପଥ ମାଳତୀପାଟପୁର ଓଭରବ୍ରିଜ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଜାତିପୁର ଗ୍ରାମର ଦିଲ୍ଲୀପ ପ୍ରଧାନ (୩୦)। ଯୁବକଙ୍କ ମୃତଦେହ ସଦର ଥାନା ପୋଲିସ ପହଞ୍ଚି ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ବିଳମ୍ବିତ ରାତିରେ ଦିଲ୍ଲୀପ ବାଇକ୍ ଯୋଗେ ପୁରୀରୁ ଘରକୁ ଫେରୁଥିଲେ। ଓଭରବ୍ରିଜ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ଦିଲ୍ଲୀପ ଭାରସାମ୍ୟ ହରାଇ ବାଇକ୍ ସହ ନିସ୍ତେଜ ହୋଇ ପଡ଼ିଯାଇଥିଲେ। ଖବରପାଇ ଘଟଣାସ୍ଥଳରୁ ହାଇୱେ ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏସପିଓ ଗଗନ ବିହାରୀ ସ୍ୱାଇଁ ତାଙ୍କର ଟିମ ସହ ଦିଲ୍ଲୀପଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ୨ ସ୍ୱର୍ଣ୍ଣପଦକ ଜିତିଲେ ଓଡ଼ିଆ ପୁଅ ଦେବୀପ୍ରସାଦ

## ଏସିଆନ୍ ପାୱାର ଲିଫ୍ଟିଂ ପ୍ରତିଯୋଗିତା

ପୁରୀ,୨୫।୮(ଅଜିତ୍ କୁମାର ମହାନ୍ତି)

ନେପାଳରେ ଆୟୋଜିତ ହୋଇଥିବା ଏସିଆନ ପାୱାର ଲିଫ୍ଟ ପ୍ରତିଯୋଗିତାରେ ଓଡ଼ିଆ ପୁଅ ଦେବୀପ୍ରସାଦ ଦାସଙ୍କ କମାଲ ଦେଖିବାକୁ ମିଳିଛି। ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ ପଦକ ପାଇ ଦେବୀ ପ୍ରସାଦ ଦାସ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଦେବୀପ୍ରସାଦ ଏସିଆନ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ନେପାଳ ଗସ୍ତ କରିଥିଲେ। ଅଗଷ୍ଟ ୧୫ରୁ ୧୭ ପର୍ଯ୍ୟନ୍ତ କାଠମାଣ୍ଡୁରେ ଏସିଆନ ପାୱାର ଲିଫ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତେବେ ପ୍ରତିଯୋଗିତାରେ ଓଡ଼ିଆ ପୁଅ ଦେବୀପ୍ରସାଦ ଜୁନିୟର ବିଭାଗର ୧୨୦ କେଜି ବର୍ଗ ଡେଡ୍ ଲିଫ୍ଟରେ ସ୍ୱର୍ଣ୍ଣ ହାତେଇବା ସହ ସାମଗ୍ରିକ ଶକ୍ତି ଉତ୍ତୋଳନରେ ସ୍କ୍ୱାଟ ବେଞ୍ଚ୍ ପ୍ରେସ୍‌ରେ ଅନ୍ୟ ଏକ ସ୍ୱର୍ଣ୍ଣପଦକ ହାତେଇଛନ୍ତି। ଉକ୍ତ ପ୍ରତିଯୋଗିତାରେ ଭାରତକୁ ମିଶାଇ ୭ଟି ଦେଶ ଅଂଶଗ୍ରହଣ କରିଥିଲେ। କଠିନ ପରିଶ୍ରମ ସହ ମାତାପିତାଙ୍କ ସହଯୋଗ, ଆଶୀର୍ବାଦ ଯୋଗୁ ଏହି ସଫଳତା ମିଳିଛି। ସେଥିପାଇଁ ସେ ବହୁ ଖୁସି। ସରକାରଙ୍କ ପକ୍ଷରୁ ଯଦି ପ୍ରୋତ୍ସାହନ ମିଳେ, ତେବେ ଆଗକୁ ଆହୁରି ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମନୋନୀତ ହେବା ସହ ପଦକ ହାତେଇବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସ୍ୱର୍ଣ୍ଣପଦକ ବିଜେତା ଦେବୀପ୍ରସାଦ ଦାସ କହିଛନ୍ତି।



ଦେବୀପ୍ରସାଦ ଦାସ

# ଅଭିଯୋଗର ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ

## ଅସ୍ତରଙ୍ଗରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଅସ୍ତରଙ୍ଗ,୨୫।୮(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ରାଜକିଶୋର ଜେନା, ମୁଖ୍ୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ କୁମାର ଶତପଥୀ, ସହକାରୀ ଜିଲାପାଳ ଜନଶୁଣାଣି ପଞ୍ଚାନନ ପରିଜା, ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ବିଡିଓ ସସ୍ମିତା ବେହେରା ତଥା ଶିକ୍ଷା, ଯୋଗାଣ ବିଭାଗ, ମଙ୍ଗଳ ବିଭାଗ, ସମାଜକଲ୍ୟାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କୃଷି, ଜଙ୍ଗଲ, ବିଦ୍ୟୁତ, ଜଳସେଚନ, ପଶୁସମ୍ପଦ, ଶ୍ରମ, ମୃତ୍ତିକା ସଂରକ୍ଷଣ, ଅବକାରୀ ଆଦି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

ସୁରେନ୍ଦ୍ର ନାଥ ବିଦ୍ୟାପୀଠ ସୁନ୍ଦର ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ଜାଳେଣି କାଠ ବୋହିବା ଘଟଣା ପରେ ମଣ୍ଡଳ ଶିକ୍ଷାଧିକାରୀ ଘଟଣା ସମ୍ପର୍କରେ ତଦନ୍ତ ମଧ୍ୟ କରିଥିଲେ। ଏହାକୁ ନେଇ ସାମାଜିକ କର୍ମୀ ଇନ୍ଦ୍ରମଣି ଜେନା ଶିବିରରେ ଅଭିଯୋଗ କରିଥିଲେ। ଏହାସହ ମଧ୍ୟାହ୍ନଭୋଜନ ବନ୍ଦ ସମ୍ପର୍କରେ ଅଭିଯୋଗ କରିବା ପରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅତିରିକ୍ତ ଜିଲା ଶିକ୍ଷାଧିକାରିଣୀ ଓ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୨୦ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ଅନେକ ବ୍ୟକ୍ତିଗତ ଅଭିଯୋଗ ଓ ସମୂହ ଅଭିଯୋଗ ଥିଲା। ଅଭିଯୋଗ ଶୁଣାଣିରେ ରାଜସ୍ୱ, ଆବାସ ଯୋଜନା, ଭିନ୍ନକ୍ଷମଙ୍କୁ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁ ଅନ୍ତ୍ୟୋଦୟ ଗୃହରୁ ବଞ୍ଚିତ କରିବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ସ୍ଥାନୀୟ ଅଞ୍ଚଳରେ ନିଶା କାରବାର ରୋକିବା, କେନାଲରେ ଜଳସେଚନ ସମସ୍ୟା, ବିଭିନ୍ନ କାର୍ଯ୍ୟର ବିଲ୍ ପୈଠ ସମ୍ବନ୍ଧୀୟ ଅଭିଯୋଗର ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଜିଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ ।

## ଫଟୋ ରେ ଖବର



ବଡ ଠାକୁର ବଳଭଦ୍ରଙ୍କ ରଥକୁ ଭଙ୍ଗାଯାଉଛି ।



ବିଶ୍ୱମ୍ଭର ବିଦ୍ୟାପୀଠରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀକୁ ଶିକ୍ଷୟିତ୍ରୀମାନେ ବୁଲି ଦେଖୁଛନ୍ତି ।



ପୁରୀ ସର୍କିଟ ହାଉସ୍ ପରିସରରେ ସର୍ବଭାରତୀୟ ରେଲୱେ କଣ୍ଟ୍ରାକ୍ଟ ଶ୍ରମିକ ସଂଗଠନର କେନ୍ଦ୍ରୀୟ କମିଟି ବୈଠକ ଅନୁଷ୍ଠିତ ।



ଚିନ୍ତା ଓ ଚେତନା ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ବର୍ଷା ମହୋତ୍ସବରେ ମୁଖ୍ୟ ଅତିଥି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଗୁରୁ ସୁଜାତା ମହାପାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ଓଡ଼ିଶାର ନୃତ୍ୟ ପରମ୍ପରା ଦେଶ ବିଦେଶରେ ଅଧିକ ପହଞ୍ଚୁ

ଭୁବନେଶ୍ୱର,୨୫।୮ (ସୌମ୍ୟରଞ୍ଜନ ରାଉତ)

## ଚିନ୍ତା ଓ ଚେତନାର ୪୮ତମ ବର୍ଷା ମହୋତ୍ସବ

### ଗୁରୁକୀର୍ତ୍ତି ଅନୁଷ୍ଠାନ ସହ ୩ ଜଣଙ୍କୁ 'ଚିନ୍ତା ଓ ଚେତନା ସମ୍ମାନ'

ଚିନ୍ତା ଓ ଚେତନାର ୪୮ତମ ବର୍ଷା ମହୋତ୍ସବ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଔରାଦିତ୍ୟ ନୃତ୍ୟାନୁଷ୍ଠାନର କୁନି ଶିଳ୍ପୀମାନେ 'ମେଘ ବରଷିଲା ମୟୂର ନାଚିଲା ନୂପୁରର ତାଳେ ତାଳେ ଛମ୍ ଛମ୍...' ସଙ୍ଗୀତରେ ବର୍ଷାକୁ ସ୍ୱାଗତ କରିଥିଲେ। ପରେ ଓଡ଼ିଶୀ ନୃତ୍ୟଗୁରୁ ସୁଜାତା ମହାପାତ୍ର ମଙ୍ଗଳାଚରଣରେ ନମାମି ବିଘ୍ନରାଜତ୍ୱମ୍ ଓ କାଳି ଦାସଙ୍କ ଋତୁ ସଂହାର କାବ୍ୟରୁ ବର୍ଷାକୁ ଆମନ୍ତ୍ରଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ସମ୍ମାନିତ ଅତିଥିଭାବେ ବାବା ରାମ ନାରାୟଣ ମହାରାଜ, ତବଲାବାଦକ ପଣ୍ଡିତ ରାମଦାସ ପଲ୍‌ସୁଲେ, ସିଆର୍‌ପିଏଫ୍ ଡିଆଇଜି ଭାରତ ଭୂଷଣ ସେଠୀ, ଗୁରୁ ସୁଜାତା ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍, ସିତାର ବାଦକ ସୁବ୍ରତ ଦେ, ଚିନ୍ତା ଓ



ଔରାଦିତ୍ୟ ନୃତ୍ୟାନୁଷ୍ଠାନର କୁନି ଶିଳ୍ପୀମାନେ ନୃତ୍ୟରେ ବର୍ଷାକୁ ସ୍ୱାଗତ କରୁଛନ୍ତି।


ପଣ୍ଡିତ ରାମଦାସ ପଲ୍‌ସୁଲେ ତବଲା ବାଦନ କରୁଛନ୍ତି।

ଚେତନାର ରାଜ୍ୟ ସଭାପତି ସହଦେବ ସାହୁ, ମହାସଚିବ ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ପିଏଫ୍ ଡିଆଇଜି ବର୍ଷା ମହୋତ୍ସବକୁ ସ୍ୱାଗତ କରିବା ସହ ଓଡ଼ିଶାର ଭାଷା, ସାଂସ୍କୃତିକ ପରମ୍ପରାକୁ ପ୍ରଶଂସା କରିଥିଲେ। ଏଥିସହ ଓଡ଼ିଶାର ନୃତ୍ୟ ପରମ୍ପରା ଦେଶ ବିଦେଶରେ ଅଧିକରୁ ଅଧିକ ପହଞ୍ଚାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ତବଲା ବାଦକ ପଣ୍ଡିତ ରାମଦାସ କହିଲେ, ଯୋଗ ଓ ଶାସ୍ତ୍ରୀୟ ନୃତ୍ୟ ପାଇଁ ଭାରତ ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଛି। ତେଣୁ ଏପରି ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ତବଲା ପରିବେଷଣ କରିବା ସୌଭାଗ୍ୟର କଥା ବୋଲି ସେ କହିଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବର୍ଷାକୁ ନେଇ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ସତପଥୀ ତବଲାବାଦକ ପଣ୍ଡିତ ରାମଦାସ ପଲ୍‌ସୁଲେ, ଗୁରୁ ସୁଜାତା ମହାପାତ୍ର, ସିତାର ବାଦକ ସୁବ୍ରତ ଦେ ଏବଂ ଗୁରୁକୀର୍ତ୍ତି ନୃତ୍ୟାନୁଷ୍ଠାନକୁ 'ଚିନ୍ତା ଓ ଚେତନା ସମ୍ମାନ' ପ୍ରଦାନ କରିଥିଲେ। ଏଥିସହ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ହରେକୃଷ୍ଣ ମହତାବ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷ ପ୍ରସ୍ତୁତିରେ ଗୁରୁକୀର୍ତ୍ତି ଅନୁଷ୍ଠାନ ପକ୍ଷରୁ ହଂସଧ୍ୱନି ପଲ୍ଲବୀ, ବ୍ରଜକୁ ଚୋର ଓ ଗୀତ ଗୋବିନ୍ଦ ପରିବେଷଣ କରାଯାଇଥିଲା। ଚିନ୍ତା ଓ ଚେତନାର ରାଜ୍ୟ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅବିନାଶ


@ ବଳରାମ


@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟରେ ଚାଲିବ ସି-ପ୍ଲେନ୍, ହେଲି ଟ୍ୟାକ୍ସି

ଭୁବନେଶ୍ୱର,୨୫।୮ (ଅନୁରାଧା ମହାରଣା)

ଓଡ଼ିଶାରେ ଚାଲିବ ସି-ପ୍ଲେନ୍ ଓ ହେଲି ଟ୍ୟାକ୍ସି ସେବା। ଭୁବନେଶ୍ୱରଠାରେ ସୋମବାର ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରିମଣ୍ଡଳ ସମ୍ମିଳନୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରି ରାମ ମୋହନ ନାଇଡୁ କିଞ୍ଜାରାପୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସୂଚନା ପରେ ଏହି ସେବାକୁ ନେଇ ଆଶା ସଞ୍ଚାର ହୋଇଛି।

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ କହିଛନ୍ତି, ପୂର୍ବରୁ ଦେଶରେ ସି-ପ୍ଲେନ ଚାଲିଥିଲା, କିନ୍ତୁ ଏହା କେବଳ ଗୋଟିଏ ରୁଟ୍‌ରେ ସୀମିତ ଥିଲା। କେନ୍ଦ୍ର ସରକାର ସି-ପ୍ଲେନ ଚଲାଇବା ପାଇଁ ନିର୍ଦ୍ଦେଶାବଳୀକୁ ସହଜ କରିଛନ୍ତି। ଅକ୍ଟୋବର ସୁଦ୍ଧା ଦେଶରେ ଦୁଇଟି ସି-ପ୍ଲେନ ରୁଟ୍ ରହିବ। ଆଣ୍ଡାମାନ ଏବଂ ନିକୋବର, କେରଳ କିମ୍ବା ଆନ୍ଧ୍ର ପ୍ରଦେଶ ନେଟ୍‌ୱର୍କରେ ଚାଲିବ। ସି-ପ୍ଲେନ ସେବା ଓଡ଼ିଶାର ଚିଲିକା ହ୍ରଦ ଏବଂ ସମଗ୍ର ପୂର୍ବ ଉପକୂଳକୁ ବିସ୍ତାର କରାଯାଇପାରିବ। ଏହି ସେବା ଯେକୌଣସି ଜଳାଶୟରେ ଆରମ୍ଭ କରାଯାଇପାରିବ, ଯେଉଁଠି ଗଭୀରତା ୫ ଫୁଟରୁ ଅଧିକ ଏବଂ ଅବତରଣ ସ୍ଥାନ ୨୦୦ ମିଟରରୁ ଅଧିକ ଥିବ। ଜଳ ବିମାନ ପରିଚାଳନା ପାଇଁ ୱାଟରଡ୍ରୋମ ସ୍ଥାପନ ଏବଂ ପାଇଲଟମାନଙ୍କୁ ତାଲିମ ଦେବା ପାଇଁ ନିୟମ ମଧ୍ୟ ସହଜ କରାଯାଇଛି। ଏୟାର ଲାଇନ୍ ଅପରେଟରମାନଙ୍କ ପାଇଁ ମଧ୍ୟ ଏହା ଏକ ଭଲ ସୁଯୋଗ। କାରଣ ସି-ପ୍ଲେନ ସେବାରେ ବହୁତ ସମ୍ଭାବନା ଅଛି। ତେଣୁ ସି-ପ୍ଲେନ ସେବା ଲାଗି ରାଜ୍ୟଗୁଡ଼ିକୁ ନୂଆ ନୂଆ ଯୋଜନା ପ୍ରସ୍ତାବ ଦେବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ରମନ୍ତ୍ରୀ ଅପିଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି, ଯେଉଁ ଜିଲାରେ ବିମାନବନ୍ଦର ନାହିଁ, ସେଠାରେ ୧୫ଟି ହେଲିପୋର୍ଟ ସ୍ଥାପନ ହେବ। ଅନ୍ୟପକ୍ଷରେ ସମ୍ମିଳନୀ ପରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଓଡ଼ିଶାରେ ଖୁବ୍‌ଶୀଘ୍ର ସିପ୍ଲେନ ଓ ହେଲି ଟ୍ୟାକ୍ସି ଚଳାଚଳ କରିବ। ଭାରତ ସରକାରଙ୍କ ସହିତ ଓଡ଼ିଶା ବିମାନ ଚଳାଚଳ କ୍ଷେତ୍ରରେ କିପରି ଅଗ୍ରଗତି ହେବ ସେ ନେଇ ଆଲୋଚନା ହୋଇଛି। ବିକଶିତ ଭାରତ ପାଇଁ ବିମାନ ଚଳାଚଳ କ୍ଷେତ୍ରରେ ରାଜ୍ୟମାନେ କିପରି ସହଯୋଗ କରିବେ ସେନେଇ ମଧ୍ୟ ଚର୍ଚ୍ଚା ହୋଇଛି। ତେବେ ଓଡ଼ିଶାରେ ଚାଲିବାକୁ ଥିବା ସି- ପ୍ଲେନ୍ ମୁଖ୍ୟତଃ ପର୍ଯ୍ୟଟନ କ୍ଷେତ୍ରରେ କାମ କରିବ ବୋଲି ସେ କହିଛନ୍ତି।

## ଚିଲିକାରେ ପରିବେଶ ସନ୍ତୁଳନ ବିଗିଡ଼ିଯିବ

ଭୁବନେଶ୍ୱର,୨୫।୮ (ସୁଚିସ୍ମିତା ସାହୁ)

ଚିଲିକାରେ ସି-ପ୍ଲେନ ସେବା ପର୍ଯ୍ୟଟନକୁ ପ୍ରୋତ୍ସାହନ ଓ ରୋମାଞ୍ଚିତ କରିବ। ହେଲେ ଏହା ପରିବେଶ ସନ୍ତୁଳନ ବିଗାଡିବାରେ ଲାଗିଯିବ। କେବଳ ପରିବେଶ ସନ୍ତୁଳନ ନୁହେଁ, ବରଂ ଚିଲିକା ଉପକୂଳର ୫ଲକ୍ଷ ମତ୍ସ୍ୟଜୀବୀ ପରିବାର ଉଜୁଡି ଯିବ ବୋଲି ଓଡ଼ିଆ ଅସ୍ମିତା ପରିଷଦ ଆବାହକ ରବି ବେହେରା ସୋମବାର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଚିଲିକାରେ ସି-ପ୍ଲେନ୍ ଚଳାଚଳ ପାଇଁ ପୂର୍ବରୁ ବିଜେଡି ସରକାରଙ୍କ ଶାସନ ବେଳେ ଯୋଜନା ହୋଇଥିଲା। କିନ୍ତୁ ପରିବେଶବିତ ଓ ବିଭିନ୍ନ ଆକ୍ଟିଭିଷ୍ଟଙ୍କ ବିରୋଧ ଯୋଗୁ ଏହି ଯୋଜନା ବନ୍ଦ ହୋଇଥିଲା। ଏହି ସେବା ଦ୍ୱାରା ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀମାନଙ୍କ ଉପରେ ପ୍ରଭାବ ପକାଇବା ସହିତ ମତ୍ସ୍ୟ ସମ୍ପଦକୁ ମଧ୍ୟ କ୍ଷତି ପହଞ୍ଚାଇବ। ସବୁଠାରୁ ବଡ଼ କ୍ଷତି ହେଉଛି, ଚିଲିକାର ଜୈବ-ବିବିଧତା ସନ୍ତୁଳନ ବିଗିଡି ଯିବ। ଚିଲିକା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ଦାଦନ ଯିବାକୁ ବାଧ୍ୟ ହେବେ। ଏନେଇ ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ବେହେରା କହିଛନ୍ତି।



# ପାଟନାରୁ ପୁରୀକୁ ଚାଲିବ ସାପ୍ତାହିକ ପୂଜା ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୨୫।୮ (ଅନୁରାଧା ମହାରଣା)

ପାର୍ବଣ ଋତୁରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ପରିଚାଳନା କରିବା ଏବଂ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ ପାଇଁ ଭାରତୀୟ ରେଳପଥ ପାଟନା ଏବଂ ପୁରୀ ମଧ୍ୟରେ ସାପ୍ତାହିକ ପୂଜା ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନେଇଛି। ୦୩୨୩୦/୦୩୨୨୯ ପାଟନା-ପୁରୀ-ପାଟନା ପୂଜା ସ୍ପେଶାଲ ପାଟନାରୁ ଅଗଷ୍ଟ ୨୮ରୁ ଡିସେମ୍ବର ୨୫ ପର୍ଯ୍ୟନ୍ତ ପ୍ରତି ଗୁରୁବାର ଚଳାଚଳ କରିବ। ପୁରୀରୁ ଅଗଷ୍ଟ ୨୯ରୁ ଡିସେମ୍ବର ୨୬ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଚଳାଚଳ କରିବ। ଏହି ଏକ୍ସପ୍ରେସରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଏସି କୋଚ, ୨ଟି ତୃତୀୟ ଶ୍ରେଣୀ ଏସି କୋଚ, ୯ଟି ସ୍ଲିପର ଶ୍ରେଣୀ କୋଚ, ୬ଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ, ୨ଟି ଲଗେଜ ଭ୍ୟାନ-କମ-ଦ୍ୱିତୀୟ ଶ୍ରେଣୀ କୋଚ (ଦିବ୍ୟାଙ୍ଗଜନ-ଅନୁକୂଳ ସୁବିଧା ସହିତ) ରହିଛି। ଏହି ସାପ୍ତାହିକ ପୂଜା ସ୍ୱତନ୍ତ୍ର ଟ୍ରେନ୍ ଉଭୟ ପାର୍ଶ୍ୱରୁ ଯାତାୟାତ ସମୟରେ ବଖତିଆରପୁର, ବାରହ, ମୋକାମେହ, କିଉଲ, ଝୋଝା, ଜସିଡିହ, ମଧୁପୁର, ଚିତ୍ତରଂଜନ, ଆସାନସୋଲ, ଦୁର୍ଗାପୁର, ବର୍ଦ୍ଧମାନ, ଡାନକୁନି, ଅଣ୍ଡୁଲ, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ୍ ଓ ସାକ୍ଷୀଗୋପାଳଠାରେ ରହଣି କରିବ।

**ପୁରୀରୁ ଅଗଷ୍ଟ ୨୯ରୁ ଡିସେମ୍ବର ୨୬ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଛାଡ଼ିବ**

# ପ୍ରଶାନ୍ତ କୁମାର ବାରିକ ସର୍ବଭାରତୀୟ ଭବିଷ୍ୟନିଧି କର୍ମଚାରୀ ମହାସଂଘ ଉପସଭାପତି

ଭୁବନେଶ୍ୱର, ୨୫।୮ (ବନ୍ଦନା ସେଠୀ)

ସର୍ବଭାରତୀୟ ଭବିଷ୍ୟନିଧି କର୍ମଚାରୀ ମହାସଂଘର ୨୮ତମ ସାଧାରଣ ଅଧିବେଶନ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ଅଧିବେଶନରେ ୨୦୨୫-୨୭ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସ୍ଥାନୀୟ ଭବିଷ୍ୟନିଧି କାର୍ଯ୍ୟାଳୟ ୟୁନିଅନର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବାରିକ ସର୍ବଭାରତୀୟ ଭବିଷ୍ୟନିଧି କର୍ମଚାରୀ ମହାସଂଘର ଉପସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ଏହି ପଦବୀ ପାଇବାରେ ସେ ହେଉଛନ୍ତି ଦ୍ୱିତୀୟ ଓଡ଼ିଆ। ପୂର୍ବରୁ ଅଲେଖ ଚନ୍ଦ୍ର ସାହୁ ମହାସଂଘର ପ୍ରଥମ ଓଡ଼ିଆ ଉପସଭାପତି ହୋଇଥିଲେ।



ମହାସଂଘର ନବନିର୍ବାଚିତ ଉପସଭାପତି ପ୍ରଶାନ୍ତ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


କେନରା ବैंक Canara Bank
ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| **ଜଗତସିଂହପୁର ଶାଖା** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶୀଲ୍ କୁମାର ଦାଶ**, ପିତା: ରବିନ୍ଦ୍ର କୁମାର ଦାଶ, ଠିକଣା: ସା-ଜହନପୁର, ପୋ.: ମଣ୍ଡାସାହି, ଗ୍ରାମ- ଜହନପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୧୪। | (କ)ଟ.୧୪,୮୬,୦୦୦/- / (ଖ) ୨୪.୦୮.୨୦୨୫ / (ଗ) ୨୫.୦୮.୨୦୨୫ | ୨୫.୦୮.୨୦୨୫ ସୁଦ୍ଧା ଟ.୧୪,୪୮,୮୪୨.୨୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସୁଶୀଲ୍ କୁମାର ଦାଶ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୩୨, ଖାତା ନଂ.୬୯, ମୌଜା: ଛତ୍ର, ଗ୍ରାମ: ଜହନପୁର, ଏରିଆ: ଏ୦.୦୪ ଡିସିମିଲି, କିସମ: ଘରବାରୀ, ଉପ ଜିଲ୍ଲା: ଜଗତସିଂହପୁର ଏବଂ ଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ରାସ୍ତା, ଦକ୍ଷିଣ- ନିତ୍ୟାନନ୍ଦ ମହାନ୍ତି, ପୂର୍ବ- ରାଧା ଚରଣ ମହାନ୍ତି, ପଶ୍ଚିମ- ଗୋପିନାଥ ମହାନ୍ତି। |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ। ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି। (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

**ତାରିଖ: ୨୫.୦୮.୨୦୨୫, ସ୍ଥାନ: କଟକ** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**


# ଭୁବନେଶ୍ୱର ବିମାନବନ୍ଦରରେ ୧୦ ଟଙ୍କାରେ ଚା', ପାଣି

ଭୁବନେଶ୍ୱର,୨୫।୮ (ଅନୁରାଧା ମହାରଣା)

## ଉଡାଣ ଯାତ୍ରୀ କାଫେ, କିଡ୍‌ସ ପ୍ଲେ ଜୋନ୍ ଉଦ୍‌ଘାଟିତ

ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଟର୍ମିନାଲ-୧ରେ ଯାତ୍ରୀଙ୍କ ପାଇଁ ସୁଲଭ ମୂଲ୍ୟରେ ଖାଦ୍ୟ ଓ ପାନୀୟ ଯୋଗାଇ ଦେବାକୁ 'ଉଡାଣ ଯାତ୍ରୀ କାଫେ' ଖୋଲାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ସୋମବାର ଏହି କାଫେର ଉଦ୍‌ଘାଟନ କରି କହିଛନ୍ତି, ଉଡାଣ ଯୋଜନା ବିମାନ ଯାତ୍ରାକୁ ସମସ୍ତଙ୍କ ପାଇଁ ସୁଗମ କରିବା ଲାଗି ଆରମ୍ଭ ହୋଇଥିଲା। ବିମାନବନ୍ଦର ପରିସରରେ ଖାଦ୍ୟ ଓ ପାନୀୟର ଅଧିକ ମୂଲ୍ୟ ନେଇ ବାରମ୍ବାର ଅଭିଯୋଗ ଆସୁଥିଲା। 'ଉଡାଣ ଯାତ୍ରୀ କାଫେ' ସେହି ସମସ୍ୟାର ସମାଧାନ କରୁଛି। ଏହି କାଫେରେ ଏକ ବୋତଲ ପାଣି ଏବଂ ଏକ କପ ଚା' ମାତ୍ର ୧୦ ଟଙ୍କାରେ ମିଳୁଛି, ଆଉ ସିଙ୍ଗଡ଼ାର ମୂଲ୍ୟ ୨୦ ଟଙ୍କା ରହିଛି। କୋଲକାତାରେ ପ୍ରଥମ ଏଭଳି କାଫେ ଖୋଲାଯାଇଥିଲା। ଚେନ୍ନାଇ, ଆହମ୍ମଦାବାଦ ଓ ପୁଣେ ପରେ ଭୁବନେଶ୍ୱର ହେଉଛି ଉଡାଣ ଯାତ୍ରୀ କାଫେର ପଞ୍ଚମ କେନ୍ଦ୍ର। ସେହିପରି ବିମାନବନ୍ଦର ପରିସରରେ ପିଲାଙ୍କ ପାଇଁ କିଡ୍‌ସ ପ୍ଲେ ଜୋନ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଅପେକ୍ଷାରତ ବିମାନ ଯାତ୍ରୀଙ୍କ ଶିଶୁମାନେ ଏଠାରେ ଏକ ସୁରକ୍ଷିତ ପରିବେଶରେ ସମୟ ବିତାଇପାରିବେ।

# ସିସିଟିଭି ଫୁଟେଜ ଯାଞ୍ଚ, ପଚରାଉଚରା ଜାରି

ନିରାକାରପୁର,୨୫।୮
(ମାନସ ଚନ୍ଦ୍ର ପଟ୍ଟନାୟକ)

## ବୋମା, ଗୁଳି ଫୁଟାଇ ସୁନା ଦୋକାନରୁ ଲୁଟ୍ ଘଟଣା

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଷ୍ଟେଟବ୍ୟାଙ୍କ ପାର୍ଶ୍ୱରେ ଥିବା ସାଇ ସୋନୁ ଅଳଙ୍କାର ଦୋକାନରୁ ରବିବାର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବୋମା ଫିଙ୍ଗି ଓ ଗୁଳି ଫୁଟାଇ ୧୧ କେଜି ସୁନା ଏବଂ ୪ କେଜିରୁ ଊର୍ଦ୍ଧ୍ୱ ଓଜନର ରୁପା ଅଳଙ୍କାର ଲୁଟି ନେଇଥିବା ଦୋକାନ ମାଲିକ ସୁଶାନ୍ତ ବେହେରା ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ସୋମବାର ସିସିଟିଭି ଫୁଟେଜ ଯାଞ୍ଚ କରି ପଚରାଉଚରା ଜାରି ରଖିଛି।

### ପିଏଚ୍.ଡି. ଲାଭ



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକ୍‌ର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୭୫୨

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଏନ୍‌ଏସି ମାନ୍ୟତା ଦିଆ ନ ଗଲେ ଆନ୍ଦୋଳନ ତୀବ୍ର ହେବ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଟାଙ୍ଗୀ,୨୫।୮(ରଘୁନାଥ ସାହୁ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅଧୀନ ଟାଙ୍ଗୀକୁ ଏନ୍‌ଏସି ଘୋଷଣା ଦାବି ଏବେ ଜୋରି ଧରିଛି। ଏହାକୁ ନେଇ ସୋମବାର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏକ ମାସ ମଧ୍ୟରେ ଟାଙ୍ଗୀକୁ ଏନ୍‌ଏସିର ମାନ୍ୟତା ଦିଆ ନ ଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି। ଟାଙ୍ଗୀ ମଧୁମଙ୍ଗଳ ପଡ଼ିଆଠାରୁ ଶହ ଶହ ବିଜେଡିକର୍ମୀ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସରକାର ବିରୋଧୀ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ବିଜେଡି ନେତା ମନ୍ମଥ କୁମାର ରାଉତରାୟ, ପୂର୍ବତନ ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଏନ୍‌ଏସି ଘୋଷଣା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ରୁମାନା ଜାଫ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଗତ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ରାଜ୍ୟରେ ୫୨ଟି ନୂତନ ଏନ୍‌ଏସି ଘୋଷଣା କରିଥିଲେ। ଏଥିରେ ଟାଙ୍ଗୀର ନାମ ଥିଲା। ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୧ଟି ନୂତନ ଏନ୍‌ଏସି ଘୋଷଣା କରାଯିବ ବୋଲି ସୂଚନା ଦେଇଥିଲେ। ଗତ କିଛିଦିନ ତଳେ ନଗର ଉନ୍ନୟନ ବିଭାଗ ମାତ୍ର ୧୨ଟି ନୂତନ ଏନ୍‌ଏସି ଘୋଷଣା କରିଥିଲେ। ଏଥିରେ ଟାଙ୍ଗୀର ନାମ ନ ଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ସୁପ୍ରଭା ମହାପାତ୍ର, ପୂର୍ବତନ ସମିତି ସଭ୍ୟ ନିଳକଣ୍ଠ ବେହେରା, ଶାନ୍ତନୁ କୁମାର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସ୍ୱଦେଶ ରାଉତରାୟ, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ଅଶୋକ କୁମାର ମହାପାତ୍ର, ମହେନ୍ଦ୍ର କୁମାର ସାହୁ, ପ୍ରଦୀପ କୁମାର ମହାପାତ୍ର, ମାନସ କୁମାର ବଳିୟାର ସିଂହ, ସୁରେନ୍ଦ୍ର କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଆନ୍ଦୋଳନରେ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଓ ବିଜେଡି କର୍ମୀ ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଟାଙ୍ଗୀ ପୋଲିସ ଉପସ୍ଥିତ ରହିଥିଲେ।



ବିଜେଡି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଘରୁ ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନା, ଘରୋଇ ଉପକରଣ

ବେଗୁନିଆ,୨୫।୮(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ମହକୁମାସ୍ଥିତ ଗୋଡିପୋଖରୀ ସମ୍ମୁଖରେ ଥିବା ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଘରୁ ଲକ୍ଷାଧିକ ଟଙ୍କାରୁ ଅଧିକ ଟଙ୍କାର ସୁନା, ରୁପା ସହିତ ଘରୋଇ ଉପକରଣ ଲୁଟି ନେଇଥିବା ଥାନାରେ ଅଭିଯୋଗ କରାଯାଇଛି। ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ବାହାରକୁ ବୁଲିବାକୁ ଯାଇଥିବା ସୁଯୋଗ ନେଇ ଲୁଟେରାମାନେ ଏହି ଲୁଟ୍ କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ କୁହାଯାଉଛି। ଏ ନେଇ ଥାନାରେ ମାମଲା (ନଂ. ୨୫୦/୨୫) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖାଗଲା ବେଳକୁ ପୋଲିସକୁ କୌଣସି ସୁରାକ ମିଳି ନ ଥିବା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି। ପ୍ରକାଶ ଥାଉକି ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଗତ ୪ ଦିନ ତଳେ ବାହାରକୁ ବୁଲିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଶନିବାର ବିଳମ୍ବିତ ରାତିରେ ଲୁଟେରାମାନେ ବାହାର ପାର୍ଶ୍ୱ ଝରକା ତାଡି ଘର ଭିତରକୁ ପ୍ରବେଶ କରିଥିଲେ। ଦୁଇ ମହଲା କୋଠାର ୪ରୁ ୫ଟି ବଖରାର ତାଲା ଭାଙ୍ଗି ବିଭିନ୍ନ ଦାମି ଉପକରଣ ଲୁଟି ନେଇଛନ୍ତି। ଗଡରେଜ ଭାଙ୍ଗି ୫୦ ଗ୍ରାମ ସୁନା, ୨ କେଜି ରୁପା ସହିତ ଗୋଟାଏ ଲାପଟପ ଚୋରି ହୋଇଛି। ସୋମବାର ଖୋର୍ଦ୍ଧାରୁ ଡଗ ସ୍କ୍ୱାର୍ଡ ଆସି ଘଟଣାସ୍ଥଳ ଅନୁଧ୍ୟାନ କରିଯାଇଛନ୍ତି। ମଙ୍ଗଳବାର ସାଇଣ୍ଟିଫିକ ଟିମ୍ ଅନୁଧ୍ୟାନ କରିବ ।

Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

### AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes.
D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନ୩୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ଇତି
ପିଙ୍କି ପ୍ରଧାନ
ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN- ANQPB4447H are in the name of Sandhya Satapathy.
Sd./- Sandhya Satapathy
D-1753

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

### LEGAL NOTICE

IN THE COURT OF ADDL. COMMISSIONER OF CONSOLIDATION AND SETTLEMENT, SAMBALPUR-II R.P.
Case No.- 245/2024

Purastam Biswal and others
.... Petitioner
Vrs
Kshudhasagar Pradhan and another
....Opposite Parties

To, 1. Kshudhasagar Pradhan, 2. Sudhasagar Pradhan both are sons of Late Bhubaneswar Pradhan and R/o- Deogaon, P.O.- Rajpur, Tahasil/Dist.- Jharsuguda

Whereas, the aforesaid case has been filed by the petitioners against you wherein, the petitioners have prayed under the provision as contemplated u/s 15 (b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the honourable Court.

You are hereby directed to appear in person or through your pleader duly instructed by you before the Honourable Court on 2nd day of September 2025 at 11:00A.M. failing which, the case will be determined in your absence.

Given under my hands and the seal of this Court on this 11th day of August 2025.

Land Schedule
Mouza- Deogaon, Tahasil- Jharsuguda, Dist.- Jharsuguda, M.S. Khata No.- 101, Plot No.- 927 Ac.3.050 dec.

Sd./- Additional Commissioner, Consolidation & Settlement, Sambalpur-II
D-1756

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI
C.M.A. No.- 04/2024.
(Out of C.S. 29/2021)

Smt. Sandhya Rani Das & Another
....Petitioner
Versus.
Smt. Madhusmita Das & Another.
...Respondent.

PUBLICATION UNDER ORDER V RULE 20 of C.P.C.

To, 1. Smt. Madhusmita Das, W/o- Dr. Krushna Chandra Das, aged about 70 years, Hindu. Housewife, permanent resident of Palace Street, PO / PS: Paralakhemundi, Gajapati- District and 2. Dr. Krushna Chandra Das, W/o Late Madan Mohan Das, aged about 75 years, Hindu. Pensioner, permanent resident of Palace Street, PO/PS: Paralakhemundi, Gajapati District.

Whereas the plaintiff/ Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of Sep. 2025 at 10:30 AM to answer all material questions relating to the suit, failing which the suit/ application will be disposed off in your absence according to law.

Given under my hand and seal of this Court this the 21st day of August 2025.

Sd./- Civil Judge (Senior Division), Paralakhemundi, Gajapati Dist.
D-1750

# ଯୁବ ରେଡ୍‌କ୍ରସ୍ ତାଲିମ କାର୍ଯ୍ୟକ୍ରମ

ବାଲୁଗାଁ, ୨୫।୮(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଶାଖା ପକ୍ଷରୁ ନବାଗତ ଛାତ୍ରୀଛାତ୍ରମାନଙ୍କ ପାଇଁ ସୋମବାର ଦିଗଦର୍ଶନ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ କୈଳାଶ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବରେଡ୍‌କ୍ରସ୍‌ର ପରାମର୍ଶଦାତା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଓ ଅଧ୍ୟାପକ ଧୋବି ଚରଣ ପରିଡାଙ୍କ ସହ ମୁଖ୍ୟଅତିଥି ଭାବେ ଯୁବ ରେଡ୍‌କ୍ରସ୍‌ର ଖୋର୍ଦ୍ଧା ଜିଲା ସଂଯୋଜକ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ରେଡ୍‌କ୍ରସ୍‌ର କାର୍ଯ୍ୟଶୈଳୀ, ମୌଳିକ ନିୟମ ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ସଚେତନ କରାଇଥିଲେ। ଆଲୋଚନାଚକ୍ରରେ ବରିଷ୍ଠ ସ୍ୱେଚ୍ଛାସେବୀ ସଂଗ୍ରାମ ଦାଶ, ଯସ୍ମିନ ବେଗମ, ରାକେଶ ବେହେରା, ଦୀପକ ସେଠି, ପ୍ରଜ୍ଞା ସ୍ମିତା ସାହୁ, ଶୁଭଶ୍ରୀ ବାରିକି ପ୍ରମୁଖ ଯୋଗଦେଇଥିଲେ।

# ମା' ଭଗବତୀଙ୍କ ପୀଠରେ ଷଷ୍ଠୀ ଓଷା ପାଇଁ ଲଗ୍ନ ସ୍ଥିର

ବାଣପୁର,୨୫।୮( ଦିଲ୍ଲୀପ କୁମାର ସ୍ୱାଇଁ)

ଉପକୂଳ ଓଡ଼ିଶାର ଗୃହିଣୀଙ୍କ ପ୍ରମୁଖ ଓଷା ଭାବେ ପ୍ରତି ଘରେ ପରିଚିତ 'ଷଷ୍ଠୀଓଷା' ପାଇଁ ମା' ଭଗବତୀଙ୍କ ପୀଠରେ ସୋମବାର ଲଗ୍ନ ସ୍ଥିର ହୋଇଛି। ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀଙ୍କୁ ଏହି ଅଞ୍ଚଳରେ ଷଷ୍ଠୀ ଦେବୀ ଭାବରେ ପୂଜାର୍ଚ୍ଚନା କରାଯିବାର ବିଶ୍ୱାସ ବିଧି ପରମ୍ପରା ଏକ ପ୍ରାଚୀନ ନିଆରା ପରମ୍ପରା ଅଟେ। ସୋମବାର ମା'ଙ୍କ ମନ୍ଦିର ନାଟ ମଣ୍ଡପଠାରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ପୂଜାରୀ ସାମନ୍ତ ପରିଚ୍ଛା ପ୍ରସନ୍ନ କୁମାର ମହାପାତ୍ର, କାଠିନାହାକ ଭିକାରୀ ନାୟକ(ଲୁନା), ପାଳି ଆମାଳି ସୁଧାକର ଭୋପା, ଘଣ୍ଟୁଆ ସେବକ ଗୋପୀନାଥ ନାୟକ, ଧୋବା ନାୟକ, ବିଜୟ ନାୟକ, ରୁଦ୍ର ନାୟକ, ମନ୍ଦିର କର୍ମଚାରୀ ଅଶ୍ୱିନୀ ମିଶ୍ର, କମଳ ମିଶ୍ର ଏବଂ ନିଯୋଗୀ ସେବାୟତଙ୍କ ଉପସ୍ଥିତିରେ ମନ୍ଦିରଗଣକ ଖଡ଼ି ରତ୍ନ ଶରତଚନ୍ଦ୍ର ପଣ୍ଡିତରାୟ ମା'ଙ୍କ ପୀଠରେ ଷଷ୍ଠୀଓଷା ପର୍ବ ଓ ଲଳିତା ସପ୍ତମୀ ମା'ଙ୍କ ନୌବିହାର, ପାଣି ତୋଳା ଯାତ୍ରା ଓ ଦୁର୍ଗାଷ୍ଟମୀର ଲଗ୍ନ ସ୍ଥିର କରିଛନ୍ତି। ଏହି ଅନୁସାରେ ଚଳିତ ଭାଦ୍ର ଶୁକ୍ଳ ଷଷ୍ଠୀ ଆସନ୍ତା ୨୯ ତାରିଖ ଶୁକ୍ରବାର ମା'ଙ୍କ ପୀଠରେ 'ଷଷ୍ଠୀ ଓଷା'ବ୍ରତ ପାଳନ କରାଯିବ। ଏହି ଦିନ ଦିବା ଘ ୧୨.୪୭ମିରୁ ଦିବା ଘ୨.୪୫ମି ପର୍ଯ୍ୟନ୍ତ ଅମୃତବେଳା ଥିବାରୁ ଦିବା ୧ଘଟିକାରେ ମା'ଙ୍କ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱର ମନ୍ଦିରଠାରେ ବିଜେ କାହାଳୀ ବାଜିବ। ତା'ପରେ ମା'ଙ୍କ ଚଳନ୍ତି ପ୍ରତିମା ସ୍ୱପ୍ନେଶ୍ୱରୀ କାଠି ଠାକୁରାଣୀ ଷଷ୍ଠୀଦେବୀ ବେଶରେ ଥାଟ ପଟୁଆର ବାଜା ରୋଷଣିରେ ଘଣ୍ଟଘଣ୍ଟା କାହାଳୀ ବାଦ୍ୟ ସହିତ ଛତ୍ର ତରାଶ ଆଲଟଚାମରରେ ନିଯୋଗୀ ସେବାୟତଙ୍କ ସାଥିରେ ନିଜ ମନ୍ଦିରକୁ ଯାତ୍ରା କରିବେ। ଯାତ୍ରା କାଳରେ ଘଣ୍ଟ କାହାଳୀ ଶବ୍ଦ ଶୁଣି ବାଣପୁର ଅଞ୍ଚଳର ପ୍ରତି ଘରେ ଘରେ ଗୃହିଣୀମାନେ ଶଙ୍ଖ ହୁଳହୁଳି ଶବ୍ଦ ପକାଇ ଏକ ସମୟରେ ଘରେ ପ୍ରସ୍ତୁତ କରିଥିବା ବିଭିନ୍ନ ନୈବେଦ୍ୟ ଖିରି ଖେଚୁଡ଼ି, ପିଠାପଣା, ଛଅ ତିଅଣ ନ ଭଜା କରି ମା'ଙ୍କୁ ଅର୍ପଣ କରି ପରିବାରର ମଙ୍ଗଳ କାମନା ସହିତ ଆଶୀର୍ବାଦ ଭିକ୍ଷାକରନ୍ତି। ମା'କାଠି ଠାକୁରାଣୀ ମନ୍ଦିରରେ ପହଞ୍ଚିବା ପରେ ସମସ୍ତ ସେବାୟତଙ୍କ ଗହଣରେ ମା'ଙ୍କ ଓଷାନୀତି ଆରମ୍ଭ ହୋଇ ସମସ୍ତେ ଷଠୀ ବ୍ରତ ଧାରଣ କରିବାପରେ ପ୍ରସାଦ ସେବନ ପରେ ବ୍ରତସମାପନ ହୋଇଥାଏ। ପରଦିନ ଶନିବାର ଲଳିତା ସପ୍ତମୀରେ ଅପରାହ୍ନ ୪ ଘଟିକାରେ ମା' ପୂର୍ବ ଦିଗ ରକ୍ଷାକାରିଣୀ ଭଉଣୀ କାଳିଜାଈଙ୍କୁ ଶାରଦୀୟ ପର୍ବକୁ ନିମନ୍ତ୍ରଣ କରିବା ପାଇଁ ଚିଲିକାରେ ନୌବିହାର ସହ ଆଜ୍ଞାମାଳ ନେଇ ଫେରିବା ବାଟରେ ପରମ୍ପରା ଅନୁସାରେ ବିଭିନ୍ନ ଗ୍ରାମରେ ଓ ଶ୍ରଦ୍ଧାଳୁମାନଙ୍କ ଦୁଆରେ ପନ୍ତି ଭୋଗ ଖାଇ ରବିବାର ସକାଳ ୮ଘଟିକାରେ ଶ୍ରୀ ଦକ୍ଷେଶ୍ୱର ମନ୍ଦିରକୁ ବାହୁଡ଼ିବେ। ଏହା ପରେ ଦୁର୍ଗାଶୟନ ଅଷ୍ଟମୀରେ ଶୟନ କାହାଳୀ ବାଜି ମା'ଙ୍କ ଶୟନ ନୀତିକାନ୍ତି ହୋଇ ମା' ଆଶ୍ୱିନ କୃଷ୍ଣ ଅଷ୍ଟମୀ (ମୂଳାଷ୍ଟମୀ) ପର୍ଯ୍ୟନ୍ତ ଶୟନ କରିବେ ବୋଲି ମନ୍ଦିର କାର୍ଯ୍ୟାଳୟରୁ ଜଣାପଡ଼ିଛି।



ନାଟ ମଣ୍ଡପଠାରେ ଲଗ୍ନ ସ୍ଥିର ପାଇଁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଲଗ୍ନକ, ଅଧିକାରୀ ଏବଂ ପୂଜାରୀ।

## ମନେ ପଡ଼ନ୍ତି

ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତାଃ ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତଃ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିରେ ପ୍ରତିଦିନ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା ।
ଆପଣଙ୍କ ପରିବାର ଓ ବନ୍ଧୁବର୍ଗ ।
ଧ-୭୭୦୭୪

ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଅଷ୍ଟବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୭୮୪୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଛାୟାରାଣୀ ଦାଶ
ଏସ୍.ଜି- ୩୨ ଆଇଗିଣିଆ,ଖଣ୍ଡଗିରି,ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫
ଆପଣ ଆମକୁ ଶୋକସାଗରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୁ, ଅଣନାତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୭୫୮

# ଆଜି ମହିଳା ସମାନତା ଦିବସ

ଭୁବନେଶ୍ୱର, ୨୫।୮ (ବନ୍ଦନା ସେଠୀ)

୧୯୨୦ରେ ଆମେରିକା ସମ୍ବିଧାନର ୧୯ତମ ସଂଶୋଧନରେ ମହିଳାଙ୍କୁ ଭୋଟ୍ ଦେବାର ଅଧିକାର ପ୍ରଦାନ କରାଯାଇଥିଲା। ଏହି ଐତିହାସିକ ଘଟଣାର ୫୦ବର୍ଷ ପରେ ୧୯୭୦ରେ ନ୍ୟାଶନାଲ୍ ଅର୍ଗାନାଇଜେଶନ୍ ଫର୍ ୱିମେନ (ଏନ୍ଓଡବ୍ଲ୍ୟୁ) ପକ୍ଷରୁ ସମାନତା ପାଇଁ ରାଷ୍ଟ୍ରବ୍ୟାପୀ 'ଷ୍ଟ୍ରାଇକ୍ ଫର୍ ଇକ୍ୱାଲିଟି'ର ଆହ୍ୱାନ ଦିଆଯାଇଥିଲା। ୧୯୭୧ରୁ ଅଗଷ୍ଟ ୨୬କୁ 'ମହିଳା ସମାନତା ଦିବସ' ରୂପେ ପାଳନ କରାଯାଉଛି, ଯାହାକି ମହିଳାଙ୍କ ମତାଧିକାର ଏବଂ ସମାନ ଅଧିକାରକୁ ନୂତନ ଦିଶା ଦେବା ସହିତ ସେମାନଙ୍କ ପ୍ରଗତିର ପ୍ରତୀକ ସାଜିଛି। ଏହି ଦିନଟି ଶିକ୍ଷା, ରୋଜଗାର ଏବଂ ନେତୃତ୍ୱ କ୍ଷେତ୍ରରେ ଲିଙ୍ଗ ଆଧାରିତ ଭେଦଭାବକୁ ଦୂର କରିବା ସହିତ ସମାନତା ବଢାଇବା ପାଇଁ ଆହ୍ୱାନ ଦେଉଛି।

## ପିଏଚ୍.ଡି. ଲାଭ



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକ୍‌ର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୭୫୨

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଓଡ଼ିଶାରେ ପ୍ରଶିକ୍ଷଣ ନେବେ ଶ୍ରୀଲଙ୍କା ଅଧିକାରୀ

ଭୁବନେଶ୍ୱର, ୨୫।୮ (ବନ୍ଦନା ସେଠୀ)

ପ୍ରାକୃତିକ ବିପର୍ଯ୍ୟୟ ସମୟରେ, ପୂର୍ବରୁ ଓ ପରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଓଡ଼ିଶାରୁ ପ୍ରଶିକ୍ଷଣ ନେବେ ଶ୍ରୀଲଙ୍କା ଅଧିକାରୀ। ଏହିପରିପ୍ରେକ୍ଷୀରେ ଶ୍ରୀଲଙ୍କାର ୩୦ଜଣିଆ ପ୍ରତିନିଧି ମଣ୍ଡଳୀ ସୋମବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଶ୍ରୀଲଙ୍କାର ଏହି ଅଧିକାରୀମାନଙ୍କୁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁରବୀର୍ ସିଂ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅନ୍ୟାନ୍ୟ ଅଧିକାରୀ ସ୍ୱାଗତ କରିଥିଲେ। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଂଯୋଜନାରେ ସେମାନେ ୫ଦିନ ଧରି ପ୍ରଶିକ୍ଷଣ ନେବେ। ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଭିନ୍ନ ସ୍ଥାନ ପରିଦର୍ଶନ ସମୟରେ ସେମାନେ ଓଡ଼ିଶାର କଳା-ସଂସ୍କୃତି-ଐତିହ୍ୟ-ଇତିହାସ-ବୌଦ୍ଧ କୀର୍ତ୍ତିରାଜି ସମ୍ପର୍କରେ ଅବଗତ ହେବେ। ସେହିପରି ହକି ବିଶ୍ୱକପ୍ ଆୟୋଜନ ସମୟରେ ହୋଇଥିବା ସଫଳ ଗଣମାଧ୍ୟମ ରଣନୀତି ଉପରେ କଳିଙ୍ଗ ଷ୍ଟାଡିୟମଠାରେ ତାଲିମ ଦିଆଯିବ। ହ୍ୱାଇଟ୍ ପାଗୋଡା ଧଉଳିର ଶାନ୍ତି ମନ୍ତ୍ରରେ ଅଭିମନ୍ତ୍ରିତ ହେବା ସହ ବ୍ଲାକ୍ ପାଗୋଡା କୋଣାର୍କର କାଳଜୟୀ ସ୍ଥାପତ୍ୟ ଓ ଚିଲିକାର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ। ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ ସମୟରେ ଓଡ଼ିଶାର ସମୃଦ୍ଧ କଳା, ଜୀବନ୍ତ ସଂସ୍କୃତି, ବିଭବଶାଳୀ ଐତିହ୍ୟ, ଗରିମାମୟ ଇତିହାସ ସମ୍ପର୍କରେ ଅବଗତ ହେବେ ବୋଲି ସୂଚନା ଦିଆଯାଇଛି।

## କିଟ୍, କିସ୍ ପରିଦର୍ଶନ କଲେ ଶ୍ରୀଲଙ୍କା ପ୍ରତିନିଧିମଣ୍ଡଳ



କିସ୍ ଛାତ୍ରୀଛାତ୍ର ଓ ଅଚ୍ୟୁତ ସାମନ୍ତଙ୍କ ସହ ଶ୍ରୀଲଙ୍କା ପ୍ରତିନିଧିମଣ୍ଡଳ।

ଭୁବନେଶ୍ୱର, ୨୫।୮ (ଅନୁରାଧା ମହାରଣା)

ଶ୍ରୀଲଙ୍କା ସରକାରଙ୍କ ଲୋକସମ୍ପର୍କ ଅଧିକାରୀ, ଶ୍ରୀଲଙ୍କାର ବୁଦ୍ଧିଜୀବୀ ଓ ନୀତିନିର୍ଦ୍ଧାରକଙ୍କୁ ନେଇ ଏକ ପ୍ରତିନିଧିମଣ୍ଡଳ ସୋମବାର କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା ସହ କିସ୍ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ସ୍ୱାଗତ କରି କହିଲେ, ବହୁ ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସାଂସ୍କୃତିକ, ପାରମ୍ପରିକ, ବାଣିଜ୍ୟିକ ଓ କୂଟନୀତିକ ସମ୍ପର୍କ ରହିଆସିଛି। ୨୦୧୯ରୁ ଶ୍ରୀଲଙ୍କା ସହ କିଟ୍ ଓ କିସ୍‌ର ସମ୍ପର୍କ ରହିଆସିଛି। କାର୍ଯ୍ୟକ୍ରମରେ କଲମ୍ବୋସ୍ଥିତ ଭାରତ ସରକାରଙ୍କ ଉଚ୍ଚାୟୁକ୍ତ ସୌରଭ ସବଲୋକ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ ଇଣ୍ଟରନ୍ୟାଶନାଲର ବୈଦେଶିକ ବ୍ୟାପାର ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱାଦଶ ପରୀକ୍ଷା: ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତାଲିକା ଦିଅ

ଭୁବନେଶ୍ୱର, ୨୫।୮ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦ୍ୱାଦଶ ପରୀକ୍ଷା ପରିଚାଳନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପରିଷଦ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତ

**ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ପରୀକ୍ଷା ନିୟନ୍ତ୍ରକଙ୍କ ନିର୍ଦ୍ଦେଶ**

ଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ତାଲିକା ଦେବା ପାଇଁ ସମସ୍ତ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ମୋବାଇଲ୍ ନମ୍ବର ସହ ମେଲ୍ ଆଇଡି ଦେବାକୁ କୁହାଯାଇଛି। ଡେମୋନ୍‌ଷ୍ଟ୍ରେଟର୍‌ଙ୍କ ତାଲିକା ଏହିଁରେ ସାମିଲ୍ ହେବନାହିଁ। ଆସନ୍ତା ୨୯ରୁ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ସମସ୍ତ ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସଠିକ୍ ଓ ସମ୍ପୂର୍ଣ୍ଣ ତଥ୍ୟ ସାମ୍ସ ଇ-ସ୍ପେସ ମାଧ୍ୟମରେ ପ୍ରଦାନ କରିବେ। ଇମେଲ ଆଇଡି, ମୋବାଇଲ ନମ୍ବର ଏବଂ ହ୍ୱାଟ୍ସଆପ ନମ୍ବର ରହିବା ଜରୁରୀ। ଅନ୍ୟଥା ବାର୍ଷିକ ପରୀକ୍ଷା ପାଇଁ ସେହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଆଡ୍‌ମିଟ୍ କାର୍ଡ ପ୍ରଦାନ କରାଯିବ ନାହିଁ ବୋଲି ପରିଷଦ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଏହାସହ ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟରୁ ବାଦ ଦିଆଯାଇଥିବା ଅଧ୍ୟାପକଙ୍କ ତାଲିକା ପ୍ରଦାନ ନ କରିବାକୁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି।

# Classified Everyday

0674-2580101, 9692975378



## REAL ESTATE SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

## AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes. D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନ୩୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ଇତି
ପିଙ୍କି ପ୍ରଧାନ
ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN- ANQPB4447H are in the name of Sandhya Satapathy.
Sd./- Sandhya Satapathy
D-1753

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LEGAL NOTICE

IN THE COURT OF ADDL. COMMISSIONER OF CONSOLIDATION AND SETTLEMENT, SAMBALPUR-II R.P.
Case No.- 245/2024
Purastam Biswal and others .... Petitioner
Vrs
Kshudhasagar Pradhan and another ....Opposite Parties

To, 1. Kshudhasagar Pradhan, 2. Sudhasagar Pradhan both are sons of Late Bhubaneswar Pradhan and R/o- Deogaon, P.O.- Rajpur, Tahasil/Dist.- Jharsuguda

Whereas, the aforesaid case has been filed by the petitioners against you wherein, the petitioners have prayed under the provision as contemplated u/s 15 (b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the honourable Court.

You are hereby directed to appear in person or through your pleader duly instructed by you before the Honourable Court on 2nd day of September 2025 at 11:00A.M. failing which, the case will be determined in your absence.

Given under my hands and the seal of this Court on this 11th day of August 2025.

Land Schedule
Mouza- Deogaon, Tahasil- Jharsuguda, Dist.- Jharsuguda, M.S. Khata No.- 101, Plot No.- 927 Ac.3.050 dec.

Sd./- Additional Commissioner, Consolidation & Settlement, Sambalpur-II
D-1756

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI
C.M.A. No.- 04/2024.
(Out of C.S. 29/2021)
Smt. Sandhya Rani Das & Another ....Petitioner
Versus.
Smt. Madhusmita Das & Another. ...Respondent.
PUBLICATION UNDER ORDER V RULE 20 of C.P.C.

To, 1. Smt. Madhusmita Das, W/o- Dr. Krushna Chandra Das, aged about 70 years, Hindu. Housewife, permanent resident of Palace Street, PO / PS: Paralakhemundi, Gajapati- District and 2. Dr. Krushna Chandra Das, W/o Late Madan Mohan Das, aged about 75 years, Hindu. Pensioner, permanent resident of Palace Street, PO/PS: Paralakhemundi, Gajapati District.

Whereas the plaintiff/ Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of Sep. 2025 at 10:30 AM to answer all material questions relating to the suit, failing which the suit/ application will be disposed off in your absence according to law.

Given under my hand and seal of this Court this the 21st day of August 2025.

Sd./- Civil Judge (Senior Division), Paralakhemundi, Gajapati Dist.
D-1750

# 'ମହିଳା ଶକ୍ତି: ଦୁଇ ସଭ୍ୟତାର ଏକ କାହାଣୀ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୫।୮ (ସୁଚିସ୍ମିତା ସାହୁ)




ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପ୍ରଫେସର ସୁଚେତା ପ୍ରିୟବାଦିନୀ ଓ ଡା. ଲୋପାମୁଦ୍ରା ପ୍ରିୟଦର୍ଶିନୀଙ୍କ ଦ୍ୱାରା ଲିଖିତ ଇଂଲିଶ ପୁସ୍ତକ 'ମହିଳା ଶକ୍ତି: ଦୁଇ ସଭ୍ୟତାର ଏକ କାହାଣୀ (ଭାରତ ଏବଂ ଗ୍ରୀସ୍)' ସୋମବାର ଉନ୍ମୋଚନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତରେ ଅବସ୍ଥାପିତ ଗ୍ରୀସ୍ ରାଷ୍ଟ୍ରଦୂତ ଆଲିକି କୁଟମିତୋପୁଲୁ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଅବସରରେ ଆଲିକି କହିଲେ, ଏହି ପୁସ୍ତକ ଦୁଇଟି ପ୍ରାଚୀନ ସଭ୍ୟତାରେ ମହିଳାମାନଙ୍କ ଅକ୍ଷୟ ଶକ୍ତିକୁ ସମ୍ମାନ କରିବା ସହିତ ଆଗାମୀ ଯୁବପିଢ଼ୀଙ୍କୁ ପ୍ରେରଣା ଦେବ। ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ କହିଲେ, ପ୍ରିୟବାଦିନୀ ଓ ପ୍ରିୟଦର୍ଶିନୀ ଏକ ସୁନ୍ଦର ସାହିତ୍ୟିକ ସେତୁ ସୃଷ୍ଟି କରିଛନ୍ତି। ଏହି ପୁସ୍ତକ ମହିଳା ଗବେଷକମାନଙ୍କୁ ଅଧିକ ଅନୁସନ୍ଧାନର ପ୍ରେରଣା ଦେବ। ମହିଳାମାନେ ଯେତେ ଆଗକୁ ବଢ଼ିବେ, ସମାଜ ସେତିକି ଶକ୍ତିଶାଳୀ ହେବ। ଏଭଳି ଲୁକାୟିତ କାହାଣୀଗୁଡିକ ଲୋକଲୋଚନକୁ ଆଣିବା ଦରକାର। ଏହି ପୁସ୍ତକ ପଢ଼ି ଯୁବପିଢ଼ିମାନେ ନୂଆ ଜ୍ଞାନ ଆହରଣ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଆରୋହଣ ଟ୍ରଷ୍ଟର ଅଧ୍ୟକ୍ଷ ସୋପେନ୍ଦୁ ମହାନ୍ତି ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ପ୍ରଫେସର ସୁଚେତା ପ୍ରିୟବାଦିନୀ ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମନସ୍ୱିନୀ ସାହୁ ଓ ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡିଚରଣ ରଥ ମଞ୍ଚାସୀନ ଥିଲେ। ଡା. ପ୍ରିୟଦର୍ଶିନୀ ଧନ୍ୟବାଦ ଜଣାଇଥିଲେ।

# ବୃଦ୍ଧାବସ୍ଥା କମାଇବ ଇମ୍ମ୍ୟୁନୋଗ୍ରୀଟ୍: ପତଞ୍ଜଳି

ଭୁବନେଶ୍ୱର, ୨୫।୮ (ଅନୁରାଧା ମହାରଣା)




ପୁରାତନ ଶାସ୍ତ୍ରରେ ବର୍ଣ୍ଣିତ ଅଷ୍ଟବର୍ଗ ଔଷଧୀୟଗୁଡ଼ିକରୁ ଲାଭିତ ଅଜରାମରତ୍ୱର ଧାରଣା ମିଥ୍ୟା ନୁହେଁ, ଏଥିରେ ଗଭୀର ସତ୍ୟ ନିହିତ ରହିଛି। ଅଷ୍ଟବର୍ଗ ଔଷଧୀୟଗୁଡ଼ିକରୁ ତିଆରି ଇମ୍ମ୍ୟୁନୋଗ୍ରୀଟ୍ ଅସମୟରେ ଆସୁଥିବା ବୃଦ୍ଧାବସ୍ଥା ଆଶଙ୍କାକୁ ହ୍ରାସ କରାଯାଇପାରେ ବୋଲି ବୈଜ୍ଞାନିକ ଗବେଷଣା ଆଧାରରେ ପତଞ୍ଜଳି ଦାବି କରିଛି। ଏନେଇ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ଚିନ୍ତା, ପ୍ରଦୂଷଣ ଏବଂ ଅସ୍ୱାସ୍ଥ୍ୟକର ଜୀବନଶୈଳୀ କମ୍ ବୟସରୁ ବୃଦ୍ଧାବସ୍ଥାରେ ଉପନତ କରାଉଛି। ୩୫ରୁ ୪୦ ବର୍ଷ ବୟସରେ ହିଁ ମୁହଁ ଓ କପାଳରେ କ୍ଷୁଦ୍ର ରେଖା ଦେଖାଯିବା ସାଧାରଣ ବିଷୟ ହୋଇଛି। ଅନେକ ଲୋକ ଏଲୋପାଥି ଚିକିତ୍ସା ଓ ମହଙ୍ଗା ଇଞ୍ଜେକଶନ ଦ୍ୱାରା ଅସ୍ଥାୟୀ ସମାଧାନ ଖୋଜୁଛନ୍ତି। ମାତ୍ର ଇମ୍ମ୍ୟୁନୋଗ୍ରୀଟ୍‌ରେ ବିଦାରୀକନ୍ଦ, ମେଦା, ଶତାବରୀ, କାକୋଳୀ, କ୍ଷୀରକାକୋଳୀ, ରିଦ୍ଧି, ବରାହୀକନ୍ଦ, ବାଳା, ସଫେଦ ମୁସଳୀ, ଶୁଦ୍ଧ କଉଞ୍ଚ ଏବଂ ଅଶ୍ୱଗନ୍ଧା ପରି ଔଷଧୀୟଗୁଡ଼ିକ ବ୍ୟବହାର କରାଯାଇଛି। ପତଞ୍ଜଳି ଗବେଷଣା ଫାଉଣ୍ଡେଶନର ମୁଖ୍ୟ ବୈଜ୍ଞାନିକ ଡା. ଅନୁରାଗ ବାର୍ଷ୍ଣେୟ କହିଛନ୍ତି, ଏହି ଉଦ୍ଭାବନ ସମୟ ପୂର୍ବରୁ ବୃଦ୍ଧାବସ୍ଥା ଅନୁଭବ କରୁଥିବା ଲୋକଙ୍କ ପାଇଁ ଆଶାର କିରଣ ହୋଇଛି।

# ମନେ ପଡ଼ନ୍ତି

ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତାଃ ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତଃ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିରେ ପ୍ରତିଦିନ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା।
ଆପଣଙ୍କ ପରିବାର ଓ ବନ୍ଧୁବର୍ଗ।
ଧ-୭୭୦୭୪

ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଅଷ୍ଟବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୭୮୪୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଛାୟାରାଣୀ ଦାଶ
ଏସ୍.ଜି- ୩୨ ଆଇଗିଣିଆ, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫
ଆପଣ ଆମକୁ ଶୋକସାଗରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୭୫୮

# ୨୨୦୫ ଲିଟର ମଦ ଜବତ, ୧୯,୧୪୫ ଲିଟର ପୋଚ ନଷ୍ଟ

**ଟିଗିରିଆ,୨୫।୮(ଜାଫର ଖାଁ):** ଆଠଗଡ ତହସିଲର ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜଙ୍କ ତତ୍ତ୍ୱାବଧାନରେ ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତସ୍ଥିତ ପଣସପାଟଣା ଗ୍ରାମରେ ସୋମବାର ଚଢ଼ାଉ କରାଯାଇଛି। ଅବକାରୀ ବିଭାଗ, ପୋଲିସ ଓ ଅବକାରୀ ଗୁଇନ୍ଦା ଟିମ୍ ପକ୍ଷରୁ ଏହି ମିଳିତ ଚଢ଼ାଉ ବେଳେ ୨୨୦୫ ଲିଟର ଦେଶୀ ମଦ ଜବତ କରାଯିବା ସହ ୧୯୧୪୫ ଲିଟର ଗୁଡପୋଚ ଉଦ୍ଧାର ନଷ୍ଟ କରାଯାଇଛି। ଏନେଇ ୬ଟି ମାମଲା ରୁଜୁ ହୋଇଛି। ମାତ୍ରକୌଣସି ଅଭିଯୁକ୍ତଙ୍କୁ ଧରାପଡ଼ିନାହାନ୍ତି। ଚଢ଼ାଉରେ ବିକାଶ ରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ସାମନ୍ତରାୟ, ରବିନାରାୟଣ ପ୍ରଧାନ, ଅରୁଣ ଭୋଇ, ଅଭିରାମ ସାହୁ, ସୌମ୍ୟରଞ୍ଜନ ମାଝୀ, ବାପି ସାହୁ ଓ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

## ପିଏଚ୍.ଡି. ଲାଭ



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକ୍‌ର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୭୫୨


ବିଶେଷଜ୍ଞ

ଅର୍ଶ ଭଗନ୍ଦର ମଳକଣ୍ଟକ

ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ

PILES CLINIC

ADDRESS

DR. R.PRASAD, BAMS

DR. PREM KUMAR, BAMS., LLB (UTKAL)

10 A.M. TO 8 PM.

Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR

9861146916

8917362388

VSS Nagar, BBSR

9861917646


# ଏନ୍ଏସି ତାଲିକାରୁ ସାଲେପୁର ବାଦ୍ ପଡ଼ିବାରୁ କଂଗ୍ରେସର ବିକ୍ଷୋଭ




କଂଗ୍ରେସ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ସାଲେପୁର,୨୫।୮(ଅରବିନ୍ଦ ଭୂୟାଁ)**

ରାଜ୍ୟ ସରକାର ୭ଟି ଜିଲାର ୧୨ ସ୍ଥାନକୁ ଏନ୍ଏସି ମାନ୍ୟତା ଦେବାକୁ ଘୋଷଣା କରିଥିବାବେଳେ ସାଲେପୁର ସହର ବାଦ୍ ପଡ଼ିଛି। ଏନେଇ ସାଲେପୁର ନିବଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାଲେପୁରକୁ ଏନ୍ଏସି ମାନ୍ୟତା ଦେବାକୁ ଦାବି କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ କରାଯାଇଛି। କଂଗ୍ରେସ ନେତା ଆକ୍ୟୁବ ଖାଁ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସାଲେପୁର ବଜାର ପରିକ୍ରମା କରି ସାଲେପୁର ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। କଟକ ଜିଲା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ କୁମାର ଦାସଙ୍କ ସମେତ ବହୁ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇ ରାଜ୍ୟ ସରକାର ଓ ବିଜେଡି ବିରୋଧରେ ନାରାବାଜି କରିଥିଲେ। ସାଲେପୁର ସହର ଏକ ବହୁ ପୁରାତନ ସହର ହୋଇଥିବାବେଳେ ରାଜନୈତିକ ଆକ୍ରୋଶ ମନୋଭାବ ରଖି ଏହାକୁ ଏନ୍ଏସି ତାଲିକାରୁ ବାଦ୍‌ଦିଆଯାଇଛି ବୋଲି ବହୁ ନେତା ଅଭିଯୋଗ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଜୟନ୍ତ କୁମାର ଜୟସିଂହଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ ପ୍ରଦର୍ଶନବେଳେ ସୟଦ ସଫିଉଲ ଆଲାମ, ସରୋଜ କର, ଅଶ୍ୱିନୀ ଦାସ, ସେକଫିର ବକ୍ସ, ବିସ୍ମୟ ରଞ୍ଜନ ଭୂୟାଁ, ଅଜିତ କୁମାର ପଣ୍ଡା, ଚିତ୍ତରଞ୍ଜନ ରାଉତରାୟ, ମହମ୍ମଦ ଏକ୍ରାମ, ମହମ୍ମଦ କମିରୁଉଦ୍ଦିନ୍, ସୟଦ ଏହମ୍ମଦ ଅଲ୍ଲୀ, ସୁରଜ ଖାନଙ୍କ ସମେତ ବହୁ କର୍ମୀ, ମହିଳା ଓ କଲେଜ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# କିଶୋର ଚନ୍ଦ୍ର ଦାସ ହେଲେ ଓଡ଼ିଶା ବୁଣାକାର ମହାସଂଘର ଉପସଭାପତି

**ଟିଗିରିଆ, ୨୫।୮(ଜାଫର ଖାଁ):** ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଗ୍ରାମର ମଦନମୋହନ ବୁଣାକାର ତନ୍ତୁବାୟ ସହଯୋଗ ସମିତିର ସଭାପତି କିଶୋର ଚନ୍ଦ୍ର ଦାସ ଓଡ଼ିଶା ବୁଣାକାର ମହାସଂଘର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନ ସମ୍ମିଳନୀ କକ୍ଷରେ ଅଗଷ୍ଟ ୨୨ରେ ଆୟୋଜିତ ଓଡ଼ିଶା ବୁଣାକାର ମହାସଂଘର ସାଙ୍ଗଠନିକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧିମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିବା ବେଳେ ନୂଆପାଟଣାର କିଶୋର ଚନ୍ଦ୍ର ଦାସ ଉପସଭାପତି ଓ ସଂଗଠନର ସମ୍ପାଦକ ଭାବେ ପ୍ରକାଶ କୁମାର ଦାସ ଓ ବିଜୟ କୁଣ୍ଡୁ ମନୋନୀତ ହୋଇଛନ୍ତି। ସେହିପରି ସଭାପତି ଭାବେ ଶ୍ରୀଧର ବେହେରା, ଅନ୍ୟ



ଉପସଭାପତି ଭାବେ ଶ୍ରୀକାନ୍ତ ନାୟକ, ସଞ୍ଜୟ କୁମାର ମେହେର, ନିତ୍ୟାନନ୍ଦ ମେହେର, ଅନିଲ ମହାପାତ୍ର, ସମ୍ପାଦକ ବିଜୟ ମେହେର, ସହ ସମ୍ପାଦକ ଗୋବିନ୍ଦ ସାହୁ, ଶରତ ଚନ୍ଦ୍ର ଦାସ, ପ୍ରଭାସ ଚନ୍ଦ୍ର ନାୟକ, ରଞ୍ଜନ କୁମାର ପାତ୍ର, ଶ୍ରୀନିବାସ ମହାପାତ୍ର ଓ କୋଷାଧକ୍ଷ ଭାବେ ମିଳନ ମେହେର ମନୋନୀତ ହୋଇଛନ୍ତି।

# ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ, ଟ୍ରାକ୍ଟର ଜବତ

**ଟିଗିରିଆ,୨୫।୮(ଜାଫର ଖାଁ):** ଟିଗିରିଆ ବନଖଣ୍ଡ ଅଧୀନରେ ଥିବା ନିଜିଗଡ଼ ସଂରକ୍ଷିତ ଜଙ୍ଗଲର ଗଉଡ଼ଝରି ନିକଟରୁ ରବିବାର ରାତିରେ ଏକ ଶାଗୁଆନ କାଠ ବୋଝେଇ ନମ୍ବର ବିହୀନ ଟ୍ରାକ୍ଟରକୁ ଟିଗିରିଆ ବନ ବିଭାଗ ଜବତ କରିଛି। ଉକ୍ତ ଗାଡ଼ିରୁ ୩୮ଟି ଶାଗୁଆନ କାଠଗଡ଼ ମିଳିଛି। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ମାତ୍ର ଅନ୍ଧାରର ସୁଯୋଗ ନେଇ ଟ୍ରାକ୍ଟର ଚାଳକ ସମେତ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ରାତିରେ ଟିଗିରିଆ ବନପାଳ ପ୍ରଶାନ୍ତ ପରିଡାଙ୍କ ନେତୃତ୍ୱରେ ସ୍ଥାନୀୟ ବନବିଭାଗ କର୍ମଚାରୀ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବାବେଳେ ବିଶେଷସୂତ୍ରରୁ ଖବରପାଇ ଏହି ଚଢ଼ାଉ କରିଥିଲେ।


Classified Everyday

0674-2580101, 9692975378


# ବିଶ୍ୱହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ

**ସାଲେପୁର,୨୫।୮(ଅରବିନ୍ଦ ଭୂୟାଁ):** ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ସାଲେପୁର ପ୍ରଖଣ୍ଡ ପକ୍ଷରୁ ବ୍ଲକ ଅନ୍ତର୍ଗତ ହନୁମଞ୍ଜେଶ୍ୱର ପୀଠ ନିକଟସ୍ଥ ବାବା ଆନନ୍ଦ ଆତ୍ମା ଆଶ୍ରମ ରାମେଶ୍ୱରରେ ସୋମବାର ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରଖଣ୍ଡ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପୂର୍ବପ୍ରାନ୍ତର ସଂଗଠନ ମହାମନ୍ତ୍ରୀ ଶରତ ପ୍ରଧାନ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାବା ଆନନ୍ଦ ଆତ୍ମା ମହାରାଜ ସମ୍ମାନିତ ଅତିଥି, ବିଶ୍ୱ ହିନ୍ଦୁ ପରିଷଦର କଟକ ସଦର ଜିଲାର ସଭାପତି ମାନସ ରଞ୍ଜନ ପଣ୍ଡା, ରାଷ୍ଟ୍ରୀୟ ସ୍ୱୟଂ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଧ୍ରୁବ ଚରଣ ବେହେରା, କୁଞ୍ଜମୋହନ ସେଠୀ ଯୋଗଦେଇ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତି ଚାରଣ କରିଥିଲେ।



REAL ESTATE

SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

## AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes. D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନ୩୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ଇତି

ପିଙ୍କି ପ୍ରଧାନ

ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN- ANQPB4447H are in the name of Sandhya Satapathy.

Sd./- Sandhya Satapathy

D-1753

| 11 | 410894, 410933, 410985, 411093, 411516, 411545, 411751, 411826, 411886, 412188, 412199, 412259, 412290, 412454, 412520, 500042, 500151, 500453, 500489, 500713, 500789, 500979, 501191, 501221, 501230, 501257, 501572, 501631, 501716, 501970, 501986, 502111, 502373, 502577, 502783, 502793, 502796, 502954, 503234, 503641, 503814, 504012, 504066, 505102 = **44 candidates** | 17.09.2025 | Forenoon session |
| | 505219, 505331, 505411, 505813, 505875, 505887, 506113, 506292, 506641, 506681, 506906, 506911, 507198, 507286, 507862, 507999, 508237, 508272, 508982, 509155, 509498, 509507, 509521, 509530, 509655, 510321, 510597, 510682 = **28 candidates** | | Afternoon session |
| 12 | 510757, 511334, 511983, 512435, 512652, 512806, 512915, 513234, 513551, 513881, 514350, 514375, 514750, 515018 = **14 candidates** | 18.09.2025 | Forenoon session |

**N.B.:- The Time of reporting, Time of Document Verification &Time of Personality Test in respect of Forenoon session and Afternoon session are mentioned below:**

| Session | Time of reporting | Time of Document verification | Time of Personality Test |
|---|---|---|---|
| Forenoon session | 08.00 A.M. | 08.30 A.M. | 10.30 A.M. |
| Afternoon session | 12.00 P.M. | 12.30 P.M. | 2.30 P.M. |

The candidates are required to produce the following Original Documents along with a set of self-attested photocopies of all Certificates/Documents at the time of Document Verification failing which their candidature will be rejected.

1. **Hard copy** of Online Application Form duly signed in.
2. **Attestation Form, Bio Data form.**
(To be downloaded from the website of the Commission)
3. **H.S.C. Or Equivalent Certificate** in support of declaration of age.
4. **Intermediate/+2 Examination Certificate** issued by the concerned **Board/ Council**.
5. **Bachelor's Degree Certificate** issued by the concerned University. If any candidate claims to possess qualification, equivalent to the prescribed qualifications, the rule/ authority (with number & date) under which it is so treated must be furnished.
6. **Odia Test Pass Certificate**.
7. **Caste Certificate by Birth** in support of claim as SC/ST/SEBC issued by the Competent Authority within the closing date of Online Application. SEBC Certificate must be issued within the last three years from the closing date for submission of Online Application Form.
8. **Sports Certificate** issued by Director of Sports, Odisha, if any.
9. **Permanent Disability Certificate** (including Percentage of Disability i.e. 40% or more) issued by the concerned Medical Board, wherever applicable.
10. **Discharge Certificate** issued by the Commanding Officer of the Unit last served in case of Ex-servicemen candidates.

Further, Ex-Servicemen candidates must submit an affidavit in the format annexed at Annexure-A, undertaking that he/she has not been appointed against a civil post after retirement from military service.

11. A **declaration** regarding the number of attempts exercised by the candidates in the OCS Examination in the format annexed at Annexure-B.
12. **Four recent passport size photographs**, which have been uploaded with the Online Application Form.
13. **No Objection Certificate** (in case of in-service candidates), wherever applicable.
14. **Any document in support of identity**. (Aadhaar/DL/Pan Card/ Voter ID card).
15. **Any other relevant documents as per Para-09 of the Advertisement**.

The candidates are required to mention "**Submitted by me and Certified as genuine and has not been cancelled**" and put their full signature and date on the same.

**OIPR-12002/11/0301/2526** **Sd./- Secretary**

# ପୋଲିସ ଏସ୍ଆଇଙ୍କୁ ଗିରଫ କଲା ଭିଜିଲାନ୍ସ

## ସ୍କ୍ରାପ୍ ବ୍ୟବସାୟୀଙ୍କଠାରୁ ନେଉଥିଲେ ଲାଞ୍ଚ

ବରଗଡ଼, ୨୫।୮ (ପ୍ରେମାନନ୍ଦ ଖମାରୀ)

ଲାଞ୍ଚ ନେବା ଅଭିଯୋଗରେ ବରଗଡ଼ ଜିଲା ବିଜେପୁର ଥାନାରେ କାର୍ଯ୍ୟରତ ପୋଲିସ ଏସ୍ଆଇ ଜଗା ବରିହାଙ୍କୁ ଭିଜିଲାନ୍ସ ସୋମବାର ଗିରଫ କରିଛି। ସେ ବିଜେପୁରର ସ୍କ୍ରାପ୍ ବ୍ୟବସାୟୀ ମୁକେଶ ସାହୁଙ୍କ ଠାରୁ ୭ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ତାଙ୍କ ପାଖରୁ ଲାଞ୍ଚ


ପୋଲିସ ଏସ୍ଆଇ ଜଗା ବରିହା।

କାରବାରରେ ବ୍ୟବହୃତ ରାସାୟନିକ ପ୍ରଲେପ ଦିଆ ୭ହଜାର ଟଙ୍କା ଜବତ ହୋଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଏକ ମାମଲା (ନଂ-୧୬/୨୫) ରୁଜୁ କରାଯିବା ସହ ବରିହାଙ୍କୁ ସ୍ଥାନୀୟ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି।

ସୂଚନାନୁଯାୟୀ, ଏସ୍ଆଇ ବରିହା ସ୍କ୍ରାପ୍ ବ୍ୟବସାୟୀ ମୁକେଶଙ୍କ ବ୍ୟବସାୟରେ ପୋଲିସ କେବେ କୌଣସି ମାମଲା କରିବ ନାହିଁ କହି ତାଙ୍କଠାରୁ ମାସକୁ ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ମାତ୍ର ମୁକେଶ ଏତେ ଟଙ୍କା ଦେବାରେ ନିଜ ଅସହାୟତା ପ୍ରକାଶ କରି ୭ହଜାର ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ଏସ୍ଆଇ ବରିହା ୭ହଜାର ଟଙ୍କା ଫେରାଇଦେଇ ମୁକେଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧମକ ଦେଇଥିଲେ। ଏହାପରେ ଅନନ୍ୟୋପାୟ ହୋଇ ରବିବାର ମୁକେଶ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପୋଲିସ ଏସ୍ଆଇଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ଅନୁଯାୟୀ, ସ୍କ୍ରାପ୍ ବ୍ୟବସାୟୀ ପୋଲିସ ଏସ୍ଆଇ ବରିହାଙ୍କୁ ୭ହଜାର ଟଙ୍କା ଦେଉଥିବାବେଳେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ାଉ କରି ତାଙ୍କୁ ଧରିଥିଲା। ସେହିପରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଆଶଙ୍କାରେ ଭିଜିଲାନ୍ସ ଏସ୍ଆଇ ବରିହାଙ୍କ ବିଜେପୁରର ଭୋଇପଡ଼ା, ବିଜପୁରର କାର୍ଯ୍ୟାଳୟ ଏବଂ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ରତାଖଣ୍ଡି ବାସଭବନରେ ଚଢ଼ାଉ କରିଛି।

# ସମ୍ପର୍କୀୟ ମାମୁଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର, ୨୫।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳର ଏକ ଶିଶୁକନ୍ୟା ବଳାତ୍କାର ଓ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ୪ ମାସ ମଧ୍ୟରେ ଏହି ସମ୍ବେଦନଶୀଳ ମାମଲାର ବିଚାର ହୋଇ ଅଭିଯୁକ୍ତ ସମ୍ପର୍କୀୟ ମାମୁଙ୍କୁ ଦଣ୍ଡାଦେଶ ହୋଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ଅଭିଯୁକ୍ତ କାଳିଆ ନାହାକ ଓରଫ ଷଣ୍ଢ କାଳିଆ(୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ମୃତ ଶିଶୁକନ୍ୟାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଶିଶୁକନ୍ୟାଙ୍କ ମା' ନିଜ ପ୍ରତିକ୍ରିୟାରେ କହିଛନ୍ତି, ନ୍ୟାୟାଳୟ ଉପରେ ଭରସା ରହିଛି। ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲେ ଝିଅର ଆତ୍ମାକୁ

## ୪ ମାସରେ ଶିଶୁକନ୍ୟା ବଳାତ୍କାର, ହତ୍ୟା ମାମଲାର ରାୟ

ଶାନ୍ତି ମିଳିପାରିଥାନ୍ତା ବୋଲି କହିଛନ୍ତି।

ସାନଖେମୁଣ୍ଡି ବ୍ଲକ ମହାନଳା ଗ୍ରାମର ଜଣେ ମହିଳା ଗତ ଏପ୍ରିଲ ମାସରେ ତାଙ୍କ ୫ବର୍ଷର ଝିଅକୁ ଧରି ଖଲିଙ୍ଗି ଗ୍ରାମ ବାପଘରକୁ ଯାତ୍ରା ଦେଖିବାକୁ ଯାଇଥିଲେ। ୨୫ ତାରିଖ ସନ୍ଧ୍ୟାରେ ଝିଅ ଘର ଆଗରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଯାତ୍ରା କମିଟି ପକ୍ଷରୁ ମାଇକ୍‌ରେ ଏ ନେଇ ସୂଚନା ଦିଆଯାଇଥିଲା। ବହୁ ଖୋଜାଖୋଜି ପରେ ବି ପତ୍ତା ନ ମିଳିବାରୁ ପାଟପୁର ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରି ଫେରିଥିଲା। ପରିବାର ଲୋକେ ରାତିସାରା ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ଝିଅକୁ ପାଇ ନ ଥିଲେ। ବିଳମ୍ବିତ ରାତିରେ କେତେଜଣ ଲୋକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିକଟସ୍ଥ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ର ଭିତରେ ଶିଶୁକନ୍ୟା ମୃତଦେହ ପଡ଼ିଥିବା ଦେଖି ଥାନାକୁ ଖବର ଦେଇଥିଲେ। ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନେତୃତ୍ୱରେ ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା, ପାଟପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା ଘଟଣାର ତଦନ୍ତ କରିଥିଲେ। ଏହି ଘଟଣାରେ ପୋଲିସ ଶିଶୁକନ୍ୟାଙ୍କ ସମ୍ପର୍କୀୟ ମାମୁ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ମୋଟ ୨୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଛେଣ୍ଡିପଦା, ୨୫।୮ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ବଳାତ୍କାର ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ଫାଷ୍ଟଟ୍ରାକ୍ କୋର୍ଟ ଅଭିଯୁକ୍ତ ବଂଶୀ ନାଏକଙ୍କୁ ସୋମବାର ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୧୬ ନଭେମ୍ବର ୨୦୧୮ରେ ସମ୍ପୃକ୍ତା ଯୁବତୀ ଗାଧୋଇବା ପାଇଁ ଯାଉଥିବାବେଳେ ଏକୁଟିଆ ପାଇ ବଂଶୀ ତାଙ୍କୁ ବଳାତ୍କାର କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାକୁ କହିଲେ ହତ୍ୟା କରିବାକୁ ଧମକ ଦେଇଥିଲେ। କିଛିଦିନ ପରେ ଯୁବତୀ ଗର୍ଭବତୀ ହେବାରୁ ଏ ନେଇ ୨୧ ମାର୍ଚ୍ଚ ୨୦୧୯ରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୧୨/୧୯ରେ ମାମଲା ରୁଜୁ ସହିତ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଘଟଣାର ତଦନ୍ତ କରି ଅଭିଯୁକ୍ତ ବଂଶୀଙ୍କୁ ଗିରଫ କରିଥିଲେ। ଏହି ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତଙ୍କୁ ଦଣ୍ଡିତ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସହକାରୀ ଓକିଲ ପ୍ରଦୀପ କୁମାର ଭୂୟାଁ ପରିଚାଳନା କରିଥିଲେ।

# ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି, ୩ ଗିରଫ

ଗଞ୍ଜାମ, ୨୫।୮ (ବିଦ୍ୟାଧର ସାହୁ)

ଜଣେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି କରାଯାଇଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଜମି ଜାଲିଆତି ଓ ବିକ୍ରି ମାମଲାରେ ଗଞ୍ଜାମ ପୋଲିସ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତ୍ରପୁର କୁମାରବେଗପଲି ଅଞ୍ଚଳର ମନୋଜ ଗୌଡ଼ (୩୦), କାଳୟମୁନା ଗ୍ରାମର ଦିଲୀପ ମାଳି (୫୧) ଓ ବ୍ରହ୍ମପୁର ନିମଖଣ୍ଡି ବନ୍ଧସାହିର ଦଣ୍ଡପାଣି ବେହେରା (୭୮)। ସେମାନଙ୍କଠାରୁ ନକଲି ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ୍ ଜବତ କରାଯାଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ନକଲି ମାଲିକ ଓ ଦୁଇଜଣ ଜମି ଦଲାଲ ରହିଥିବା ଏସ୍ଆଇ ଅନିରୁଦ୍ଧ ସ୍ୱାଇଁ କହିଛନ୍ତି।

ଏତଲାରୁ ପ୍ରକାଶ, ହଳଦିଆପଦର ବାସିନ୍ଦା ଦଣ୍ଡପାଣି ବେହେରାଙ୍କ ଗତ ୨୦୦୪ରେ ମୃତ୍ୟୁ ହୋଇଥିଲା। ଦଣ୍ଡପାଣିଙ୍କ ନାମରେ ମଲାଡ଼ ପଞ୍ଚାୟତରେ ଦୁଇ ଏକର ୬୪୨ ଡିସିମିଲ ଜମି ରହିଥିଲା। ତାଙ୍କ ପରିବାରର ପ୍ରାୟ ସଦସ୍ୟ ବାହାରେ ସ୍ଥାୟୀ ଭାବରେ ଥିବାରୁ ସେହି ଜମି ଉପରେ ଗୁରୁତ୍ୱ ଦେଉ ନ ଥିଲେ। ଏହି ସୁଯୋଗର ଫାଇଦା ଉଠାଇ କେତେଜଣ ବ୍ୟକ୍ତି ଦଲାଲ ସାଜି ଜାଲିଆତି କରି ଉକ୍ତ ଜମି ବିକ୍ରି କରି ଦେଇଥିଲେ। ୨୦୨୪ ସେପ୍ଟେମ୍ବର ୧ରେ ଅଭିଯୁକ୍ତମାନେ ନକଲି ଆଧାର କାର୍ଡ ବ୍ୟବହାର କରି ୭୮ ବର୍ଷୀୟ ଦଣ୍ଡପାଣି ବେହେରାଙ୍କ ପରିଚୟ ଦେଇ ସ୍ଥାନୀୟ ବ୍ୟକ୍ତି ଡି. ବିକାଶଙ୍କୁ ଏହି ଜମି ବିକ୍ରି କରିଥିଲେ। ଦଣ୍ଡପାଣିଙ୍କ ପୁଅ ମାନସ ଏ ସମ୍ପର୍କରେ ଜାଣିବା ପରେ ସେ ଏନେଇ ଅଗଷ୍ଟ ୨୦ରେ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ନଂ. ୨୭୦/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ହେଲ୍‌ପରଙ୍କୁ ମରଣାନ୍ତକ ଆକ୍ରମଣ, କଣ୍ଡକ୍ଟର ଗିରଫ

ଭୁବନେଶ୍ୱର, ୨୫।୮ (ସତ୍ୟଜିତ୍ ରାଉତ)

ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଜଣେ ହେଲ୍‌ପରଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କଣ୍ଡକ୍ଟରଙ୍କୁ ଭରତପୁର ଥାନା ପୋଲିସ ସୋମବାର ଗିରଫ କରିଛି। ସେହେଲେ ପୁରୀ ଜିଲା ନିମାପଡ଼ାର କାହ୍ନା ଓରଫ ଖୋକା ଓରଫ ତ୍ରିନାଥ ଭୋଇ(୨୫)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣର ଶିକାର ହେଲ୍‌ପର ବୁବୁନା ଜେନା 'ଖାଟୋଇ ଆଣ୍ଡ ଖାଟୋଇ' ବସ୍‌ରେ ହେଲ୍‌ପର ଭାବେ କାମ କରୁଥିବାବେଳେ କାହ୍ନା ମଧ୍ୟ ଉକ୍ତ ବସ୍‌ରେ କଣ୍ଡକ୍ଟର ଅଛନ୍ତି। ରବିବାର ରାତି ପ୍ରାୟ ୯ଟା ବେଳେ କୌଣସି ଏକ କଥାକୁ ନେଇ ସେଠାରେ ବୁବୁନା ଓ କାହ୍ନାଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ବୁବୁନାଙ୍କୁ କାହ୍ନା ଏକ ଜଗ୍ ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଆସିବା ଦେଖି କାହ୍ନା ସେଠାରୁ ଖସି ପଳାଇ ଯାଇଥିଲେ। ବୁବୁନାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି କାହ୍ନାଙ୍କୁ ବରମୁଣ୍ଡାରୁ ଗିରଫ କରିଥିଲା।

# ଚାଉଳ ଖୁଦ ବୋଝେଇ ଟ୍ରକ୍‌ରୁ ୧୧ କୁଇଣ୍ଟାଲ ଗଞ୍ଜେଇ ଜବତ

ଗୁଡଭେଲା, ୨୫।୮ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲାର ଗୁଡଭେଲା ବ୍ଲକ ଅନ୍ତର୍ଗତ ଆଟଗାଁ ଛକ ନିକଟରେ ପୋଲିସ ଏକ ଚାଉଳ ଖୁଦ ବୋଝେଇ ମିନି ଟ୍ରକରୁ ୧୧ କୁଇଣ୍ଟାଲ ଗଞ୍ଜେଇ ଓ ୨୦୦ ବସ୍ତା ଖୁଦ ଚାଉଳ ଜବତ କରିଛି।

ପ୍ରକାଶ ଯେ, ଗୁଡଭେଲା-ତୁଷୁରା ମୁଖ୍ୟ ରାସ୍ତାରେ ସୋମବାର ତୁଷୁରା ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ତେନ୍ତୁଲିଖୁଣ୍ଟି କଲେଜ ସମ୍ମୁଖରେ ଏକ ମିନି ଟ୍ରକ ( ନଂ ସିଜି ୦୪ ଏମଜେଡ ୪୨୯୦)ର ଡ୍ରାଇଭର ପୋଲିସକୁ ଦେଖି ଗାଡି ଛାଡି ଫେରାର ମାରିଥିଲା। ପରେ ପୋଲିସ ଉକ୍ତ ମିନିଟ୍ରକକୁ ସନ୍ଦେହରେ ଯାଞ୍ଚ କରିବାରୁ ସେଥିରୁ ଖୁଦ ଚାଉଳ ବସ୍ତା ସହ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଏହାପରେ ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାର୍ଟିଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇକୁ ଓଜନ କରାଯାଇଥିଲା। ୧୧୦୦ ଟି ଗଞ୍ଜେଇ ପ୍ୟାକେଟରୁ ୧୧ କୁଇଣ୍ଟାଲ ଗଞ୍ଜେଇ ମିଳିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ଉକ୍ତ ମିନି ଟ୍ରକଟି ବୌଦ୍ଧ ଜିଲାରୁ ବାହାରି ଛତିଶଗଡ ରାଜ୍ୟକୁ ଯାଉଥିଲା ବୋଲି ଜଣାପଡିଛି। ଏଥିରେ ତଳେ ଗଞ୍ଜେଇ ରଖାଯାଇ ଉପରେ ଚାଉଳ ବସ୍ତା ଥୁଆଯାଇଥିଲା।

# ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୋଲିସ

ଭଦ୍ରକ, ୨୫।୮ (ସନାତନ ରାଉତ)

## ୬ ଗିରଫ, ୨ ବନ୍ଧୁକ ଜବତ

ଡକାୟତି ଯୋଜନା କରୁଥିବା ବେଳେ ରବିବାର ରାତିରେ ଏକ ଡକାୟତ ଗ୍ୟାଙ୍ଗକୁ ମାଡ଼ି ବସିଲା ଭଦ୍ରକ ଟାଉନ ପୋଲିସ। ସେମାନଙ୍କଠାରୁ ୨ଟି ବନ୍ଧୁକ ଓ ୩ ରାଉଣ୍ଡ ଗୁଳି ଜବତ ସହ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସୋର ଅଞ୍ଚଳର ସୁକାନ୍ତ କୁମାର ସେଠୀ(୧୯), ରାଜୀବ କୁମାର ନାୟକ(୧୯), କୁଣ୍ଡାପଡ଼ାର ସଞ୍ଜୟ ଦଳେଇ(୧୯), ରାଇପୁରର ବିଶ୍ୱନାଥ ଦାସ(୨୦), ବେଲପୁରର ସେକ୍ ଆରିଫ(୨୩) ଓ ସେକ୍ ସମରାଜ(୨୦)।

ସୂଚନା ଅନୁଯାୟୀ, ଟାଉନ ପୋଲିସ ରାତି ପ୍ରାୟ ୧୦ଟା ବେଳେ ପାଟ୍ରୋଲିଂ କରୁଥିବା ବେଳେ ସହରର ବନ୍ତଛକସ୍ଥିତ ଜଗନ୍ନାଥପୁର ଏଟିଏମ୍ ନିକଟରେ ୬ ଯୁବକ ମାରଣାସ୍ତ୍ର ଧରି ଠିଆ ହୋଇଥିବା ଦେଖିବାକୁ ପାଇଥିଲା। ପୋଲିସ ସେମାନଙ୍କ ନିକଟକୁ ଯିବାରୁ ୩ ଯୁବକ ଗୋଟିଏ ବାଇକ୍‌ରେ ଚମ୍ପଟ ମାରିଥିଲେ। ପୋଲିସ ଅନ୍ୟ ୩ଜଣଙ୍କ ତଲାସି ନେବାରୁ ସେମାନଙ୍କଠାରୁ ଏକ ଖେଳଣା ବନ୍ଧୁକ ସହ ୩ ରାଉଣ୍ଡ ଗୁଳି ମିଳିଥିଲା। ଭୁଜାଲି, ଗ୍ୟାସ୍ କଟର ସହ ବିଭିନ୍ନ ମାରଣାସ୍ତ୍ର ସେମାନଙ୍କ ପାଖରୁ ବାହାରିଥିଲା। ପୋଲିସ ୩ଜଣଙ୍କୁ କାବୁ କରିବା ପରେ ଖସି ଯାଇଥିବା ଅନ୍ୟ ୩ଜଣଙ୍କୁ ପିଛା କରି ବରପଦା ନିକଟରୁ ଧରିଥିଲା। ସେମାନଙ୍କଠାରୁ ଆଉ ଏକ ବନ୍ଧୁକ ମିଳିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୯୫/୨୫) ରୁଜୁ କରାଯାଇ ଡାକ୍ତରୀ ପରୀକ୍ଷା ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନାମରେ ସୋର ଥାନାରେ ବିଭିନ୍ନ ଆପରାଧିକ ମାମଲା ରହିଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

Business

# ମହିଳା ନିଯୁକ୍ତି ହାର ଦ୍ୱିଗୁଣିତ, ବେକାରି ୩.୨%କୁ ହ୍ରାସ

ଭୁବନେଶ୍ୱର, ୨୫।୮ (ଅନୁରାଧା ମହାରଣା)

୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ ସରକାର ସବୁ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏପରିକି କର୍ମଶକ୍ତିରେ ୭୦% ମହିଳା ଅଂଶଗ୍ରହଣକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖାଯାଇଛି । ପିଏଲ୍ଏଫ୍ଏସ୍ ତଥ୍ୟ ଅନୁଯାୟୀ ଦେଶରେ ମହିଳା କର୍ମନିଯୁକ୍ତି ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ମହିଳା ନିଯୁକ୍ତି ହାର ୨୦୧୭-୧୮ରେ ୨୨%ରୁ ୨୦୨୩-୨୪ରେ ୪୦.୩%କୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ବେକାରି ହାର ୫.୬ ପ୍ରତିଶତରୁ ୩.୨ ପ୍ରତିଶତକୁ ହ୍ରାସ ପାଇଛି । ଗ୍ରାମୀଣ ଭାରତରେ ମହିଳା ନିଯୁକ୍ତିରେ ୯୬% ବୃଦ୍ଧି ଘଟିଥିବାବେଳେ ସହରାଞ୍ଚଳରେ ୪୩% ବୃଦ୍ଧି ଘଟିଛି। ଏକ ଆକଳନ



ଅନୁସାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ମହିଳାମାନଙ୍କ ନିଯୁକ୍ତି କ୍ଷମତା ମଧ୍ୟ ୨୦୧୩ରେ ୪୨% ଥିବାବେଳେ ତାହା ୨୦୨୪ରେ ୪୭.୫୩%କୁ ବୃଦ୍ଧି ପାଇବ । ସ୍ନାତକୋତ୍ତର ଏବଂ ତଦୂର୍ଦ୍ଧ୍ୱ ଡିଗ୍ରୀ ହାସଲ କରିଥିବା ମହିଳାଙ୍କ ମଧ୍ୟରେ ନିଯୁକ୍ତି ହାର ୨୦୧୭-୧୮ରେ ୩୪.୫%ରୁ ୨୦୨୩-୨୪ରେ ୪୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଇଣ୍ଡିଆ ସ୍କିଲ୍ସ ରିପୋର୍ଟ ୨୦୨୫ ଅନୁଯାୟୀ, ୨୦୨୫ରେ ପ୍ରାୟ ୫୫% ଭାରତୀୟ ସ୍ନାତକ ବିଶ୍ୱ ସ୍ତରରେ ନିଯୁକ୍ତି ଯୋଗ୍ୟ ହେବେ ବୋଲି ଆଶା କରାଯାଉଛି। ଏହା ୨୦୨୪ରେ ୫୧.୨% ଥିଲା। ଇପିଏଫଓ ପେରୋଲ ତଥ୍ୟ ଅନୁସାରେ, ସଂଗଠିତ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିଛି। ଗତ ୭ ବର୍ଷରେ ୧.୫୬ କୋଟି ମହିଳା ଆନୁଷ୍ଠାନିକ କର୍ମଶକ୍ତିରେ ଯୋଗ ଦେଇଛନ୍ତି। ଏହି ସମୟରେ ଅଗଷ୍ଟ ସୁଦ୍ଧା ଇ-ଶ୍ରମ ପୋର୍ଟାଲରେ ୧୬.୬୯ କୋଟିରୁ ଅଧିକ ଅସଂଗଠିତ ମହିଳା ଶ୍ରମିକଙ୍କ ପଞ୍ଜୀକରଣ ରେକର୍ଡ କରାଯାଇଛି, ଅନ୍ୟପଟେ ଜାତୀୟ ସ୍ତରରେ ୧୫ଟି ମନ୍ତ୍ରଣାଳୟର ୭୦ଟି କେନ୍ଦ୍ରୀୟ ଯୋଜନା ଏବଂ ୪୦୦ରୁ ଅଧିକ ରାଜ୍ୟସ୍ତରୀୟ ଯୋଜନା ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ପିଏଲଏଫଏସ ତଥ୍ୟ ଦର୍ଶାଉଛି ଯେ ମହିଳା ଆତ୍ମନିଯୁକ୍ତି ୩୦% ବୃଦ୍ଧି ପାଇଛି। ୨୦୧୭-୧୮ ରେ ୫୧.୯%ରୁ, ୨୦୨୩-୨୪ରେ ଏହା ୬୭.୪%କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ, ୨୫।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍‌ସେକ୍ସ ୩୨୯ (୩୨୯.୦୬) ପଏଣ୍ଟ ବୃଦ୍ଧି ଘଟି ୮୧,୬୩୬ (୮୧,୬୩୫.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୯୮ (୯୭.୬୫) ପଏଣ୍ଟ ବଢ଼ି ୨୪,୯୬୮ (୨୪,୯୬୭.୭୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବେଦାନ୍ତର ମାଗଣା ଚକ୍ଷୁ ପରୀକ୍ଷା ଶିବିର




ଭୁବନେଶ୍ୱର, ୨୫।୮

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହଭାଗିତାରେ କମ୍ପାନୀ ରାୟଗଡ଼ାର କାଶୀପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରିଥିଲା। କମ୍ପାନୀର ଏହି ପଦକ୍ଷେପ କାଶୀପୁର ବ୍ଲକ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକର ୧୬୫ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରିଥିଲା, ଯାହା ଗୋଷ୍ଠୀ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବୃଦ୍ଧି ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇଥିଲା। ଏହି ପରିପ୍ରେକ୍ଷୀରେ କାଶୀପୁରର ଭାରପ୍ରାପ୍ତ ଇନ୍ସପେକ୍ଟର ଦେବବ୍ରତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶୀପୁରର ସିଏଚ୍‌ସି ମୁଖ୍ୟ ଡା. ନେତ୍ରାନନ୍ଦ ନାୟକଙ୍କ ସମେତ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଏବଂ ସମ୍ପ୍ରଦାୟ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହି ଶିବିର ଜରିଆରେ ଆମେ ସ୍ଥାନୀୟ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଛୁ। ଏପରିକି ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଉପଲବ୍ଧତା ନିଶ୍ଚିତ କରିବା ଆମର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ମୂଳଦୁଆ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ହ୍ୱାଇଟଲ୍ୟାଣ୍ଡ ସହ ଜେଏସ୍ଏଲ୍‌ର ବୁଝାମଣା

ଭୁବନେଶ୍ୱର, ୨୫।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଅଲ୍‌ଇଷ୍ଟେଟ୍ ଡେଭଲପର୍ ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନ୍ ଏବଂ ଜିନ୍ଦଲ୍ ଷ୍ଟେନଲେସ୍ ଲିମିଟେଡ (ଜେଏସ୍ଏଲ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଗୁରୁଗ୍ରାମଠାରେ ଏକ ବ୍ରାଣ୍ଡେଡ୍ ଆବାସିକ ପ୍ରକଳ୍ପ 'ୱେଷ୍ଟିନ୍ ରେସିଡେନ୍ସ' ପାଇଁ ଆବଶ୍ୟକ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ଯୋଗାଣ କରିବା ନେଇ ଉଭୟ ସଂସ୍ଥା (କମ୍ପାନୀ) ମଧ୍ୟରେ ଏହି ବ୍ୟବସାୟିକ ବୁଝାମଣା ହୋଇଛି। ସେହିଭଳି ପ୍ରଥମ କରି ଦେଶର ଏକ ବ୍ରାଣ୍ଡେଡ୍ ଆବାସିକ ପ୍ରକଳ୍ପରେ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ବ୍ୟବହାର ହେଉଛି, ଏହା ସଂରଚନାତ୍ମକ ନବସୃଜନ ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ପାଇଁ ଭାରତୀୟ ଗୃହରେ ଷ୍ଟେନଲେସ୍ ଷ୍ଟିଲର ଉପଯୋଗିତାକୁ ଦର୍ଶାଉଛି। ଜିନ୍ଦଲ୍ ଷ୍ଟେନଲେସ୍ ଜିନ୍ଦଲ୍ ଇନଫିନିଟି ଭାବେ ପରିଚିତ ବ୍ରାଣ୍ଡ ୪୧୦ଏଲ୍ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ଯୋଗାଣ କରିଛି, ଏହା ପ୍ରକଳ୍ପର ସଂରଚନାତ୍ମକ ଢାଞ୍ଚାର ମୁଖ୍ୟ ଅଂଶ ବୋଲି କୁହାଯାଉଛି।

ଏହି ପଦକ୍ଷେପ ସାମଗ୍ରୀ ମାନଦଣ୍ଡରେ ଏକ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚିତ କରେ ଏବଂ ପାରମ୍ପରିକ ଭାବେ କାର୍ବନ ଷ୍ଟିଲର ବହୁଳ ଉପଯୋଗ ହେଉଥିବା ରିଅଲ୍ ଇଷ୍ଟେଟ୍ ପାଇଁ ଉଚ୍ଚ ମାନଦଣ୍ଡ ସ୍ଥାପନ କରୁଛି। ଉଚ୍ଚ ଭାର-ବହନ କ୍ଷମତା, ଗଠନାତ୍ମକ ସହନଶୀଳତା, କ୍ଷୟ ପ୍ରତିରୋଧ, ଭୂକମ୍ପ ପ୍ରତିରୋଧ ଏବଂ ଟେନଶାଇଲ ଷ୍ଟ୍ରେନ୍ଥ ପାଇଁ ୪୧୦ଏଲ୍ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲକୁ ଉପକୂଳ ଏବଂ ମେଟ୍ରୋ ପ୍ରକଳ୍ପ ସମେତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିରେ ବ୍ୟବହାର କରାଯାଏ ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ସିଇଓ ତଥା ସିଏଫଓ ତରୁଣ ଖୁଲବେ କହିଛନ୍ତି, ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନ ସହ ଆମର ବୁଝାମଣା (ସହଭାଗିତା) କେବଳ ଘର ନିର୍ମାଣ ପାଇଁ ନୁହେଁ, ବରଂ ଏହା କିପରି ନିର୍ମିତ ହୁଏ, ସେ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନର ପ୍ରତିଷ୍ଠାତା ନବଦୀପ ସରଦାନା କହିଛନ୍ତି, ଏହି ସହଭାଗିତା ଦୀର୍ଘକାଳୀନ ଜୀବନକୁ ସାକାର କରିବାରେ ଆମର ମହତ୍ତ୍ୱାକାଂକ୍ଷାକୁ ପ୍ରତିଫଳିତ କରିଛି।

# ଖଣି କ୍ଷେତ୍ରର ଉତ୍ପାଦନ କାର୍ଯ୍ୟକ୍ଷମତା ବୃଦ୍ଧିକୁ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୫।୮ (ଅଭୟ ଦାଶ)

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସୁଧାଂଶୁ ମୋହନ ସାମଲ ନିକଟରେ କେନ୍ଦୁଝର ଜିଲାସ୍ଥିତ ଗନ୍ଧମାର୍ଦ୍ଦନ ଓ ଦୈତାରି ଲୌହଖଣି ପରିଦର୍ଶନ ସହ ନିଗମର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସାମଲ ଖଣି କ୍ଷେତ୍ରର ଉତ୍ପାଦନ କାର୍ଯ୍ୟକ୍ଷମତା ବୃଦ୍ଧି, ସୁରକ୍ଷା ତଥା ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ବିଭାଗୀୟ ଅଧିକାରୀଙ୍କ ସହ ଖଣି ଅଞ୍ଚଳ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଓଏମ୍‌ସିର ନିର୍ଦ୍ଦେଶକ (ମାନବସମ୍ବଳ) ଆଲୋକ କୁମାର ପାଳ ଏବଂ ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣିଙ୍କ ସମେତ ଖଣି ଅଞ୍ଚଳର ଅଧିକାରୀ ଓ ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସାମଲ ଗନ୍ଧମାର୍ଦ୍ଦନ ଖଣି କ୍ଷେତ୍ର ପରିଦର୍ଶନ କରିବା ଅବସରରେ ଓର୍ ଷ୍ଟକୟାର୍ଡ, କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରିବା ସହିତ ଖଣି କ୍ଷେତ୍ରର ବାର୍ଷିକ ଲକ୍ଷ୍ୟ ଅନୁସାରେ ଉତ୍ପାଦନ କ୍ଷମତା



ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିକ୍ରୟ ବୃଦ୍ଧି କରି ଶିଳ୍ପଗୁଡ଼ିକୁ ନିୟମିତ ଖଣିଜ ଯୋଗାଣ ସୁନିଶ୍ଚିତ ତଥା ସୁପରିଚାଳନା କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସାମଲ ଗନ୍ଧମାର୍ଦ୍ଦନ ସ୍ଥିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟରର ସମୀକ୍ଷା କରି ଏହାର ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକ୍ରିୟାକୁ ନିରୀକ୍ଷଣ କରିଥିଲେ। ଏଥିସହ ରିଅଲ-ଟାଇମ ମନିଟରିଂ, ଖଣି ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବା ସହିତ ସମସ୍ତ ପ୍ରକାରର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତୁତ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏପରିକି ଖଣି ଅଞ୍ଚଳରେ ପରିବେଶଗତ ମାନଦଣ୍ଡର କଠୋର ପାଳନ, ଅନଧିକୃତ ଏବଂ ଚୋରାଚାଲାଣ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସାମଲ କର୍ମଚାରୀମାନଙ୍କ କଲ୍ୟାଣ ନିମନ୍ତେ ନିର୍ମିତ ବିଭିନ୍ନ ସୁବିଧାର ମଧ୍ୟ ମୂଲ୍ୟାଙ୍କନ କରିଥିଲେ। କର୍ମଚାରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଉନ୍ନତ ସୁବିଧା ପ୍ରତି ବିଶେଷ ପ୍ରାଥମିକତା ଦେବା ପାଇଁ ସାମଲ ନିର୍ଦ୍ଦେଶ ଦେଇଛନ୍ତି।

# ଏସ୍‌ବିଆଇର ଶୁଳ୍କମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା

ଭୁବନେଶ୍ୱର, ୨୫।୮

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ମେଗା ସଚେତନତା ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଏକ ଶୁଳ୍କ ମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସର୍ଭାଇକାଲ କ୍ୟାନସର ସଚେତନତା ଶିବିର ଓ ଟିକାକରଣ କାର୍ଯ୍ୟକ୍ରମ ଜନ ଶିକ୍ଷଣ ସଂସ୍ଥାନ ବଡ଼ଗଡ଼ ବ୍ରିଟ୍ କଲୋନି ଭୁବନେଶ୍ୱରଠାରେ ଆୟୋଜନ କରାଯାଇଥିଲା। ଏପରିକି ଏହି କାର୍ଯ୍ୟକ୍ରମ ଏସ୍‌ବିଆଇର ପ୍ରମୁଖ ସମର୍ଥନ ଏବଂ ସିଆଇଆଇ ୟଙ୍ଗ୍ ଇଣ୍ଡିଆନ୍ସ ସହ ହୃଦାନନ୍ଦ ଶିକ୍ଷା ସଂସ୍ଥାନ ସହଭାଗିତାରେ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏସବିଆଇର ଆଞ୍ଚଳିକ ପରିଚାଳକ ଭୁବନେଶ୍ୱର ନର୍ଥ ଅନିଲ କୁମାର ମିଶ୍ର, ସହାୟକ ମହାପ୍ରବନ୍ଧକ (ବାଣିଜ୍ୟ ସମ୍ପ୍ରସାରଣ ଓ ସାମାଜିକ ଦାୟିତ୍ୱ)ଭବାନୀ ଶଙ୍କର ମହାନ୍ତି, ମୁଖ୍ୟ ପରିଚାଳକ ଅଭିମନ୍ୟୁ ସାହୁଙ୍କ ସମେତ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା (ଡିରେକ୍ଟର) ନିବେଦିତା ନରୁଲା ଏବଂ ହୃଦାନନ୍ଦ ଶିକ୍ଷା ସଂସ୍ଥାନର ଡା.ପ୍ରଶମିତା ତେଜସ୍ୱିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ଜରିଆରେ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ସର୍ଭାଇକାଲ କ୍ୟାନ୍‌ସରର ଆଧୁନିକ ସ୍କ୍ରିନିଙ୍ଗ କରାଯାଇଥିଲା। ବିଶେଷକରି ସାଇଟୋଲୋଜି, ଓମଲେକ୍ୟୁଲାର ପ୍ରୟୋଗ ସହିତ ୧୦୦ଜଣ ମହିଳାଙ୍କର ଟିକାକରଣ କରାଯାଇଥିଲା। ଏସବିଆଇର ସାମାଜିକ ଦାୟିତ୍ୱ ପ୍ରତିବଦ୍ଧତାରୁ ପ୍ରେରିତ ଏହି ପ୍ରୟାସ ଓଡ଼ିଶାରେ ସର୍ଭାଇକାଲ କ୍ୟାନସରର ଭାରକୁ କମାଇବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିବ। ସେହିଭଳି ଏସବିଆଇର ଦୃଢ଼ ସମର୍ଥନରେ ସମ୍ଭବ ହୋଇଥିବା ଏହି ପ୍ରୟାସର ମୂଳ ଉଦ୍ଦେଶ୍ୟ ଥିଲା ସର୍ଭାଇକାଲ କ୍ୟାନ୍‌ସର, ଯାହା ଟିକାକରଣ ଦ୍ୱାରା ପ୍ରତିରୋଧ, ସେଥିପାଇଁ ନାରୀମାନଙ୍କୁ ସଚେତନ କରାଇବା ସହିତ ପ୍ରାରମ୍ଭିକ ସନ୍ଧାନ, ନିୟମିତ ସ୍କ୍ରିନିଙ୍ଗ ଏବଂ ଟିକାକରଣକୁ ପ୍ରୋତ୍ସାହିତ କରିବା।

**ସୌନ୍ଦର୍ଯ୍ୟ**

# ଉପକାରୀ ଚିନାବାଦାମ



**ବର୍ଷାଦିନେ ଗରମ ଗରମ ବାଦାମ ଭଜା ଖାଇବାକୁ କିଏ ବା ନ ଭଲ ପାଏ। ହେଲେ ଆପଣ ଜାଣନ୍ତିକି ପାଟିକୁ ସୁଆଦିଆ ଲାଗୁଥିବା ଏହି ଚିନାବାଦାମରେ ଭରି ରହିଛି ଅନେକ ପୋଷକ ତତ୍ତ୍ୱ, ଯାହାକୁ ଖାଇଲେ ଶରୀର ସୁସ୍ଥ ରହିବା ସହ ବ୍ୟବହାର କଲେ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧିପାଇଥାଏ। ଜାଣନ୍ତୁ ଏହାକୁ କିପରି ବ୍ୟବହାରକରି ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ...**

❖ବାଦାମରେ ଭିଟାମିନ୍‌-ଇ ଥିବାରୁ ଏହାକୁ ଖାଇବା ଦ୍ୱାରା ଏହା ଚର୍ମକୁ ପୋଷଣ ଯୋଗାଇବା ସହ ନରମ ଏବଂ ଚିକ୍କଣ ରଖିଥାଏ । ଏହାର ତେଲ ଲଗାଇବା ଦ୍ୱାରା ସୂର୍ଯ୍ୟକିରଣ ଯୋଗୁ ହେଉଥିବା ଟ୍ୟାନିଂ ଭଳି ସମସ୍ୟା ଦୂରହୋଇଥାଏ। ଏହା ଚର୍ମକୁ ବ୍ରଣମୁକ୍ତ ରଖି କୋମଳତା ପ୍ରଦାନ କରିଥାଏ।

❖ଆଖି ତଳ କଳାଦାଗ, ଆଖି କୁଣ୍ଢେଇହେବା ଭଳି ସମସ୍ୟା ଦୂରକରିବା ଲାଗି ଚିନାବାଦାମ ବେଶ୍‌ ଉପଯୋଗୀ। ଏଥିରେ ଥିବା ଅଧିକ ପରିମାଣର ଓମେଗା ଫ୍ୟାଟି ଏସିଡ୍‌ ଓ ଖଣିଜ ଲବଣ ଦୃଷ୍ଟିଶକ୍ତି ବଢ଼ାଇଥାଏ । ଆଖିପତା ଉପରେ ଏହାର ତେଲ ଲଗାଇ ଧୀରେ ଧୀରେ ମସାଜ କରିବା ଦ୍ୱାରା ଆମକୁ ଦିନ ଯାକର ଚାପରୁ ମଧ୍ୟ ମୁକ୍ତିମିଳେ।

❖ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ, ଭିଟାମିନ୍‌ ଏବଂ ମିନେରାଲ୍ସ ଥିବାରୁ ଏହାକୁ ପାଣି ଭିଜେଇ ପେଷ୍ଟ କରି ଲଗାଇବା ଦ୍ୱାରା ସ୍କିନ୍‌ର ଗ୍ଲୋ ବଢ଼ିଥାଏ। ଏହା ଏଜିଙ୍ଗ୍‌ ସାଇନ୍ସ ଯେପରିକି ରିଙ୍କଲ୍‌ମାର୍କ, ଏଜ୍‌ ସ୍ପଟ୍‌ ଆଦିକୁ ରୋକିଥାଏ। ବ୍ରଣ, ଦାଗ ଆଦିକୁ ମଧ୍ୟ କମ୍‌ କରିବାରେ ଏହା ବେଶ୍‌ ସାହାଯ୍ୟ କରିଥାଏ।

❖ମୁଣ୍ଡ ଏବଂ ଶରୀରର ବିଭିନ୍ନ ଅଂଶକୁ ମସାଜ୍‌ କରିବା ପାଇଁ ଚିନାବାଦାମ ତେଲକୁ ବ୍ୟବହାର କରାଯାଇଥାଏ। ଏହାଦ୍ୱାରା ଚର୍ମ ପୁଷ୍ଟିକର ତେଲ ଶୋଷଣ କରିପାରେ। ବିଶେଷକରି କେଶ ମୂଳରେ ଏହି ତେଲ ମସାଜ କରିବା ଦ୍ୱାରା ବ୍ଲଡ୍‌ ସାର୍କୁଲେଶନ୍‌ ଠିକ୍‌ ଭାବେ ହେବା ଦ୍ୱାରା କେଶ ଲମ୍ବା ଏବଂ ମଜଭୁତ ହୋଇଥାଏ। ଏହା କେଶ ପାଚିବା, ଝଡ଼ିବା, ଫାଟିବା ଆଦି ସମସ୍ୟାକୁ ମଧ୍ୟ ଦୂର କରିଥାଏ।



# ନିଜ ପାଇଁ ୩୦ ମିନିଟ୍‌



**ନାରୀଟିଏ ସବୁବେଳେ କର୍ମଜଞ୍ଜାଳରେ ବନ୍ଧା। ସେ କେତେବେଳେ ସମ୍ଭାଳେ ପରିବାରର ସମସ୍ତ ଦାୟିତ୍ୱ ତ ଆଉ କେତେବେଳେ ଘର ସହ ବି ତୁଲେଇବାକୁ ହୁଏ ଅଫିସ୍‌ କାମ। ଏମିତରେ ସେ ଅଜାଣତରେ ଅବହେଳା କରିବସେ ନିଜକୁ ଆଉ ହୋଇଯାଏ ରୋଗଣା। ହେଲେ ଏସବୁ କର୍ତ୍ତବ୍ୟ ସୁଚାରୁ ରୂପେ ତୁଲେଇବାକୁ ହେଲେ ସୁସ୍ଥ ରହିବା ଲାଗି ନିଜର ଯତ୍ନନେବା ଯେ ସେତିକି ଗୁରୁତ୍ୱପୂର୍ଣ୍ଣ ସେକଥା ସେ ଭୁଲିଯାଏ। ତେଣୁ ସବୁ କାମ ଭିତରେ ବି ନିଜ ପାଇଁ ପ୍ରତିଦିନ ଅତିକମ୍‌ରେ ୩୦ମିନିଟ୍‌ ବାହାର କଲେ ଫିଟ୍‌ ରହିବା ସହଜ ହେବ ସେଥିରେ ସନ୍ଦେହ ନାହିଁ...**







ବର୍ତ୍ତମାନ ଅଳ୍ପବୟସରୁ ଅଧିକାଂଶ ମହିଳାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଭିତରେ ନିଜର ଯତ୍ନ ନ ନେବା। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି, ଯଦିଓ ବର୍ତ୍ତମାନ ସମସ୍ତେ କାର୍ଯ୍ୟବ୍ୟସ୍ତ ହେଲେ ସେହି କାର୍ଯ୍ୟରେ ଶାରୀରିକ ପରିଶ୍ରମ ନଗଣ୍ୟ। ତେଣୁ ପ୍ରତ୍ୟେକ ମହିଳାଙ୍କୁ ଘର ହେଉ ଅବା ଅଫିସ୍‌ ସମସ୍ତ କାର୍ଯ୍ୟ ଠିକ୍‌ ଭାବେ ତୁଲାଇବା ଲାଗି ସର୍ବପ୍ରଥମେ ନିଜେ ସୁସ୍ଥ ରହିବା ଜରୁରୀ। ଆଉ ଏଥିପାଇଁ ପ୍ରତିଦିନ କିଛି ସମୟ ନିଜ ପାଇଁ ବାହାରକରି ଯୋଗ, ବ୍ୟାୟାମ ଆଦି କରିବା ନିହାତି ଆବଶ୍ୟକ...

**ଯୋଗ, ବ୍ୟାୟାମ:** ବର୍ତ୍ତମାନ ଅନେକଙ୍କଠାରେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ମେଦବହୁଳତା ସାଙ୍ଗକୁ ଶାରୀରିକ ପରିଶ୍ରମର ଅଭାବ। ଏହା ଦୂରକରିବା ଲାଗି ପ୍ରତିଦିନ ସମସ୍ତ କାମ ବାଦ୍‌ ଅତି କମ୍‌ରେ ନିଜ ପାଇଁ ୩୦ ମିନିଟ୍‌ ବାହାରକରି ଯୋଗ, ବ୍ୟାୟାମ କରିବା ନିହାତି ଆବଶ୍ୟକ। କିପରି ଏବଂ କେଉଁସବୁ ଏକ୍ସରସାଇଜ୍‌ କରିବେ ବୋଲି ଯଦି ଭାବୁଛନ୍ତି ତେବେ ଆରମ୍ଭ ଦିନଗୁଡିକରେ କେତୋଟି ବେସିକ୍‌ ୱାର୍କଆଉଟ୍‌ ପ୍ରତି ଧ୍ୟାନ ଦିଅନ୍ତୁ। ଏଥିପାଇଁ ପ୍ରଥମେ ଅଳ୍ପ ସମୟ ୱର୍କଆଉଟ୍‌ ୱାର୍ମଅପ୍‌ କରନ୍ତୁ। ଫଳରେ ଧୀରେ ଧୀରେ ହୃତ୍‌ପିଣ୍ଡର ଗତି, ପଲ୍ସ ରେଟ୍‌, ଶରୀରର ତାପମାତ୍ର ବଢ଼ିବାଦ୍ୱାରା ଅନ୍ୟ ୱର୍କଆଉଟ୍‌ ପାଇଁ ପ୍ରସ୍ତୁତ ହୋଇପାରିବେ। ୱାର୍ମଅପ୍‌ ପାଇଁ ଜମ୍ପିଂ ଜ୍ୟାକ୍‌ ସବୁଠୁ ସହଜ। ସେହିପରି କିଛି ସମୟ ଷ୍ଟ୍ରେଚିଂ କରନ୍ତୁ ଫଳରେ ଏକ୍ସରସାଇଜ୍‌ କରିବା ବେଳେ ମାଂସପେଶୀରେ ଟାଣିହେବା ସମସ୍ୟା ରହିବ ନାହିଁ। ଏହାପରେ ନିଜ କମ୍ଫର୍ଟ ଏବଂ ଷ୍ଟ୍ରେଙ୍ଗ୍ଥ ଅନୁଯାୟୀ ବିଭିନ୍ନ ଏକ୍ସରସାଇଜ୍‌ ଏବଂ ଯୋଗାସନ କରନ୍ତୁ। କିଛି ସମୟ ଛାତ ଉପରେ କିମ୍ବା ନିକଟସ୍ଥ ପାର୍କ, ରାସ୍ତାକଡ଼ ଅବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲନ୍ତୁ। ପ୍ରତିଦିନ କିଛି ସମୟ ରନିଂ କିମ୍ବା ସାଇକ୍ଲିଂ କରିବା ବି ଖୁବ୍‌ ଲାଭଦାୟକ ହୋଇପାରିବ।

## ମିଳିବ ଅନେକ ଉପକାରିତା

ନିୟମିତ କିଛି ସମୟ ନିଜ ପାଇଁ ବାହାରକରି ଏକ୍ସରସାଇଜ୍‌ କଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିହେବା ସହ ଆପଣ ସୁସ୍ଥ ରହିପାରିବେ। ଏହା ବ୍ଲଡ୍‌ ପ୍ରେସର ଏବଂ ବ୍ଲଡ୍‌ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ମର୍ନିଂ କିମ୍ବା ଇଭିନିଂରେ ୱାକ୍‌ କରିବା ଦ୍ୱାରା ମହିଳାମାନଙ୍କଠାରେ ଇଷ୍ଟ୍ରୋଜେନ୍‌ ହର୍‌ମୋନ୍‌ କ୍ଷରଣ ଠିକ୍‌ ଭାବେ ହୋଇଥାଏ। ଏହାଦ୍ୱାରା ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିଥାଏ, ଫଳରେ ହୃଦ୍‌ ସମସ୍ୟା ଏବଂ ଷ୍ଟ୍ରୋକ୍‌ ସମସ୍ୟାଠୁ ଦୂରେଇ ରଖିଥାଏ। ମାଂସପେଶୀ ଏବଂ ହାଡ଼ ମଜଭୁତ ରଖେ। ମାସିକ ଋତୁସ୍ରାବ ଠିକ୍‌ ଭାବେ ହେବା ସହ ପ୍ରଜନନ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରେ। ପ୍ରତିଦିନ କିଛି ସମୟ ଏକ୍ସରସାଇଜ୍‌ କଲେ ଡୋପାମାଇନ୍‌ ହର୍‌ମୋନ୍‌ କ୍ଷରଣ ହୋଇଥାଏ। ଏହି ହର୍‌ମୋନ୍‌କୁ ହାପି ହର୍‌ମୋନ ବୋଲି ମଧ୍ୟ କୁହାଯାଇଥାଏ, ଯାହା ଷ୍ଟ୍ରେସ୍‌, ଡିପ୍ରେଶନ୍‌ ଭଳି ସମସ୍ୟା ଦୂରକରି ମଣିଷକୁ ଖୁସି ରଖିବାରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ ମାତ୍ର ୩୦ ମିନିଟ୍‌ ନିଜ ପାଇଁ ଦେଲେ ଏହା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଏହା ଫିଟ୍‌ ରଖିବାରେ ସାହାଯ୍ୟ କରିଥାଏ।

### ଜାଣିରଖନ୍ତୁ

କେବଳ ଯୋଗ, ବ୍ୟାୟାମ, ୱାକିଂ ନୁହେଁ ଏହା ବ୍ୟତୀତ ଆଉ କେତେକ କଥା ପ୍ରତି ମଧ୍ୟ ବିଶେଷ ଧ୍ୟାନଦେବା ଜରୁରୀ, ସେ ବିଷୟରେ ଜାଣିରଖନ୍ତୁ...

➔କାର୍ଯ୍ୟବ୍ୟସ୍ତତା ଭିତରେ ସକାଳ ଜଳଖିଆ ନ ଖାଇବା ଅନେକ ମହିଳାଙ୍କଠାରେ ଏକ ବଦଭ୍ୟାସ। ଯେତେ କାମ ଥାଉ ନା କାହିଁକି ସକାଳ ଜଳଖିଆ ଖାଇବା ନିହାତି ଆବଶ୍ୟକ। ନଚେତ୍‌ ଦୀର୍ଘସମୟ ପେଟ ଖାଲି ରହି ଗ୍ୟାସ୍‌, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। ଆମେରିକାନ୍‌ ମେଡିକାଲ ଆସୋସିଏଶନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ରକ୍ତଚାପ, ହୃଦ୍‌ରୋଗ ଏବଂ ହୃଦ୍‌ଘାତର ଆଶଙ୍କା ୨୭% ବୃଦ୍ଧି କରିଥାଏ। ସକାଳ ଜଳଖିଆ ଶରୀରକୁ ଶକ୍ତି ଯୋଗାଇଥାଏ, ଯଦ୍ୱାରା ସାରା ଦିନ ଆକ୍ଟିଭ୍‌, ଏନର୍ଜେଟିକ୍‌ ଏବଂ ଫ୍ରେଶ୍‌ ଲାଗିଥାଏ। କେବଳ ଜଳଖିଆ ମଧ୍ୟାହ୍ନ ଏବଂ ରାତ୍ରଭୋଜନ ମଧ୍ୟ ସମୟରେ ଖାଆନ୍ତୁ। ଫାଷ୍ଟ ଫୁଡ୍‌, ଜଙ୍କ୍‌ ଫୁଡ୍‌, ଅଏଲି ଫୁଡ୍‌ ଭଳି ଖାଦ୍ୟ ବଦଳରେ ସର୍ବଦା ପେଟ ପୂରା ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଦିନକୁ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।

➔ନିଜକୁ ସବୁବେଳେ ଟେନ୍‌ସନ ଫ୍ରି ରଖିବାକୁ ଚେଷ୍ଟା କରନ୍ତୁ। ମନକୁ ଭାରାକ୍ରାନ୍ତ କରୁଥିଲେ ଦୀର୍ଘଦିନ ଚାପି ନ ରଖି ନିଜ ସ୍ୱାମୀ, ପରିବାର ସଦସ୍ୟ କିମ୍ବା କୌଣସି ବିଶ୍ୱସ୍ତଙ୍କ ନିକଟରେ ପ୍ରକାଶ କରନ୍ତୁ, ମନ ହାଲୁକା ହୋଇଯିବ।

➔ ଘର କାମ ସାରି ବିଳମ୍ବରେ ଖାଇବା ଏବଂ ଶୋଇବା ଅଭ୍ୟାସ ହିଁ ଗ୍ୟାସ୍‌, ବଦହଜମି, ମେଦବହୁଳତା ଭଳି ସମସ୍ୟାର ମୁଖ୍ୟ କାରଣ। ତା'ଛଡ଼ା ରାତିରେ ଠିକ୍‌ ଭାବେ ନ ଶୋଇଲେ ବା ପର୍ଯ୍ୟାପ୍ତ ନିଦ ନ ହେଲେ ଥକ୍କା ଲାଗିବା ସହ ମାନସିକ ସ୍ତରରେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡ଼ିଥାଏ। ତେଣୁ ରାତିରେ ଅତି କମ୍‌ରେ ୬ରୁ ୭ ଘଣ୍ଟା ଶୋଇବା ପାଇଁ ଚେଷ୍ଟା କରନ୍ତୁ।





**ଇଏ ବି ଜଣେ ନାରୀ**

# ପରିଚୟ ଦେଇଛି ଇକୋଫ୍ରେଣ୍ଡ୍‌ଲି ସାମଗ୍ରୀ

ଆମେ ସମସ୍ତେ ପୃଥିବୀ ମା'ର ସନ୍ତାନ। ସେ ଆମକୁ ସବୁକିଛି ଦେଇଛି। ତେଣୁ ତା'ର ପରିବେଶକୁ ସୁରକ୍ଷା କରିବାର ଦାୟିତ୍ୱ ବି ଆମ ସମସ୍ତଙ୍କର। ଏକଥାକୁ ଜଣେ ପ୍ରକୃତିପ୍ରେମୀ ଭାବେ କେବଳ ହୃଦଙ୍ଗମ କରିନାହାନ୍ତି ବରଂ ଇକୋଦର୍ଶିନୀ ନାମରେ ଏକ ସଂସ୍ଥା ଗଠନ କରି ବିଭିନ୍ନ ସଷ୍ଟେନେବଲ୍‌ ଏବଂ ଇକୋଫ୍ରେଣ୍ଡଲି ସାମଗ୍ରୀ ପ୍ରସ୍ତୁତକରି ସମାଜକୁ ଏକ ନୂଆ ବାର୍ତ୍ତା ଦେଇଛନ୍ତି ଭୁବନେଶ୍ୱରସ୍ଥିତ ପଟିଆରେ ରହୁଥିବା ପ୍ରିୟଦର୍ଶିନୀ ଦାସ। ମାଟି, ବାଉଁଶ, ଅଦରକାରୀ କାଠ, ଗୁଆ, ହାତବୁଣା ସୂତା କପଡ଼ା, କାଇଁଚ, ବିଭିନ୍ନ ପ୍ରକାର ମଞ୍ଜି ଏବଂ ପ୍ରାକୃତିକ ରଙ୍ଗ ବ୍ୟବହାରକରି ସେ ପ୍ରସ୍ତୁତ କରୁଛନ୍ତି ଅଳଙ୍କାର, ଗୃହସଜ୍ଜା ଉପକରଣ, ଉପହାର ସାମଗ୍ରୀ, ଅଫିସ ପାଇଁ ଷ୍ଟେଶନାରି ଇତ୍ୟାଦି। ନିଜ ରୁଚିକୁ ବାସ୍ତବର ରୂପ ଦେଇ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଭୁବନେଶ୍ୱରର କିଛି ବସ୍ତି, କୋଣାର୍କ, ରାୟଗଡ଼ାର ଅନେକ ଝିଅ ଓ ମହିଳାମାନଙ୍କୁ ଏହି ପ୍ରଶିକ୍ଷଣ ଦେଇ ରୋଜଗାରକ୍ଷମ ହେବାରେ ସାହାଯ୍ୟ କରିପାରିଛନ୍ତି। ସେ କୁହନ୍ତି, ''ପିଲାବେଳୁ ବୋଉ(କଲ୍ୟାଣୀ ଦାସ)ଠାରୁ କୌଣସି ବ୍ୟବହାର୍ଯ୍ୟ ଜିନିଷକୁ ଫିଙ୍ଗିଦେବା ପୂର୍ବରୁ ତା'ର ସମ୍ପୂର୍ଣ୍ଣ ବ୍ୟବହାର କିପରି କରାଯାଇପାରିବ ତାହା ଶିଖିଛି। ସେବେଠାରୁ ପ୍ରାକୃତିକ ସଂସାଧନକୁ ନେଇ ସମ୍ପୂର୍ଣ୍ଣ ପ୍ରାକୃତିକ ପଦ୍ଧତିରେ କିପରି ନୂଆ ଖେଳନା, ଘରକରଣା, ଘରସଜ୍ଜା ଜିନିଷ ତିଆରିକରି ହେବ ସେଥିପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। କାଳକ୍ରମେ ବିବାହ ପରେ ପରିବାରର ବ୍ୟସ୍ତତା କାରଣରୁ ଏସବୁ ପାଇଁ ସୁଯୋଗ ମିଳିପାରି ନ ଥିଲା। ହେଲେ କିଛି ବର୍ଷ ପରେ ପରିବେଶ ଅନୁକୂଳ ପ୍ରାକୃତିକ ପଦାର୍ଥକୁ ନେଇ କିପରି ଫ୍ୟାଶନର ରୂପ ଦିଆଯାଇପାରିବ ଏବଂ ଯୁଗାନୁକୂଳ, ପସନ୍ଦଯୋଗ୍ୟ ତଥା ସମସ୍ତଙ୍କୁ ସୁହାଇଲା ଭଳି ଅଳଙ୍କାର ପ୍ରସ୍ତୁତ କରାଯାଇପାରିବ ସେଥିପାଇଁ ଇକୋଦର୍ଶିନୀ ଗଠନକଲି। ସ୍ୱାମୀ(ବିନୟ ଭୂଷଣ ଜେନା)ଙ୍କ ସହଯୋଗ ମଧ୍ୟ ମତେ ଆହୁରି ପ୍ରେରଣା ଦେଲା। ଧୀରେ ଧୀରେ ଏହାର ପ୍ରଚାରପ୍ରସାର ହେବା ସହ ତୋଷାଳି ମେଳା, ଏକାମ୍ର ଉତ୍ସବ ଏବଂ ବିଭିନ୍ନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଲି ଏବଂ ଅନେକ ସଂସ୍ଥା ପକ୍ଷରୁ ପୁରସ୍କୃତ ମଧ୍ୟ ହେଲି। ଏହି କାର୍ଯ୍ୟକୁ ଆହୁରି ଆଗକୁ ନେବା ପାଇଁ ମୁଁ ଅନେକ ଯୁବତୀ ଏବଂ ମହିଳାଙ୍କୁ ପ୍ରଶିକ୍ଷଣ ଯୋଗାଇଦେଉଛି।'' କିଛି ବର୍ଷ ହେବ ସେ ନିଜ ଆପାର୍ଟମେଣ୍ଟର ଅନ୍ୟ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରକାର ପତ୍ର, ମଞ୍ଜି ଗୁଣ୍ଡ, ହଳଦୀ, ଚାଉଳ ଗୁଣ୍ଡ ଏବଂ ଔଷଧୀୟ ଫୁଲ ଫଳ ସଂଗ୍ରହକରି ସେଥିରୁ ରଙ୍ଗ ପ୍ରସ୍ତୁତକରି ହର୍ବାଲ ହୋଲି ଖେଳିବା ଆରମ୍ଭ କରିଛନ୍ତି। ସେହିପରି ରାଖୀ ପୂର୍ଣ୍ଣିମାରେ ପ୍ରାକୃତିକ ପଦାର୍ଥରୁ ସମ୍ପୂର୍ଣ୍ଣରୂପେ ପରିବେଶ ଅନୁକୂଳ ରାଖୀ ତିଆରି କରୁଛନ୍ତି ; ଯାହାକି ଅନ୍ୟମାନଙ୍କ ପାଇଁ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ଗଣେଶପୂଜାରେ ମାଟି ଏବଂ ବିଭିନ୍ନ ମଞ୍ଜି, ଡାଲି, ଶୁଖିଲା ଶସ୍ୟକୁ ନେଇ ଇକୋଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ତିଆରି କରୁଛନ୍ତି। ତେବେ ଏହାଦ୍ୱାରା ରୋଜଗାର ହେଉଥିଲେ ବି ବ୍ୟବସାୟିକ ମନୋଭାବ ନ ରଖି ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେବା ମୋର ଲକ୍ଷ୍ୟ ବୋଲି ସେ କୁହନ୍ତି। ଆଉ ଏହି ଚିନ୍ତାଧାରାରେ ଅନ୍ୟମାନଙ୍କୁ ଯୋଡ଼ିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରାକୃତିକ ସ୍ରୋତରୁ ଉପଲବ୍ଧ ସାମଗ୍ରୀକୁ ନେଇ ଆଧୁନିକ ଅଳଙ୍କାର ତିଆରି କରିବାର କୌଶଳ ପ୍ରଶିକ୍ଷଣ ଦେଉଛନ୍ତି। ନିଜର ଏହି ପ୍ରୟାସ ଦ୍ୱାରା ଅନେକଙ୍କୁ ଆଜି ରୋଜଗାରକ୍ଷମ କରାଇପାରିବା ସହ କୃତ୍ରିମ ସାମଗ୍ରୀରୁ ପ୍ରସ୍ତୁତ ପ୍ରଦୂଷଣକାରୀ ଅଳଙ୍କାର ଏବଂ ସାଜସଜ୍ଜା ସାମଗ୍ରୀଠାରୁ ଦୂରେଇବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇ ପାରୁଥିବାରୁ ବେଶ୍‌ ଖୁସି ଅନୁଭବ କରୁଛି ବୋଲି ପ୍ରକାଶ କରନ୍ତି ପ୍ରିୟଦର୍ଶିନୀ।

- ପୌର୍ଣ୍ଣମାସୀ






**ଖାଦ୍ୟରୁଚି**

# ଏଗ୍‌ଲେସ୍‌ କେକ୍‌

**ଆବଶ୍ୟକ ସାମଗ୍ରୀ:** ମଇଦା ୨୫୦ଗ୍ରାମ୍‌, ବେକିଂ ପାଉଡର ୨ ଛୋଟ ଚାମଚ, ଲୁଣ ନ ଥିବା ବଟର ୧୫୦ ଗ୍ରାମ୍‌, ଚିନି ପାଉଡର ୧୫୦ ଗ୍ରାମ୍‌, ଲେମନ୍‌ ଏସେନ୍ସ ୬-୭ ବୁନ୍ଦା, ଭ୍ୟାନିଲା ଏସେନ୍ସ ଅଧାଚାମଚ, କ୍ଷୀର ୧୦୦ମି.ଲି., ଟୁଟି ଫ୍ରୁଟି ୬ ଚାମଚ, ଚେରି ୧୦ଟି, କିସ୍‌ମିସ୍‌ ୪ ଚାମଚ ଏବଂ ଲୁଣ ସ୍ୱାଦନାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ମଇଦା, ବେକିଂ ପାଉଡର ଏବଂ ଲୁଣ ମିଶାଇ ଛଣି ସାହାଯ୍ୟରେ ଚଲାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ବଟର ଏବଂ ଚିନି ପାଉଡର ନେଇ ଭଲ ଭାବେ ମିଶାନ୍ତୁ। ମିଶିଯିବା ପରେ ଲେମନ ଏସେନ୍ସ ଏବଂ ଭ୍ୟାନିଲା ଏସେନ୍ସ ମିଶାନ୍ତୁ। ଏଥିରେ ପୂର୍ବରୁ ରଖିଥିବା ମଇଦା ମିଶ୍ରଣକୁ ଅଳ୍ପ ଅଳ୍ପ ପକାଇ ଗୋଳାନ୍ତୁ। ସେଥିରେ ଟୁଟିଫ୍ରୁଟି, କିସ୍‌ମିସ୍‌ ଏବଂ କଟା ଚେରି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏକ କେକ୍‌ କଣ୍ଟେନର ନିଅନ୍ତୁ ଏବଂ ସେଥିରେ ଘିଅ କିମ୍ବା ବଟର ଲଗାଇ ଗ୍ରୀସ୍‌ କରନ୍ତୁ। ଏଥିରେ କେକ୍‌ ମିଶ୍ରଣକୁ ଢାଳି ଧୀରେ ଧୀରେ ବାଡ଼େଇ ଦିଅନ୍ତୁ ଯେପରି ମିଶ୍ରଣ ସବୁ ଆଡ଼େ ସମାନ ଭାବେ ରହିବ। ଚୁଲାରେ କଡ଼େଇ ଗରମ କରନ୍ତୁ। ଏହା ଭିତରେ ଏକ ଷ୍ଟାଣ୍ଡ ରଖନ୍ତୁ। ୧୦-୧୫ ମିନିଟ୍‌ କଡ଼େଇ ଗରମହେବା ପରେ ଭିତରେ ଥିବା ଷ୍ଟାଣ୍ଡ ଉପରେ କେକ୍‌ କଣ୍ଟେନରକୁ ରଖି କଡ଼େଇକୁ ଘୋଡ଼ାଇ ଦିଅନ୍ତୁ। ୩୦-୩୫ ମିନିଟ୍‌ ପରେ ଏକ ଛୁରି କିମ୍ବା ଟୁଥ୍‌ ପ୍ରିକ୍‌ ସାହାଯ୍ୟରେ କେକ୍‌କୁ ଫୁଟାଇ ଦେଖନ୍ତୁ। ଯଦି ସେଥିରେ ବ୍ୟାଟର ଅଠାଳିଆ ହୋଇ ଲାଗୁନାହିଁ ତେବେ କେକ୍‌ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ଚୁଲାକୁ ବନ୍ଦକରି କେକ୍‌ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଏଗ୍‌ଲେସ୍‌ କେକ୍‌। ଏହାକୁ ଛୋଟ ଛୋଟ ପିସ୍‌ କାଟି ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ନିଅନ୍ତୁ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୬/୨୦୨୫ Bhubaneswar, Tuesday, August 26/ 2025

# ଜୋକୋଭିଚ୍, ସାବାଲେଙ୍କାଙ୍କ ବିଜୟ ଅଭିଯାନ

**ନ୍ୟୁୟର୍କ,୨୫ା୮**

ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ୨୪ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନୋଭାକ ଜୋକୋଭିଚ୍ ବିଜୟ ସହ ଚଳିତ ଟେନିସ୍ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଚାମ୍ପିୟନ ଡାନିଲ ମେଡ୍‌ଭେଡେଭ ପରାଜୟ ସହ ବିଦାୟ ନେଇଛନ୍ତି।

## ୟୁଏସ୍ ଓପନ

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ୱାର୍ଲ୍ଡ ନଂ-୭ ଜୋକୋଭିଚ୍ ୬-୧, ୭-୬(୭/୩), ୬-୨ ସେଟ୍‌ରେ ଲର୍ନର ତିଏନଙ୍କୁ ହରାଇଛନ୍ତି। ୩୦ତମ ସିଡ୍ ବ୍ରାଣ୍ଡନ ନାକାଶିମା ୬-୨, ୬-୭(୫/୭), ୨-୬, ୬-୨, ୭-୬(୧୦-୭) ସେଟ୍‌ରେ ଜେସ୍ପର ଡି ଜଙ୍ଗଙ୍କୁ ଓ ଜୋର୍ଡାନ ଥମ୍ପସନ ୬-୨, ୬-୪, ୧-୬, ୬-୩ ସେଟ୍‌ରେ କୋରେଣ୍ଟିନ ମୌଟେଟଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ୨୦୨୧ ସଂସ୍କରଣ ଚାମ୍ପିୟନ ମେଡଭେଡେଭ ୩-୬, ୫-୭, ୭-୬(୭/୫), ୬-୦, ୪-୬ ସେଟ୍‌ରେ ବେଞ୍ଜାମିନ ବୋଞ୍ଜିଙ୍କଠାରୁ ପରାସ୍ତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ସାବାଲେଙ୍କା ୭-୫, ୬-୧ ସେଟ୍‌ରେ ରେବେକା ମାସାରୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତାଙ୍କ ଭଳି ଜେସିକା ପେଗୁଲା ୬-୦, ୬-୪ ସେଟ୍‌ରେ ମେୟର ଶେରିଫଙ୍କୁ, ସପ୍ତମ ସିଡ୍ ଜସ୍ମିନ ପାଓଲିନି ୬-୨, ୭-୬ (୭/୪) ସେଟ୍‌ରେ ଡେଷ୍ଟାନ ଆଇଭାଙ୍କୁ ଓ ବେଲିନ୍ଦା ବେନକିକ୍ ୬-୩, ୬-୩ ସେଟ୍‌ରେ ଝାଙ୍ଗ ଶୁଆଇଙ୍କୁ ହରାଇଛନ୍ତି। ସେହିଭଳି ଜାନାଇସ୍ ଜେନ ୬-୪, ୪-୬, ୬-୪ ସେଟ୍‌ରେ ଭେରୋନିକା କୁଦେମେଟୋଭାଙ୍କୁ ପରାସ୍ତ କରିଛନ୍ତି। ଗତ ୨୨ ବର୍ଷରେ ଇଣ୍ଡୋନେସିଆର ପ୍ରଥମ ଖେଳାଳି ଜାନାଇସ ଭାବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସିଙ୍ଗଲ୍ସ ବର୍ଗରେ ବିଜୟ ହାସଲ କରିଛନ୍ତି।



ମ୍ୟାଚ୍ ଜିତିବା ପରେ ଆରିନା ସାବାଲେଙ୍କା।

# ୩ ରେକର୍ଡ ସହ ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର (ତପନ ସ୍ୱାଇଁ)/ଢେଙ୍କାନାଳ (ରତନ ନାୟାର) ୨୫ା୮**

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ସୋମବାର ଚମକପ୍ରଦ ପ୍ରଦର୍ଶନ କରି ରାଜ୍ୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ପ୍ରୀତିସ୍ମିତା ଭୋଇ। କେବଳ ସେତିକି ନୁହେଁ, ସେ ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଏହି ସଫଳତା ପାଇ ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ୟୁଥ୍ ବାଳିକା ୪୪ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରୀତିସ୍ମିତା ସ୍ନାଚ୍‌ରେ ୬୩, କ୍ଲିନ୍ ଆଣ୍ଡ ଜର୍କରେ ୮୭ ଏହିପରି ମୋଟ ୧୫୦ କେଜି ଉତ୍ତୋଳନ କରି ୩ ରେକର୍ଡର ଅଧିକାରୀ ହୋଇଛନ୍ତି। ପ୍ରୀତିସ୍ମିତା ସମ୍ପ୍ରତି କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳସ୍ଥିତ ହାଇପରଫର୍ମାନ୍ସ ସେଣ୍ଟର (ସବ୍ ସେଣ୍ଟର)ରେ କୋଚିଂ ନେଉଛନ୍ତି। ପ୍ରତିଯୋଗିତା ପୂର୍ବରୁ ସେ ଉତ୍ତର ପ୍ରଦେଶ ମୋଦିନଗରରେ ଅନୁଷ୍ଠିତ କୋର୍ କ୍ୟାମ୍ପରେ ଅଭ୍ୟାସ କରିଥିଲେ। ପ୍ରକାଶଯୋଗ୍ୟ ଯେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ପ୍ରୀତିସ୍ମିତାଙ୍କ ସମେତ ଓଡ଼ିଶାର ୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅନ୍ୟ ୫ ଭାରୋତ୍ତୋଳନକାରୀ ହେଲେ ଟିକି ମୋହିନୀ ମଲିକ (ୟୁଥ୍-୬୩ କେଜି), ମୀନା ସାନ୍ତା (ଜୁନିୟର ୫୮ କେଜି), ବିଦ୍ୟୁସ୍ମିତା ଭୋଇ (ଜୁନିୟର ୬୩ କେଜି), ହୃଦାନନ୍ଦ ଦାସ (ଜୁନିୟର ପୁରୁଷ ୮୮ କେଜି) ଓ ସ୍ନେହା ସୋରେନ (ସିନିୟର ମହିଳା ୫୩ କେଜି)। ଏହି ସମସ୍ତ ଖେଳାଳି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇପର୍‌ଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି। ଏହି ସଫଳତା ପାଇଁ ପ୍ରୀତିସ୍ମିତାଙ୍କୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।




ସ୍ୱର୍ଣ୍ଣ ପଦକ ସହ ପ୍ରୀତିସ୍ମିତା ଭୋଇ।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ



ଏସିଆ କପ୍ ଖେଳିବାକୁ ସୋମବାର ବିହାରର ରାଜଗିରିରେ ପହଞ୍ଚିବା ପରେ ଭାରତୀୟ ହକି ଦଳର ତାରକା ଡିଫେଣ୍ଡର ଓଡ଼ିଶାର ଅମିତ ରୋହିଦାସଙ୍କୁ ସ୍ୱାଗତ କରାଯାଉଛି।

# ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି କୁଜୁରଙ୍କୁ ଯୋଗ୍ୟତା

**ଭୁବନେଶ୍ୱର,୨୫ା୮ (ଅନାଦି କର):** ଓଡ଼ିଶା ଏଚ୍‌ପିସି (ହାଇପରଫର୍ମାନ୍ସ ସେଣ୍ଟର)ର ଅନିମେଶ କୁଜୁର ପ୍ରଥମ ଭାରତୀୟ ପୁରୁଷ ସ୍ପ୍ରିଣ୍ଟର ଭାବେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଲାଗି ଯୋଗ୍ୟତା ହାସଲ କରି ଇତିହାସ ରଚିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଆସନ୍ତା ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଜାପାନର ଟୋକିଓରେ ହେବ। ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ୬୪ତମ ଜାତୀୟ ଆନ୍ତଃ-ରାଜ୍ୟ ପ୍ରତିଯୋଗିତାରେ ସେ ୨୦୦ ମିଟର ଦୌଡ଼ରେ ନିଜ ରେକର୍ଡ ଭଙ୍ଗ କରି ଏହି ସଫଳତା ପାଇଛନ୍ତି। ସେ ଏହି ଦୌଡ଼କୁ ସେ ୨୦.୬୩ ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଭଳି ପ୍ରଦର୍ଶନ ଯୋଗୁ ସେ ର୍‍ୟାଙ୍କିଙ୍ଗ୍ସ ଜରିଆରେ ଯୋଗ୍ୟତା ହାସଲ କରିଛନ୍ତି।

# ମୀରାବାଈ ଜିତିଲେ ସ୍ୱର୍ଣ୍ଣ ପଦକ




ମୀରାବାଈ ଚାନୁ

**ଅହମଦାବାଦ, ୨୫ା୮ (ପି.ଟି.)**

ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ ରେକର୍ଡଭଙ୍ଗକାରୀ ପ୍ରଦର୍ଶନ ସହ ଏଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସୋମବାର ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ତାଙ୍କଠାରୁ ଆଶା ମଧ୍ୟ କରାଯାଉଥିଲା। ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଏଠାରେ ୧୯୩ କେଜି (୮୪କେଜି+୧୦୯କେଜି) ଓଜନ ଉଠାଇ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ନାଚ୍, କ୍ଲିନ୍ ଆଣ୍ଡ୍ ଜର୍କ ଏବଂ ଟୋଟାଲରେ ନୂଆ ରେକର୍ଡ କରିବା ସହ ମହିଳା ୪୮କେଜି ଶ୍ରେଣୀରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ୩୧ ବର୍ଷୀୟା ଏହି ଭାରୋତ୍ତୋଳିକା ଏକ ବର୍ଷ ଧରି ଆଘାତ ଜନିତ ସମସ୍ୟାରେ ଥିଲେ। ଏହି ସମୟରେ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ଉତ୍‌ଥାନ ଓ ପତନ ଦେଖିବାକୁ ମିଳିଥିଲା।

## ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍

୬ଟିରୁ ସେ ମାତ୍ର ତିନୋଟିରେ ସଫଳତା ଅର୍ଜନ କରିଥିଲେ। ମାଲେସିଆର ଇରିନେ ହେନ୍‌ରୀ ୧୬୧କେଜି (୭୩ କେଜି+୮୮ କେଜି) ଉତ୍ତୋଳନ କରି ରୌପ୍ୟ ଜିତିଥିବାବେଳେ ୱେଲ୍ସର ନିକୋଲ୍ ରବର୍ଟ୍ସ ୧୫୦କେଜି (୭୦କେଜି+୮୦କେଜି) ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଇଭେଣ୍ଟ ଜରିଆରେ ଚାନୁ ୪୮କେଜି ଶ୍ରେଣୀରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଶ୍ରେଣୀରେ ସେ ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଏବଂ ଦୁଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ହାସଲ କରିଛନ୍ତି, କିନ୍ତୁ ୨୦୧୮ପରଠାରୁ ସେ ଏଥିରେ ଭାଗ ନେଇ ନାହାନ୍ତି। ଜୁନିୟର କାଟେଗୋରୀରେ ସୌମ୍ୟା ଡାଲ୍‌ଭି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

# ନୀରୁଙ୍କୁ ସ୍ୱର୍ଣ୍ଣ: ଆସୀମା, ଭୋନିଶଙ୍କୁ ରୌପ୍ୟ

**ଶିମ୍‌କେଣ୍ଟ, ୨୫ା୮ (ପି.ଟି):** ଭାରତର ଜାତୀୟ ଚାମ୍ପିୟନ ନୀରୁ ଧଣ୍ଡା ଏଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍ ମହିଳା ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଆସୀମା ଆହ୍ଲାୱତ ଭୋନିଶ ମେଣ୍ଡିରାଟା ରୌପ୍ୟ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ନୀରୁ ଫାଇନାଲରେ ୪୩ ଶଟ୍ ସହ କାତାରର ବାସିଲ ରେ' (୩୭) ଓ ଆସୀମା (୨୯)ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରୁଷ ଟ୍ରାପ୍‌ରେ ଭୋନିଶ ୪୫ ଶଟ୍ ସହ ରୌପ୍ୟ ପଦକ ପାଇଥିବାବେଳେ ଚାଇନିଜ ଶୁଟର ୟିଙ୍ଗ୍‌ଭି (୪୭) ଓ ପେଙ୍ଗ୍‌ୟୁ ଚେନ୍ (୩୫) ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସୋମବାର ଏହା ପୂର୍ବରୁ ଡବଲ ଅଲିମ୍ପିକ ପଦକ ବିଜେତା ମନୁ ଭାକର ମହିଳା ୨୫ ମିଟର ପିସ୍ତଲ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ତେବେ ପରେ ଏହି ମହାଦେଶୀୟ ଇଭେଣ୍ଟର ଜୁନିୟର ମହିଳା ବିଭାଗରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଛି। ନୀରୁ, ଆସୀମା ଓ ପ୍ରୀତି ରଜାକ୍ ୩୧୯ ସ୍କୋର ସହ ଚାଇନା ଓ କୁଏଟ୍ ଆଗରେ ମହିଳା ଟ୍ରାପ୍ ଇଭେଣ୍ଟରେ ଟିମ୍ ସ୍ୱର୍ଣ୍ଣ ଜିତିଛନ୍ତି। ସୂଚନାଯୋଗ୍ୟ, ନୀରୁ ଗତ ଜୁଲାଇରେ ଇଟାଲୀର ଲୋନାଟୋଠାରେ ଅନୁଷ୍ଠିତ ଶଟ୍‌ଗନ୍ ବିଶ୍ୱକପ୍‌ରେ ପ୍ରଥମ ଥର ଏକ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ।

## ହ୍ୟାଣ୍ଡ୍ ଟୁ ହ୍ୟାଣ୍ଡ୍ ଫାଇଟିଂ

# ଓଡ଼ିଶାକୁ ୧୭ ପଦକ

**ଭୁବନେଶ୍ୱର, ୨୫ା୮ (ଅନାଦି କର):** ମଧ୍ୟ ପ୍ରଦେଶର ଜବଲପୁରଠାରେ ଅନୁଷ୍ଠିତ ପଞ୍ଚମ ଜାତୀୟ ହ୍ୟାଣ୍ଡ ଟୁ ହ୍ୟାଣ୍ଡ୍ ଫାଇଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ୧୭ ପଦକ ମିଳିଛି। ଏହି ତାଲିକାରେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ରହିଛି। ନିଲମ ଲେଙ୍କା, ରଘୁନାଥ ପରିଡ଼ା ଓ ବବୁଲ ହେମ୍ବ୍ରମ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତପନ ମଣ୍ଡଳ, ପୀୟୂଷ ରଞ୍ଜନ ମହାନ୍ତି, ସିଦ୍ଧାର୍ଥ ଜେନା, ରାହୁଲ ଭୋଇ, ବିଶ୍ୱନାଥ ପରିଡ଼ା ଓ ସାଇଶ୍ରୀ ମହାନ୍ତି ରୌପ୍ୟ ପଦକ ହାତେଇଛନ୍ତି। ସେହିଭଳି ଅନ୍ତର୍ଯ୍ୟାମୀ ଖିଲାର, କିରନ କୁମାର ସାହୁ, ଜଗମୋହନ ସାହୁ, ଗୌରବ ସ୍ୱାଇଁ, କମଲଜିତ ଲେଙ୍କା, ସାଇ ଶ୍ଳୋକ ବାରିକ, ସାଇ ଆଶୁତୋଷ ବାରିକ, ସାଇଶ୍ରୀ ମହାନ୍ତି ଓ ମୁସଫିଲ ସେଓଲ ବ୍ରୋଞ୍ଜ ପଦକ ପାଇଛନ୍ତି।

# ଡିଏଭି ପୋଖରୀପୁଟ, ଓଡିଏମ୍ ଗ୍ଲୋବାଲ ସେମିରେ

**ଭୁବନେଶ୍ୱର, ୨୫ା୮ (ତପନ ସ୍ୱାଇଁ)**

ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଜୟୀ ହୋଇ ଡିଏଭି ପୋଖରୀପୁଟ ଓ ଓଡିଏମ୍ ଗ୍ଲୋବାଲ ସେମିଫାଇନାଲରେ ପ୍ରବେଶ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ କ୍ୱାର୍ଟର ଫାଇନାଲରେ ଡିଏଭି ପୋଖରୀପୁଟ ପେନାଲ୍‌ଟି ଶୁଟ୍‌ଆଉଟ ୟୁନିଟ-୧ ଜିଏଚ୍‌ଏସ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ ବିଜୟୀ ଦଳର ଅପରମିତ ପ୍ରଧାନଙ୍କୁ ଅତିଥି ଗୌରୀ ପ୍ରହରାଜ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଓଡିଏମ ଗ୍ଲୋବାଲ ୩-୦ ଗୋଲରେ ସାଇ ଇଣ୍ଟରନ୍ୟାଶନାଲକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ସରିଜଲ କିସ୍କୁ ଏକାକୀ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସରିଜଲଙ୍କୁ ଅତିଥି ମଧୁସୂଦନ ରେଡ୍ଡୀ ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଥିଲେ। ମଙ୍ଗଳବାର ଅନ୍ୟ ୨ଟି କ୍ୱାର୍ଟର ଫାଇନାଲରେ କିସ୍ ସହିତ ବିଜେଇଏମ୍ ସ୍କୁଲ ଏବଂ ମଦର୍ସ ସହ ବିକାଶ ରେସିଡେନ୍ସିଆଲ ସ୍କୁଲର ମୁକାବିଲା ହେବ।

## ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

# ରେସ୍‌ଲର ନେହା ୨ବର୍ଷ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୫ା୮ (ପି.ଟି.):** ଅଧିକ ଓଜନ ପାଇଁ ରେସଲର ନେହା ସାଙ୍ଗ୍ୱାନ ନିକଟରେ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏବେ ଓଜନଗତ ପରିଚାଳନା ସମସ୍ୟା ପାଇଁ ଖେଳର ଜାତୀୟ ମହାସଂଘ ତାଙ୍କୁ ସୋମବାର ସିନିୟର ବିଶ୍ୱ ଚାମ୍ପିୟନଶିପ୍‌ରୁ ବାଦ୍ ଦେବା ସହ ଦୁଇ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ନେହାଙ୍କ ଘର ହେଉଛି ହରିୟାଣାର ଚରଖି ଦାଦ୍ରିରେ। ଗତ ସପ୍ତାହରେ ସେ ବୁଲ୍‌ଗେରିଆର ସାମୋକୋଭଠାରେ ମହିଳା ୫୯କେଜି ଶ୍ରେଣୀରେ ଭାଗ ନେଇଥାନ୍ତେ। ମାତ୍ର ତାଙ୍କ ଓଜନ ଅନୁମତି ସୀମାଠାରୁ ୬୦୦ ଗ୍ରାମ୍ ଅଧିକ ରହିଥିଲା। ଆୟୋଜକଗଣ ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଇଭେଣ୍ଟରେ ଭାରତର ମହିଳା ଦଳ ୭ପଦକ ସହ ଜାପାନ ପଛରେ ଦ୍ୱିତୀୟ ସ୍ଥାନ ସହ ରନରଅପ୍ ହୋଇଛି। ନେହା ନିଃସନ୍ଦେହରେ ଥିଲେ ଜଣେ ଦୃଢ଼ ପଦକ ଦାବିଦାର। ସେ ସ୍ୱର୍ଣ୍ଣ ପାଇଥିଲେ ଭାରତ ନିଶ୍ଚିତ ରୂପେ ଟିମ୍ ଚାମ୍ପିୟନଶିପ୍ ଜିତିପାରିଥାନ୍ତା।

# ନୂଆ ସ୍ପନସର ଖୋଜା ଆରମ୍ଭକଲା ବିସିସିଆଇ

**ନୂଆଦିଲ୍ଲୀ,୨୫ା୮(ପି.ଟି.)**

ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ଡ୍ରିମ ୧୧ ସହିତ ହୋଇଥିବା ସ୍ପନ୍‌ସରଶିପ୍ ଚୁକ୍ତିକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ବାତିଲ କରିଦେଇଛି। ଏଥିଯୋଗୁ ନୂଆ ସ୍ପନସର ଖୋଜା ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ମାସରେ ହେବାକୁ ଥିବା ଏସିଆ କପ୍‌ରେ ଟିମ ଇଣ୍ଡିଆ ବିନା ସ୍ପନ୍‌ସରରେ ଖେଳିବ। ନିକଟରେ ସଂସଦରେ ପାରିତ ହୋଇଥିବା 'ପ୍ରମୋଶନ ଆଣ୍ଡ୍ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ' ଆଇନ ଅଧୀନରେ ଭାରତ ସରକାର ରିୟଲ ମନି ଗେମିଂକୁ ବ୍ୟାନ କରିଥିବାରୁ ବିସିସିଆଇ ଭାରତୀୟ କ୍ରିକେଟ୍ ଦଳର ଟାଇଟଲ ସ୍ପନସର ଭାବେ ଡ୍ରିମ୍‌୧୧କୁ ଜାରି ନ ରଖିବାକୁ ନିଷ୍ପତ୍ତି ନେଇଛି। ଡ୍ରିମ୍‌୧୧ ସହ ଚୁକ୍ତି ଶେଷ ହୋଇଥିବା ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟ କରିଛନ୍ତି। ''ଆମ ଆଭିମୁଖ୍ୟ ପୂରା ସ୍ପଷ୍ଟ। ସରକାରଙ୍କ ଗାଇଡ୍‌ଲାଇନ କାରଣରୁ ବିସିସିଆଇ ଡ୍ରିମ୍‌୧୧ ଏବଂ ଏହା ଭଳି ଗେମିଂ କମ୍ପାନୀ ସହ ସ୍ପନସରଶିପ୍ ସମ୍ପର୍କ ରଖିପାରିବ ନାହିଁ। ନୂଆ କଟକଣା ଆଧାରରେ ଡ୍ରିମ୍‌୧୧ ସହିତ ଆମର କୌଣସି ସମ୍ଭାବନା ନାହିଁ। ଏଣୁ ଆମେ ସେମାନଙ୍କ ସହ ରହିପାରିବୁ ନାହିଁ ଏବଂ ଆମେ କିଛି ବିକଳ୍ପ ଖୋଜିବାକୁ ଚେଷ୍ଟା କରୁଛୁ। ଏହି ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ସ୍ପନସରଶିପ ସ୍ଥାନ ଖାଲି ରହିଛି। ଏ କ୍ଷେତ୍ରରେ କିଛି ଅପଡେଟ୍ ହେଲେ ଆମେ ଜଣାଇବୁ'' ବୋଲି ସାଇକିଆ କହିଛନ୍ତି। ୨୦୨୩ରେ ୩୫୮ କୋଟି ଟଙ୍କାରେ ଡ୍ରିମ୍‌୧୧ ଭାରତୀୟ ଜାତୀୟ ଦଳର ସ୍ପନସରଶିପ୍ ୩ ବର୍ଷ ଲାଗି ହାସଲ କରିଥିଲା।

# ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ

**ଭୁବନେଶ୍ୱର, ୨୫ା୮ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ହଲଦ୍ୱାନିସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ୨୦ତମ କ୍ୟାଡେଟ (୧୭ ବର୍ଷରୁ କମ୍) ଜାତୀୟ ଅଶିଚାଳନା ପ୍ରତିଯୋଗିତା ସେପ୍ଟେମ୍ବର ୮ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ସୋମବାର ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଫେନ୍‌ସିଂ ହଲରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୦ ଦିନ ଧରି ଚାଲିବ। ଏଥିରେ ମୋଟ ୩୦ ଜଣ ଖେଳାଳି ଭାଗ ନେଇଛନ୍ତି। ରାଜ୍ୟ ଅଶିଚାଳନା ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରରେ ଯେଉଁ ଖେଳାଳିମାନେ ଭଲ ଖେଳ ପ୍ରଦର୍ଶ କରିବେ ସେମାନଙ୍କ ମଧ୍ୟରୁ ବାଳକ ବର୍ଗରୁ ୧୨ ଏବଂ ବାଳିକା ବର୍ଗରୁ ୧୨ ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଅଶିଚାଳନା କୋଚ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଠାକୁର, ସୁଭଦ୍ରା ବେହେରା, ଭୁବନେଶ୍ୱର ଫେନ୍‌ସିଂ ଏକାଡେମୀ କୋଚ ସୁକାନ୍ତ ସେଠ ଏବଂ କ୍ରୀଡ଼ା ଶିକ୍ଷକ ବୁଦ୍ଧିରାଜ ବିଶ୍ୱାଳ, ବୀରେନ୍ଦ୍ର ସୁନା, ସସ୍ମିତା ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ୧୭ ବର୍ଷରୁ କମ୍ ଅଶିଚାଳନା



ପ୍ରଶିକ୍ଷଣ ଶିବିରରେ ଅଭ୍ୟାସ ଅବସରରେ ଦୁଇ ଅଶିଚାଳକ।




ପଞ୍ଜାବର ଜଳନ୍ଧରରେ ଅନୁଷ୍ଠିତ ଜାତୀୟ ଜୁନିୟର ହକିରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳକୁ ସୋମବାର କଳିଙ୍ଗ ଷ୍ଟାଡିୟମ ପରିସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ରାଜ୍ୟ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲ ସିଇଓ ଦୀପଙ୍କର ମହାପାତ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ